# ଧରିତ୍ରୀ DHARITRI

ସମ୍ବଲପୁର, ମଙ୍ଗଳବାର, ଜାନୁୟାରୀ ୧୯/୨୦୨୧ (୧୨ ପୃଷ୍ଠା) | Sambalpur, Tuesday, January 19/2021 | ★★

୧୬ଶ ଭାଗ ୩୪୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ୱିକ୍‌ଏଣ୍ଡର ମଜା ଉଠାଇଲେ ହୀନା**

ବଲିଉଡ୍ ତଥା ଟେଲି ଅଭିନେତ୍ରୀ ହୀନା ଖାନ୍ ୱିକ୍‌ଏଣ୍ଡ ଭଲରେ କଟିଲା ବୋଲି ଇନ୍‌ଷ୍ଟା ଷ୍ଟୋରିରେ ଲେଖି ଫଟୋ ଶେୟାର କରିଛନ୍ତି।

୧୦

୧୨

**ସିରାଜଙ୍କୁ ୫ ଉଇକେଟ ସଫଳତା**

ଅଷ୍ଟ୍ରେଲିଆ ବିପକ୍ଷ ୪ର୍ଥ କ୍ରିକେଟ ଟେଷ୍ଟରେ ୫ ଉଇକେଟ ସଫଳତା ପାଇଛନ୍ତି ଭାରତୀୟ ଯୁବ ପେସ୍ ବୋଲର ମହମ୍ମଦ ସିରାଜ।



## ଚାଷୀଙ୍କ କବାଡ଼ି



କେନ୍ଦ୍ରର ନୂଆ କୃଷି ଆଇନ ବିରୋଧରେ ଆନ୍ଦୋଳନ ଚଳାଇଥିବା କୃଷକଙ୍କ ଝିଅମାନେ ସୋମବାର ନୂଆଦିଲ୍ଲୀର ଗାଜିପୁର ସୀମାରେ କବାଡ଼ି ଖେଳୁଛନ୍ତି।

# ଟିକା ପରେ ଭାରତରେ ପ୍ରଥମ ମୃତ୍ୟୁ

## ୟୁପିରେ ପ୍ରାଣ ହରାଇଲେ ସ୍ୱାସ୍ଥ୍ୟକର୍ମୀ

**ନୂଆଦିଲ୍ଲୀ/ଲକ୍ଷ୍ନୌ, ୧୮।୧(ପି.ଟି.)**

ଉତ୍ତରପ୍ରଦେଶର ମୋରାଦାବାଦରେ କୋଭିଡ୍ ଟିକା ନେବାର ଦିନକ ପରେ ଜଣେ ୪୬ ବର୍ଷୀୟ ସ୍ୱାସ୍ଥ୍ୟକର୍ମୀଙ୍କର ମୃତ୍ୟୁ ଘଟିଛି। ଭାରତରେ ଶନିବାରଠାରୁ କୋଭିଡ୍ ଟିକାକରଣ ଅଭିଯାନ ଆରମ୍ଭ ହୋଇଥିବାବେଳେ ଏହା ପ୍ରଥମ ମୃତ୍ୟୁ। ମହିପାଲ ସିଂ ନାମକ ଏହି ସ୍ୱାସ୍ଥ୍ୟକର୍ମୀ

**୫୮୦ ଜଣଙ୍କଠାରେ ପାର୍ଶ୍ୱ ପ୍ରତିକ୍ରିୟା**

ଶନିବାର କୋଭିଶିଲ୍ଡ ଟିକା ନେଇଥିଲେ। ରବିବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିବା ଜିଲା ମୁଖ୍ୟ ମେଡିକାଲ ଅଫିସର (ସିଏମ୍‌ଓ) ଡ. ମିଲିନ୍ଦ ଚନ୍ଦ୍ର ଗର୍ଗ ସ୍ପଷ୍ଟ କରିଥିବାବେଳେ ମୃତ୍ୟୁର କାରଣ ହୃଦ୍‌ଘାତ ବୋଲି କହିଛନ୍ତି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟରୁ ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ଜଣାପଡ଼ିଥିବା ସିଏମ୍‌ଓ କହିଛନ୍ତି। ତେବେ ମହିପାଲଙ୍କଠାରେ ଜ୍ୱର ଓ କାଶ ବ୍ୟତୀତ ଅନ୍ୟ କୌଣସି ରୋଗ ନ ଥିଲା। ଟିକା ନେଇ ତାଙ୍କର ମୃତ୍ୟୁ ଘଟିଲା ବୋଲି ପରିବାର ପକ୍ଷରୁ କୁହାଯାଇଛି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଲାଗି ଜିଲାପାଳ ରାକେଶ ସିଂ ନିର୍ଦ୍ଦେଶ ଦେଇଛନ୍ତି। ମୋରାଦାବାଦର ଦୀନଦୟାଲ ଉପାଧ୍ୟାୟ ସରକାରୀ ହସ୍ପିଟାଲର ସର୍ଜିକାଲ ୱାର୍ଡରେ ମହିପାଲ ଜଣେ ୱାର୍ଡ ବୟ ଭାବେ କାର୍ଯ୍ୟ କରୁଥିଲେ। ସୋମବାର ସୁଦ୍ଧା ଦେଶରେ ୩,୮୧,୩୦୫ ହିତାଧିକାରୀ ଟିକା ନେଇଛନ୍ତି। ସେମାନଙ୍କ ମଧ୍ୟରୁ ୫୮୦ ଜଣଙ୍କଠାରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇଥିବା ବେଳେ ☞ପୃଷ୍ଠା-୪

### ବିଶ୍ୱରେ ୮୪ରୁ ଅଧିକ ଲୋକଙ୍କ ଜୀବନ ଗଲାଣି

କରୋନା ମହାମାରୀରୁ ରକ୍ଷା ପାଇବା ପାଇଁ ବିଭିନ୍ନ ଦେଶରେ ଟିକାକରଣ ଆରମ୍ଭ ହୋଇଥିବାବେଳେ ଅନେକଙ୍କଠାରେ ଏହାର ଗୁରୁତର ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇଛି। କେତେକଙ୍କ ପାଇଁ ଘାତକ ସାଜିଲାଣି ଟିକା। ଫଳରେ ଏହାକୁ ନେବା ପାଇଁ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ ବିଭିନ୍ନ ଦେଶରେ ଏପର୍ଯ୍ୟନ୍ତ କୋଭିଡ୍ ଟିକା ନେଇ ୮୪ରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଲାଣି। ଆମେରିକାରେ ଫାଇଜର ଓ ମଡର୍ନା ଟିକା ନେଇ ୫୫ ଜଣ ପ୍ରାଣ ହରାଇଥିବାବେଳେ ନରୱେରେ ଫାଇଜର ଟିକା ୨୯ ଜଣଙ୍କ ଜୀବନ ନେଲାଣି। ପର୍ତ୍ତୁଗାଲରେ ଟିକା ନେବା ପରେ ଜଣେ ସ୍ୱାସ୍ଥ୍ୟକର୍ମୀଙ୍କ ମୃତ୍ୟୁ ଘଟିଛି। ସେହିପରି ଇସ୍ରାଏଲ୍‌ରେ ଟିକା ନେଇ ୧୩ ଜଣ ମୁଖ ପକ୍ଷାଘାତର ଶିକାର ହୋଇଛନ୍ତି। ଅନେକଙ୍କଠାରେ ଆଲର୍ଜି ଦେଖାଦେବା ସହ କେତେକ ଟିକା ନେବା ପରେ ପୂର୍ବଭଳି କାର୍ଯ୍ୟ କରିବାକୁ ସକ୍ଷମ ହେଉନାହାନ୍ତି।



### ୩ ସୁରକ୍ଷାକର୍ମୀ ଅସୁସ୍ଥ

**ସୁନ୍ଦରଗଡ଼, ୧୮।୧(ଡି.ଏନ୍.ଏ.):** କୋଭିଡ୍ ଟିକା ନେବା ପରେ ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାର ୩ଜଣ ସୁରକ୍ଷାକର୍ମୀ ଅସୁସ୍ଥ ହୋଇପଡ଼ିଛନ୍ତି। ସେମାନେ ଡାକ୍ତରଖାନାରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି। ସେମାନେ ହେଲେ ଦୁବରାଜ ରଣା, ମାନସ କରାଳୀ ଓ ରାଜକୁମାରୀ ଓରାମ। ଦୁବରାଜଙ୍କ କହିବାନୁଯାୟୀ, ସେ ୧୬ ତାରିଖରେ ଏହି କୋଭିଡ୍ ଟିକା କୋଭାକ୍ସିନ୍ ନେଇଥିଲେ। ଟିକା ନେଇ ସେହିଦିନ ଡ୍ୟୁଟିକରି ଘରକୁ ଗଲେ। ତହିଁ ପରଦିନ ଡ୍ୟୁଟି କଲାବେଳକୁ ହଠାତ୍ ଜ୍ୱର ହୋଇ ବାମପାଖ ପକ୍ଷାଘାତ ଭଳି ଅନୁଭବ କରିଥିଲେ। ସେହିପରି ମାନସଙ୍କୁ ମଧ୍ୟ ପ୍ରବଳ ଜ୍ୱର ହୋଇଥିଲା। ରାଜକୁମାରୀ ମଧ୍ୟ ଅସୁସ୍ଥ ଅନୁଭବ କରିଥିଲେ। ଏହା ପରେ ଡାକ୍ତରଙ୍କ ପରାମର୍ଶକ୍ରମେ ୩ଜଣଙ୍କୁ ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସରୋଜ କୁମାର ମିଶ୍ରଙ୍କୁ ☞ପୃଷ୍ଠା-୪

# ଦିଲ୍ଲୀ ପୋଲିସ ନେବ ନିଷ୍ପତ୍ତି: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୧୮।୧**

**କୃଷକଙ୍କ ଟ୍ରାକ୍ଟର ରାଲି**

ସାଧାରଣତନ୍ତ୍ର ଦିବସରେ ଆନ୍ଦୋଳନରତ କୃଷକମାନଙ୍କୁ ଜାତୀୟ ରାଜଧାନୀ ମଧ୍ୟକୁ ପ୍ରବେଶ ଅନୁମତି ଦିଆଯିବ କି ନାହିଁ ତାହା ଦିଲ୍ଲୀ ପୋଲିସ ନିଷ୍ପତ୍ତି ନେବ ବୋଲି ସୋମବାର ସୁପ୍ରିମକୋର୍ଟ କହିଛନ୍ତି। ନୂଆ କୃଷି ଆଇନ ବିରୋଧରେ ଆନ୍ଦୋଳନ ଚଳାଇଥିବା ଚାଷୀମାନେ ଆସନ୍ତା ୨୬ ତାରିଖରେ ଦିଲ୍ଲୀରେ ବିଶାଳ ଟ୍ରାକ୍ଟର ରାଲି କରିବାକୁ ନିଷ୍ପତ୍ତି ନେଇଥିବାବେଳେ ଆଇନଶୃଙ୍ଖଳା ସ୍ଥିତି ସୃଷ୍ଟି ହେବା ଆଶଙ୍କାରେ ଏହାକୁ ବନ୍ଦ କରିବା ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ ଦିଲ୍ଲୀ ପୋଲିସ ସର୍ବୋଚ୍ଚ ଅଦାଲତରେ ଆବେଦନ କରିଥିଲା। ଚାଷୀଙ୍କୁ ପ୍ରବେଶ ଅନୁମତି ଦିଆଯିବ କି ନାହିଁ, କେତେ ସଂଖ୍ୟାରେ ଚାଷୀଙ୍କୁ ଛଡ଼ାଯିବ ଓ କ'ଣ ସର୍ତ୍ତ ରଖାଯିବ ସେ ନିଷ୍ପତ୍ତି ଦିଲ୍ଲୀ ପୋଲିସ୍‌ର ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଏଲ୍.ଏନ୍. ରାଓ ଏବଂ ବିନୀତ ସରଣଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି।

ସାଧାରଣତନ୍ତ୍ର ଦିବସ ପାଳନର ମର୍ଯ୍ୟାଦା ବଜାୟ ରଖିବା ପାଇଁ ଚାଷୀମାନଙ୍କ ଦିଲ୍ଲୀ ପ୍ରବେଶ ରୋକିବା ଲାଗି ଆର୍ଟର୍ନି ଜେନେରାଲ କେ.କେ. ବେଣୁଗୋପାଳ ଓ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଅଦାଲତଙ୍କୁ ଅନୁରୋଧ କରିବାରୁ ଆଇନ ଶୃଙ୍ଖଳା ରକ୍ଷା କରିବା କ୍ଷମତା ପୋଲିସର ରହିଛି ବୋଲି ଖଣ୍ଡପୀଠ କହିଥିଲେ। ସର୍ବୋଚ୍ଚ ଅଦାଲତ ମାମଲା ହାତକୁ ନେଇଥିବାରୁ କୃଷକଙ୍କୁ ରୋକିବା ଲାଗି ନିର୍ଦ୍ଦେଶ ଦେବା କେନ୍ଦ୍ର ଚାହେଁ ବୋଲି ବେଣୁଗୋପାଳ ଯୁକ୍ତି ବାଢ଼ିଥିଲେ। ତେବେ ସିଜେଆଇ କହିଥିଲେ, କେବଳ ଗୋଟିଏ ପ୍ରସଙ୍ଗ ବ୍ୟତୀତ ଆମେ ମାମଲାର ଦାୟିତ୍ୱ ନେଇନାହୁଁ। କୋର୍ଟଙ୍କ ହସ୍ତକ୍ଷେପକୁ ଭୁଲ୍ ବୁଝାଯାଉଛି ବୋଲି ସେ କହିଥିଲେ। ୩ ବିବାଦୀୟ ☞ପୃଷ୍ଠା-୪



ଲ୍ୟୁଟ୍‌ନାଣ୍ଟ ଜେନେରାଲ ଚଣ୍ଡୀପ୍ରସାଦ ମହାନ୍ତି

# ଚଣ୍ଡୀପ୍ରସାଦ ହେବେ ଭାରତୀୟ ସେନା ଉପମୁଖ୍ୟ

**ଜଗତ୍‌ସିଂହପୁର ଅଫିସ୍/ଭୁବନେଶ୍ୱର, ୧୮।୧ (ବ୍ୟୁରୋ)**

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପ୍ରମୋଦ କୁମାର ମିଶ୍ର, ସିଏଜି ଗିରୀଶ ଚନ୍ଦ୍ର ମୁର୍ମୁ, ଆରବିଆଇ ଗଭର୍ନର ଶଶିକାନ୍ତ ଦାସ, ଭାରତୀୟ ପାଣିପାଗ ବିଭାଗ ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ଭଳି ଆଉ ଜଣେ ଓଡ଼ିଆ ଜାତୀୟ ସ୍ତରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଚମକିବେ। ସେ ହେଲେ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଚଣ୍ଡୀପ୍ରସାଦ ମହାନ୍ତି। ଭାରତୀୟ ସେନାର ଦ୍ୱିତୀୟ ସର୍ବୋଚ୍ଚ ପଦବୀ ଅର୍ଥାତ୍ ଭାଇସ୍ ଚିଫ୍ ବା ଉପମୁଖ୍ୟ ଭାବେ ଚଣ୍ଡୀପ୍ରସାଦ ଦାୟିତ୍ୱ ନେବାକୁ ଯାଉଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଜାନୁୟାରୀ ୩୧ରେ ଭାଇସ୍ ଚିଫ୍ ଏସ୍. କେ. ସାଇନି ଚାକିରିରୁ ଅବସର ଗ୍ରହଣ କରିବେ। ୨୬ ଜୁନ୍ ୧୯୬୩ରେ ଜନ୍ମିତ ଚଣ୍ଡୀପ୍ରସାଦ ପ୍ରଥମ ଓଡ଼ିଆ ଭାବେ ଉକ୍ତ ପଦବୀରେ ଅବସ୍ଥାପିତ ହେବାକୁ ଯାଉଥିବା ଜଣାପଡ଼ିଛି।

ଚଣ୍ଡୀପ୍ରସାଦ ବର୍ତ୍ତମାନ ଭାରତୀୟ ☞ପୃଷ୍ଠା-୪




## ଦ୍ୱିତୀୟ ଦିନରେ ଟିକା ନେଲେ ୩୦,୧୬୧

୩

**ଆଜିର ସମ୍ପାଦକୀୟ**

ଟିକା ନିଅନ୍ତୁ ନେତା

**ଆଜିର ମନ୍ତବ୍ୟ**

"ବିହାରରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସମୟରେ ଅପରାଧ ଦ୍ୱିଗୁଣିତ ହୋଇଛି।

–ଲାଲୁ ପ୍ରସାଦ ଯାଦବ, ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ






## ଅମୁନି ତୈଳ ଦର ବୃଦ୍ଧି

### ପେଟ୍ରୋଲ ୨୬, ଡିଜେଲ ୨୮ ପଇସା ବଢ଼ିଲା

**ନୂଆଦିଲ୍ଲୀ,ଭୁବନେଶ୍ୱର,୧୮।୧:** ତେଲ ଦର ବୃଦ୍ଧି ଥମିବାର ନାଁ ନେଉନାହିଁ। ସୋମବାର ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୨୬ ପଇସା ଏବଂ ଡିଜେଲ ୨୮ ପଇସା ବଢ଼ିଛି। ଫଳରେ ଏଠାରେ ଦର ଯଥାକ୍ରମେ ୮୫.୬୨ ଟଙ୍କା ଏବଂ ୮୧.୮୬ ଟଙ୍କା ଛୁଇଁଛି। ଭୁବନେଶ୍ୱରରେ ଉଭୟ ପେଟ୍ରୋଲ ଏବଂ ଡିଜେଲ ଦର ନୂଆଦିଲ୍ଲୀଠାରୁ ଉର୍ଦ୍ଧ୍ୱରେ ରହି ଆସୁଛି। ମେଟ୍ରୋ ସହରଗୁଡ଼ିକରେ ପେଟ୍ରୋଲ ୨୩ରୁ ୨୫ ପଇସା ବଢ଼ିଥିବା ବେଳେ ଡିଜେଲ ୨୪ରୁ ୨୭ ପଇସା ଉର୍ଦ୍ଧ୍ୱରେ ରହିଛି। ସୋମବାର ନୂଆଦିଲ୍ଲୀରେ ପେଟ୍ରୋଲ ୨୫ ପଇସା ବଢ଼ିବା ଫଳରେ ଏହା ରେକର୍ଡ ଉଚ୍ଚ ସ୍ତର ୮୪.୯୫ ଟଙ୍କା ଛୁଇଁଛି। ସେହିଭଳି ଡିଜେଲ ଦର ୨୫ ପଇସା ଉର୍ଦ୍ଧ୍ୱରେ ରହିବା ☞ପୃଷ୍ଠା-୪

# ରେଳ ପ୍ରକଳ୍ପ: ଓଡ଼ିଶାର ଦାବି ୭,୨୦୦ କୋଟି

**ଭୁବନେଶ୍ୱର,୧୮।୧(ବ୍ୟୁରୋ)**

**କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ପ୍ରାକ୍ ବଜେଟ ଆଲୋଚନା**

**୧୩ ପ୍ରସ୍ତାବ ଦେଲେ ରାଜ୍ୟ ସରକାର**

- ଦୁର୍ଗମ ଅଞ୍ଚଳରେ ଇଣ୍ଟରନେଟ୍ ପାଇ ୫,୬୫୦ କୋଟି ବ୍ୟୟ ବରାଦ କରିବାକୁ ପ୍ରସ୍ତାବ



କେନ୍ଦ୍ର ସରକାର ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ବଜେଟ ପ୍ରସ୍ତୁତ କରିବାକୁ ଯାଉଛନ୍ତି। ଆସନ୍ତା ବଜେଟରେ ଓଡ଼ିଶାରେ ଚାଲୁ ରହିଥିବା ତଥା ନୂତନ ଭାବେ ନିଆଯାଇଥିବା ବିଭିନ୍ନ ରେଳ ପ୍ରକଳ୍ପ ପାଇଁ ୭,୨୦୦ କୋଟି ଟଙ୍କାର ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ଏଥିସହିତ ରାଜ୍ୟର ଦୁର୍ଗମ, ଅନଗ୍ରସର ଅଞ୍ଚଳରେ ଇଣ୍ଟରନେଟ୍ ସୁବିଧା ପାଇଁ ବଜେଟରେ ୫,୬୫୦ କୋଟି ଟଙ୍କାର ବ୍ୟୟବରାଦ କରିବାକୁ ଦାବି କରାଯାଇଛି।

ସୋମବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଭିଡିଓ କନ୍‌ଫରେନ୍ସ ଜରିଆରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ସରକାରଙ୍କ ସହ ୨୦୨୧-୨୨ ପ୍ରାକ୍ ବଜେଟ ପ୍ରସ୍ତୁତି ସମ୍ପର୍କରେ ମତାମତ ଲୋଡ଼ିଥିଲେ। ଏଥିରେ ଭାଗ ନେଇ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ରାଜ୍ୟରେ ଜାତୀୟ ରାଜପଥଗୁଡ଼ିକର ନିର୍ମାଣ ତଥା ରକ୍ଷଣାବେକ୍ଷଣ ପାଇଁ ଆବଶ୍ୟକ ବ୍ୟୟବରାଦ କରିବା ଲାଗି ପ୍ରସ୍ତାବ ଦେଇଥିଲେ। ଏହାସହ ସେଣ୍ଟ୍ରାଲ ସେଲସ୍ ଟ୍ୟାକ୍ସ ଆକ୍ଟ-୧୯୫୬ର ଧାରା ୮ ଉପଧାରା-୩ରେ ସଂଶୋଧନ କରି ଫର୍ମ-ସି'ର ଅପବ୍ୟବହାର କରାଯାଇ ହାଇସ୍ପିଡ୍ ଡିଜେଲର ଆନ୍ତଃରାଜ୍ୟ କ୍ରୟକୁ ରୋକିବା ନେଇ ବଜେଟରେ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି।

ଓଡ଼ିଶାରେ ବ୍ୟାଙ୍କ ନ ଥିବା ଗ୍ରାମପଞ୍ଚାୟତଗୁଡ଼ିକରେ ବ୍ୟାଙ୍କ ଶାଖା ଖୋଲିବା, ଶକ୍ତି କ୍ଷେତ୍ରରେ ଥିବା ବିଭିନ୍ନ ସମସ୍ୟା ଯଥା ଟାରିଫ୍ ପଲିସିରେ ☞ପୃଷ୍ଠା-୪

## ୧୪ ଗାଈ ଉପରେ ମାଡ଼ିଗଲା ଟ୍ରେନ

ଉତ୍ତରପ୍ରଦେଶର ଇଟାଓ୍ବା ଜିଲା ଯଶଓ୍ବନ୍ତପୁର ରେଳଧାରଣା ନିକଟରେ ଚରୁଥିବାବେଳେ ୧୪ଟି ଗାଈ ଉପରେ ରାଜଧାନୀ ଏକ୍ସପ୍ରେସ ମାଡ଼ିଯାଇଛି। ଏଥିରେ ୮ ଗାଈର ମୃତ୍ୟୁ ହୋଇଥିବାବେଳେ ଆଉ ୬ଟି ଗୁରୁତର ହୋଇଛନ୍ତି। ପ୍ରଶାସନିକ ଅଧିକାରୀ ସେଠାରେ ପହଞ୍ଚି ଆହତ ଗାଈଙ୍କୁ ନିକଟସ୍ଥ ଗୋଶାଳାକୁ ଚିକିତ୍ସା ପାଇଁ ପଠାଇଛନ୍ତି। ଘନକୁହୁଡ଼ି ଯୋଗୁ ଦୁର୍ଘଟଣା ଘଟିଥିବା ଜଣାପଡିଛି।



**ସଂକ୍ଷେପରେ**

## ଜମ୍ମୁ-କଶ୍ମୀରରୁ ୨ ଆତଙ୍କବାଦୀ ଗିରଫ

**ଶ୍ରୀନଗର, ୧୮।୧:** ଜେଇଏମ୍‌ର ଦୁଇ ଆତଙ୍କବାଦୀଙ୍କୁ ଜମ୍ମୁ-କଶ୍ମୀର ସୀମା ନିକଟରୁ ସୋମବାର ଗିରଫ କରାଯାଇଛି। ବିପୁଳ ମାତ୍ରାରେ ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ସହ ସେମାନେ କଶ୍ମୀର ଅଭିମୁଖେ ବାହାରିଥିଲେ ବୋଲି ପୋଲିସ କହିଛି। କଶ୍ମୀରରୁ ସାମ୍ବାର ବିଜୟପୁରଠାରେ ଥିବା ଅନ୍ତର୍ଜାତୀୟ ସୀମା ନିକଟକୁ ଯାଇ ସେମାନେ ଡ୍ରୋନ ସହାୟତାରେ ଆସିଥିବା ଅସ୍ତ୍ରଶସ୍ତ୍ର ସଂଗ୍ରହ କରିଥିଲେ। ସୂଚନା ମିଳିବା ପରେ ରାମବାଣ ପୋଲିସ ଓ ସ୍ପେଶିଆଲ ଅପରେଶନ ଗ୍ରୁପ୍‌ର ମିଳିତ ଉଦ୍ୟମରେ ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥରୁ ଉଭୟଙ୍କୁ ଗିରଫ କରାଯାଇଥିଲା। ସେମାନେ ଦକ୍ଷିଣ କାଶ୍ମୀରର ଅନନ୍ତନାଗ ଜିଲା ବିଜବେହାର ସେମଥାନ ଗାଁର ବାସିନ୍ଦା ବୋଲି ଜଣାପଡିଛି।

## ପରେଡ୍‌ରେ ପ୍ରଦର୍ଶିତ ହେବ ରାଫାଲ



**ନୂଆଦିଲ୍ଲୀ, ୧୮।୧:** ଭାରତୀୟ ବାୟୁସେନାରେ ନୂଆ କରି ସାମିଲ ହୋଇଥିବା ରାଫାଲ ଯୁଦ୍ଧବିମାନକୁ ସାଧାରଣତନ୍ତ୍ର ଦିବସରେ ଅନୁଷ୍ଠିତ ହେବାକୁ ଥିବା ପରେଡରେ ପ୍ରଦର୍ଶନ କରାଯିବ। ଏଥିପାଇଁ ବାୟୁସେନା ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିସହ ଜାନୁୟାରୀ ୨୬ରେ ମୋଟ ୩୮ଟି ଯୁଦ୍ଧ ବିମାନ ଏବଂ ୪ଟି ପ୍ଲେନକୁ ମଧ୍ୟ ପରେଡରେ ସାମିଲ କରାଯିବ ବୋଲି ୱିଙ୍ଗ୍ କମାଣ୍ଡର ଇନ୍ଦ୍ରାନିଲ ନନ୍ଦୀ କହିଛନ୍ତି।

## କର୍ମଚାରୀଙ୍କ ପାଇଁ ଟିକା କିଣିବେ କମ୍ପାନୀ

**ବେଙ୍ଗାଲୁରୁ, ୧୮।୧:** ଅନେକ ଭାରତୀୟ କମ୍ପାନୀ ସେମାନଙ୍କ କର୍ମଚାରୀମାନଙ୍କ ଲାଗି କୋଭିଡ୍ ଟିକା କିଣିବା ନିମନ୍ତେ ଯୋଜନା କରୁଛନ୍ତି। ଇସ୍ପାତ ଉତ୍ପାଦନକାରୀ କମ୍ପାନୀ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାଓ୍ବାର ଲିଃ, ଯାନ ନିର୍ମାତା ମହିନ୍ଦ୍ରା ଗ୍ରୁପ୍ ଏବଂ କଞ୍ଜ୍ୟୁମର ଗୁଡ୍ସ କମ୍ପାନୀ ଆଇଟିସି ପକ୍ଷରୁ ପ୍ରାରମ୍ଭିକ ଉଦ୍ୟମ ଆରମ୍ଭ ହୋଇଛି। ଆଇଟିସି ଏଥିପାଇଁ ଟିକା ଉତ୍ପାଦନକାରୀ କମ୍ପାନୀ ସହ ଆଲୋଚନା ଚଳାଇଥିବା ଜଣାପଡ଼ିଛି। କୋଭିଡ୍ ଟିକା ବଜାରରେ ଉପଲବ୍ଧ ହେବା ପରେ କର୍ମଚାରୀମାନଙ୍କୁ ଦିଆଯିବ ବୋଲି ଟାଟା ଷ୍ଟିଲ୍ କହିଛି।

## ୫ ଦିନିଆ ସମରାଭ୍ୟାସ କରିବେ ଭାରତ-ଫ୍ରାନ୍ସ

**ନୂଆଦିଲ୍ଲୀ, ୧୮।୧:** ଯୋଧପୁରଠାରେ ଭାରତ ଓ ଫ୍ରାନ୍ସ ପକ୍ଷରୁ ବୁଧବାରଠାରୁ ମିଳିତ ସମରାଭ୍ୟାସ ଆରମ୍ଭ ହେବ। ୫ ଦିନ ଧରି ଏହି ଅପରେଶନ ଚାଲିବ। ଦୁଇ ଦେଶର ରାଫାଲ୍ ଯୁଦ୍ଧ ବିମାନ ଏଥିରେ ଅଂଶଗ୍ରହଣ କରିବ। ଗତ ବର୍ଷ ଭାରତୀୟ ବାୟୁସେନାରେ ଫ୍ରାନ୍ସ ନିର୍ମିତ ରାଫାଲ୍ ଜେଟ୍ ସାମିଲ ହୋଇଥିଲା। ଏଥିସହ ସମରାଭ୍ୟାସରେ ପରିବହନ ଏବଂ ଟ୍ୟାଙ୍କର୍ ବିମାନ ମଧ୍ୟ ନିୟୋଜିତ ହେବ। ଫ୍ରାନ୍ସ ଏବଂ ଭାରତୀୟ ବାୟୁସେନା ଗତ କିଛି ବର୍ଷ ଧରି ଗରୁଡ଼ ସମାରାଭ୍ୟାସ ଆୟୋଜନ କରୁଛନ୍ତି।

## ୱାଘା ସୀମାରେ ହେବନି ଧ୍ୱଜାବତରଣ



**ନୂଆଦିଲ୍ଲୀ, ୧୮।୧:** ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଚଳିତ ବର୍ଷ ୱାଘା-ଅଟାରୀ ସୀମାରେ ଧ୍ୱଜାବତରଣ କାର୍ଯ୍ୟକ୍ରମ ହେବ ନାହିଁ। କରୋନା ସଂକ୍ରମଣଜନିତ କଟକଣାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଥିବା ସୀମା ସୁରକ୍ଷା ବାହିନୀ(ବିଏସ୍‌ଏଫ୍) ପକ୍ଷରୁ କୁହାଯାଇଛି। ଏଥିସହ ସେଠାରେ କୌଣସି ପରେଡ ମଧ୍ୟ ଆୟୋଜନ କରାଯିବ ନାହିଁ। ୧୯୫୯ ମସିହାରୁ ପ୍ରତିବର୍ଷ ଜାନୁୟାରୀ ୨୬ରେ ବିଏସ୍‌ଏଫ୍ ଯବାନମାନେ ଧ୍ୱଜାବତରଣ ପାଳନ କରିଥାନ୍ତି।

## ‘ଥ୍ରି ଇଡିୟଟ୍’ ଷ୍ଟାଇଲରେ ପ୍ରସବ



**ଲକ୍ଷ୍ନୌ, ୧୮।୧:** ଅମୀର ଖାନଙ୍କ ଅଭିନୀତ ଲୋକପ୍ରିୟ ଚଳଚ୍ଚିତ୍ର ‘ଥ୍ରି ଇଡିୟଟ’ ଷ୍ଟାଇଲରେ ଜଣେ ଗର୍ଭବତୀଙ୍କ ପ୍ରସବ କରାଇଛନ୍ତି ଜଣେ ଦିବ୍ୟାଙ୍ଗ ଯୁବକ। ଉପସ୍ଥିତ ବୁଦ୍ଧି ଖଟାଇ ସମ୍ପୂର୍ଣ୍ଣ ସୁରକ୍ଷିତ ଭାବେ ସେ ବିନା କୌଣସି ସ୍ୱାସ୍ଥ୍ୟ ଉପକରଣ ବ୍ୟବହାରକରି ମହିଳାଙ୍କ ପ୍ରସବ କରାଇ ଚର୍ଚ୍ଚାକୁ ଆସିଛନ୍ତି। ଶନିବାର ରାତିରେ ମଧ୍ୟପ୍ରଦେଶର ମହିଳା ଜଣକ ଟ୍ରେନ୍‌ରେ ଘରକୁ ଯାଉଥିଲେ। ଦିଲ୍ଲୀରୁ ଟ୍ରେନ ଛାଡିବା ପରେ ମହିଳାଙ୍କ ପ୍ରସବ ଯନ୍ତ୍ରଣା ଆରମ୍ଭ ହୋଇଯାଇଥିଲା। ସେଠାରେ ଉପସ୍ଥିତ ଦିଲ୍ଲୀର ଜଣେ ଲାବ ଟେକ୍ନିସିଆନ ସୁନୀଲ ପ୍ରଜାପତି ଟିଟିଇଙ୍କୁ କହି ଫାଷ୍ଟଏଡ୍ ବକ୍ସ ମଗାଇଥିଲେ। ପରେ ଜଣେ ଡାକ୍ତରଙ୍କୁ ଭିଡିଓ କଲ କରିଥିଲେ। ଚାଦର, ସିଲେଇ ସୂତା, ଯାତ୍ରୀଙ୍କ ସେଭିଂ କିଟ୍‌ରୁ ବ୍ଲେଡ ବ୍ୟବହାର ସହ ଡାକ୍ତରଙ୍କ କହିବା ମୁତାବକ ସୁନୀଲ କାମ କରିଥିଲେ। ମହିଳା ଜଣକ ଟ୍ରେନ୍‌ରେ ହିଁ ପ୍ରସବ କରିଥିଲେ। ପରେ ନବଜାତକଙ୍କ ସହ ପ୍ରସୂତିଙ୍କୁ ମଥୁରାର ଏକ ହସ୍ପିଟାଲକୁ ନିଆଯାଇଥିଲା।

## ‘ତାଣ୍ଡବ’ ନିର୍ମାତାଙ୍କ ନାଁରେ ମାମଲା



**ମୁମ୍ବାଇ, ୧୮।୧:** ଓଟିଟି ପ୍ଲାଟଫର୍ମ ଆମାଜନ ପ୍ରାଇମରେ ରିଲିଜ ହୋଇଥିବା ଓ୍ବେବ୍ ସିରିଜ୍ ‘ତାଣ୍ଡବ’ ନିର୍ଦ୍ଦେଶକ ଅଲ୍ଲୀ ଅବାସ ଜାଫର ଓ ଟିମ୍ ବିରୋଧରେ ଥାନାରେ ଏତଲା ଦିଆଯାଇଛି। ସିରିଜ୍‌ରେ ହିନ୍ଦୁ ଦେବଦେବୀଙ୍କୁ ଅପମାନ ସହ ଜାତିଗତ ହିଂସା ବଢ଼ାଇବା ଭଳି ଦୃଶ୍ୟ ରହିଛି। ଏଥିସହ ଭାରତର ପ୍ରଧାନମନ୍ତ୍ରୀଙ୍କ ପରି ଜଣେ ବ୍ୟକ୍ତିଙ୍କୁ ଅତି ଅଶୋଭନୀୟ ଢଙ୍ଗରେ ଚିତ୍ରଣ କରାଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଜାଫରଙ୍କ ସମେତ ଆମାଜନ ପ୍ରାଇମ ଭିଡିଓର ମୂଳ ବିଷୟବସ୍ତୁ ମୁଖ୍ୟ (ଭାରତ) ଅପର୍ଣ୍ଣା ପୁରୋହିତ, ନିର୍ମାତା ହିମାଂଶୁ କୃଷ୍ଣ ମେହେରା ଏବଂ ଲେଖକ ଗୌରବ ସୋଲାନକିଙ୍କ ବିରୋଧରେ ହାଜରତଞ୍ଜ ଥାନାରେ ମାମଲା ରୁଜୁ ହୋଇଛି। ବିରୋଧ ପରେ ‘ତାଣ୍ଡବ’ ଟିମ୍ ପକ୍ଷରୁ କ୍ଷମା ପ୍ରାର୍ଥନା କରାଯାଇଛି। କୌଣସି ଧର୍ମ, ସମ୍ପ୍ରଦାୟ କିମ୍ବା ବ୍ୟକ୍ତିଙ୍କୁ ଆଘାତ ଦେବା ସିରିଜର ଉଦ୍ଦେଶ୍ୟ ନୁହେଁ ବୋଲି ଏକ ବିବୃତିରେ କୁହାଯାଇଛି।

# ଅରୁଣାଚଳରେ ଗାଁ ନିର୍ମାଣ କରିଛି ଚାଇନା

**ନୂଆଦିଲ୍ଲୀ, ୧୮।୧**



- ଉପଗ୍ରହ ଚିତ୍ରରୁ ସ୍ପଷ୍ଟ ହେଲା
- ସାର୍ବଭୌମତ୍ୱର ସୁରକ୍ଷା ଲାଗି ପଦକ୍ଷେପ ନିଆଯାଉଛି: ଭାରତ

ସୀମାକୁ ନେଇ ଭାରତ ଓ ଚାଇନା ମଧ୍ୟରେ ବିବାଦ ଲାଗି ରହିଥିବାବେଳେ ଗତବର୍ଷ ମେ’ରୁ ଦୁଇଦେଶର ସୈନ୍ୟବାହିନୀ ମଧ୍ୟରେ ମୁହାଁମୁହିଁ ସ୍ଥିତି ଜାରି ରହିଛି। ଗତବର୍ଷ ଜୁନ୍‌ରେ ପୂର୍ବ ଲଦାଖର ଗଲଓ୍ବାନ ଉପତ୍ୟକାରେ ଉଭୟ ସୈନ୍ୟଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ହୋଇଥିଲା। ଅଚଳାବସ୍ଥାର ସମାଧାନ ପାଇଁ ଉଭୟ ସାମରିକ ଓ କୂଟନୈତିକ ସ୍ତରରେ ଏକାଧିକ ପର୍ଯ୍ୟାୟ ଆଲୋଚନା ହୋଇଥିଲେ ହେଁ ସମାଧାନର ସୂତ୍ର ବାହାରିପାରି ନାହିଁ। ଦୁଇଦେଶ ସୀମାରେ ସୈନ୍ୟ ସଂଖ୍ୟା ବଢ଼ାଇଛନ୍ତି। ଦୁଇ ସେନା ମଧ୍ୟରେ ମୁହାଁମୁହିଁ ସ୍ଥିତି ସତ୍ତ୍ୱେ ଚାଇନା ତା’ର ବିସ୍ତାରବାଦୀ ଆଭିମୁଖ୍ୟ ଜାରି ରଖିଛି। ଅରୁଣାଚଳ ପ୍ରଦେଶରେ ଚାଇନା ଏକ ଗ୍ରାମ ନିର୍ମାଣ କରିଛି, ଯେଉଁଥିରେ ପ୍ରାୟ ୧୦୧ ଘର ରହିଛି। ଗତବର୍ଷ ନଭେମ୍ବର ୧ରେ ଆସିଥିବା ଉପଗ୍ରହ ଚିତ୍ରକୁ ଅନେକ ବିଶେଷଜ୍ଞ ଅନୁଧ୍ୟାନ କରିବା ପରେ ଗ୍ରାମ ନିର୍ମାଣ ହୋଇଥିବା ସ୍ପଷ୍ଟ କରିଛନ୍ତି। ସୀମାଠାରୁ ୪.୫ କିଲୋମିଟର ଭାରତୀୟ ଅଞ୍ଚଳ ମଧ୍ୟରେ ଚାଇନାର ନିର୍ମାଣ ଭାରତ ପାଇଁ ଚିନ୍ତାର କାରଣ ହୋଇଛି।

ଅରୁଣାଚଳରେ ଚାଇନାର ଗାଁ ନିର୍ମାଣ ସମ୍ପର୍କରେ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି, ସୀମାରେ ସମସ୍ତ ନିର୍ମାଣ ଉପରେ ସରକାର କଡ଼ା ନଜର ରଖିଛନ୍ତି। ଦେଶର ସାର୍ବଭୌମତ୍ୱ ଓ ଆଞ୍ଚଳିକ ସଂହତିର ସୁରକ୍ଷା ଲାଗି ସମସ୍ତ ଆବଶ୍ୟକ ପଦକ୍ଷେପ ନିଆଯାଉଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଭାରତ ମଧ୍ୟ ସୀମାନ୍ତ ଅଞ୍ଚଳର ଲୋକଙ୍କ ସୁବିଧା ପାଇଁ ରାସ୍ତା ଓ ପୋଲ ନିର୍ମାଣ କରୁଛି।

ଉପର ସୁବନସିରି ଜିଲା ଅନ୍ତର୍ଗତ ସାରି ଚୁ ନଦୀକୂଳରେ ଗଢ଼ିଉଠିଛି ଏହି ଗାଁ। ଉକ୍ତ ଅଞ୍ଚଳକୁ ନେଇ ଭାରତ ଓ ଚାଇନା ମଧ୍ୟରେ ଦୀର୍ଘଦିନ ଧରି ବିବାଦ ଲାଗିରହିଥିବାବେଳେ ସଶସ୍ତ୍ର ସଂଘର୍ଷ ମଧ୍ୟ ହୋଇଛି। ୨୦୧୯ ଅଗଷ୍ଟ ୨୬ରେ ଉକ୍ତ ଅଞ୍ଚଳରେ କୌଣସି ନିର୍ମାଣ ଆରମ୍ଭ ହୋଇ ନ ଥିଲା। ଏପରିକି ୨୦୨୦ ଅଗଷ୍ଟରେ ମଧ୍ୟ ସେଠାରେ ଗାଁ ଦେଖାଯାଇ ନ ଥିଲା। ତେଣୁ ଖୁବ୍ କମ୍ ଦିନ ମଧ୍ୟରେ ୧୦୧ଟି ଘର ନିର୍ମାଣ ହୋଇଥିବା ଜଣାପଡ଼ିଛି। ଚାଇନା ଗତ କିଛିବର୍ଷ ହେବ ସୀମାରେ ବିଭିନ୍ନ ଭିତ୍ତିଭୂମି କାର୍ଯ୍ୟ ଜାରି ରଖିଛି। ଭାରତ ସରକାର ମଧ୍ୟ ସୀମାରେ ଭିତ୍ତିଭୂମିର ବିକାଶ କରୁଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ସୀମାନ୍ତ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କ ଗମନାଗମନ ପାଇଁ ରାସ୍ତା, ବ୍ରିଜ୍ ନିର୍ମାଣ ଜରୁରୀ। ଗତବର୍ଷ ନଭେମ୍ବରରେ ଉପଗ୍ରହ ଚିତ୍ର ଆସିବା ପରେ ଅରୁଣାଚଳପ୍ରଦେଶର ଭାଜପା ଏମ୍‌ପି ଟାପିର ଗାଓ ଏ ସମ୍ପର୍କରେ ଲୋକସଭାକୁ ସତର୍କ କରାଇଥିଲେ। ଉପର ସୁବନସିରିରେ ଚାଇନା ଦୁଇଥାକିଆ ରାସ୍ତା ନିର୍ମାଣ ଜାରି ରଖିଥିବା ଟାପିର କହିଛନ୍ତି। ସେମାନେ ଲେନ୍‌ସି ନଦୀ କୂଳରେ ରାସ୍ତା ନିର୍ମାଣ କରୁଛନ୍ତି। ନଦୀ ପାର୍ଶ୍ୱରୁ ଦେଖିଲେ ଚାଇନା ଉପର ସୁବନସିରି ଜିଲାର ୬୦-୭୦ କିଲୋମିଟର ଭିତରକୁ ପଶିଆସିଲାଣି ବୋଲି ଭାଜପା ଏମ୍‌ପି ସତର୍କ କରାଇଥିଲେ।

ଅରୁଣାଚଳରେ ଚାଇନାର ଗ୍ରାମ ନିର୍ମାଣ କଥାକୁ ସୋମବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ସ୍ୱୀକାର କରିଛି। କୂଟନୈତିକ ସ୍ତରରେ ବେଜିଂ ନିକଟରେ ଏହାର ପ୍ରତିବାଦ କରାଯାଇଛି କି ବୋଲି ପ୍ରଶ୍ନ ହେବାରୁ ମନ୍ତ୍ରଣାଳୟ ସିଧାସଳଖ ଉତ୍ତର ନ ଦେଇ ସରକାର ସମସ୍ତ ନିର୍ମାଣ ଉପରେ ତୀକ୍ଷ୍ଣ ନଜର ରଖିଥିବା କଥା କହିଛି। ଭାରତୀୟ ଅଞ୍ଚଳ ମଧ୍ୟରେ ଚାଇନା ଗାଁ ରହିଥିବା ସର୍ଭେୟର ଜେନେରାଲ ଅଫ୍ ଇଣ୍ଡିଆର ଅନ୍‌ଲାଇନ ମ୍ୟାପରେ ସ୍ପଷ୍ଟ ଭାବେ ଦେଖାଯାଇଛି।

## ପୁଅ ଦେହରେ ନିଆଁ ଲଗାଇଦେଲେ ବାପା

**ହାଇଦ୍ରାବାଦ, ୧୮।୧**

ଭଲ ପାଠ ପଢୁ ନ ଥିବାରୁ ଜଣେ ୧୦ ବର୍ଷର ବାଳକଙ୍କ ଦେହରେ ନିଆଁ ଲଗାଇ ଦେଇଛନ୍ତି ତାଙ୍କ ବାପା। ରବିବାର ରାତିରେ ହାଇଦ୍ରାବାଦରେ ଏଭଳି ଅଭାବନୀୟ ଘଟଣା ଘଟିଛି। ବାଳକଙ୍କ ଶରୀରର ପ୍ରାୟ ୬୦ ପ୍ରତିଶତ ପୋଡ଼ି ଯାଇଥିବାବେଳେ ସ୍ଥାନୀୟ ଗାନ୍ଧୀ ହସ୍ପିଟାଲରେ ସେ ଚିକିତ୍ସାଧୀନ ଅଛନ୍ତି। ଷଷ୍ଠ ଶ୍ରେଣୀର ଛାତ୍ର ଆର୍ ଚରଣଙ୍କୁ ତାଙ୍କ ବାପା ବାଲୁ ନିକଟସ୍ଥ ଦୋକାନରୁ ବିଡି ଆଣିବାକୁ ପଠାଇଥିଲେ। ବିଡି ନେଇ ବିଳମ୍ବରେ ଘରକୁ ଫେରିବାରେ ଉତ୍ୟକ୍ତ ବାଲୁ ତାଙ୍କ ପୁଅକୁ ମାଡ଼ ମାରିଥିଲେ। କାହିଁକି ଭଲ ପାଠ ପଢୁନାହୁଁ, ସବୁଦିନ ଟ୍ୟୁସନ ଯାଉ ନାହୁଁ କହି ଚରଣଙ୍କ ଉପରେ ସେ ତେଲ ଢାଳିଦେଇଥିଲେ। ପରେ ବିଡିରେ ନିଆଁ ଲଗାଇ ବାଲୁ ତାହାକୁ ଚରଣଙ୍କ ଉପରକୁ ଫିଙ୍ଗିଦେଇଥିଲେ ବୋଲି ଚରଣଙ୍କ ମା’ ଅଭିଯୋଗ କରିଛନ୍ତି। ଜଳୁଥିବା ଅବସ୍ଥାରେ ପିଲାଟି ଏଣେତେଣେ ଦୌଡ଼ିବାବେଳେ ଏକ ଖାଲରେ ପଡିଯାଇଥିଲା। ପଡୋଶୀ ଚରଣଙ୍କ ଉପରେ ପାଣି ଢାଳିବା ସହ ତାଙ୍କୁ ଡାକ୍ତରଖାନା ନେଇଯାଇଥିଲେ। ପୋଲିସ ବାଲୁଙ୍କୁ ଗିରଫ କରିଛି।



ଆମେରିକାର ନବ ନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଶପଥ ଉତ୍ସବ ପାଇଁ ସଜ୍ଜିତ ହୋଇଛି କେପିଟୋଲ ବିଲ୍ଡିଂ।

## ଭାଜପାର କୋଲକାତା ରୋଡ୍‌ଶୋ’ରେ ହିଂସା

**କୋଲକାତା, ୧୮।୧**

କୋଲକାତାରେ ସୋମବାର ସନ୍ଧ୍ୟାରେ ଭାଜପାର ଏକ ରୋଡ୍‌ଶୋ’ ଚାଲିଥିବାବେଳେ ହିଂସାକାଣ୍ଡ ଘଟିଛି। ତୃଣମୂଳ କଂଗ୍ରେସ (ଟିଏମ୍‌ସି) ପତାକାଧାରୀ କେତେଜଣ ‘ଫେରିଯାଅ’ ସ୍ଲୋଗାନ ଦେବା ସହ ଢେଲାମାଡ଼ କରିଥିଲେ। ଦକ୍ଷିଣ କୋଲକାତାର ମୁଦିଆଲି ଅଞ୍ଚଳରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଅଳ୍ପଦିନ ମଧ୍ୟରେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାବେଳେ ଶାସକ ଟିଏମ୍‌ସି ଏବଂ କ୍ଷମତାକୁ ଆସିବା ଲାଗି ଆଶାୟୀ ଥିବା ଭାଜପା ମଧ୍ୟରେ ଛକାପଞ୍ଝା ଲାଗିରହିଛି। ନନ୍ଦିଗ୍ରାମରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ରାଲି ପରେ କୋଲକାତାରେ ଭାଜପା ରୋଡ୍‌ଶୋ’ କରିଥିଲା। ଏହି ସମୟରେ କେତେକ ଲୋକ ଢେଲା ଓ ବୋତଲ ଫିଙ୍ଗିଥିଲେ।

## ଶୁଭେନ୍ଦୁଙ୍କୁ ମମତାଙ୍କ ଚ୍ୟାଲେଞ୍ଜ

**ନୂଆଦିଲ୍ଲୀ, ୧୮।୧**




- ନନ୍ଦିଗ୍ରାମରୁ ଲଢ଼ିବେ ଟିଏମ୍‌ସି ସୁପ୍ରିମୋ
- ନ ଜିତିଲେ ରାଜନୀତି ଛାଡିଦେବି :ଶୁଭେନ୍ଦୁ

ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଭାଜପାରେ ଯୋଗଦେଇଥିବା ପୂର୍ବତନ ଟିଏମ୍‌ସି ନେତା ଶୁଭେନ୍ଦୁ ଅଧିକାରୀଙ୍କୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। ଶୁଭେନ୍ଦୁଙ୍କ ନିଜ ଆସନ ନନ୍ଦିଗ୍ରାମରୁ ଆଗାମୀ ବିଧାନସଭା ନିର୍ବାଚନ ଲଢ଼ିବା ଲାଗି ମମତା ସୋମବାର ଘୋଷଣା କରିଛନ୍ତି। ୨୦୧୬ ନିର୍ବାଚନରେ ଶୁଭେନ୍ଦୁ ଉକ୍ତ ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୧୧ ବିଧାନସଭା ନିର୍ବାଚନ ବେଳେ ଶୁଭେନ୍ଦୁଙ୍କ ସହାୟତାରେ ମମତା ସେଠାରେ କୃଷକଙ୍କ ଜମି ପାଇଁ ଆନ୍ଦୋଳନ ଚଳାଇ ୩୪ ବର୍ଷର ବାମଦଳ ସରକାରକୁ କ୍ଷମତାଚ୍ୟୁତ କରିଥିଲେ। ଏବେ ଟିଏମ୍‌ସି ଅଧକ୍ଷା ମମତା ଭଓ୍ବାନିପୁର ଆସନରୁ ପ୍ରତିନିଧିତ୍ୱ କରୁଛନ୍ତି। ସେ ଆଗାମୀ ନିର୍ବାଚନରେ ନନ୍ଦିଗ୍ରାମ ସମେତ ଉକ୍ତ ଆସନରେ ଲଢ଼ିପାରନ୍ତି ବୋଲି ଏକ ରାଲିକୁ ଉଦ୍‌ବୋଧନ ଦେବା ଅବସରରେ କହିଛନ୍ତି। ଆଗାମୀ ନିର୍ବାଚନରେ ଟିଏମ୍‌ସି ପୁଣିଥରେ କ୍ଷମତାକୁ ଫେରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଦିଦିଙ୍କ ଚ୍ୟାଲେଞ୍ଜକୁ ତୁରନ୍ତ ଗ୍ରହଣ କରିଛନ୍ତି ଭାଜପା ନେତା। ଦଳ ଯଦି ତାଙ୍କୁ ନନ୍ଦିଗ୍ରାମରେ ପ୍ରାର୍ଥୀ କରେ ସେ ୫୦ ହଜାରରୁ ଊର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ମମତାଙ୍କୁ ପରାସ୍ତ କରିବେ ନ ହେଲେ ରାଜନୀତି ଛାଡ଼ିଦେବେ ବୋଲି ଶୁଭେନ୍ଦୁ କହିଛନ୍ତି। ତେବେ ସେ କେଉଁଠୁ ପ୍ରାର୍ଥୀ ହେବେ ଜାଣନ୍ତି ନାହିଁ। କାରଣ ତାଙ୍କୁ ପ୍ରାର୍ଥୀ କରିବା ନିଷ୍ପତ୍ତି ଭାଜପା ନେବ ବୋଲି ଶୁଭେନ୍ଦୁ କହିଥିଲେ।

## ଜେପିସି ତଦନ୍ତ ଦାବିକଲା ଏନ୍‌ସିପି

**ମୁମ୍ବାଇ, ୧୮।୧(ପି.ଟି.)**

**ଅର୍ଣ୍ଣବ-ଦାସଗୁପ୍ତା ଚାଟିଂ**



ମହେଶ ତାପସେ

ରିପବ୍ଲିକ୍ ଟିଭି ମୁଖ୍ୟ ସମ୍ପାଦକ ଅର୍ଣ୍ଣବ ଗୋସ୍ୱାମୀ ଏବଂ ବ୍ରଡକାଷ୍ଟ ଅଡିଏନ୍ସ ରିସର୍ଚ୍ଚ କାଉନସିଲ୍ (ବିଏଆର୍‌ସି)ର ପୂର୍ବତନ ମୁଖ୍ୟ ପାର୍ଥ ଦାସଗୁପ୍ତାଙ୍କ ମଧ୍ୟରେ ତଥାକଥିତ ହ୍ୱାଟ୍ସଆପ୍ ଚାଟିଂର ତଦନ୍ତ ଲାଗି ଯୁଗ୍ମ ସଂସଦୀୟ କମିଟି (ଜେପିସି) ଗଠନ ଲାଗି ଶରଦ ପାଓ୍ବାରଙ୍କ ନେତୃତ୍ୱାଧୀନ ଏନ୍‌ସିପି ସୋମବାର ଦାବି କରିଛି। ବାଲାକୋଟ ଏୟାରଷ୍ଟ୍ରାଇକ୍ ସମ୍ପର୍କରେ ଅର୍ଣ୍ଣବ ପୂର୍ବରୁ ଜାଣିଥିବା ଉକ୍ତ ଚାଟିଂରୁ ସ୍ପଷ୍ଟ ଜଣାପଡୁଥିବାରୁ ଏହା ଚିନ୍ତାର ବିଷୟ ବୋଲି ଏନ୍‌ସିପି ମୁଖ୍ୟ ମୁଖପାତ୍ର ମହେଶ ତାପସେ କହିଛନ୍ତି। ଟିଆର୍‌ପି ଫାଇଦା ପାଇଁ ଜାତୀୟ ନିରାପତ୍ତା ଭଳି ପ୍ରସଙ୍ଗକୁ ବ୍ୟବହାର କରାଯିବା ଅତି ଭୟଙ୍କର ବୋଲି ସେ ମତ ଦେଇଛନ୍ତି। ଏ ସମ୍ପର୍କରେ ମହେଶ ମଙ୍ଗଳବାର ମହାରାଷ୍ଟ୍ର ଗୃହମନ୍ତ୍ରୀ ଅନିଲ ଦେଶମୁଖଙ୍କୁ ଭେଟିବା ସହ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କଠାରୁ ସ୍ପଷ୍ଟୀକରଣ ଲୋଡ଼ିବେ ବୋଲି କହିଛନ୍ତି। ଅର୍ଣ୍ଣବ କିପରି ଏଭଳି ସମ୍ବେଦନଶୀଳ ତଥ୍ୟ ହାସଲ କରୁଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର କେଉଁମାନେ ତାଙ୍କୁ ଏଭଳି ତଥ୍ୟ ଦେଉଥିଲେ, ସେମାନଙ୍କୁ ଚିହ୍ନଟ କରାଯାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏନ୍‌ସିପି ନେତା ଆହ୍ୱାନ କରିଛନ୍ତି।

# ରାଲି ଅଧିକାର ଚାଷୀଙ୍କର ରହିଛି: ସଂଘ

**ନୂଆଦିଲ୍ଲୀ, ୧୮।୧(ପି.ଟି.)**

ଶାନ୍ତିପୂର୍ଣ୍ଣ ଭାବେ ଟ୍ରାକ୍ଟର ରାଲି ବାହାର କରିବାର ସାମ୍ବିଧାନିକ ଅଧିକାରୀ ଚାଷୀଙ୍କର ରହିଛି ବୋଲି ଆନ୍ଦୋଳନରତ କୃଷକ ସଂଘ ନେତାମାନେ ସୋମବାର କହିଛନ୍ତି। ଜାନୁୟାରୀ ୨୬ ଟ୍ରାକ୍ଟର ରାଲିରେ ହଜାର ହଜାର ଲୋକ ଭାଗ ନେବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଚାଷୀମାନେ ରାଜପଥ କିମ୍ବା ଉଚ୍ଚ ସୁରକ୍ଷା ବଳୟରେ ଥିବା ଅନ୍ୟ କୌଣସି ଅଞ୍ଚଳରେ ରାଲି କରିବାକୁ ଯାଉନାହାନ୍ତି। ସେମାନେ କେବଳ ଦିଲ୍ଲୀର ଆଉଟର ରିଙ୍ଗ୍‌ରୋଡ୍‌ରେ ରାଲି କରିବାକୁ ଥିବାରୁ ସାଧାରଣତନ୍ତ୍ର ଦିବସ ପରେଡ୍ ବ୍ୟାହତ ହେବନାହିଁ ବୋଲି ଭାରତୀୟ କୃଷକ ସଂଘ (ଲଖୋଓ୍ବାଲ୍)ର ପଞ୍ଜାବ ସାଧାରଣ ସମ୍ପାଦକ ପରମଜିତ୍ ସିଂ କହିଛନ୍ତି। ଦିଲ୍ଲୀ ସୀମାରେ ଆନ୍ଦୋଳନରେ ବସିବାକୁ ଚାଷୀମାନେ ନିଷ୍ପତ୍ତି ନେଇ ନ ଥିଲେ। ଦିଲ୍ଲୀରେ ପ୍ରବେଶ ପୂର୍ବରୁ ସେମାନଙ୍କୁ ସେଠାରେ ଅଟକାଇଦିଆଯାଇଥିଲା। ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିବାକୁ ଯାଇ ଆମେ ନିଶ୍ଚୟ ଦିଲ୍ଲୀରେ ପ୍ରବେଶ କରିବୁ ବୋଲି ପରମଜିତ୍ କହିଛନ୍ତି। ୨୬ ତାରିଖ ରାଲି ପରେ ଚାଷୀମାନେ ଆନ୍ଦୋଳନସ୍ଥଳକୁ ଫେରିଆସିବେ ବୋଲି ଅଖିଳ ଭାରତ କିଷାନ ସଭାର ପଞ୍ଜାବ ଉପସଭାପତି ଲଖବୀର ସିଂ କହିଛନ୍ତି। ପୋଲିସ ଟ୍ରାକ୍ଟର ରାଲି ପାଇଁ ଅନୁମତି ନ ଦେଲେ କ’ଣ କରିବେ ବୋଲି ପ୍ରଶ୍ନ ହେବାରୁ ବିକେୟୁ (ଏକତା ଉଗ୍ରହଣ) ସଭାପତି ଯୋଗୀନ୍ଦର ସିଂ ଉଗ୍ରହଣ କହିଥିଲେ, ରାଲି ହେବା ନିଶ୍ଚିତ। ପୋଲିସର ଆଇନଶୃଙ୍ଖଳା ଆଶଙ୍କା ଥିଲେ ସେ ସଂଯୁକ୍ତ କିଷାନ ମୋର୍ଚ୍ଚା ସହ ଆଲୋଚନା କରି ଟ୍ରାକ୍ଟର ରାଲି ପାଇଁ ବିକଳ୍ପ ରାସ୍ତାର ପ୍ରସ୍ତାବ ଦେଉ। କୃଷକ ସଂଗଠନ ତାହା ଗ୍ରହଣ କରିବ ବୋଲି ଯୋଗୀନ୍ଦର କହିଥିଲେ।



ନୂଆଦିଲ୍ଲୀର ସିଂଘୁ ସୀମାରେ ମହିଳାମାନେ ନୂଆ କୃଷି ଆଇନ ବିରୋଧରେ ସ୍ଲୋଗାନ୍ ଦେଉଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୯,୫୬,୨୭,୫୪୭ | ୨୦,୪୨,୭୨୧ | ୬,୮୩,୨୯,୫୯୪ |
| ଭାରତ | ୧,୦୫,୭୯,୦୫୩ | ୧,୫୨,୫୨୮ | ୧,୦୨,୨୦,୨୯୮ |
| ଓଡ଼ିଶା | ୩,୩୩,୪୪୪ | ୧୯୦୧(+୫୩) | ୩,୨୯,୮୦୧ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

**ସଂକ୍ଷେପରେ**

## ଚିତ୍ରୋତ୍ପଳା ନଦୀରେ ଭାସିଗଲେ ଯୁବକ

**ସାଙ୍ଗମାନଙ୍କ ସହ ବଣଭୋଜି କରିବାକୁ ଆସିଥିଲେ**

**ସାଲେପୁର,୧୮।୧(ଡି.ଏନ୍.ଏ.):** ସାଲେପୁର ଥାନା ଅଧୀନ ହରିଚନ୍ଦନପୁର ବଉଳେଇ ଠାକୁରାଣୀ ପୀଠ ନିକଟ ଚିତ୍ରୋତ୍ପଳା ନଦୀରେ ଭାସି ସୋମବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ବୀରକିଶୋର ଦାଶଙ୍କ ପୁଅ ତାରାକାନ୍ତ ଦାଶ (୩୪)। ସେ କେତେଜଣ ସାଙ୍ଗଙ୍କ ସହ ବଉଳେଇ ଠାକୁରାଣୀଙ୍କ ପୀଠକୁ ବଣଭୋଜି କରିବାକୁ ଆସିଥିଲେ। ଏହି ସମୟରେ ସେ ନଦୀକୁ ଗାଧୋଇବାକୁ ଯାଇ ଗଭୀର ପାଣି ଭିତରକୁ ଚାଲିଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ସାଲେପୁର ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନଦୀରୁ ତାରାକାନ୍ତଙ୍କ ମୃତଦେହ ଉଦ୍ଧାର କରିଥିଲେ। ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଥାନାରେ ଅପମୃତ୍ୟୁ ମାମଲା (ନଂ.୧/୨୧) ରୁଜୁ କରିଛି। ଏଥିସହ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ଡାକ୍ତରଖାନା ପଠାଇଛି।

# ଦ୍ୱିତୀୟ ଦିନରେ ଟିକା ନେଲେ ୩୦,୧୬୧

**୨୫ ପର୍ଯ୍ୟନ୍ତ ୧,୬୯୮ ସେସନରେ ଟିକାକରଣ**

■ ଏବେ ପ୍ରତ୍ୟାଖ୍ୟାନ କଲେ ପରେ ମାଗଣା ଟିକା ମିଳିବନି

■ ଆଜି ପହଞ୍ଚିବ କୋଭିଶିଲ୍ଡ ଟିକାର ଆଉ ୩,୩୪,୫୦୦ ଡୋଜ୍

**ଭୁବନେଶ୍ୱର,୧୮।୧(ବ୍ୟୁରୋ)**

ରାଜ୍ୟରେ କରୋନା ଟିକାକରଣ ସୁରୁଖୁରୁରେ ଚାଲିଛି। ଇତିମଧ୍ୟରେ ଟିକାକରଣ କେନ୍ଦ୍ର ସଂଖ୍ୟାକୁ ବୃଦ୍ଧି କରାଯାଇଥିବାବେଳେ ସୋମବାର ଦ୍ୱିତୀୟ ଦିନରେ ୩୮୦ ସେସନରେ ପ୍ରାୟ ୩୦,୧୬୧ଜଣ ସ୍ୱାସ୍ଥ୍ୟକର୍ମୀଙ୍କୁ ଟିକାକରଣ କରାଯାଇଛି। ମୋଟ ୩୧,୯୦୨ଜଣଙ୍କୁ ଟିକା ପ୍ରଦାନ ଲକ୍ଷ୍ୟ ରଖାଯାଇଥିଲାବେଳେ ୯୫ ପ୍ରତିଶତ ଟିକା ନେଇଛନ୍ତି। ତେବେ ଟିକା ନେବାପରେ ଜଣଙ୍କଠାରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖିବାକୁ ମିଳିଛି। ବର୍ତ୍ତମାନ ସେ ସୁସ୍ଥ ଅଛନ୍ତି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟରେ ଖୁବ୍‌ଶୀଘ୍ର ସମସ୍ତ ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କ ପୂର୍ଣ୍ଣ ଟିକାକରଣ ପାଇଁ ପର୍ଯ୍ୟାପ୍ତ ଟିକା ଉପଲବ୍ଧ ହେବ। ମଙ୍ଗଳବାର ଓଡ଼ିଶାରେ 'କୋଭିଶିଲ୍ଡ' ଟିକାର ୩,୩୪,୫୦୦ ଡୋଜ୍ ପହଞ୍ଚିବ। ତେଣୁ ସମସ୍ତ ପଞ୍ଜୀକୃତ ହିତାଧିକାରୀଙ୍କୁ ଟିକାକରଣ ପାଇଁ ଆସିବାକୁ ପୁନର୍ବାର ଅନୁରୋଧ କରାଯାଇଛି। ଏହା ଏକ ସ୍ୱେଚ୍ଛାକୃତ ଟିକାକରଣ କାର୍ଯ୍ୟକ୍ରମ। ଯେଉଁମାନେ ଏହି ଟିକାକରଣକୁ ପ୍ରତ୍ୟାଖ୍ୟାନ କରୁଛନ୍ତି, ପରବର୍ତ୍ତୀ ସମୟରେ ସରକାରଙ୍କ ତରଫରୁ ସେମାନେ ମାଗଣା କୋଭିଡ୍ ଟିକା ନେବାର ସୁଯୋଗ ପାଇବେ ନାହିଁ ବୋଲି ବିଭାଗ କହିଛି। ଅନ୍ୟପକ୍ଷରେ ସୋମବାରଠାରୁ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ୧,୬୯୮ ସେସନରେ ଟିକାକରଣ ହେବ। ଏଥିରେ ୧ଲକ୍ଷ ୭୫ହଜାର ସ୍ୱାସ୍ଥ୍ୟକର୍ମୀଙ୍କୁ ଟିକା ଦେବା ପାଇଁ ଲକ୍ଷ୍ୟ ରଖାଯାଇଥିବା ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ କହିଛନ୍ତି। ତେବେ କେଉଁଦିନ କେତୋଟି ସେସନରେ ଟିକାକରଣ ହେବ ତାହା ମଧ୍ୟ ନିର୍ଦ୍ଧାରିତ ହୋଇସାରିଛି। ୧୯ ତାରିଖରେ ୧୯୨ ସେସନରେ ଟିକାକରଣ ହେବାକୁ ଥିବାବେଳେ ୨୦ରେ ୯୨ଟି, ୨୧ରେ ୪୩୬ଟି, ୨୨ରେ ୧୪୧ଟି, ୨୩ରେ ୧୭୮ଟି ଓ ୨୫ରେ ୨୭୯ଟି ସେସନରେ ଟିକା ପ୍ରଦାନ କରାଯିବ। ଯେଉଁମାନେ ଟିକା ନେଇଛନ୍ତି ସେମାନେ ୨୮ଦିନ ପରେ ଦ୍ୱିତୀୟ ଡୋଜ୍ ନେବେ। ଏଥିପାଇଁ ପର୍ଯ୍ୟାପ୍ତ ଟିକା ମହଜୁଦ ରହିଛି। ଦ୍ୱିତୀୟ ଡୋଜ୍‌ର ଦୁଇଦିନ ପୂର୍ବରୁ ଏ ସଂକ୍ରାନ୍ତରେ ହିତାଧିକାରୀଙ୍କୁ ଏସ୍ଏମ୍ଏସ୍ ମାଧ୍ୟମରେ ଜଣାଇ ଦିଆଯିବ ବୋଲି ନିର୍ଦ୍ଦେଶକ କହିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ପ୍ରଥମ ଦିନରେ ୧୩ହଜାର ୮୯୦ଜଣଙ୍କୁ ଟିକା ପ୍ରଦାନ କରାଯାଇଥିଲା।

ଅପରପକ୍ଷରେ ରାଜସ୍ୱ ବିଭାଗ ଅଧୀନରେ ଥିବା ଆଗଧାଡ଼ିର କର୍ମଚାରୀ ଟିକାକରଣ ପାଇଁ ତାଲିକାଭୁକ୍ତ ହେବା ନେଇ ସୋମବାର ସମସ୍ତ ଜିଲା ସହିତ ଭିଡିଓ କନ୍‌ଫରେନ୍ସିଂରେ ବୈଠକ ଅନୁଷ୍ଠିତ ହୋଇଥିଲା।



କଟକ ଏସ୍‌ସିବିରେ ଜଣେ ସ୍ୱାସ୍ଥ୍ୟ କର୍ମୀଙ୍କୁ ଟିକା ଦିଆଯାଉଛି।

# ଲାଞ୍ଚ ନେଇ କଲେଜ ଅଧ୍ୟକ୍ଷା ଗିରଫ



ଗିରଫ ପରେ ଅଧ୍ୟକ୍ଷା ମିନତି ରଥଙ୍କୁ ଭିଜିଲାନ୍ସ ଟିମ୍ ବଲାଙ୍ଗୀର ନେଉଛି।

**ବଙ୍ଗୋମୁଣ୍ଡା,୧୮।୧(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ପଞ୍ଚାୟତ ସମିତି ଯୁକ୍ତ୨ ଜୁନିୟର କଲେଜ ଅଧ୍ୟକ୍ଷା ମିନତୀ ରଥ ଲାଞ୍ଚ ନେଇ ସୋମବାର ଭିଜିଲାନ୍ସ ହାତରେ ଧରାପଡିଛନ୍ତି। କଲେଜରେ କାର୍ଯ୍ୟରତ ଲାଇବ୍ରେରିଆନ୍ ଡୋଳାମଣି ମେହେରଙ୍କଠାରୁ ଲାଞ୍ଚ ବାବଦ ୮୦ ହଜାର ଟଙ୍କା ନେଲା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିଛି।

ଭିଜିଲାନ୍ସ ବିଭାଗ ସୂତ୍ରରୁ ପ୍ରକାଶ, ପଞ୍ଚାୟତ ସମିତି ଜୁନିୟର କଲେଜରେ ଲାଇବ୍ରେରିଆନ ଭାବେ କାର୍ଯ୍ୟରତ ଡୋଳାମଣି ମେହେର ବହୁ ସମୟରେ ଅଫିସ କାର୍ଯ୍ୟରେ ଅବହେଳା କରୁଥିଲେ। ଏ ନେଇ କହିଲେ ଓଲଟି କର୍ତ୍ତୃପକ୍ଷଙ୍କୁ ଦୁର୍ବ୍ୟବହାର କରୁଥିଲେ। ଏଥିପାଇଁ କଲେଜ ଅଧ୍ୟକ୍ଷା ରଥ ତାଙ୍କୁ ବାରମ୍ବାର ତାଗିଦ୍ କରୁଥିଲେ। ହେଲେ ଏକ୍ସପ୍ଲାନେଶନ ଲେଟର ଦେଇ ମେହେର କ୍ଷମା ମାଗି ନେଉଥିଲେ। କିନ୍ତୁ ବାରମ୍ବାର କର୍ତ୍ତବ୍ୟରେ ଅବହେଳା କରୁଥିବାରୁ ଆଉ କ୍ଷମା ଦିଆଯିବନି, ତୁମ ସସ୍‌ପେଣ୍ଡ ଲେଟର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପଠାଇ ଦେଇଛି ବୋଲି ଅଧ୍ୟକ୍ଷା ରଥ ତାଙ୍କୁ କହିଥିଲେ। ଲାଇବ୍ରେରିଆନ ମେହେର ଏଥର ତାଙ୍କୁ କ୍ଷମା କରିଦେବାକୁ ଅଧ୍ୟକ୍ଷାଙ୍କୁ ଅନୁରୋଧ କରିଥିଲେ। ଅଧ୍ୟକ୍ଷା ରଥ ଏଥିପାଇଁ ୧ଲକ୍ଷ ଟଙ୍କା ଦେଲେ ସମସ୍ତ ଉଚ୍ଚ ପଦାଧିକାରୀଙ୍କୁ ଭାଗ ଦେଇ ସମସ୍ୟାର ସମାଧାନ କରିଦେବାକୁ କହିଥିଲେ। ଡୋଳାମଣି ୫୦ ହଜାର ଟଙ୍କା ଦେବାକୁ କହିଥିଲେ। ଶେଷରେ ୮୦ହଜାର ଟଙ୍କାରେ କଥା ଛିଣ୍ଡି ଥିଲା। ଡୋଳାମଣି ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ସୋମବାର ସେ ଅଧ୍ୟକ୍ଷା ରଥଙ୍କ ବାସଭବନକୁ ଯାଇ ୮୦ହଜାର ଟଙ୍କା ଦେଇଥିଲେ। ଏହି ସମୟରେ ସେଠାରେ ଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ।

# ୧୬ ନଂ. ଏନ୍‌ଏଚ୍‌ରେ ଲାଗିବ ଇଣ୍ଟେଲିଜେନ୍ସ କ୍ୟାମେରା

**ସଡ଼କ ସୁରକ୍ଷା ମାସ**

**ବେପରୁଆ ଗାଡ଼ି ଚାଳକଙ୍କ ଉପରେ ନଜର**

**ଭୁବନେଶ୍ୱର,୧୮।୧(ବ୍ୟୁରୋ)**

ସୋମବାରଠାରୁ ଆରମ୍ଭ ହୋଇଛି ସଡ଼କ ସୁରକ୍ଷା ମାସ। ପୂର୍ବରୁ ସପ୍ତାହେ ବ୍ୟାପୀ ଚାଲୁଥିବା ଏହି କାର୍ଯ୍ୟକ୍ରମ ଏଥର ମାସେ ଯାଏ ଚାଲିବ। ରାଜ୍ୟରେ ଯାନବାହନ ଦୁର୍ଘଟଣାକୁ ହ୍ରାସ କରିବାକୁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ମୋଟରସାଇକେଲ ଚାଳକ ଓ ଆରୋହୀଙ୍କ ପାଇଁ ହେଲ୍‌ମେଟ ବାଧ୍ୟତାମୂଳକ କରିବା ପରେ ଜାତୀୟ ରାଜପଥରେ ମନଇଚ୍ଛା ଗାଡ଼ିଚାଳନା ଉପରେ ନଜର ରଖାଯିବ। ଅମାନିଆ ଗାଡ଼ିଚାଳକଙ୍କ ଉପରେ ନଜର ରଖିବାକୁ ଇଣ୍ଟେଲିଜେଣ୍ଟ କ୍ୟାମେରା ଲାଗିବ। ୧୬ ନଂ. ଜାତୀୟ ରାଜପଥରେ ଖୋର୍ଦ୍ଧା ଜିଲାର ରାମେଶ୍ୱରଠାରୁ ଯାଜପୁର ଜିଲା ପାଣିକୋଇଲି ପର୍ଯ୍ୟନ୍ତ ସିସିଟିଭି ଲଗାଯିବ। ଜାତୀୟ ରାଜପଥରେ ୪ରୁ ୫ କିଲୋମିଟର ମଧ୍ୟରେ ଗୋଟିଏ ଲେଖାଏ କ୍ଲୋଜ୍ ସର୍କିଟ କ୍ୟାମେରା ଲାଗିବ। ଏହା ଦ୍ରୁତଗତିରେ ଯାଉଥିବା ଚାଳକ ଓ ନକଲି ନମ୍ବରପ୍ଲେଟ୍‌ଧାରୀଙ୍କୁ ଚିହ୍ନଟ କରିବ। ସେହିପରି ସର୍ବସାଧାରଣ ଯାନରେ ଜିପିଏସ ବ୍ୟବସ୍ଥା ବାଧ୍ୟତାମୂଳକ କରାଯାଇଛି। ଏହାକୁ ଆହୁରି କଡ଼ାକଡ଼ି କରିବାକୁ ଭେହିକିଲ ଲୋକେଶନ ଟ୍ରାକିଂ ସିଷ୍ଟମ ଲାଗୁ କରାଯିବ। ଫଳରେ ଗାଡ଼ିର ଲୋକେଶନ ଏବଂ ଯାତ୍ରୀମାନଙ୍କ ସୁରକ୍ଷା ଉପରେ ନଜର ରଖାଯାଇ ପାରିବ। ସୋମବାର ଆରଟିଓ-୨ରେ ସଡ଼କ ସୁରକ୍ଷା ମାସର ଶୁଭାରମ୍ଭ କରି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଏହି ସୂଚନା ଦେଇଛନ୍ତି। ସଡକ ସୁରକ୍ଷା ବିଷୟରେ ମାସେବ୍ୟାପୀ ସଚେତନତା କରିବା ଲାଗି ପରିବହନ ବିଭାଗ ପକ୍ଷରୁ ଏକ ପ୍ରଚାର ଯାନର ଶୁଭାରମ୍ଭ କରାଯାଇଛି। ଏହାକୁ ମନ୍ତ୍ରୀ ପତାକା ହଲାଇ ଉଦ୍‌ଘାଟନ କରିଛନ୍ତି।

# ସଡ଼କ ସୁରକ୍ଷା ନିୟମ ପାଳିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

**ଭୁବନେଶ୍ୱର,୧୮।୧(ବ୍ୟୁରୋ)**

ସୋମବାରଠାରୁ ଦେଶରେ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ କରାଯାଉଛି। ଏହା ଜାନୁୟାରୀ ୧୮ରୁ ଫେବୃୟାରୀ ୧୭ ତାରିଖ ଯାଏ ଚାଲିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ କରି କହିଛନ୍ତି ଯେ ବେପରୁଆ ଗାଡ଼ିଚାଳନା ଏବଂ ସଡ଼କକୁ ଅସୁରକ୍ଷିତ ଭାବେ ବ୍ୟବହାର ଦ୍ୱାରା ଦୁର୍ଘଟଣା ବଢୁଛି। ଆମର ଓ ଅନ୍ୟମାନଙ୍କର ଜୀବନ ବିପନ୍ନ ହେଉଛି। ମୂଲ୍ୟବାନ ଜୀବନ ବଞ୍ଚାଇବାକୁ ପ୍ରତ୍ୟେକ ବ୍ୟକ୍ତି ସଡ଼କ ସୁରକ୍ଷା ନିୟମକୁ ସହୃଦୟତାର ସହ ପାଳନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ଆହ୍ୱାନ କରିଛନ୍ତି।

BADRIPRASAD
College of Nursing Approved BY Govt. of Odisha
At: Ambapali, Bargarh, Ward No. 17 (Badriprasad School of Nursing)
ADMISSION OPEN FOR 2020-21
Nursing Programmes
Eligibility as per INC/ONMRC Norms
GNM Pass in +2 Sc/Arts/ Com. with English as a Subject & 40% Marks for General & 35% Marks for SC/ST
BSC (N) Pass in +2 Sc. with 45% Marks for General & 40% in PCB for SC/ST
The candidate may Contact in following Numbers or Send application for at the Email mentioned below.
City Office:- Badriprasad Jaiprakash
Infront of Hotel Ganapathi, Bargarh
Contact: 9668822600, 9861599299, 8093798113, 9853435210
Email Id- badriprasad.nursing@gmail.com

# ଡାକ୍ତରଖାନାରେ ଭିନ୍ନକ୍ଷମ ନାବାଳିକାଙ୍କୁ ବଳାତ୍କାର

■ ୪ମାସ ପରେ ଘଟଣା ଦୃଷ୍ଟିକୁ ଆସିଲା

■ ପୀଡ଼ିତା ଅନ୍ତଃସତ୍ତ୍ୱା

**ଟିଟିଲାଗଡ଼, ୧୮।୧(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଉପଖଣ୍ଡ ସରକାରୀ ଡାକ୍ତରଖାନାରେ ଜଣେ ଦଳିତ ବର୍ଗର ଭିନ୍ନକ୍ଷମ ନାବାଳିକା ବଳାତ୍କାରର ଶିକାର ହୋଇଛନ୍ତି। ବଳାତ୍କାରର ପ୍ରାୟ ୪ମାସ ପରେ ନାବାଳିକା ଅନ୍ତସତ୍ତ୍ୱା ହେବା ପରେ ଘଟଣା ସାମ୍ନାକୁ ଆସିଛି। ପରିବାର ଲୋକେ ଏ ନେଇ ସୋମବାର ଟିଟିଲାଗଡ ଉପଜିଲାପାଳ ଏବଂ ପରେ ଥାନାରେ ଫେରାଦ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, ମୁରିବାହାଲ ଥାନା ଅଞ୍ଚଳର ଜନୈକା ୧୪ ବର୍ଷର ନାବାଳିକା ଗତ ସେପ୍ଟେମ୍ବରରେ ଟିଟିଲାଗଡ ଉପଖଣ୍ଡ ମୁଖ୍ୟ ଡାକ୍ତରଖାନା ଶିଶୁ ରୋଗ ୱାର୍ଡରେ ଅବସ୍ଥାନ କରୁଥିବା ସମୟରେ ବଳାତ୍କାରର ଶିକାର ହୋଇଛନ୍ତି। ନିଜ ଭିନ୍ନକ୍ଷମ ଭାଇଙ୍କ ଚିକିତ୍ସା ପାଇଁ ବୃଦ୍ଧା ମାଙ୍କ ସହିତ ଆସି ଶିଶୁୱାର୍ଡରେ ରହିଥିଲେ। ଦିନେ ରାତିରେ ସେ ଶୋଇଥିବା ବେଳେ ଜଣେ ଯୁବକ ତାଙ୍କୁ ଜୋର ଜବରଦସ୍ତି ୱାର୍ଡ ପରିସରରେ ଥିବା ପାଇଖାନାକୁ ଉଠାଇ ନେଇ ସେଠାରେ ବଳାତ୍କାର କରିଥିଲେ। କାହାକୁ କହିଲେ ଜୀବନରୁ ମାରିଦେବି ବୋଲି ଧମକ ଦେଇଥିଲେ। ଏଥିଯୋଗୁ ଭିନ୍ନକ୍ଷମ ନାବାଳିକା ଜଣକ ଚୁପ୍ ରହିଥିଲେ। ତେବେ ଗତ ୧୬ତାରିଖରେ ଅସୁସ୍ଥ ହେବା ପରେ ପରିବାର ଲୋକେ ତାଙ୍କୁ ଟିଟିଲାଗଡ ଉପଖଣ୍ଡ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିଲେ। ସେଠାରେ ଡାକ୍ତର ନାବାଳିକା ଜଣକ ଗର୍ଭବତୀ ଥିବା ସ୍ପଷ୍ଟ କରିଥିଲେ। ଅଭିଯୁକ୍ତ ଆହାର କେନ୍ଦ୍ରର କର୍ମଚାରୀ ଏବଂ ସେ ଡାକ୍ତରଖାନା ରୋଗୀଙ୍କୁ ପ୍ରତିଦିନ ଖାଦ୍ୟ ପରଶୁଥିବା ଚିହ୍ନଟ ହୋଇଛନ୍ତି। ଏନେଇ ସୋମବାର ପୀଡିତା ନାବାଳିକାଙ୍କ ପରିବାର ଲୋକଙ୍କ ସହ ଟିଟିଲାଗଡ ଉପଜିଲାପାଳଙ୍କୁ ନ୍ୟାୟ ପାଇଁ ଫେରାଦ ହୋଇଥିଲେ। ଏହି ଘଟଣାରେ ଅଭିଯୁକ୍ତଙ୍କୁ ଅଟକ ରଖି ପୋଲିସ ପଚରାଉଚୁରା କରୁଛି।

# ଆଦିବାସୀ ମହିଳାଙ୍କୁ ଗଣବଳାତ୍କାର

**ଚିତ୍ରଡ଼ା,୧୮।୧(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ସାନ ମୁନ୍ଧାବଣୀ ପଞ୍ଚାୟତର ଜଣେ ବିବାହିତା ମହିଳା ଗଣ ବଳାତ୍କାରର ଶିକାର ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ.୧୯/୨୧) ରୁଜୁ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅନ୍ୟ ୨ ଜଣ ଫେରାର ଥିବା ଆଇଆଇସି କୁନି ବେଶ୍ରା କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଜଣେ ରାଜମିସ୍ତ୍ରୀ ପାଖରେ ପୀଡିତା ଜଣକ ଶ୍ରମିକ ଭାବରେ କାମ କରୁଥିଲେ। ଗତ ୧୫ତାରିଖରେ ପୀଡ଼ିତା ଟଙ୍କା ଉଠାଇବା ପାଇଁ ଚିତ୍ରଡ଼ାସ୍ଥିତ ଏକ ବ୍ୟାଙ୍କକୁ ଆସୁଥିବା ସମୟରେ ସିଲଦା ପୋଲ ନିକଟରେ ରାଜମିସ୍ତ୍ରୀ ଜଣକ ତାଙ୍କୁ ବ୍ୟାଙ୍କ ପାଖରେ ଛାଡ଼ିଦେବେ ବୋଲି କହି ବାଇକ୍‌ରେ ବସାଇ ନେଇ ଆସିଥିଲେ। କିନ୍ତୁ ବ୍ୟାଙ୍କ ନେବା ବଦଳରେ ପଶ୍ଚିମବଙ୍ଗ ସ୍ଥିତ ତାଙ୍କ ଭଉଣୀ ଘରକୁ ନେଇଯାଇଥିଲେ। ରାସ୍ତାରେ ମହିଳାଙ୍କର ମୋବାଇଲ ଛଡ଼ାଇ ନେଇ ସୁଇଚ୍ ଅଫ କରି ଦେଇଥିଲେ। ପରେ ରାଜମିସ୍ତ୍ରୀ ତାଙ୍କ ଭଉଣୀ ଘରେ ପୀଡ଼ିତାଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ଦର୍ଶାଯାଇଛି। ବିଳମ୍ବିତ ରାତିରେ ଅଭିଯୁକ୍ତ ପଶ୍ଚିମବଙ୍ଗ ସ୍ଥିତ ଭଉଣୀ ଘରେ ରହିଥିବା ବେଳେ ତାଙ୍କ ବଡ଼ଭାଇ ଏବଂ ଗ୍ରାମର ଅନ୍ୟ ଜଣେ ବ୍ୟକ୍ତି ଏକ କାର ଯୋଗେ ପୀଡ଼ିତାଙ୍କୁ ସାନ ମୁନ୍ଧାବଣୀ ଛାଡ଼ିବାକୁ ଆସୁଥିଲେ। ବାଟରେ ଏକ ଜଙ୍ଗଲରେ କାର ଛିଡ଼ା କରି ଦୁହେଁ ପୀଡ଼ିତାଙ୍କୁ ବଳାତ୍କାର କରିଥିଲେ। ପରେ ସେମାନେ ସିଲଦା ପୋଲରୁ ଅଳ୍ପ ଦୂରରେ ଥିବା ଏକ ଢାବା ପାଖରେ ପୀଡ଼ିତାଙ୍କୁ ଗୋଇଠା ମାରି ଗାଡ଼ିରୁ ଓହ୍ଲାଇ ଦେବା ସହ ତାଙ୍କ ମୋବାଇଲ ଫିଙ୍ଗି ଦେଇଥିଲେ। ଘଟଣା ସମ୍ପର୍କରେ କାହାକୁ ଜଣାଇଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇ ଚାଲି ଯାଇଥିଲେ। ପରେ ଲୋକଲଜ୍ୟା ଏବଂ ମାନସିକ ଭାରସାମ୍ୟ ହରାଇ ପୀଡ଼ିତା ଆତ୍ମହତ୍ୟା ଉଦ୍ୟମ କରୁଥିବା ସମୟରେ ଖବରପାଇ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଥାନାରେ ଅଭିଯୋଗ କରିଥିଲେ।



ସି-ଭୋଟର ଓ ଏବିପି ସର୍ଭେରେ ନବୀନ ପଟ୍ଟନାୟକ ୧ନଂ ମୁଖ୍ୟମନ୍ତ୍ରୀ ଘୋଷଣା ପରେ ମହିଳା ବିଜେଡି କର୍ମୀମାନେ ସୋମବାର ନବୀନ ନିବାସରେ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରୁଛନ୍ତି।

# ଶ୍ରମିକ ନେତା ଲଳିତ ନାୟକଙ୍କ ପରଲୋକ

**ମୁଖ୍ୟମନ୍ତ୍ରୀଙ୍କ ଶୋକ**

**ବଲାଙ୍ଗୀର ଅଫିସ,୧୮।୧**

ବିଶିଷ୍ଟ ସାମାଜିକ କର୍ମୀ, ଜଣାଶୁଣା ଶ୍ରମିକ ନେତା ଲଳିତ କୁମାର ନାୟକଙ୍କ ସୋମବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱର ଏମ୍‌ସରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୬୨ବର୍ଷ ହୋଇଥିଲା। ବିଜୁ ଶ୍ରମିକ ସାମ୍ମୁଖ୍ୟର ପ୍ରତିଷ୍ଠାତା ସଦସ୍ୟ ତଥା ଉପସଭାପତିଭାବେ ଶେଷ ଜୀବନ ପର୍ଯ୍ୟନ୍ତ ସେ କାର୍ଯ୍ୟ କରିଥିଲେ। ଏଥିସହିତ ପଶ୍ଚିମ ଓଡ଼ିଶା ଓ ରାଜ୍ୟର ୫୦ରୁ ଊର୍ଦ୍ଧ୍ୱ ଶ୍ରମିକ ତଥା ସାମାଜିକ ସଙ୍ଗଠନର ସଭାପତି, ସମ୍ପାଦକ, ଉପଦେଷ୍ଟା ରହିଥିଲେ। ଲଳିତଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକପ୍ରକାଶ କରିଛନ୍ତି। ଲୋକଙ୍କ କଲ୍ୟାଣ ସହ ରକ୍ତଦାନ କ୍ଷେତ୍ରରେ ତାଙ୍କ ଅବଦାନ ପାଇଁ ସେ ସର୍ବଦା ସ୍ମରଣୀୟ ରହିବେ ବୋଲି ଟୁଇଟରରେ ଉଲ୍ଲେଖ କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

୧୯୫୯ଜାନୁୟାରୀ ୧୧ତାରିଖରେ ବଲାଙ୍ଗୀରରେ ଜନ୍ମଗ୍ରହଣ କରିଥିଲେ ଲଳିତ ନାୟକ। ଛାତ୍ର ରାଜନୀତିରେ ସକ୍ରିୟ ଅଂଶଗ୍ରହଣ କରି ୧୯୮୫-୮୬ରେ ରାଜେନ୍ଦ୍ର କଲେଜ ଛାତ୍ର ସଂସଦ ସଭାପତି ନିର୍ବାଚିତ ହୋଇଥିଲେ। ଏହି ସମୟରେ ବଲାଙ୍ଗୀରରେ ରାଜ୍ୟସ୍ତରୀୟ ୟୁଥ୍ ଫେଷ୍ଟିଭାଲ ଆୟୋଜନ କରି ସେ ତାଙ୍କର ସାଙ୍ଗଠନିକ ଦକ୍ଷତାର ପରିଚୟ ଦେଇଥିଲେ। ୮୦ ଦଶକରୁ ବ୍ୟକ୍ତିଗତ ଉଦ୍ୟମରେ ରକ୍ତଦାନ ପାଇଁ ପ୍ରୋତ୍ସାହିତ କରି ରକ୍ତଦାନକୁ ଏକ ଅଭିଯାନଭାବେ ଗଢ଼ି ତୋଳିଥିଲେ। ରାଜେନ୍ଦ୍ର କଲେଜ ଆଲୁମନି ଆସୋସିଏଶନ୍‌ରେ ଦୀର୍ଘ ସମୟ ଧରି ସମ୍ପାଦକ ଓ ମୃତ୍ୟୁ ପର୍ଯ୍ୟନ୍ତ ସଭାପତି ଦାୟିତ୍ୱରେ ରହିଥିଲେ। ୧୯୯୦ ବଲାଙ୍ଗୀର ବିଧାନସଭା ନିର୍ବାଚନରେ ଭାଜପା ପ୍ରାର୍ଥୀ, ୧୯୯୨ ବଲାଙ୍ଗୀର ମ୍ୟୁନିସିପାଲିଟି ଅଧ୍ୟକ୍ଷ ନିର୍ବାଚନରେ ପ୍ରାର୍ଥୀ ଏବଂ ୨୦୦୪ ବିଧାନସଭା ଲୋଇସିଂହା ନିର୍ବାଚନ ମଣ୍ଡଳୀରେ ଭାଜପା ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ। ଦାଦନ ଓ ଆନ୍ତଃ ରାଜ୍ୟ ପ୍ରବାସୀ ଶ୍ରମିକ ଉଦ୍ଧାର, ଲୋୟର ସୁକ୍‌ତେଲ ପ୍ରକଳ୍ପ ବିସ୍ଥାପିତଙ୍କ ସମସ୍ୟା ସମାଧାନ କରିବା ଦିଗରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ତାଙ୍କ ମରଶରୀର ବଲାଙ୍ଗୀରରେ ପହଞ୍ଚିବା ପରେ ଭବ୍ୟ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ମରଶରୀରକୁ ତାଙ୍କ ରୁଗୁଡିପଡା ବାସଭବନକୁ ନିଆଯିବା ପରେ ଦୁର୍ଗାମଣ୍ଡପ ସମ୍ମୁଖ ମଞ୍ଚରେ ରଖାଯାଇଥିଲା। ସନ୍ଧ୍ୟାରେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇ ବିଭୂତିପଡା ଶ୍ମଶାନରେ ଅନ୍ତିମ ସଂସ୍କାର ସମ୍ପନ୍ନ କରାଯାଇଛି।



ଲଳିତ କୁମାର ନାୟକ

# ମିଷ୍ଟର ଇଣ୍ଡିଆ ପ୍ରତିଯୋଗିତାରେ ରାଜକୁମାର



ରାଜ୍ କୁମାର ଦାଶ

**ବ୍ରହ୍ମପୁର ଅଫିସ୍,୧୮।୧**

ମିଷ୍ଟର ଇଣ୍ଡିଆ ୨୦୨୧ ପ୍ରତିଯୋଗିତାରେ ବ୍ରହ୍ମପୁର ଆମ୍ବପୁଆର ରାଜ କୁମାର ଦାଶ ଅଂଶଗ୍ରହଣ କରିବାର ସୁଯୋଗ ପାଇଛନ୍ତି। ଗତ ୧୬ ତାରିଖରେ ଭୁବନେଶ୍ୱରଠାରେ ଷ୍ଟାର୍ ଲାଇଫ୍ ପକ୍ଷରୁ ଅନୁଷ୍ଠିତ ହୋଇଥିବା ମିଷ୍ଟର ଇଣ୍ଡିଆ ଚୟନ ପ୍ରତିଯୋଗିତାରେ ରାଜ୍ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରେ ତିନୋଟି ରାଉଣ୍ଡରେ ର‌୍ୟାମ୍ପ ୱାକ୍, ଦକ୍ଷତା ଓ ନୃତ୍ୟ ଆଦି କ୍ଷେତ୍ରରେ ସେ ସଫଳତା ହାସଲ କରି ଶେଷ ପର୍ଯ୍ୟାୟକୁ ଚୟନ ହୋଇଥିଲେ। ନିର୍ଦ୍ଦେଶକ ହେମନ୍ତ ଗର୍ଗ ଓ ପ୍ରତିଷ୍ଠିତ ମଡେଲ୍‌ର ଚୟନ ସଦସ୍ୟ ଭାବେ ଉପସ୍ଥିତ ଥିଲେ। ଜୁନ୍ ପ୍ରଥମ ସପ୍ତାହରେ ଦିଲ୍ଲୀର ଆଗ୍ରାଠାରେ ମିଷ୍ଟର ଇଣ୍ଡିଆ ପ୍ରତିଯୋଗିତା ଅନୁଷ୍ଠିତ ହେବ। ରାଜ୍ ବର୍ତ୍ତମାନ ନିଷ୍ଟ କଲେଜରେ କମ୍ପ୍ୟୁଟର ବିଜ୍ଞାନ ବିଭାଗର ପ୍ରଥମ ବର୍ଷ ଛାତ୍ର। କ୍ରୀଡ଼ା ଓ ନୃତ୍ୟ କ୍ଷେତ୍ରରେ ରୁଚି ରଖିଥିବା ରାଜ୍ ମିଷ୍ଟର ଗଞ୍ଜାମରେ ବି ରାଜ୍ ଫାଇନାଲିଷ୍ଟ ଭାବେ ଚୟନ ହୋଇଛନ୍ତି। ଆଗାମୀ ଦିନରେ ସେ ମଡ଼େଲିଂ କ୍ଷେତ୍ରରେ କ୍ୟାରିଅର୍ କରିବେ ବୋଲି କହିଛନ୍ତି। ରାଜ୍‌ଙ୍କ ଏହି ସଫଳତାକୁ ନେଇ ମା' ରଶ୍ମିତା କୁମାରୀ, ବାପା କୃଷ୍ଣ ଚନ୍ଦ୍ର ଦାଶଙ୍କ ସମେତ ବହୁ ହିତାକାଂକ୍ଷୀ ଶୁଭେଚ୍ଛା ଜଣାଇଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଅଲେଖ
ପରିବାରବର୍ଗ


ପିହୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୧୫୦ତଳକୁ ଖସିଲା କରୋନା ସଂକ୍ରମଣ

**ଭୁବନେଶ୍ୱର, ୧୮।୧(ବ୍ୟୁରୋ)**

ରାଜ୍ୟରେ ଦୈନିକ କରୋନା ସଂକ୍ରମଣ ଦେଢ଼ଶହ ତଳକୁ ଖସିଛି। ଗତ ୨୪ଘଣ୍ଟାରେ ୨୧ଜିଲାରୁ ୧୩୪ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ କ୍ୱାରାଣ୍ଟାଇନ ସେଣ୍ଟରରେ ୭୯ ଓ ୫୫ଜଣ ସ୍ଥାନୀୟ ଆକ୍ରାନ୍ତ ରହିଥିବା ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି। ଏହାକୁ ମିଶାଇ ରାଜ୍ୟରେ ମୋଟ କରୋନା ପଜିଟିଭ୍ ସଂଖ୍ୟା ୩,୩୩,୪୪୪ରେ ପହଞ୍ଚିଛି। ସେପଟେ ଆଉ ୨୫୫ଜଣ ଆକ୍ରାନ୍ତ ସୁସ୍ଥ ହୋଇଥିବାରୁ ମୋଟ ଆରୋଗ୍ୟ ସଂଖ୍ୟା ୩,୨୯,୮୦୧କୁ ବୃଦ୍ଧି ପାଇଛି। ବର୍ତ୍ତମାନ ୧,୬୯୮ଜଣ ସକ୍ରିୟ ରୋଗୀ ରହିଛନ୍ତି।

# ୧୦ ଜିଲାରେ ଘନ କୁହୁଡ଼ି

## ୧୨ ଡିଗ୍ରୀ ତଳେ ୮ ସହର

**ଭୁବନେଶ୍ୱର,୧୮।୧(ବ୍ୟୁରୋ)**

ରାଜ୍ୟରେ ଶୀତ ବଢିବା ସହିତ କେତେକ ଜିଲାରେ ଘନ କୁହୁଡି ଦେଖାଦେଇଛି। ଆସନ୍ତା ୨୧ ତାରିଖ ଯାଏ ରାଜ୍ୟର ୧୦ଟି ଜିଲାରେ ଘନ କୁହୁଡି ହେବ ବୋଲି ପାଣିପାଗ ବିଭାଗ ସତର୍କ କରିଛି। ଆଞ୍ଚଳିକ ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ମୟୂରଭଞ୍ଜ, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଅନୁଗୋଳ, ବୌଦ୍ଧ, କନ୍ଧମାଳ ଏବଂ ନୟାଗଡ଼ ଜିଲାରେ ଘନ କୁହୁଡି ହେବ। ସେହିପରି ୨୦ ତାରିଖରେ ଝାରସୁଗୁଡା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ ଏବଂ ବୌଦ୍ଧ ଜିଲାରେ ଘନ କୁହୁଡି ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ଜିଲାଗୁଡିକରେ ସତର୍କତା ଅବଲମ୍ବନ କରିବାକୁ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆରସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାପାଳ ଏବଂ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଘନ କୁହୁଡି ହେବାକୁ ଥିବାରୁ ଜାତୀୟ ରାଜପଥଗୁଡ଼ିକରେ ଯାନବାହନ ଚଳାଚଳ ନିୟନ୍ତ୍ରଣ କରିବାକୁ ପରାମର୍ଶ ଦିଆଯାଇଛି।

ଗତ ଦୁଇଦିନ ହେବ ରାଜ୍ୟରେ ଶୀତ ପରିମାଣ ସାମାନ୍ୟ ବୃଦ୍ଧି ପାଇଛି। ରାଜ୍ୟର ୮ଟି ସହରରେ ପାରଦ ୧୨ ଡିଗ୍ରୀ ତଳେ ରହିଛି। ଝାରସୁଗୁଡ଼ାରେ ସର୍ବନିମ୍ନ ତାପମାତ୍ରା ୧୦.୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ କେନ୍ଦୁଝର ୧୦.୬, ସୁନ୍ଦରଗଡ଼ ୧୧, ହୀରାକୁଦ ୧୩.୧, ଭବାନୀପାଟଣା ୧୧.୫, ବଲାଙ୍ଗୀର ୧୦.୫, ଫୁଲବାଣୀ ୧୧ ଏବଂ ଟିଟିଲାଗଡ଼ରେ ସର୍ବନିମ୍ନ ତାପମାତ୍ରା ୧୧ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ରାଣ୍ଡ ହୋଇ ଦେହକୁ ମଣ୍ଡେ,**
**ରାଜା ହୋଇ ପରଜା ଦଣ୍ଡେ,**
**ଗୃହସ୍ଥ ହୋଇ ପତ୍ନୀକୁ ଦଣ୍ଡେ,**
**ସାହୁ ହୋଇ ଖାତକ ତଣ୍ଡେ।**

ବିଧବା ନାରୀଙ୍କ ପକ୍ଷେ ଅଳଙ୍କାର ପିନ୍ଧିବା ସମାଜ ଦୃଷ୍ଟିରେ ଗ୍ରହଣୀୟ ହୋଇ ନ ଥାଏ। ରାଜା ହୋଇ ପ୍ରଜାଙ୍କ ଉପରେ ଜୁଲମ କରିବା ଅନ୍ୟାୟ। ପତ୍ନୀ ପ୍ରତି ଅବିଚାର କରିବା ସହ ଶାରୀରିକ ଯନ୍ତ୍ରଣା ଦେବା କାପୁରୁଷତାର ଲକ୍ଷଣ ହୋଇଥାଏ। ସେହିପରି ମହାଜନ ହୋଇ ଖାତକ ପ୍ରତି ଅତ୍ୟାଚାର କରିବା ବା ଠକିବା ଶୋଭନୀୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ରସିକ ,**
**କଖାରୁ ଫୁଲରେ ପାରୁଡ଼ା ପୋକ।**

ରସିକ ପଣରେ ଠିକ୍, ମାତ୍ର ଦୃଷ୍ଟିକୋଣ ଖୁବ୍ ନିରସ। କଖାରୁ ଫୁଲ ଓ ପାରୁଡା ପୋକ ନିଜ ନିଜ କ୍ଷେତ୍ରରେ ନିକୃଷ୍ଟ ହେବା ଭଳି ରସିକିଆପଣ ଦେଖାଉଥିବା ବ୍ୟକ୍ତିର ଭିନ୍ନ ଦୃଷ୍ଟିଭଙ୍ଗୀ ଏବଂ ନ୍ୟୂନ ଆଚରଣ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

## ପ୍ରଥମ ପୃଷ୍ଠାରୁ...

### ଟିକା ପରେ...

୭ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏକ ଖବରଦାତା ସମ୍ମିଳନୀକୁ ସୂଚନା ଦେଇ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅତିରିକ୍ତ ସଚିବ ମନୋହର ଅଗ୍ନାନି କହିଛନ୍ତି, ସୋମବାର ଅପରାହ୍ନ ୫ଟା ସୁଦ୍ଧା ୨୫ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ୧,୪୮,୨୬୬ ଜଣ କୋଭିଡ୍ ଟିକା ନେଇଛନ୍ତି। ସୋମବାର ବିହାରରେ ୮,୬୫୬, ଆସାମରେ ୧,୮୨୨, କର୍ନାଟକରେ ୩୬,୮୮୮, କେରଳରେ ୭,୦୭୦, ମଧ୍ୟପ୍ରଦେଶରେ ୬,୬୬୫, ତାମିଲନାଡୁରେ ୭,୬୨୮, ତେଲଙ୍ଗାନାରେ ୧୦,୩୫୨, ପଶ୍ଚିମବଙ୍ଗରେ ୧୧,୫୮୮ ଏବଂ ଦିଲ୍ଲୀରେ ୩,୧୧୧ ଜଣ ହିତାଧିକାରୀଙ୍କୁ ଟିକା ଦିଆଯାଇଛି। ଦିଲ୍ଲୀରେ ଟିକା ନେଇ ୩ ଜଣ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେମାନଙ୍କ ମଧ୍ୟରୁ ଦୁଇଜଣ ସୁସ୍ଥ ହୋଇ ଘରକୁ ଫେରିଲେଣି ଓ ଅନ୍ୟଜଣେ ମାକ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସେହିପରି ଉତ୍ତରାଖଣ୍ଡର ଜଣେ ବ୍ୟକ୍ତି ଋଷିକେଶସ୍ଥିତ ଏମ୍ସରେ ଚିକିତ୍ସାଧୀନ ଅଛନ୍ତି। ଛତିଶଗଡ଼ରେ ଜଣେ ଓ କର୍ନାଟକରେ ଦୁଇଜଣ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି।

### ୩ ସୁରକ୍ଷାକର୍ମୀ...

ପଚାରିବାରେ ସେ କହିଲେ, ଟିକାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ଟିକା ନେବା ପରେ ଜ୍ୱର ହେବା ସାଧାରଣ କଥା। ଅସୁସ୍ଥ ସ୍ୱାସ୍ଥ୍ୟକର୍ମୀ ବର୍ତ୍ତମାନ ସୁସ୍ଥ ଅଛନ୍ତି। ଏଥିରେ ଭୟଭୀତ ନ ହୋଇ ସମସ୍ତେ କୋଭିଡ୍ ଟିକା ନେବାକୁ ସେ ଅନୁରୋଧ କରିଛନ୍ତି।

### ଦିଲ୍ଲୀ ପୋଲିସ...

କୃଷି ଆଇନ ଉପରେ ଚାଷୀ ଓ ଅନ୍ୟ ଷ୍ଟେକ୍‌ହୋଲ୍ଡରମାନଙ୍କ ମତାମତ ଶୁଣିବାକୁ କମିଟି ଗଠନ ପ୍ରସଙ୍ଗରେ ଶୁଣାଣିକୁ ବୁଧବାରକୁ ସ୍ଥଗିତ ରଖାଯାଇଛି। ୪ ଜଣିଆ ବିଶେଷଜ୍ଞ କମିଟିରୁ ଭୂପିନ୍ଦର ସିଂ ମାନ୍‌ଙ୍କ ଇସ୍ତଫା ପରେ ଏହା କାର୍ଯ୍ୟକ୍ଷମ ହୋଇପାରୁନାହିଁ। ତେଣୁ ବୁଧବାର ଅଦାଲତ କମିଟିରେ ନୂଆ ସଦସ୍ୟ ନିଯୁକ୍ତି ଦେବା ନେଇ ବିଚାର କରିପାରନ୍ତି।

### ଚଣ୍ଡୀପ୍ରସାଦ ହେବେ...

ସେନାର ଦକ୍ଷିଣାଞ୍ଚଳ କମାଣ୍ଡର ମୁଖ୍ୟ ଅଛନ୍ତି। ସେ ତାଙ୍କ କ୍ୟାରିୟରରେ ୨ଟି ବିଗ୍ରେଡ୍ କମାଣ୍ଡ ସମ୍ଭାଳିଥିଲେ। ସେଥିମଧ୍ୟରୁ ଗୋଟିଏ ହେଲା ଚାଇନାର ଅପୋଜିଟ୍ ଏଲଏସି ଏବଂ କଙ୍ଗୋରେ ଜାତିସଂଘ ଶାନ୍ତି ସେନାର ବିଗ୍ରେଡ୍। ଏହାସହ ଆସାମରେ ଶାନ୍ତି ଫେରାଇ ଆଣିବା କ୍ଷେତ୍ରରେ ତାଙ୍କର ପ୍ରମୁଖ ଭୂମିକା ରହିଛି। ଉଲଫା ଆତଙ୍କବାଦକୁ ପ୍ରତିହତ କରିବାରେ ସେ ସଫଳ ହୋଇଥିଲେ। ଏଥିପାଇଁ ତାଙ୍କୁ ଅତିବିଶିଷ୍ଟ ସେବା ପଦକ ମିଳିଥିଲା। ଜଗତ୍‌ସିଂହପୁର ସହରର ଜୟବଡ଼ର ଜିତେନ୍ଦ୍ର କିଶୋର ମହାନ୍ତି ଓ ଡ. ସାରଦା କୁମାରୀ ମହାନ୍ତିଙ୍କ ବଡ଼ପୁଅ ଚଣ୍ଡୀପ୍ରସାଦ ବାଗସାହି ୟୁ.ପି. ସ୍କୁଲରେ ୬ଷ୍ଠ ଶ୍ରେଣୀ ଯାଏ ପାଠ ପଢ଼ିଥିଲେ। ପରେ ସେ ଡେରାଡୁନ୍‌ସ୍ଥିତ ରାଷ୍ଟ୍ରୀୟ ଇଣ୍ଡିଆନ ମିଲିଟାରୀ କଲେଜରେ ପଢ଼ିଥିଲେ। ପୁଣେର ଖଡକ୍‌ୱାସଲାସ୍ଥିତ ନ୍ୟାଶନାଲ ଡିଫେନ୍ସ ଏକାଡେମୀ, ଡେରାଡୁନସ୍ଥିତ ଇଣ୍ଡିଆନ ମିଲିଟାରୀ ଏକାଡେମୀରେ ସେ ପ୍ରଶିକ୍ଷଣ ନେଇଥିଲେ। ସେ ହେଉଛନ୍ତି ରାଜପୁତ୍ ରେଜିମେଣ୍ଟର ୧୯୮୨ ବ୍ୟାଚ୍ ପଦାତିକ ସେନା ଅଧିକାରୀ। ତାଙ୍କ ବାପା ଜିତେନ୍ଦ୍ର କିଶୋର ପୁରୀ ଜିଲା ସବ୍ ରେଜିଷ୍ଟ୍ରାର ଭାବେ ଅବସର ଗ୍ରହଣ କରିଥିଲେ। ମା' ସ୍ୱର୍ଗତା ସାରଦା କୁମାରୀ ଓଡ଼ିଆ ସାହିତ୍ୟର ଜଣେ ଗବେଷିକା ସାଙ୍ଗକୁ ଜଗତ୍‌ସିଂହପୁର ଏସ୍‌ଭିଏମ୍ କଲେଜରେ ପ୍ରାଧ୍ୟାପିକା ଥିଲେ। ଚଣ୍ଡୀପ୍ରସାଦଙ୍କ ଭାଇ କାଳୀପଦ ମହାନ୍ତି ପାନିପତ୍‌ସ୍ଥିତ ଇଣ୍ଡିଆନ ଅଏଲ କର୍ପୋରେଶନର ଜେନେରାଲ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିବାବେଳେ ଆଉ ଜଣେ ଭାଇ ଦେବୀ ପ୍ରସାଦ ମହାନ୍ତି ଆଡଭୋକେଟ୍ ଅଛନ୍ତି।

### ରେଳ ପ୍ରକଳ୍ପ:...

ସଂଶୋଧନ କରି ପୁରୁଣା ପାୱାର ପର୍ଚେଜ ଏଗ୍ରିମେଣ୍ଟଗୁଡ଼ିକୁ ବନ୍ଦ କରିବା, ବିଦ୍ୟୁତ୍ ଆଇନ-୨୦୦୩ରେ ସଂଶୋଧନ କରି ସମସ୍ତ ଜଳ ବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକୁ ରିନ୍ୟୁଏବୁଲ୍ ପାୱାର ଓବ୍ଲିଗେଶନ ପାଇଁ ଅନ୍ତର୍ଭୁକ୍ତ କରିବାକୁ ପୂଜାରୀ ପ୍ରସ୍ତାବ ଦେଇଛନ୍ତି। ବଳକା ଶକ୍ତିକୁ ବିକ୍ରି କରିବା ପାଇଁ ଏସ୍‌ଇସିଆଇ ଦ୍ୱାରା କରାଯାଇଥିବା ଟେଣ୍ଡର ପ୍ରକ୍ରିୟାରେ ଡିଆଇଏସ୍‌ସିଓଏମ୍‌ମାନଙ୍କୁ ଭାଗନେବା ପାଇଁ ଅନୁମତି ଦେବାକୁ ରାଜ୍ୟ ସରକାର ପ୍ରସ୍ତାବ ଦେଇଛନ୍ତି। ପାଇପ୍‌ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ପାଇଁ ବ୍ୟୟବରାଦ କରିବା ସହ ରାଜ୍ୟଗୁଡ଼ିକର ସ୍ୱାର୍ଥ ଜଡ଼ିତ ଥିବା ଜରୁରୀ ନିଷ୍ପତ୍ତି ନେବା ପୂର୍ବରୁ ରାଜ୍ୟ ସରକାରଙ୍କ ସହ ଆଲୋଚନା କରିବାକୁ ପ୍ରସ୍ତାବ ଦିଆଯାଇଛି। ସେହିପରି କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ପାଇଁ ସମସ୍ତ ଅର୍ଥ ରାଜ୍ୟ ବଜେଟ ଜରିଆରେ ପ୍ରଦାନ କରାଯିବା, ଏ ବାବଦକୁ ସୋସାଇଟି ବ୍ୟାଙ୍କ ଆକାଉଣ୍ଟ ଜରିଆରେ ଖର୍ଚ୍ଚ ନ କରି ସିଧାସଳଖ ରାଜ୍ୟ ଟ୍ରେଜେରିରୁ ଖର୍ଚ୍ଚ କରିବାକୁ ଅନୁମତି ପ୍ରଦାନ କରିବା, କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାଗୁଡ଼ିକ ବାବଦରେ ରାଜ୍ୟକୁ ମିଳିବାକୁ ଥିବା ଅର୍ଥର ଆଗୁଆ ପ୍ରଦାନ କରିବା ସହ ଉତ୍ତର-ପୂର୍ବ ତଥା ହିମାଳୟସ୍ଥିତ ରାଜ୍ୟଗୁଡ଼ିକୁ ପ୍ରଦାନ କରାଯାଉଥିବା କେନ୍ଦ୍ର ଅଂଶ ହାରରେ ଓଡ଼ିଶାକୁ କେନ୍ଦ୍ରୀୟ ଅଂଶଧନ ପ୍ରଦାନ କରିବାକୁ ପ୍ରସ୍ତାବ ଦିଆଯାଇଛି। କେନ୍ଦ୍ର ସରକାର ସୀମା ଶୁଳ୍କ ଉପରେ ଆଦାୟ କରୁଥିବା ସେସ୍ ତଥା ଅତିରିକ୍ତ ଦେୟଗୁଡ଼ିକୁ ବନ୍ଦ କରି ସେଗୁଡ଼ିକୁ କେନ୍ଦ୍ର ଟିକସ ଅନ୍ତର୍ଭୁକ୍ତ କରିବା ଦ୍ୱାରା ରାଜ୍ୟଗୁଡ଼ିକୁ କେନ୍ଦ୍ର ଟିକସରୁ ଅଧିକ ରାଜ୍ୟ ଅଂଶ ମିଳିପାରିବ। ବିଭିନ୍ନ ପ୍ରକଳ୍ପ ବାବଦରେ ବାହାରୁ ମିଳୁଥିବା ଋଣକୁ ଭାରତୀୟ ମୁଦ୍ରା ଆକାରରେ ପ୍ରଦାନ କରିବାକୁ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ନିକଟରେ ନିରଞ୍ଜନ ଦାବି କରିଛନ୍ତି।

### ଥମୁନି ତୈଳ ଦର...

ଫଳରେ ଏହା ୭୫.୧୩ ଟଙ୍କା ରହିଛି। ମୁମ୍ବାଇରେ ଡିଜେଲ ଦର ରେକର୍ଡ ସ୍ତରରେ ରହିଛି। ଏଠାରେ ପେଟ୍ରୋଲ ଏବଂ ଡିଜେଲ ଲାଗି ଲୋକଙ୍କୁ ଯଥାକ୍ରମେ ୯୧.୫୬ ଟଙ୍କା ଏବଂ ୮୧.୮୭ ଟଙ୍କା ଦେବାକୁ ପଡୁଛି। ସେହିଭଳି ଚେନ୍ନାଇ ଏବଂ କୋଲକାତାରେ ପେଟ୍ରୋଲ ଯଥାକ୍ରମେ ୮୭.୬୩ ଟଙ୍କା ଓ ୮୬.୩୯ ଟଙ୍କାରେ ବିକ୍ରି ହେଉଛି। ଏହି ୨ ସହରରେ ଡିଜେଲ ଦର ଯଥାକ୍ରମେ ୮୦.୪୩ ଏବଂ ୭୮.୭୨ ଟଙ୍କା ରହିଛି। ଦେଶର ତୈଳ ବିପଣନ କମ୍ପାନୀଗୁଡ଼ିକ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ଏବଂ ବିଦେଶୀ ମୁଦ୍ରା ବିନିମୟକୁ ବିଚାରକରି ତେଲ ଦରରେ ପରିବର୍ତ୍ତନ କରିଥାନ୍ତି। ଏହି ପରିବର୍ତ୍ତନ ସକାଳ ୬ଟାରେ ଲାଗୁ କରାଯାଇଥାଏ। ରାଜ୍ୟସ୍ତରରେ ଲାଗୁ ହେଉଥିବା ଭାଟ୍ ଯୋଗୁ ଦେଶର ବିଭିନ୍ନ ପ୍ରାନ୍ତରେ ତେଲ ଦର ଭିନ୍ନ ରହୁଛି। ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ତେଲ ଉପରେ ବୃହତ୍ ପରିମାଣର ଟିକସ ଲାଗୁ କରିବାରୁ ତେଲ ଦର ଖସୁନାହିଁ। କରୋନା ସମୟରେ ଖାଉଟି ସମସ୍ୟାରେ ରହିଥିବା ବେଳେ ଏପଟେ ତେଲ ଦର ବୃଦ୍ଧି ଲୋକଙ୍କ ଚିନ୍ତା ବଢ଼ାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ଅର୍ଥ ସମ୍ବନ୍ଧୀୟ କୌଣସି କଥା ବନ୍ଧୁଙ୍କ ନିକଟରୁ ଶୁଣିବାକୁ ପାଇ ଉଲ୍ଲସିତ ହେବେ। ଅନ୍ୟର କଥାରେ ପ୍ରଭାବିତ ହୋଇ କିମ୍ବା ସତର୍କତାର ସହ କାମ ନ କଲେ ଫସିଯାଇ ପାରନ୍ତି। ପାରିବାରିକ, ପ୍ରଶାସନିକ କ୍ଷେତ୍ର ମଧ୍ୟମ ପ୍ରକାରର ରହିବ।

**ବୃଷ**
ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ ଏବଂ ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତିତ ରହିପାରନ୍ତି। କିଛି ଜିନିଷ ହଜାଇବା କାରଣରୁ ବିରସ ମନରେ କାଳ କାଟିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ଆଦି କ୍ଷେତ୍ରରେ ବିଶେଷ ସଫଳତା ହାସଲ କରିବେ।

**ମିଥୁନ**
ଆକସ୍ମିକ ଭାବେ ଅନ୍ୟ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡିପାରେ। ଶିଳ୍ପ, ବାଣିଜ୍ୟ, କଳ କାରଖାନା, ହୋଟେଲ, ବ୍ୟବସାୟରୁ ସୁଫଳ ପାଇବେ। ପାରିବାରିକ କ୍ଷେତ୍ର ଗତାନୁଗତିକ ରୀତିରେ ଚାଲିବ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ସାମୟିକ ଆନନ୍ଦିତ ରହିପାରନ୍ତି।

**କର୍କଟ**
ଭାବପ୍ରବଣତା କିମ୍ବା ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା କାରଣରୁ ସାମୟିକ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ସ୍ନାୟବିକ ଦୁର୍ବଳତା କିମ୍ବା ଆଣ୍ଠୁ ଗଣ୍ଠି ଦରଜଜନିତ ପୀଡା ଅନୁଭବ କରିବେ।

**ସିଂହ**
ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିପାରେ। ଆବଶ୍ୟକତା ପୂରଣ କରିବା ସକାଶେ ଧାରକରଜ କରି କାମକୁ ଚଳାଇ ନେବେ। ଅସୁବିଧାଜନକ ସ୍ଥିତିରେ ଗୁରୁଜନଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଭରିପାରେ। ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**କନ୍ୟା**
ପରିବାରର ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ, ଯାହା କି କେବଳ ଅଶାନ୍ତି ସୃଷ୍ଟିର କାରଣ ହେବ। ଖୋଜୁଥିବା ଜିନିଷ ନ ପାଇବାରୁ ବିରକ୍ତ ହୋଇପାରନ୍ତି। ଖୁସି ରହିବା ଓ ଅନ୍ୟମାନଙ୍କୁ ଖୁସିରେ ରଖିବା ସକାଶେ ଯେତେ ଚେଷ୍ଟା କଲେ ମଧ୍ୟ ବିଫଳ ହେବେ। ପ୍ଲଟିଂ କାରବାର ସମସ୍ୟାବିଜଡିତ ରହିପାରେ।

**ତୁଳା**
ଆଜି ଆକସ୍ମିକ ଭାବରେ ଅଟକି ରହିଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ଗୃହସୀମା କିମ୍ବା ଘରଭଡାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି। ସୁଯୋଗ ଆପଣା ଛାଏଁ ପାଖରେ ଆସି ଜୁଟିବ ଓ ଆଶା ନିଶ୍ଚିତ ପୂରଣ ହୋଇଯିବ। ନିଜ ଲୋକ ମାନଙ୍କ ଅନାଦର ଭାବ ମନକୁ ସାମୟିକ ବ୍ୟଥିତ କରିପାରେ।

**ବିଛା**
ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବେ କିନ୍ତୁ ସହଜ ଓ ସୁବିଧାରେ ନୁହେଁ। ଅର୍ଥନୈତିକ, ପ୍ରଶାସନିକ, ସାମାଜିକ ଓ ରାଜନୈତିକ ସ୍ଥିତି ମଧ୍ୟମ ପ୍ରକାରର ରହିବ। ସାହିତ୍ୟ, ସାମ୍ବାଦିକତା, ବ୍ୟବସାୟ କ୍ଷେତ୍ରରେ ପ୍ରତିବନ୍ଧକ ଦୂରେଇଯିବ। ପାରିବାରିକ କ୍ଷେତ୍ରରେ ମିଶ୍ରିତ ଫଳ ଅନୁଭବ କରିବେ।

**ଧନୁ**
ଆଜିର ଯାତ୍ରାରେ ଯେଉଁଥି ସକାଶେ ଯାଉଛନ୍ତି ସେଥିରେ ସଫଳତା ଅବଶ୍ୟମ୍ଭାବୀ। ସଭାସମିତିରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡିବେ। ପାରିବାରିକ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ଅଫିସ୍‌ରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ।

**ମକର**
ଦିନଟି ବନ୍ଧୁ ମେଳରେ କଟିବ। ପାରିବାରିକ ପରିସ୍ଥିତି ପୂର୍ବପରି ରହିବ ଏବଂ ପିଲାଙ୍କ ସହ ଖୁସିଗପ କରିବାର ମଉକା ଜୁଟିବ। ପ୍ରକାଶନ, ସଂଗଠନ, ରାଜନୀତି, ପ୍ରତିଦ୍ୱନ୍ଦ୍ୱିତା ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ବ୍ୟବସାୟିକ ସଫଳତା ମିଳିବ କିନ୍ତୁ ପୂର୍ଣ୍ଣ ସନ୍ତୋଷଜନକ ହେବ ନାହିଁ।

**କୁମ୍ଭ**
ବନ୍ଧୁଙ୍କ କାର୍ଯ୍ୟ ମନକୁ ନ ପାଇଲେ ମଧ୍ୟ କିଛି କରିବାର ଉପାୟ ପାଇବେ ନାହିଁ। ଅସୁବିଧା ନ ହେଲେ ମଧ୍ୟ କେତେକ କାମ ଅଧାରେ ଅଟକି ଯିବ। କର୍ମକ୍ଷେତ୍ରରେ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବ। ଶିଳ୍ପ, ବାଣିଜ୍ୟ ଓ ପରିବହନ ପାଇଁ ଦିନଟି ମନ୍ଦ ନୁହେଁ।

**ମୀନ**
ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବଢିବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବ। ଅତୀତ ଘଟଣା ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁଁ ମନ ଉଦାସ ରହିପାରେ। କର୍ମକ୍ଷେତ୍ରରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ।

ଆଜି ପୌଷ ଶୁକ୍ଳ ଷଷ୍ଠୀ ଯୁକ୍ତ ସପ୍ତମୀ ମଙ୍ଗଳବାର, ଜାନୁୟାରୀ ୧୯ ତାରିଖ। ରାଶିନକ୍ଷତ୍ର-ଦିବା ଘ.୦୯.୫୫ମି. ଗତେ ରେବତୀ/ମୀନ, ଧନୁ ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର, ସପ୍ତମୀର ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୮.୩୯ମି. ଗତେ ଘ.୧୦.୫୧ମି. ମଧ୍ୟେ, ଘ.୦୧.୦୩ମି. ଗତେ ଘ.୦୨.୩୧ମି. ମଧ୍ୟେ, ଘ.୦୩.୧୫ମି. ଗତେ ଘ.୦୪.୪୩ମି. ମଧ୍ୟେ ଅମୃତ ବେଳା। ଅପରାହ୍ନ ଘ.୦୩.୧୫ମି. ଗତେ ଘ.୦୪.୪୩ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୦୨.୪୨ମି. ଗତେ ଘ.୦୪.୦୪ମି. ମଧ୍ୟେ ରାହୁକାଳ।

# ଆଜିଠୁ ଖୋଲିବ ରାଜ୍ୟ ସଂଗ୍ରହାଳୟ

## ଆନନ୍ଦ ଭବନ ସଂଗ୍ରହାଳୟ ବି ଖୋଲିବ




**ଭୁବନେଶ୍ୱର,୧୮।୧(ବ୍ୟୁରୋ)**

- ୨ଶହ ପର୍ଯ୍ୟଟକଙ୍କୁ ପ୍ରବେଶ ଅନୁମତି
- ରାଜ୍ୟ ସଂଗ୍ରହାଳୟରେ ଖୋଲିବ ଆଉ ୫ ଗ୍ୟାଲେରୀ

କରୋନା ପରିସ୍ଥିତି ପାଇଁ ୧୦ ମାସ ଧରି ବନ୍ଦ ରହିବା ପରେ ମଙ୍ଗଳବାରଠାରୁ ସର୍ବସାଧାରଣଙ୍କ ପାଇଁ ଖୋଲିବ ଭୁବନେଶ୍ୱରସ୍ଥିତ ରାଜ୍ୟ ସଂଗ୍ରହାଳୟ ଓ କଟକସ୍ଥିତ ଆନନ୍ଦଭବନ ସଂଗ୍ରହାଳୟ। ସଂଗ୍ରହାଳୟ ପରିସରରେ କୋଭିଡ୍ ଗାଇଡ୍‌ଲାଇନ୍‌କୁ କଡ଼ାକଡ଼ି ପାଳନ କରାଯିବ। ସମସ୍ତଙ୍କ ପାଇଁ ମାସ୍କ ଓ ସାନିଟାଇଜର୍ ବାଧ୍ୟତାମୂଳକ କରାଯାଇଥିବାବେଳେ ସଂଗ୍ରହାଳୟକୁ ପ୍ରବେଶ ପୂର୍ବରୁ ଥର୍ମାଲ୍ ସ୍କ୍ରିନିଂ କରାଯିବ। ଆଗାମୀ କିଛିଦିନ ପର୍ଯ୍ୟନ୍ତ ଦିନକୁ ୨୦୦ ଲୋକଙ୍କ ପାଇଁ ଟିକେଟ୍‌ର ବ୍ୟବସ୍ଥା କରାଯାଇଛି। ବର୍ତ୍ତମାନ ଅଫ୍‌ଲାଇନ୍ ମାଧ୍ୟମରେ ଟିକେଟ୍ କରାଯାଇ ଲୋକଙ୍କୁ ପ୍ରବେଶ ଅନୁମତି ମିଳିବ। ଆଗାମୀ ସ୍ଥିତିକୁ ଦୃଷ୍ଟିରେ ରଖି ପର୍ଯ୍ୟଟକ ଓ ଦର୍ଶକଙ୍କ ସଂଖ୍ୟାକୁ ବୃଦ୍ଧି କରାଯିବ ବୋଲି ରାଜ୍ୟ ସଂଗ୍ରହାଳୟ ଅଧିକ୍ଷକ ଭାଗ୍ୟଲିପି ମଲ୍ଲ ସୂଚନା ଦେଇଛନ୍ତି।

ତେବେ ଖୋଲିବା ପୂର୍ବରୁ ସଂଗ୍ରହାଳୟ ପରିସରକୁ ସମ୍ପୂର୍ଣ୍ଣ ସାନିଟାଇଜ୍ କରାଯାଇଛି। ଦୀର୍ଘଦିନ ଧରି ବନ୍ଦ ହୋଇ ରହିଥିବା ସଂଗ୍ରହାଳୟରେ ପର୍ଯ୍ୟଟକ ଏବେ ନୂତନ ଅନୁଭୂତି ପାଇପାରିବେ। ଗ୍ୟାଲେରୀର ଆଲୋକୀକରଣ ସହିତ ମନଛୁଆଁ ସଙ୍ଗୀତର ମଜା ନେବେ। ଖୁବ୍‌ଶୀଘ୍ର ରାଜ୍ୟ ସଂଗ୍ରହାଳୟ ପରିସରକୁ ବ୍ୟାପକ କରାଯାଇ ଆହୁରି ୫ଟି ନୂଆ ଗ୍ୟାଲେରୀ ଖୋଲାଯିବ। ଏହାମଧ୍ୟରେ କ୍ରିଏଟିଭ୍ ଆର୍ଟ ଗ୍ୟାଲେରୀ, ଇନ୍‌ଟାଞ୍ଜିବଲ୍ ଐତିହ୍ୟ, ସ୍ୱାଧୀନତା ସଂଗ୍ରାମୀ ଗ୍ୟାଲେରୀ, ମହାତ୍ମାଗାନ୍ଧୀ ଗ୍ୟାଲେରୀ ଓ ପଟ୍ଟଚିତ୍ର ଗ୍ୟାଲେରୀ ରହିଛି। ଏସବୁର କାମ ଖୁବ୍‌ଶୀଘ୍ର ଶେଷ ହେବ। ଅନ୍ୟ ଆଞ୍ଚଳିକ ସଂଗ୍ରହାଳୟଗୁଡ଼ିକୁ ଧୀରେ ଧୀରେ ଖୋଲାଯିବ। ଏହାସହିତ ଖୁବ୍‌ଶୀଘ୍ର ଅନ୍‌ଲାଇନ୍ ଏବଂ ଅଫ୍‌ଲାଇନ୍ ମାଧ୍ୟମରେ ଟିକେଟ୍‌ର ବ୍ୟବସ୍ଥା କରାଯିବ ବୋଲି ଅଧୀକ୍ଷକ ମଲ୍ଲ କହିଛନ୍ତି।


## classifieds Everyday 0674-2580101, 2549302

**automobile**

**HIRE**

Hywa, Dala body Truck 10/12/14/16 chaka required, monthly tonej basis. Mob: 9040400085, 7008390351. D-19635

**real estate**

**SALE**

A Premium 3BHK Apartment for sale at Ashok Nagar worth 95lakhs, contact only genuine buyer. Contact: 7978627900. D-67777

ଭୁବନେଶ୍ୱର ସୁନ୍ଦରପଦା Hi-Tech ଛକ ପାଖରେ ଘରବାରି boundary wall plot ମିଳୁଅଛି। 8338932027. D-70156

ଘରବାରି ପାଚେରି Scheduledcaste plot Trinath Bazar ନଖରା ୧୨୦୦ବର୍ଗଫୁଟ ୯,୬୦,୦୦୦/- ଅରୁଗୁଳ station 2000sqft. 4,40,000/-, 9439006524, 9861281504. D-69361

ସାଲେପୁର ଶିଶୁ ମନ୍ଦିର ନିକଟରେ ଘରବାରି SC plot 85 ଡିସିମିଲ ବିକ୍ରିହେବ। 8260525897. D-19637

କଟକ Highcourtରୁ 8K.M. ନନ୍ଦନକାନନ ପଛପଟେ ବାରଙ୍ଗଛକ ନିକଟରେ ମୁଖ୍ୟରାସ୍ତାରୁ 200mtr ସ୍ଥିତିବାନ୍ ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଛି। 6372930002. D-70148

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/- ଅରଗୁଳ IIT ପାଖରେ 1200sqft. 1,44,000/-, 9776974912, 9348232008. D-70146

Immediate Construction Plotting Nakhara @780000, Sundarpada @240000, Saivihar S-3000000. 9437522338 D-19563

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ 800mtr 100ft ପିଚୁରୋଡ୍‌କୁ ଲାଗି 30'ରାସ୍ତା ଇଲେକ୍ଟ୍ରିସିଟି ଥାଇ ସୁନ୍ଦର ଆକର୍ଷଣୀୟ ବାସୋପଯୋଗୀ boundary plot ବିକ୍ରିହେବ। 9439116553. D-70147

3BHK flat 1600sqft. (2017 possession) Patia, opposite RTO-2, 1km KIIT Square @72lac, including all. 7978584549 (No Broker). D-70096

ଭୁବନେଶ୍ୱର ହଂସପାଳ ପାଖ ରାମଚନ୍ଦ୍ରପୁର ମୌଜାରେ ତୁରନ୍ତ ଘର କଲାଭଳି ବାସଉପଯୋଗୀ ଜାଗା 30' road, electric ସୁବିଧା ଥାଇ @ 9,00,000 ମିଳୁଛି। 9777566675. D-70149

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଭୁବନେଶ୍ୱରରେ ପ୍ଲଟ୍ ବିକ୍ରି ହେବ। Near Rabi Talkies, ଘରବାରି, ପାଚେରି, ଲାଇନ ସହିତ। 9178660666. D-70094

ଭୁବନେଶ୍ୱର ସହର ଉପକଣ୍ଠସ୍ଥ ଯେକୌଣସି ଅଞ୍ଚଳରେ ଗୃହୋପଯୋଗୀ ଜାଗା ଖଣ୍ଡିଏ କିଣିବାକୁ ଚାହୁଁଛନ୍ତି କି? 9040744989, 6371364640. D-70160

ଭୁବନେଶ୍ୱର ଖଣ୍ଡଗିରିରୁ 10K.M distance ରେ ପିତାପଲ୍ଲୀ ଛକ NHକୁ ଲାଗି boundary, patta, registry cost ଏବଂ ମୋରମ୍ filling ସହ sqft. 1100/-ରେ ମିଳୁଛି। 9090963952. D-70153

Available for sale 6000 sqft. on 100 feet road (500 meter from Nuagaon chhaka towards Gothapatna. Contact: 8480548039. D-69676

Bhubaneswar Chintamaniswar Station ପାଖରେ yellowzone ଘରବାରି plot ବିକ୍ରିହେବ। 9861302460, 6370621085. D-70159

ଭୁବନେଶ୍ୱର ପାହାଳ NH side ଘରବାରି yellowzone fully developed demarcated ବାସୋପଯୋଗୀ plot road, electricity ଥାଇ ତୁରନ୍ତ ଘର କରନ୍ତୁ। PUJA- 6371970725. D-70162

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**healthcare**

Newly open SPA offer @799/-, positively health benefits, Jaydev Bihar. 7846814019. D-59974

Refreshing your mind & body with best therapy at Lotus SPA. 8018234866. D-70411

Newly open full body massage ladies and gents. 9337349409. D-70412

Revitalize your self with our ayurvedic massage and refreshment, Call: 7381239385. D-70091

Experience full body massage with expert therapists. Call: 7377048581. D-70092

Swarna SPA newly open positively health benefits with expert therapist. 9556978408. D-70097

Rejuvenate and Ayurvedic full body massage by smart therapist. 9348123330. D-70098

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ଏସ୍‌ପି ଅଫିସ ସମ୍ମୁଖରେ ବିକ୍ଷୋଭ

ବୌଦ୍ଧ,(ସ୍ୱ.ପ୍ର): ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଗାଡିକୁ ଆକ୍ରମଣ ପ୍ରତିବାଦରେ ସୋମବାର ବୌଦ୍ଧ ଜିଲା କଂଗ୍ରେସ କମିଟି ପକ୍ଷରୁ ଏସ୍‌ପି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାସହିତ ଜିଲା କଂଗ୍ରେସ ସଭାପତି ନବ କୁମାର ମିଶ୍ରଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀ ଓ ନେତାମାନେ ଏସ୍‌ପିଙ୍କ ଜରିଆରେ ଡିଜିପିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦଳର ନେତା ଓ କର୍ମୀମାନେ ଏକ ଶୋଭାଯାତ୍ରାରେ ଆସି ଏସ୍‌ପି ଅଫିସ ଆଗରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏଥିରେ ବରିଷ୍ଠ ନେତା ସୁଧୀର କର୍ଣ୍ଣ, ଯୁବ କଂଗ୍ରେସ ସଭାପତି ମହେଶ୍ୱର ପ୍ରଧାନ, ଛାତ୍ର କଂଗ୍ରେସର ବିକ୍ରମ ପ୍ରଧାନ, ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜିଲା ସଭାପତି ସରୋଜ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ ।

## ସଂକ୍ଷେପରେ

### ୩ ଲକ୍ଷରୁ ଅଧିକ ଜରିମାନା ଆଦାୟ

ଭବାନୀପାଟଣା, ୧୮।୧ (ଡି.ଏନ.ଏ.)

କଳାହାଣ୍ଡି ଏସ୍‌ପି ଡା. ଶ୍ରବଣ ବିବେକ ଏମ୍‌ଙ୍କ ନିର୍ଦ୍ଦେଶକ୍ରମେ ଜିଲାବ୍ୟାପୀ ପୋଲିସ ପକ୍ଷରୁ ଯାନବାହନ ଧରପକଡ ହୋଇଛି। ରବିବାର ଭବାନୀପାଟଣା ଟାଉନ ଥାନା ଆଇଆଇସିଙ୍କ ନେତୃତ୍ୱରେ ସହରର କଲେଜ ଛକ, ଘୋଡାଘାଟ ଛକ, ନକଟିଗୁଡା ଛକ, ନର୍ଲାରାସ୍ତା ଚେକ୍‌ଗେଟ୍‌ଠାରେ ବାଇକ ଓ ଚାରି ଚକିଆ ଯାନ ଧରପଗଡ ହୋଇଛି। ୧୦ଟି ଡ୍ରାଇଭିଂ ଲାଇସେନ୍ସ ବାତିଲ କରାଯାଇ ୫୮ ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଶନିବାର ପୋଲିସ ବାଇକ୍‌ରେ ହେଲମେଟ ଚେକିଂ ଓ ଚାରି ଚକିଆ ଯାନରେ ସିଟ୍‌ବେଲ୍ଟ ଯାଞ୍ଚ କରାଯାଇଥିଲା। ଶନିବାର ୩୩୧ଟି ଯାନବାହନରୁ ୨ ଲକ୍ଷ ୫୯ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ୧୬ଟି ଡ୍ରାଇଭିଂ ଲାଇସେନ୍ସକୁ ବାତିଲ କରାଯାଇଛି। ଭବାନୀପାଟଣା ସଦର ଥାନାର ବିଭିନ୍ନ ସ୍ଥାନରେ ଧରପଗଡ କରି ରବିବାର ବିଳମ୍ବିତ ରାତିଯାଏ ୩୦ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି ।

### ଦାସିଗାଁରେ ଚୋକି ପର୍ବ ପାଳିତ

ଜୁନାଗଡ, ୧୮।୧ (ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଦାସିଗାଁରେ ରବିବାର ଅପରାହ୍ନରେ ଚୋକି (ପୌଷ) ପର୍ବ ପାଳିତ ହୋଇଯାଇଛି। ୧୨ ବର୍ଷ ବ୍ୟବଧାନ ପରେ ଗାଁରେ ଏହି ପର୍ବ ପାଳନ କରାଯାଇଛି। ଚଳିତବର୍ଷ କରୋନାକୁ ଆଖି ଆଗରେ ରଖି ଶାନ୍ତିଶୃଙ୍ଖଳା ସହିତ ଏହି ପର୍ବ ପାଳନ କରାଯାଇଥିଲା। ଏଥିରେ ଗ୍ରାମର ଗୋଣ୍ଟିଆ ପ୍ରକାଶ ଚନ୍ଦ୍ର ପ୍ରହରାଜ, ଅର୍ଜୁନ ମାଝି (ଦିସାରୀ), ସଦାଶିବ ପ୍ରଧାନୀ (ପୂଝାରୀ), ସଭାପତି ସୁରେଶ ଚନ୍ଦ୍ର ପଣ୍ଡା, ସମ୍ପାଦକ ହେପି ପ୍ରହରାଜ, ଗ୍ରାମର ଗଣ୍ଡା ଗଜାନନ କୁମାର, ପିଅନ ତ୍ରିନାଥ କୁମାର ପ୍ରମୁଖ ଦାୟିତ୍ୱ ନେଇଥିଲେ।

### ରକ୍ତ ରଞ୍ଜିତ ହେଲା ଦେବୀପୀଠ

ଅତାବିରା, ୧୮।୧ (ଡି.ଏନ.ଏ): ବରଗଡ ଜିଲା ବୁଗବୁଗା ପଞ୍ଚାୟତ ପାଲିବୁଗବୁଗା ଠାରେ ଗଣ ସମାଜର ବ୍ଲକସ୍ତରୀୟ ବୁଢ଼ାଦେଓ ଯାତ୍ରା ସୋମବାର ଉଦ୍‌ଯାପିତ ହୋଇଯାଇଛି। ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିଥିଲା। ସମାଜର ନୀତି ଅନୁସାରେ ପଶୁପକ୍ଷୀ ବଳିରେ ଦେବୀ ପୀଠ ରକ୍ତରଞ୍ଜିତ ହୋଇଥିଲା। ସମାଜର ସଭାପତି ଯାଦବ ଭୋଇ, ସମ୍ପାଦକ ରଞ୍ଜନ ମରପଚି, ବ୍ଲକ ସଭାପତି ରମାକାନ୍ତ ଭୁଏ ପ୍ରମୁଖ ବୁଢ଼ାଦେଓ ଯାତ୍ରା ପରିଚାଳନା କରିଥିଲେ। ବରୁଆ ରମାକାନ୍ତ ଭୁଏ, ରଞ୍ଜନ ମରପଚି, ପ୍ରଶାନ୍ତ ଭୁଏ ବରୁଆ ହୋଇଥିଲେ। ରେମୁଣ୍ଡା କଳା ପରିଷଦର ଭଜନ ସନ୍ଧ୍ୟା, ବ୍ୟଙ୍ଗ କବି ଛବିଳ ପ୍ରଧାନଙ୍କ ବ୍ୟଙ୍ଗ କବିତା ବେଶ୍ ଆକର୍ଷଣୀୟ ଥିଲା। ଡୋଲାମଣି ଭୁଏ, ପଞ୍ଚୁ ମଲ୍ଲିକ, ଉପେନ୍ଦ୍ର ମଲ୍ଲିକ, ପଥୁରୁ ମାଝୀ, ରାଜାରାମ ମରପଚି, ପ୍ରଦୀପ ଭୁଏ, ଲଳିତ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ ।

### ବୁକୁରାମୁଣ୍ଡା ଡାକ୍ତରଖାନାରେ କୋଭିଡ ଟିକାକରଣ

ପାଇକମାଳ, ୧୮।୧ (ଡି.ଏନ.ଏ) ପାଇକମାଳ ବ୍ଲକ ବୁକୁରାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର ସକାଳ ୧୦ଟାରେ ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୌମ୍ୟରଞ୍ଜନ ଦାଶ କୋଭିଡ ଟିକାକରଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଲାବୋରେଟୋରୀ ଟେକ୍ନିସିଆନ ପ୍ରଦୀପ କୁମାର ତ୍ରିପାଠୀ ପ୍ରଥମେ ଟିକା ନେଇଥିଲେ। ତେବେ ସମୁଦାୟ ୧୧୦ଜଣଙ୍କୁ କୋଭିସିଲ୍ଡ ଭ୍ୟାକ୍‌ସିନ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଭାରପ୍ରାପ୍ତ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ତୁଷ କୁମାର ଚନ୍ଦ୍ରକାର କହିଛନ୍ତି। ଡା. ସିଦ୍ଧାର୍ଥ ତ୍ରିପାଠୀ, ରାକେଶ କୁମାର ମହାପାତ୍ର, ସୌରଭ ଅଗ୍ରୱାଲ, ରେବତୀ ମୋହନ ଜେନା, ଡା. ରାଜୀବ ଲୋଚନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ସଡ଼କ ସୁରକ୍ଷା ମାସ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ତରବୋଡ/ନୂଆପଡା ଅଫିସ, ୧୮।୧ (ଡି.ଏନ.ଏ.): ନୂଆପଡା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଜିଲାପାଳ ସ୍ୱାଧାଦେବ ସିଂ ପତାକା ଦେଖାଇ ଜାତୀୟ ସଡକ ସୁରକ୍ଷା ମାସର ଉଦଘାଟନ କରିଛନ୍ତି। ଏସ୍‌ପି ରାହୁଲ ଜୈନ, ଆଞ୍ଚଳିକ ପରିବହନ ଅଧିକାରୀ ମାନା ସିଂ, ଜୁନିୟର ଏମଭିଆଇ ବିଜୟ କୁମାର ବେହୁରିଆ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ସଚେତନତା ଗାଡି ବାହାରିଛି। ଆୟୋଜିତ ଜାତୀୟ ସଡକ ସୁରକ୍ଷା ମାସରେ ଆସିଷ୍ଟାଣ୍ଟ ପ୍ରୋଗ୍ରାମର ସନତ କୁମାର ଶତଙ୍ଗୀ, ସୁରେଶ କୁମାର ଚାଲାନ, ସଞ୍ଜୀବ ପଣ୍ଡା, ରାଜୁ ଧୁଲ, ପୁରୁଷୋତମ ପ୍ରସାଦ ପ୍ରମୁଖ ସହଯୋଗ କରିଥିଲେ।

# ଜଳ ବଣ୍ଟନ ନେଇ ତେଜୁଛି ବିବାଦ

ତରବୋଡ/ନୂଆପଡା ଅଫିସ, ୧୮।୧ (ଡି.ଏନ.ଏ.)


ଉପରମୁଣ୍ଡ ଚାଷୀମାନେ ଧାରଣାରେ ବସିଛନ୍ତି ।

- ଉପରମୁଣ୍ଡ ଚାଷୀଙ୍କ ଧାରଣା
- ପୂର୍ବରୁ ରାସ୍ତାରୋକୋ କରିଥିଲେ ତଳମୁଣ୍ଡ ଚାଷୀ

ଅପର ଜୋଙ୍କ ଜଳସେଚନ ପ୍ରକଳ୍ପରେ ରବି ଋତୁରେ ଚାଷ ପାଇଁ ଜଳ ଆବଣ୍ଟନକୁ ନେଇ ତଳମୁଣ୍ଡ ଚାଷୀ ଓ ଉପରମୁଣ୍ଡ ଚାଷୀଙ୍କ ମଧ୍ୟରେ ବିବାଦ ତେଜୁଛି। ସୋମବାର ସଦର ବ୍ଲକ ଖୁଟମନ ଭେରା ପଞ୍ଚାୟତ ପତୋରା ଗାଁ ପାଣି ପଞ୍ଚାୟତ ନମ୍ବର ୧ର ସମସ୍ତ ଚାଷୀ ଏକତ୍ରି ହୋଇ ଗାଁ ବସ୍ତିରେ ୫ ଦଫା ଦାବି ନେଇ ଧାରଣାରେ ବସିଛନ୍ତି । ଧାରଣା ସମର୍ଥନରେ ଭେରା ଓ ପଞ୍ଚମପୁର ଗାଁର ଚାଷୀ ମଧ୍ୟ ଧାରଣାରେ ବସିଛନ୍ତି। ଉପରମୁଣ୍ଡ ଚାଷୀଙ୍କ ଦାବି ହେଲା ଜଳକର ଛାଡ, ଜଳସେଚିତ ଅଞ୍ଚଳକୁ ଅଣଜଳସେଚିତ କରାଯାଉ, ଗୋଟିଏ ବର୍ଷ ପାଣି ଦେଇ ଅନ୍ୟ ବର୍ଷ ପାଣି ବନ୍ଦ କରିବା ନୀତି ବନ୍ଦ କରିବା, ତଳମୁଣ୍ଡ ଉପରମୁଣ୍ଡ ସମସ୍ତଙ୍କୁ ପାଣି ଦିଆଯାଉ ଆଦି ପ୍ରମୁଖ ଦାବି ନେଇ ଗାଁର ସମସ୍ତ ଚାଷୀ ପରିବାର ସହିତ ଧାରଣାରେ ବସିଛନ୍ତି। ଅନ୍ୟପକ୍ଷେ ଡ୍ୟାମରୁ ପାଣି ଛାଡିବା ପାଇଁ ଜଳ ସେଚନ ବିଭାଗ ସହ ଜିଲା ପ୍ରଶାସନ ଅଧିକାରୀମାନେ ଧାରଣାସ୍ଥଳକୁ ଆସି ଦୀର୍ଘ ସମୟ ଧରି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ଧାରଣାସ୍ଥଳରେ ଜଳ ସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଗୌରାଙ୍ଗ ଚରଣ ସାହୁ, ଉପ ଜିଲାପାଳ ତରୁଣୀ ସେନ ନାଏକ, ନୂଆପଡା ତହସିଲଦାର ଦେବେନ୍ଦ୍ର ରାଉତ, ୨ଜଣ ଅତିରିକ୍ତ ତହସିଲଦାର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁନୀଲ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଏସଡିପିଓ ପ୍ରଶାନ୍ତ ପଟ୍ଟନାୟକ, ଧରମବନ୍ଧା ଆଇଆଇସି ଦିଲୀପ ଲେକ୍ରାଙ୍କ ସହ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଖବର ଲେଖିବା ପର୍ଯ୍ୟନ୍ତ ଧାରଣାରତ ଚାଷୀ ଓ ପ୍ରଶାସନ ମଧ୍ୟରେ କୌଣସି ସମାଧାନ ହୋଇନାହିଁ। ସୂଚନାଯୋଗ୍ୟ ଯେ, ତଳମୁଣ୍ଡ ଚାଷୀ ପାଣି ନ ମିଳିବାରୁ ଗତ ୧୫ ତରିଖରେ ୩୫୩ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ସେହିଦିନ ଜିଲା ପ୍ରଶାସନ ୧୮ ତାରିଖରେ ପାଣି ଛାଡିବା ପାଇଁ ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ବର୍ତ୍ତମାନ ଜିଲା ପ୍ରଶାସନ ପାଇଁ ମୁଣ୍ଡ ବ୍ୟାଥାର କାରଣ ହୋଇଛି।

# ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ତାଲା

ତରବୋଡ/ନୂଆପଡା ଅଫିସ, ୧୮।୧ (ଡି.ଏନ.ଏ.)

**ଜିଲାପାଳ, ଯୋଗାଣ ଅଧିକାରୀଙ୍କୁ ନ ଭେଟି ଚାଷୀ ନିରାଶ**

ନୂଆପଡା ଜିଲାପାଳ ଓ ଯୋଗାଣ ଅଧିକାରୀଙ୍କୁ ଭେଟି ସମସ୍ୟା ସମାଧାନ ପାଇଁ ଜିଲାର ଶତାଧିକ ଚାଷୀ ନୂଆପଡା ଆସିଥିଲେ। କାର୍ଯ୍ୟାଳୟରେ କୌଣସି ଅଧିକାରୀ ଉପସ୍ଥିତ ନ ଥିବାରୁ ଚାଷୀ ଉତ୍ୟକ୍ତ ହୋଇ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ତାଲା ପକାଇଥିଲେ। ୩୫୩ ନମ୍ବର ଜାତୀୟ ରାଜପଥ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅବରୋଧ କରିଥିଲେ। ଜୟ କିଷାନ ମଜଦୁର ସଂଗ୍ରାମ ପରିଷଦ ଆବାହକ ଯଦୁମଣୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ଜିଲାର ଶତାଧିକ ଚାଷୀ ଏକତ୍ରିତ ହୋଇ ଜିଲାର ୭୯ ଧାନ କ୍ରୟ କେନ୍ଦ୍ରରୁ ସବୁ ଧାନ ଉଠାଇବା ପାଇଁ ଦାବି କରି ଧାରଣାରେ ବସିଥିଲେ। ଧାରଣାସ୍ଥଳକୁ ଜିଲା ଯୋଗାଣ ଅଧିକାରୀ ଆସି ମଙ୍ଗଳବାର ସୁଦ୍ଧା ସବୁ ମଣ୍ଡିରୁ ଧାନ ଉଠା ହେବ ବୋଲି ପ୍ରତିଶ୍ରୁତି ଦେବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଦୀର୍ଘ ଅଢେଇ ଘଣ୍ଟ ରାସ୍ତା ଅବରୋଧ ହୋଥିଲା । ଆସନ୍ତା ୪୮ ଘଣ୍ଟା ମଧ୍ୟରେ ସବୁ ମଣ୍ଡିର ଧାନ ଉଠା ନ ଗଲେ ୨୧ ତାରିଖରେ ଜିଲାର ସମସ୍ତ ଚାଷୀ ନୂଆପଡା ଜିଲା କାର୍ଯ୍ୟାଳୟକୁ ସମ୍ପୂର୍ଣ୍ଣ ଅଚଳ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଆନ୍ଦୋଳନରେ ଅଭିନ୍ନ ପୁରୋହିତ, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ଭକ୍ତ ଧରୁଆ, କଲ୍ୟାଣ ଅହୀର, ମିନକେତନ ମାଝି, ଗରିବ ସେନାର ଆବାହକ ରବି ମଗରା, ଶଙ୍କର ଅହୀର, ଶିବ ପାତ୍ର, ବୃନ୍ଦାବନ ପ୍ରଧାନ, ଗୌରମଣି ବିଭାର, ପ୍ରିୟବନ୍ଧୁ ପାଢୀ ପ୍ରମୁଖ ସାମିଲ ହୋଇଥିଲେ।

## ୨ ଲକ୍ଷ ୬୫ ହଜାର ଟଙ୍କାର ସାଇବର ଠକେଇ

ଭବାନୀପାଟଣା, ୧୮।୧ (ଡି.ଏନ.ଏ.)

ଦିନକୁ ଦିନ ସାଇବର ଠକମାନେ ବିଭିନ୍ନ ମନଲୋଭା କଥା କହି ଲୋକଙ୍କ ଆକାଉଣ୍ଟରୁ ଟଙ୍କା ଗାଏବ କରିବାରେ ସଫଳ ହେଉଛନ୍ତି। ଏଥିପାଇଁ ବିଭିନ୍ନ ବିଜ୍ଞାପନ ମାଧ୍ୟମରେ ଲୋକଙ୍କୁ ସତର୍କ କରାଯାଉଛି। କିନ୍ତୁ ଲୋକ ଠକ ହାବୁଡରେ ପଡି ଲୁଟର ଶିକାର ହେଉଛନ୍ତି। କଳାହାଣ୍ଡି ଜିଲା ଭବାନୀପାଟଣାରେ ଏଭଳି ୨ ଲକ୍ଷ ୬୫ ହଜାର ଟଙ୍କାର ସାଇବର ଠକେଇ ହୋଇଛି। ଭବାନୀପାଟଣା ଶର୍ମା କଲୋନୀର ଜଣେ ଅବସରପ୍ରାପ୍ତ ବରିଷ୍ଠ ନାଗରିକ ଗଙ୍ଗାଧର ସୁବୁଦ୍ଧି ଓ ତାଙ୍କ ସ୍ତ୍ରୀ ଏହି ଠକେଇର ଶିକାର ହୋଇଛନ୍ତି। ଏ ନେଇ କଳାହାଣ୍ଡି ଏସ୍‌ପିଙ୍କ ସାଇବର ସେଲକୁ ଗଙ୍ଗାଧର ଜଣାଇବା ସହ ଭବାନୀପାଟଣା ଟାଉନ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି। ଗତ ଶନିବାର ୧୨ଟାରେ ଜିଓ ଫୋନ କଷ୍ଟମର କେୟାରରୁ କହୁଛି କହି କିଛି ପ୍ରୋବ୍ଲେମ ଅଛି କି ପଚାରିଥିଲେ ଜଣେ ଅଜଣା ବ୍ୟକ୍ତି। ଏହା ସମାଧାନ କରିଦେବା କହି ବ୍ୟକ୍ତିଗତ ଠିକଣା ମାଗି ନେଇଥିଲେ। ଏହାପରେ ଆପଣଙ୍କୁ ନୂଆବର୍ଷ ପାଇଁ ମାଗାଣା ଅଫର ଅଛି, ମୋବାଇଲ ଗିଫ୍ଟ ମିଳିବ ଏବଂ ୨୦ ହଜାର ଟଙ୍କା ମଧ କ୍ୟାସ ପ୍ରାଇଜ ପାଇବେ ବୋଲି କହିଥିଲେ। ଠକର ଇଷ୍ଟ୍ରକ୍‌ସନ୍ ଫଲୋ କରିଥିଲେ ଗଙ୍ଗାଧର। କିନ୍ତୁ ଠକ କିଛି ସମୟ ପରେ ଓଟିପି ନ ନେଇ ମଧ୍ୟ ଗଙ୍ଗାଧରଙ୍କ ଆକାଉଣ୍ଟରୁ ଗୁଗୁଲ ପେରେ ୨୦ ହଜାର ଲେଖାଏଁ ୫ ଥରରେ ୧ ଲକ୍ଷ ଟଙ୍କା ଓ ବ୍ୟାଙ୍କ ଆକାଉଣ୍ଟରୁ ୪୫ ହଜାର ନେଇ ଚାଲିଥିଲେ । ଏପରିକି ତାଙ୍କ ସ୍ତ୍ରୀଙ୍କ ଆକାଉଣ୍ଟରୁ ମଧ୍ୟ ୧ ଲକ୍ଷ ୨୦ ହଜାର ଟଙ୍କା ଠକ ନେଇ ଯାଇଛନ୍ତି। ଗଙ୍ଗାଧର ଓ ତାଙ୍କ ସ୍ତ୍ରୀଙ୍କ ଆକାଉଣ୍ଟରୁ ସମୁଦାୟ ୨ ଲକ୍ଷ ୬୫ ହଜାର ସାଇବର ଠକ ଫୋନରେ ପଡି ହରାଇଛନ୍ତି।

# କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ବଡ଼ପୂଝାରୀଗୁଡ଼ା ଚାମ୍ପିୟନ

କୋକସରା, ୧୮।୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ କୁସୁମଖୁଣ୍ଟି ଖେଳପଡିଆଠାରେ ମା’ ଆଦିଶକ୍ତି ନକ୍‌ଆଉଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ବାନେର ଓ ବଡପୁଝାରୀଗୁଡା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାନେର ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୬୫ ରନ ସଂଗ୍ରହ କରିଥିଲା। ବଡପୁଝାରୀଗୁଡା ଦଳ ୧୦ ଓଭରରେ ୬ ଉଇକେଟ ହରାଇ ୬୬ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ବାନେର ଦଳର ଚିତ୍ତା ମ୍ୟାନ୍ ଅଫ ଦି ସିରିଜ ଓ ଧିରେନ ମ୍ୟାନ ଅଫ୍ ଦି ମ୍ୟାଚ ଘୋଷିତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ମୌଷଧି ବାଗ, ମୋଟେର ସରପଞ୍ଚ ଇଂ. ସୁଶୀଲ କୁମାର ଶବର, ବିବେକ ଅଗ୍ରୱାଲ, ଘେନୁ ବେହେରା, ସୁଦର୍ଶନ ବେହେରା, ଡିଙ୍ଗର ବେହେରା, ମହେଶ୍ୱର କାଣ୍ଡ, ପଦ୍ମଲୋଚନ କାଣ୍ଡ, କୁଶଧର ବେହେରା, ରଘୁନାଥ ବେହେରା, ଲୁନା ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ବିଜୟୀ ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ହିରଣ୍ୟ ବେହେରା ଓ ଦୟା କର ଖେଳ ପରିଚାଳନା କରିଥିଲେ। ପପୁ ବେହେରା ସ୍କୋର ବୋର୍ଡ ଏବଂ ଧାରା ବିବରଣୀ ରାଜ କୁମାର ବାଗ ପ୍ରଦାନ କରିଥିଲେ। ଲିଙ୍ଗରାଜ ବେହେରା ଓ ଟିକିଶ୍ୱର ରାଉତି ମଞ୍ଚ ପରିଚାଳନା କରିଥିଲେ। ମା’ ଆଦିଶକ୍ତି କ୍ରିକେଟ ଟୁର୍ଣ୍ଣାମେଣ୍ଟ କମିଟି ସଭାପତି ରିଙ୍କୁ ଦାସ, ସମ୍ପାଦକ ମଣ୍ଟୁ ବେହେରା, କୋଷାଧ୍ୟକ୍ଷ ରାଜେଶ ବେହେରା, ଅଷ୍ଟ କାଣ୍ଡ, ରୁପେଶ, ସୂର୍ଯ୍ୟ, ପିନ୍ଟୁ, ଦିନେଶ, ପ୍ରମୋଦ, ଅମର, ହିରୋ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।


ଫାଇନାଲ ମ୍ୟାଚ୍ ଅବସରରେ ଅତିଥିଙ୍କ ଗହଣରେ ଖେଳାଳିମାନେ ।

# । ପିକ୍‌ନିକ୍ ସ୍ପଟ୍ ।
# ଗଦ୍‌ଗଦା ଜଳପ୍ରପାତ




ପାହାଡ଼ ପର୍ବତ ଘେରା ରାୟଗଡ଼ା ଜିଲାରେ ପ୍ରାକୃତିକ ସୌନ୍ଦର୍ଯ୍ୟ ତଥା ଝରଣା ଓ ଜଳପ୍ରପାତର ଅଭାବ ନାହିଁ। ହେଲେ ଏଥିମଧ୍ୟରୁ କେତୋଟି ଜିଲା ତଥା ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଥିବାବେଳେ ଆଉ କେତେକ ଦୃଷ୍ଟି ଆଢୁଆଳରେ ରହିଛି। ଜିଲାର ପ୍ରମୁଖ ଜଳପ୍ରପାତ ମଧ୍ୟରେ ବିଷମକଟକ ବ୍ଲକ୍ କୁର୍ଲି ପଞ୍ଚାୟତ ତଥା ନିୟମଗିରି ପର୍ବତାଞ୍ଚଳରେ ରହିଥିବା ଗଦ୍‌ଗଦା ଜଳପ୍ରପାତ ଅନ୍ୟତମ।

ମନଲୋଭା ପ୍ରାକୃତିକ ସୌନ୍ଦର୍ଯ୍ୟ ସହ ପ୍ରାୟ ୩୦ ରୁ ୪୦ ଫୁଟ ଉଚ୍ଚରୁ ଝରିଆସୁଥିବା ଝରଣା ଏବଂ ଶୈବପୀଠ ଏଠାକାର ପ୍ରମୁଖ ଆକର୍ଷଣ। ଏତଦ୍‌ବ୍ୟତୀତ ଆଦିମ ଜନଜାତି ଡଙ୍ଗରିଆଙ୍କ ଚାଲିଚଳଣି ଓ ନିୟମଗିରି ପର୍ବତର ସୌନ୍ଦର୍ଯ୍ୟ ଉପଭୋଗ କରିବା ସହ ଏହା ପରିସରରେ ପିକ୍‌ନିକ୍‌ର ମଜା ଉଠାଇବାକୁ ଏଠାରେ ଶୀତଋତୁରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ନିୟମଗିରି ପାହାଡ଼ର ସବୁଜିମାଭରା ଅଙ୍କାବଙ୍କା ରାସ୍ତାଦେଇ ଯିବାବେଳେ ଶୀତର ସ୍ପର୍ଶ ଏବଂ ରାସ୍ତା ପାର୍ଶ୍ୱରେ କଦଳୀ ବଗିଚା, କମଳା, ହଳଦୀ, ଅଦା ବଗିଚାର ଦୃଶ୍ୟ ମଧ ମନକୁ କମ୍ ଛୁଇଁ ନ ଥାଏ। ଚାଟିକଣା ତଥା ନିୟମଗିରି ପାଦଦେଶରେ ରହିଥିବା ଶୈବପୀଠକୁ ଇକୋ ଟୁରିଜମ୍ କରିବା ନିମନ୍ତେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଫଳକ ଲାଗିଥିଲା। କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ସୁବିଧା କରାଯାଇନାହିଁ। ସେହିପରି ୨୦୧୯-୨୦ ଆର୍ଥିକ ବର୍ଷରେ ବନ ବିଭାଗ ପକ୍ଷରୁ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଇକୋ ଟୁରିଜମ୍ ନିମନ୍ତେ ମଞ୍ଜୁର କରାଯାଇଥିଲା। କିନ୍ତୁ ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁ ତାହା ହୋଇପାରି ନ ଥିଲା। ଏବେ ବିଷମକଟକ ବ୍ଲକ୍ ପକ୍ଷରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପାଣ୍ଠିରୁ ୧୫ ଲକ୍ଷ ଟଙ୍କା ବ୍ୟୟରେ ଗଦ୍‌ଗଦା ଜଳପ୍ରପାତ ପରିସରର ଉନ୍ନତୀକରଣ କରାଯାଉଛି। ଏହି ଅଞ୍ଚଳର ବିକାଶ ହେଲେ ପର୍ଯ୍ୟଟକଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ମତପ୍ରକାଶ ପାଉଛି।

**କେମିତି ଯିବେ**

ରାୟଗଡ଼ା ସହରରୁ ୪୦କି.ମି. ଦୂରତାରେ ରହିଛି ଚାଟିକଣା। ସେଠାରୁ ୨କି.ମି. ପରେ ପଡ଼େ ପ୍ରସିଦ୍ଧ ଶୈବପୀଠ। ସେଠାରୁ ନିୟମଗିରି ପର୍ବତ ଉପରକୁ ଆଉ ୨.୫ କି.ମି. ବାଟ ଗଲେ ରାସ୍ତା ପାର୍ଶ୍ୱରେ ପଡ଼େ ଗଦ୍‌ଗଦା ଜଳପ୍ରପାତ।

– ରିପୋର୍ଟ: ବିଭୂତି ଭୂଷଣ ନାୟକ, ବିଷମକଟକ, ରାୟଗଡ଼ା

# ବର୍ଦ୍ଧିତ ଟ୍ୟାକ୍ସ ପ୍ରତ୍ୟାହାର ଦାବିରେ ଧାରଣା


ବରଗଡ଼ ପୌର କାର୍ଯ୍ୟାଳୟ ଆଗରେ ଭାଜପା କର୍ମୀଙ୍କ ଧାରଣା ।

ବରଗଡ଼ ଅଫିସ୍,୧୮।୧

ବରଗଡ଼ ପୌର ପରିଷଦର ପ୍ରସ୍ତାବିତ ବର୍ଦ୍ଧିତ ହୋଲ୍‌ଡ଼ିଂ ଟ୍ୟାକ୍ସକୁ ବିରୋଧ କରି ସୋମବାର ଭାଜପା ପକ୍ଷରୁ ସ୍ଥାନୀୟ ପୌର କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଥିଲା। ଏହାସହିତ ବର୍ଦ୍ଧିତ ହୋଲ୍‌ଡ଼ିଂ ଟ୍ୟାକ୍ସ ପ୍ରତ୍ୟାହାର କରିବା ଦାବି ନେଇ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ପୌର ନିର୍ବାହୀ ଅଧିକାରୀ ଡଃ ରାଜେଶ ସାହୁ ସ୍ମାରକପତ୍ର ଗ୍ରହଣ କରିଥିଲେ।

ପ୍ରକାଶ ଯେ, ବରଗଡ଼ ପୌର ପରିଷଦ ଅଞ୍ଚଳରେ ରହୁଥିବା ଅଧିକାଂଶ ଅଧିବାସୀ ନିମ୍ନ ତଥା ମଧ୍ୟମ ଶ୍ରେଣୀର ଅଟନ୍ତି। ବର୍ଦ୍ଧିତ ହୋଲ୍‌ଡ଼ିଂ ଟ୍ୟାକ୍ସ ପ୍ରଦାନ ସେମାନଙ୍କ ପକ୍ଷରେ ସମ୍ଭବ ନୁହେଁ। ପୌର ପରିଷଦର ବିଭିନ୍ନ ଅଞ୍ଚଳକୁ ମୌଳିକ ସୁବିଧା ସୁଯୋଗ ଅପହଞ୍ଚ ହୋଇପଡ଼ିଥିବା ବେଳେ ତାର ସମାଧାନ ବଦଳରେ ହୋଲ୍‌ଡ଼ିଂ ଟ୍ୟାକ୍ସ ବୃଦ୍ଧି କରିବା ସହରବାସୀଙ୍କ ପାଇଁ କଟା ଘା’ରେ ଚୂନ ଦେବା ଭଳି ହୋଇଛି। ଭାଜପା ଏଭଳି ଅଭିଯୋଗ ଆଣି ଏହାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଛି। ଦଳର ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ହୋଇଥିବା ଧାରଣାରେ ସାଧାରଣ ସମ୍ପାଦକ ରବି ନାରାୟଣ ଦାଶ, ପ୍ରୀତମ ସିଂ, ସୁବ୍ରତ ହୋତା, କୁଶ କୁମ୍ଭାର, ବିଜୟ ଦାସ, ଅବନୀକାନ୍ତ ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ।

# ସୁବର୍ଣ୍ଣପୁରରେ ଯୁବତୀଙ୍କୁ ଗଣବଳାତ୍କାର

ସୋନପୁର,୧୮।୧(ନି.ପ୍ର.)

**ସିସିଟିଭି ଫୁଟେଜ୍‌କୁ ନେଇ ପୋଲିସର ତନାଘନା**

ସୁବର୍ଣ୍ଣପୁର ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର କ୍ୟାମ୍ପସ୍‌ରେ ଜଣେ ଯୁବତୀଙ୍କୁ ସୋମବାର ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ଗଣବଳାତ୍କାର କରାଯାଇଛି। ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରର ସିସିଟିଭି ଫୁଟେଜ୍‌ରୁ ପୋଲିସକୁ ବଳାତ୍କାରୀଙ୍କ ସମ୍ପର୍କରେ ସୁରାକ ମିଳିଛି। ପୋଲିସ ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ତଦନ୍ତ ଜାରି ରଖିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ପାରିନାହିଁ।

ପୀଡିତାଙ୍କ ଘର ବଲାଙ୍ଗୀରରେ। ସେ ତାଙ୍କ ମା’ଙ୍କ ସହିତ ସୋନପୁର ସହରକୁ ଆସି ଭଡା ଘରେ ରହୁଥିଲେ। ଯୁବତୀ ଓ ତାଙ୍କ ମା’ ଲୋକଙ୍କ ଘରେ କାମ ଧନ୍ଦା କରି ଚଳୁଥିଲେ। ପୀଡିତାଙ୍କ କହିବା ଅନୁଯାୟୀ, ପୂର୍ବାହ୍ନରେ ୨ଜଣ ଯୁବକ ତାଙ୍କ ଘରକୁ ଆସିଥିଲେ। ସର୍କିଟ୍ ହାଉସ୍ ନିକଟ ଅଫିସରେ ଭୋଜିଭାତ ହେଉଛି, ତେଣୁ ସଫେଇ କରିବାକୁ କହି ତାଙ୍କୁ ଡାକି ନେଇଥିଲେ। ଅବ୍ୟବହୃତ ହୋଇ ପଡିଥିବା ତାଲିମ କେନ୍ଦ୍ରର ପଛ ପଟ ଦେଇ ତାଙ୍କୁ ଭିତରକୁ ନେଇ ଯାଇଥିଲେ। ସେଠାରେ ଦୁହେଁ ବଳାତ୍କାର କରିଥିବା ପୀଡିତା ସୋନପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପୀଡିତାଙ୍କ ଡାକ୍ତରୀ ମାଇନା କରିଛି । ଏ ସମ୍ପର୍କରେ ଥାନାରେ ଏକ ମାମଲା ରୁଜୁ ହୋଇଛି। ସୂଚନା ପାଇ ଅତିରିକ୍ତ ଏସ୍‌ପି ରମେଶ ଚନ୍ଦ୍ର ପାଣିଗ୍ରାହୀ, ଉତ୍କଳ କେଶରୀ ଦାସ, ଡିଏସ୍‌ପି ଆନନ୍ଦ ବର୍ଦ୍ଧନ ଗୁରୁ, ହେମସାଗର ନନ୍ଦ ଓ ଆଇଆଇସି ପୁଷ୍ପେନ୍ଦୁ ସାଗର ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ସର୍କିଟ୍ ହାଉସ ନିକଟ ତାଲିମ କେନ୍ଦ୍ରକୁ ପ୍ରଥମ ଏଜୁକେଶନ ଫାଉଣ୍ଡେସନ ନାମକ ସଂସ୍ଥା ଭଡାରେ ନେଇ ବେକାର ଯୁବତୀ ଯୁବକଙ୍କୁ ପାଇପ୍ ମିସ୍ତ୍ରି ତାଲିମ ଦେଉଥିଲେ। କୋଭିଡ୍ ୧୯ ମହାମାରୀ ପାଇଁ ଗତ ୧୦ମାସ ଧରି ଏଠାରେ ତାଲିମ କାର୍ଯ୍ୟ ବନ୍ଦ ରହିଛି ।

# ଧାନ ଉଠାଉନାହାନ୍ତି ମିଲର୍ସ

କେସିଙ୍ଗା, ୧୮।୧ (ଡି.ଏନ.ଏ.)


ବାଲସି ମଣ୍ଡିରେ ୧୯ ଦିନ ହେଲା ଧାନ ପଡିଛି।

**ବାଲସି ମଣ୍ଡି**

- ମଣ୍ଡିରେ ପଡ଼ିଛି ଶହ ଶହ କୁଇଣ୍ଟାଲ ଧାନ
- ପ୍ରଶାସନ ନିକଟରେ ଚାଷୀଙ୍କ ଅଭିଯୋଗ

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧୀନ ବାଲସି ଧାନ ମଣ୍ଡିରେ ଗତ ନଭେମ୍ବର ୨୫ରୁ ଧାନ କିଣା ଆରମ୍ଭ ହୋଇଥିଲା। କିନ୍ତୁ ଗତ ଡିସେମ୍ବର ୩୧ରୁ ୩୯ଜଣ ଚାଷୀଙ୍କ ୧୭୦୦ କୁଇଣ୍ଟାଲ ଧାନ ମଣ୍ଡିରେ ପଡି ରହିଛି। ୧୯ ଦିନ ବିତିଯାଇଥିଲେ ମଧ ଧାନ ଉଠାଇବା ପାଇଁ ଉକ୍ତ ମଣ୍ଡିରେ ନିୟୋଜିତ ୨ ରାଇସ ମିଲର ଆସୁନାହାନ୍ତି। ଉକ୍ତ ୨ ମିଲରଙ୍କୁ ଜିଲା ଯୋଗାଣ ବିଭାଗ ଧାନ ଉଠାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଦୁଇଟି ମିଲ ଅରୁଆ ଚାଉଳ କରୁଥିବାରୁ କେବଳ ପୂଜା ଓ ସ୍ୱର୍ଣ୍ଣା ଧାନ ନେବାକୁ ଚାହୁଁଥିବା ବେଳେ ବାକି ଧାନ ନେବା ପାଇଁ ରାଜି ହେଉ ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଧାନ ନ ଉଠିବାରୁ ୧୯ ଦିନ ହେଲା ଶୀତରେ ୩୯ଜଣ ଚାଷୀ ଖୋଲା ପଡିଆରେ ଜଗି ରହିଛନ୍ତି। ଉକ୍ତ ମଣ୍ଡିରେ ୨୩ ହଜାର ୫୬୫ କୁଇଣ୍ଟାଲ ଧାନ ଚାଷୀଙ୍କଠାରୁ ଲିଫ୍ଟିଂ କରିବା ପାଇଁ ଟାର୍ଗେଟ ଦିଆଯାଇଥିଲା। ଆଜି ଯାଏ ୧୦ ହଜାର କୁଇଣ୍ଟାଲ ଧାନ ଲିଫ୍ଟିଂ କରିସାରିଥିବା ବେଳେ ଚାଷୀଙ୍କଠାରୁ କୁଇଣ୍ଟାଲ ପିଛା ୭ କେଜିରୁ ଊର୍ଦ୍ଧ୍ୱ ଧାନ କଟନୀ ପାଇଁ ମିଲର୍ସଙ୍କ ଏଜେଣ୍ଟ ଅଡି ବସୁଥିବା ଚାଷୀ ଅଭିଯୋଗ କରିଛନ୍ତି । ଏଥି ପୂର୍ବରୁ ୧୭ ଶତକଡା ମଧ୍ୟରେ ଆର୍ଦ୍ରତା ଥିବା ଧାନକୁ କୁଇଣ୍ଟାଲ ପିଛା ଅଧିକ ୫ରୁ ୭ କେଜି ଧାନ ଚାଷୀଙ୍କଠାରୁ ନେଇ ଲିଫ୍ଟିଂ କରୁଥିଲେ। ଧୀରେ ଧୀରେ ଟୋକନ ପାଇଥିବା ଚାଷୀଙ୍କ ଧାନ ମଣ୍ଡିରେ ଗଚ୍ଛିତ ହେବାରେ ଲାଗିଲା। ଶୀତ କାକର ଖାଇ ଚାଷୀ ଖୋଲା ଆକାଶ ତଳେ ପଡି ରହିଛନ୍ତି। ଏ ନେଇ ଚାଷୀମାନେ ପ୍ରଶାସନ ନିକଟରେ ଅଭିଯୋଗ କରିବାରୁ ଗତ ରବିବାର କେସିଙ୍ଗା ତହସିଲଦାର ଗଣ୍ଡାରାମ ଖମାରୀ, ଯୋଗାଣ ସହକାରୀ ନିରୀକ୍ଷଣ ପ୍ରଶାନ୍ତ କୁମାର ସ୍ୱାଇଁ, କେସିଙ୍ଗା କୃଷି ବିଭାଗ ସହକାରୀ ଅଧିକାରୀ ବିଶ୍ୱନାଥ ମହାପାତ୍ର ଉକ୍ତ ମଣ୍ଡିରେ ପହଞ୍ଚି ଆଲୋଚନା କରିଥିଲେ ଏବଂ ତୁରନ୍ତ ଏହାର ସମାଧାନ କରିବା ପାଇଁ ଚାଷୀଙ୍କୁ ପ୍ରତିଶ୍ରୁତି ଦେଇ ଚାଲିଗଲେ। ଚାଷୀକୂଳ ଶୋଷଣର ଶୀକାର ହେଉଥିବା ବେଳେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଯୋଗୁ ଚାଷୀମାନେ ହଇରାଣ ହେଉଛନ୍ତି। ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

# ଟିକା ନିଅନ୍ତୁ ନେତା

ଭାରତରେ କୋଭିଡ୍–୧୯ ଟିକାର ଶୁଭାରମ୍ଭ ୧୬ ଜାନୁୟାରୀରେ ହେବା ପରେ ଏହାକୁ ମଣିଷ ପାଇଁ ବରଦାନ ସଦୃଶ ବୋଲି କୁହାଯାଉଛି। ନେତାମାନେ ଦେଶର ବିଭିନ୍ନ ପ୍ରାନ୍ତରେ ରହି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଟିକା କେତେ ନିରାପଦ ସେହି ବିଷୟରେ ଲୋକଙ୍କ ମନରେ ସନ୍ଦେହ ଉପୁଜିଲା ବେଳକୁ ଉତ୍ତର ପ୍ରଦେଶର ମୋରଦାବାଦର ଏକ ସରକାରୀ ହସ୍ପିଟାଲର କର୍ମଚାରୀ ଟିକା ନେଇ ମୃତ୍ୟୁ ଘଟିବା ଆଶଙ୍କା ବଢ଼ାଇ ଦେଇଛି। ସମ୍ପୃକ୍ତ ବ୍ୟକ୍ତି ୧୬ ତାରିଖରେ ଟିକା ନେଇଥିବା ବେଳେ ଗୋଟିଏ ଦିନ ପରେ ତାଙ୍କର ମୃତ୍ୟୁ ଘଟିଛି। ପରିବାର ଲୋକ ତାଙ୍କ ମୃତ୍ୟୁ ପାଇଁ ଟିକାକୁ ଦାୟୀ କରିଥିବା ବେଳେ ସେଠାକାର ଚିଫ୍ ମେଡିକାଲ ଅଫିସର ସେହି ମୃତ୍ୟୁ ସହ ଟିକାର ସମ୍ପର୍କ ନାହିଁ ବୋଲି କହିଛନ୍ତି। ବାସ୍ତବ ବିଷୟ ହେଉଛି, ଖୁବ୍ କମ୍ ସମୟ ମଧ୍ୟରେ ବିକଶିତ ହୋଇଥିବା ଟିକା କେଉଁଭଳି ଭାବେ ଫଳପ୍ରଦ ହୋଇପାରିବ, ତାହା ଅନେକଙ୍କୁ ଚିନ୍ତାରେ ପକାଇ ଦେଇଛି। ବିଶ୍ୱ ପ୍ରେକ୍ଷାପଟରେ ଦେଖିଲେ ସଦ୍ୟ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ବିଭିନ୍ନ ଦେଶରେ ହୋଇଥିବା ଟିକାକରଣ ଯୋଗୁ ଅଦ୍ୟାବଧି ୮୪ ଜଣଙ୍କ ପ୍ରାଣହାନି ଘଟି ସାରିଲାଣି ଏବଂ ଅନେକଙ୍କଠାରେ ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖାଦେଉଛି। ଏପରିକି ଇସ୍ରାଏଲ୍, ଯେଉଁଠାରେ ଦ୍ରୁତଗତିରେ ଟିକାକରଣ କରାଯାଉଛି ସେଠାରେ କେତେକଙ୍କର ମୁହଁ ପକ୍ଷାଘାତ ହୋଇଯାଇଥିବା ଦେଖିବାକୁ ମିଳିଛି।

ଭାରତ ଭଳି ଏକ ବୃହତ୍ ଜନସଂଖ୍ୟାବହୁଳ ଦେଶରେ ସମସ୍ତଙ୍କୁ ଟିକାକରଣ ନିଶ୍ଚିତ ଭାବେ କଷ୍ଟକର ବ୍ୟାପାର। ଏହା କେତେ ବର୍ଷ ଲାଗିବ କାହାରିକୁ ଜଣାନାହିଁ। ଏଥିସହିତ ପ୍ରଥମ ପର୍ଯ୍ୟାୟରେ ୩ କୋଟି ଲୋକଙ୍କୁ ଟିକା ଦିଆଯିବା ଲାଗି କେନ୍ଦ୍ର ସରକାର ଖର୍ଚ୍ଚ କରିବାକୁ ଆଗଭର ହୋଇ ବାହାରି ପଡ଼ିଥିବା ବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ଅବଶିଷ୍ଟ ୧୨୫ କୋଟିରୁ ଉର୍ଦ୍ଧ୍ୱ ଲୋକଙ୍କୁ କିଏ ଟିକା ଦେବ ଓ ସେଇ ଖର୍ଚ୍ଚ କିଏ ବହନ କରିବ ତାହାର କୌଣସି ସ୍ପଷ୍ଟ ଚିତ୍ର ସରକାର ଦେଉନାହାନ୍ତି। ଏହାଠାରୁ ଯେଉଁ ବିଷୟଟି ଗମ୍ଭୀର ସ୍ଥିତି ସୃଷ୍ଟି କରିଛି ତାହା ହେଲା ବିଶ୍ୱାସର ସଙ୍କଟ। ଭାରତରେ କୌଣସି ବଡ଼ ରାଜନୈତିକ ବ୍ୟକ୍ତି କିମ୍ବା ଜଣାଶୁଣା ସେଲିବ୍ରିଟିମାନେ ଟିକା ନେବାକୁ ଆଗେଇ ଆସିନାହାନ୍ତି। ଯେଉଁ ନେତାଙ୍କୁ ଏ ବିଷୟରେ ପଚରାଗଲେ ଶୁଣିବାକୁ ମିଳୁଛି ସାଧାରଣ ଲୋକମାନେ ନେଇ ସାରନ୍ତୁ ଆମେ ନେବୁ। କାରଣ ସେମାନଙ୍କ ସ୍ୱାସ୍ଥ୍ୟ ଚିନ୍ତା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। ପ୍ରକୃତରେ ଏଭଳି ବାହାପିଆ କଥା କେତେଦୂର ବିଶ୍ୱାସଯୋଗ୍ୟ ଆମେ ବୁଝିପାରୁଛୁ। ଏହି ପୃଷ୍ଠଭୂମିରେ ଦେଖିଲେ ଅନେକ ବିଶ୍ୱ ନେତା ଆଗେ ଟିକା ନେଇ ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ସୃଷ୍ଟି କରିପାରିଛନ୍ତି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ୭୧ ବର୍ଷୀୟ ବେଞ୍ଜାମିନ୍ ନେତ୍ନ୍ୟାହୁ ୨୦ ଡିସେମ୍ବରରେ ଟିକା ନେଇଥିବା ବେଳେ ଡିସେମ୍ବର ୨୨ରେ ଆମେରିକାର ନବନିର୍ବାଚିତ ରାଷ୍ଟ୍ରପତି ୭୮ ବର୍ଷୀୟ ଜୋ ବାଇଡେନ୍ ଟିକାକରଣ କ୍ଲବରେ ସାମିଲ ହୋଇଛନ୍ତି। ସେହିଭଳି ଆମେରିକାର ନବନିର୍ବାଚିତ ଉପରାଷ୍ଟ୍ରପତି କମଳା ହାରିସ, ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ ଜନ୍ସନ୍ ଓ ପ୍ରାୟ ସବୁ ଦେଶର ମୁଖ୍ୟମାନେ ଆଗେ ଖୋଲାଖୋଲି ଟିକା ନେବା ପରେ ଦେଶବାସୀଙ୍କ ପାଇଁ ବ୍ୟବସ୍ଥା କରୁଛନ୍ତି। ଏହା ସ୍ୱାର୍ଥପର ମନୋଭାବ କହିବା ଅନୁଚିତ। ନିଜେ ନେତାମାନେ ନେଇସାରିବା ପରେ ଅନ୍ୟମାନଙ୍କୁ ଦେଲେ ବିଶ୍ୱାସ ବୃଦ୍ଧି ପାଇପାରନ୍ତା। ବିଶେଷକରି ଭାରତ ବାୟୋଟେକ୍ ଦ୍ୱାରା ପ୍ରସ୍ତୁତ କୋଭାକ୍ସିନ୍ ଟିକାକୁ ଦେଶର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ସବୁ ରାଜ୍ୟର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ, ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ଓ ଅନ୍ୟାନ୍ୟ ବିଚାରପତି, ସବୁ ରାଜ୍ୟ ହାଇକୋର୍ଟର ମୁଖ୍ୟ ବିଚାରପତି ଓ ବିଚାରପତିଙ୍କ ସହ ବରିଷ୍ଠ ସରକାରୀ ଅଧିକାରୀ ଏବଂ ତିନି ସେନା ଅଧକ୍ଷ ଟିକା ନେଇ ଲୋକଙ୍କ ମନରେ ଏଥିପ୍ରତି ବିଶ୍ୱାସ ସୃଷ୍ଟିକରିବା କଥା। ଏହା ଅଧିକ ଗୁରୁତ୍ୱ ଧାରଣ କରୁଛି, କାରଣ ଆଲୋଚନା କରାଯାଉଛି ଯେ ଭାରତ ବାୟୋଟେକ୍‌ର ଟିକା ସମ୍ପୂର୍ଣ୍ଣ ଭାବେ ପ୍ରଭାବହୀନ। ତାହାର ପରୀକ୍ଷା ବିଧିବଦ୍ଧ ଓ ଉଚିତ ଭାବେ କରାଯାଇ ନାହିଁ। ତଥାପି କେନ୍ଦ୍ର ସରକାର ଏଇ ଟିକା ପାଇଁ ଅଧିକ ଚାପ ପକାଉଥିବା ହେତୁ ବଡ଼ବଡ଼ିଆମାନେ ଏହାର ହିତାଧିକାରୀ ହେଲେ ଟିକାର ଯୋଗ୍ୟତାକୁ ଖୁଣିହୁଅନ୍ତା ନାହିଁ।

ଭାରତରେ ଟିକାକରଣକୁ ରାଜନୈତିକ ଫାଇଦାର ଅସ୍ତ୍ର ଭାବେ ବ୍ୟବହାର କରାଯାଉଛି। କୋଭିଡ୍–୧୯ର ପ୍ରାଦୁର୍ଭାବ କମି ଆସୁଥିଲେ ମଧ୍ୟ ତାହାକୁ ବିରାଟ ଭାବେ ଦର୍ଶାଯାଇ ପ୍ରଚାର ଚାଲିଛି। କୌଣସି ମହାମାରୀକୁ ପ୍ରତିହତ କରିବା ଲାଗି ଜନଜାଗରଣ ନିତାନ୍ତ ଜରୁରୀ। ମନେହେଉଛି ଯେପରି ଭାରତରେ ସୀମା ଟପିଯାଇଛି। କେବଳ କରୋନା ଓ ତାହାର ଟିକା ହୋଇଯାଇଛି ଏକମାତ୍ର ଆଲୋଚନାର ବିଷୟ। ସେପଟେ ଅର୍ଥନୀତି ବୁଡ଼ିଗଲାଣି ଏବଂ ଭାରତର ସୀମାନ୍ତ ଅଞ୍ଚଳକୁ ଚାଇନା ମାଡ଼ିବସିବା ସହ ଯୁଦ୍ଧ ପ୍ରସ୍ତୁତି ଆରମ୍ଭ କଲାଣି। ମୌଳିକ ସମସ୍ୟାକୁ ଧ୍ୟାନ ଦେବା ପରିବର୍ତ୍ତେ, ହୁଏତ ଜାଣିଶୁଣି ଆମ ସମସ୍ତଙ୍କ ଦୃଷ୍ଟି ଭିନ୍ନ ଦିଗକୁ ଠେଲି ଦିଆଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୯ ଜାନୁୟାରୀ ୧୯୯୬

- ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର ବୋମା ବିସ୍ଫୋରଣ ଘଟଣାରେ ସଂପୃକ୍ତ ୧୦ ଜଣ ମୁସଲମାନ ଉଗ୍ରପନ୍ଥୀଙ୍କୁ ଆମେରିକାର ଏକ ଅଦାଲତ ମୃତ୍ୟୁଦଣ୍ଡ ପ୍ରଦାନ କରିଛନ୍ତି।
- ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଜାତୀୟ ସାମୁଖ୍ୟର ଅଧକ୍ଷ ନନ୍ଦମୁରୀ ତାରକ ରାମାରାଓଙ୍କ ୭୩ ବର୍ଷ ବୟସରେ ପରଲୋକ।
- ବିଶିଷ୍ଟ ଚିତ୍ରଶିଳ୍ପୀ ଶିବ ପାଣିଗ୍ରାହୀ କେନ୍ଦ୍ରୀୟ ଲଳିତକଳା ଏକାଡେମୀ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 9 | | | | | | A | 3 | 5 | | | | 6 | 1 |
| 1 | E | 3 | | | D | | 2 | | 9 | C | | | | |
| 7 | 2 | | | 6 | | | C | | | | | A | D | |
| | B | 6 | | | | | 0 | | 7 | | | | | 9 |
| | | | | A | E | | | | | | | | | 8 |
| | | | | 8 | 4 | | B | 9 | | 2 | C | | | 3 |
| D | 3 | | | | 7 | E | | | A | | 5 | | | |
| C | | | | | | | | | 4 | | 8 | | B | |
| | | | | | | | | 1 | | 7 | | 6 | 0 | |
| | | | | | 1 | | 8 | 5 | B | | | D | | 2 |
| | | | 5 | 3 | 0 | | | | | 4 | D | | 7 | |
| | 5 | 9 | | | C | 2 | 3 | 7 | | E | | 0 | 1 | |
| | A | | | 9 | | | | | | B | | 5 | C | 6 |
| 6 | | | | | | | E | 0 | | | 2 | | 9 | |
| | | | | | | | 1 | | C | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 1 | 6 | 7 | 4 | C | B | A | E | 2 | 3 | 0 | 9 | 8 | D |
| 0 | 8 | B | 5 | 6 | D | 9 | 1 | C | A | 7 | E | 4 | 2 | 3 |
| 4 | A | 2 | 3 | 0 | 9 | 5 | 7 | D | 8 | C | 6 | 1 | B | E |
| 7 | D | C | E | A | 1 | 2 | 8 | 3 | B | 4 | 9 | 0 | 6 | 5 |
| E | 9 | 3 | B | 2 | 8 | 4 | 6 | 0 | D | 1 | 5 | C | 7 | A |
| 6 | 4 | 0 | C | 8 | E | 7 | 9 | B | 5 | 2 | A | D | 3 | 1 |
| 9 | 5 | 8 | D | 1 | 7 | 6 | 3 | A | E | 0 | C | B | 4 | 2 |
| 1 | 7 | D | A | 3 | 6 | E | C | 2 | 4 | B | 8 | 5 | 0 | 9 |
| 3 | 2 | A | 0 | B | 5 | 8 | 4 | 1 | 7 | 9 | D | 6 | E | C |
| C | B | E | 2 | 9 | 4 | D | 0 | 5 | 1 | 6 | 3 | 7 | A | 8 |
| A | 3 | 9 | 8 | C | 0 | 1 | E | 7 | 6 | 5 | B | 2 | D | 4 |
| D | 0 | 4 | 6 | 5 | A | 3 | 2 | 9 | C | 8 | 7 | E | 1 | B |
| 8 | 6 | 5 | 9 | E | 2 | 0 | B | 4 | 3 | D | 1 | A | C | 7 |
| B | E | 1 | 4 | 7 | 3 | C | D | 6 | 9 | A | 2 | 8 | 5 | 0 |
| 2 | C | 7 | 1 | D | B | A | 5 | 8 | 0 | E | 4 | 3 | 9 | 6 |

ଗତକାଲିର ଉତ୍ତର



# ଯନ୍ତ୍ରୀକୃତ ଅମଳର ପରିବେଶୀୟ ପ୍ରଭାବ

ଡ. ଦେବାନନ୍ଦ ବେଉରା

କୋଭିଡ୍ କଟକଣା କମ୍ ହେଉ ହେଉ ମନହେଲା ଟିକେ ବାହାରେ ଯାଇ ବୁଲି ଆସିବାକୁ। ଭୁବନେଶ୍ୱର ବାହାରକୁ ବାହାରିଗଲା ପରେ ତଥା ଲକ୍ଷ୍ୟସ୍ଥଳ ନିର୍ଦ୍ଦିଷ୍ଟ ନ ଥିବାରୁ ପାଚିଲା ଧାନ କ୍ଷେତର ସୁନେଲି ଶିହରଣରେ ଆପେ ଆପେ ବାଟଭାଙ୍ଗି ଚାଲି ଗଲି କିଛି ଦୂର। ଧାନର ଅମଳ ସମୟ। ଧାନ ଅମଳ ଚାଲିଛି କିନ୍ତୁ କଟାଳି ନାହାନ୍ତି କି ଧାନ କଟାଯାଉ ନାହିଁ। ଜମିରେ କଚଡା ପଡିନି କି ହଳା ବନ୍ଧା ହେଉନି। ବାହୁଙ୍ଗି ଭାରରେ ଗୋଚ୍ଛା ହିସାବରେ ଧାନ ଉଠୁନି ବିଲରୁ। ଧାନ ଖଳାଟେ ମିଳିଲାନି କି ଧାନଗଦା ଗୋଟେ ଦେଖିଲିନି। କେବଳ ଧାନ ଅମଳ ମେଶିନ ଆଉ କେତୋଟି ଟ୍ରାକ୍ଟରର ଗର୍ଜନ। ନିମିଷକେ ପୋଛି ଦେଉଛି କିଆରି କିଆରି ଧାନକେଣ୍ଡା। ଧାନ ବାଡ଼ା, ଉଡ଼ା ସବୁ ମେଶିନ ଦ୍ୱାରା। ଫଟାଫଟ ଭରିଦେଉଛି ଟ୍ରାକ୍ଟରର ଡାଲା। ଯାହା ରହିଯାଉଛି ବିଲରେ ଖାଲି ବିସ୍ତୃତ ପରିମିତ ନଡା–କୁଟା, ଧୂସ ଓ ଅନ୍ୟାନ୍ୟ ଅବଶିଷ୍ଟାଂଶ। ଆଉ ଦେଖିବାକୁ ମିଳୁଛି ଭେଡ଼ା ସାରା ଠାଏ ଠାଏ ନଡ଼ା ଜଳୁଥିବାର ଦୃଶ୍ୟ। ମନେପଡିଗଲା ପଞ୍ଜାବ, ହରିୟାଣା ସମେତ ଉତ୍ତର ଭାରତରେ କ୍ଷେତ ନିଆଁ ଜଳିବାର ପରିଣତି। ନଭେମ୍ବର– ଡିସେମ୍ବର ମାସରେ ସେସବୁ ସ୍ଥାନରେ ବିଶେଷ କରି ଦିଲ୍ଲୀରେ ସୃଷ୍ଟି ହେଉଥିବା ବାୟୁ ପ୍ରଦୂଷଣର ଉତ୍କଟ ରୂପ ; ଯେଉଁଥିରେ ମୁଖ୍ୟ ଭୂମିକା ଗ୍ରହଣ କରୁଛି ହଜାର ହଜାର ହେକ୍ଟର ଜମିରେ ନଡା ପୋଡାରୁ ବାହାରୁଥିବା ଧୂଆଁ। କାହିଁ ଏଠାରେ କୃଷିରେ କଳ କାଲିକୁ କାଳ ସାଜିବନି ତ ଆମ ପାଇଁ। ଦିଲ୍ଲୀ ପରି ଭୁବନେଶ୍ୱର, କଟକ ଆଜି ଆମର ବଡ ବଡ ସହର ନଡା ନିଆଁ, ଧୂଆଁରେ କବଳିତ ହେବନି ତ ଆଉ। ଯନ୍ତ୍ରୀକୃତ କୃଷି ନିଶ୍ଚିତ ରୂପେ ଏକ ବୈପ୍ଳବିକ ପରିବର୍ତ୍ତନ। ଏଥିରେ ସମୟ ବଞ୍ଚୁଛି, ଲାଭ ବଢୁଛି ତଥା କମ ପରିଶ୍ରମ ପଡୁଛି। କିନ୍ତୁ ପ୍ରକାରାନ୍ତରେ ଏହା ଯେ ପରିବେଶ ପରିପନ୍ଥୀ ତାହା ଆମେ ଭଲ ଭାବେ ଜାଣିସାରିଲେଣି।

ଆପଣ କହିପାରିବେ ଗଲା କିଛି ବର୍ଷ ମଧ୍ୟରେ ଧାନ ଅମଳରେ ଯାନ୍ତ୍ରିକ ସହାୟତାର ଧାରା ଚାଲି ଆସିଛି। ଏଥିରେ ନୂତନତ୍ୱ କ'ଣ। ହଁ ଏହା ନିଶ୍ଚିତ ଯେ, କୃଷିରେ ବିବର୍ତ୍ତିତ ପଦ୍ଧତିର ପ୍ରୟୋଗ ସ୍ୱାଗତଯୋଗ୍ୟ, କିନ୍ତୁ ସମସ୍ୟା ବଢାଉଛି କ୍ଷେତରେ ପଡି ରହୁଥିବା ଶସ୍ୟ ଅବଶିଷ୍ଟାଂଶ। କ୍ଷେତକୁ ପରବର୍ତ୍ତୀ ଫସଲ ନିମିତ୍ତ ପ୍ରସ୍ତୁତ କରିବା ପାଇଁ କୁଢ କୁଢ ନଡ଼ା ପାଳକୁ ନିଆଁ ଲଗେଇ ଦେବା ବ୍ୟତିରେକେ ଚାଷୀ ପାଖରେ ସହଜ ଓ ଶସ୍ତା ଉପାୟ ଆଉ କିଛି ନାହିଁ। କୃଷି କ୍ଷେତକୁ ନିଆଁ ଲଗାଇ ସଫା କରିବାର ପ୍ରକ୍ରିୟାଟା ମୋ ଜାଣିବାରେ ଆମ ରାଜ୍ୟର ପାରମ୍ପରିକ କୃଷି କାର୍ଯ୍ୟରେ ନ ଥିଲା। ନିଆଁ ଜାଳିବା ଦରକାର ବା କ'ଣ ଥିଲା। ଦା ସାହାଯ୍ୟରେ ହାତରେ ଧାନ କଟା ହେଉଥିଲା, ପୂରା ମୂଳରୁ ପୋଛିକି, କାରଣ ଛଣ ଭଲ ମିଳିବ। କିଛି ଖାଲ ବିଲରେ ପାଣି ଶୁଖୁ ନ ଥିଲେ ଚାଖଣ୍ଡେ ହାତେ ଛାଡି ଧାନ କଟାଯାଉଥିଲା। ପରବର୍ତ୍ତୀ ସମୟରେ ସେତକ ବି ରହୁ ନ ଥିଲା। ଗ୍ରାମୀଣ ଜାଳେଣି ଆବଶ୍ୟକତାକୁ ବହୁ ପରିମାଣରେ ମେଣ୍ଟାଉଥିଲା ନଡାମୂଳ। କିନ୍ତୁ ଧୀରେ ଧୀରେ ସାଧାରଣ ଜନତାର ଜୀବନଶୈଳୀରେ ସୁଧାର, ଆର୍ଥିକ ସ୍ୱଚ୍ଛଳତା ଓ ବ୍ୟବହାରିକ ପରିବର୍ତ୍ତନ ସହିତ ତାଳଦେଇ କୃଷି କାର୍ଯ୍ୟ ମଧ୍ୟ ବଦଳିବାକୁ ଲାଗିଲା। କୃଷି ଶ୍ରମିକଙ୍କ ଅଭାବ ଦେଖାଦେଲା। ଛଣ ଛପର ଘରର ସ୍ଥାନ କୋଠାଘର ନେଲା, ଗୃହପାଳିତ ଗୋରୁ ସଂଖ୍ୟା କମିଗଲା ଓ ସେମାନଙ୍କ ଖାଇବା ପାଇଁ ଛଣ ପାଳର ଆବଶ୍ୟକତା ରହିଲା ନାହିଁ। ଆଜିକାଲି ଅଧିକ ଅମଳକ୍ଷମ ତଥା କମ୍ ବାସୁମତି ଧାନ ଚାଷ ହେଉଥିବାରୁ ଏବଂ ସେହି ନଡାରେ ଅଧିକ ସିଲିକା ମାତ୍ରା ରହୁଥିବାରୁ ତାହା ଗୋଖାଦ୍ୟ ଉପଯୋଗୀ ହୋଇପାରୁନାହିଁ। ଛଣ କୁଟାର ପାରମ୍ପରିକ ଜାଳେଣି ବ୍ୟବସ୍ଥା ବନ୍ଦ ହୋଇଗଲା। ଏହାକୁ ତାଳଦେଇ କୃଷି କାର୍ଯ୍ୟରେ ଆଧୁନିକ ପଦ୍ଧତି, ଯନ୍ତ୍ରପାତି ଓ ମେଶିନ ଆଦି ଧସେଇ ପଶିଲେ। ତେଣୁ ଚାଷୀ କ୍ଷେତରୁ ନଡା କାହିଁକି ଆଣିବ। ଧାନ ଅମଳ କରି ନଡା ଜାଳିଦେଲେ ଗଲା। ଧୂଆଁ ତ କୁଆଡେ ଚାଲିଯିବ, ପାଉଁଶ ତ ଜମିକୁ ଜୋର ଦେବ। ସେ କାହିଁ ବୁଝିବ ବାୟୁ ପ୍ରଦୂଷଣର କାରଣ, ପରିଣାମ।

ପ୍ରଚୁର ପରିମାଣରେ ନଡା ଜାଳିବା ଦ୍ୱାରା ସେଥିରୁ ଅତି ସୂକ୍ଷ୍ମ କଣିକା (ପିଏମ୨.୫ ଏବଂ ୧୦), ଅଙ୍ଗାରକାମ୍ଳ, ମିଥେନ, କାର୍ବନ ମନୋକ୍ସାଇଡ, ସଲଫର ଅକ୍ସାଇଡ, ନାଇଟ୍ରୋଜେନ ଅକ୍ସାଇଡ, ଭୋଲାଟାଇଲ ଅର୍ଗାନିକ କମ୍ପାଉଣ୍ଡ ଏବଂ କ୍ୟାନ୍ସର ସୃଷ୍ଟିକାରୀ ପଲିସାଇକ୍ଲିକ ଆରୋମାଟିକ ହାଇଡ୍ରୋକାର୍ବନ ବିଷାକ୍ତ ପ୍ରଦୂଷକଗୁଡ଼ିକ ନିର୍ଗତ ହୋଇଥାଏ । ଉତ୍ପତ୍ତି ସ୍ଥଳରୁ ଚାରିଆଡକୁ ବିସରିତ ହେବା ପରେ ଏଗୁଡିକର ଭୌତିକ ଓ ରାସାୟନିକ ପରିବର୍ତ୍ତନ ଘଟି ବାୟୁମଣ୍ଡଳରେ ସ୍ମଗର ଗୋଟେ ମୋଟା ଆସ୍ତରଣ ସୃଷ୍ଟି ହୋଇଯାଏ। ତାହା ମଣିଷ ସହିତ ଅନ୍ୟାନ୍ୟ ଜୀବଜନ୍ତୁଙ୍କ ଠାରେ ଅନେକ ପ୍ରକାର ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରେ। ଖାଲି ସେତିକି ନୁହେଁ, ନଡ଼ା ଜାଳିବା ଦ୍ୱାରା ପ୍ରାୟ ୮୦ପ୍ରତିଶତ ପର୍ଯ୍ୟନ୍ତ ଯବକ୍ଷାରଜାନ, ୨୫ ପ୍ରତିଶତ ପର୍ଯ୍ୟନ୍ତ ଫସଫରସ, ୨୧ ପ୍ରତିଶତ ପର୍ଯ୍ୟନ୍ତ ପଟାସିୟମ ଏବଂ ୬୦ ପ୍ରତିଶତ ପର୍ଯ୍ୟନ୍ତ ସଲଫର ସହ ବହୁ ଅଂଶରେ ମାଟିର ଜୈବ ପଦାର୍ଥ ନଷ୍ଟ ହୋଇଥାଏ। ତତ୍‌ସହିତ ମୃତ୍ତିକାର ତାପମାତ୍ରା, ଆର୍ଦ୍ରତା ଓ ପିଏଚ୍ ମାତ୍ରା ମଧ୍ୟ ବିଶେଷ ଭାବେ ପ୍ରଭାବିତ ହୋଇଥାଏ। ଭାରତୀୟ କୃଷି ଗବେଷଣା ସଂସ୍ଥା ଅନୁସାରେ ଭାରତରେ ବର୍ଷକୁ ସୃଷ୍ଟି ହେଉଥିବା ପ୍ରାୟ ୨୨ ନିୟୁତ ଟନ ଧାନନଡ଼ା ମଧ୍ୟରୁ ପାଖାପାଖି ୧୪ ନିୟୁତ ଟନ ନଡ଼ାକୁ କ୍ଷେତରେ ଜଳାଇ ଦିଆଯାଏ। ଏଥିରେ ଦୁଇ ପ୍ରମୁଖ କୃଷିପ୍ରଧାନ ରାଜ୍ୟ ପଞ୍ଜାବ ଓ ହରିୟାଣାର ପ୍ରାୟ ୫୦ ପ୍ରତିଶତରୁ ଅଧିକ ଅବଦାନ ରହିଆସିଛି। ଗବେଷଣାରୁ ଜଣାପଡ଼ିଛି ଯେ, ଏକ ଟନ ନଡ଼ା ଜଳିଲେ ସେଥିରୁ ପ୍ରାୟ ୨୦୦ କିଲୋଗ୍ରାମ ପାଉଁଶ, ୧୪୬୦ କିଲୋଗ୍ରାମ ଅଙ୍ଗାରକାମ୍ଳ, ୬୦ କିଗ୍ରା କାର୍ବନ ମନୋକ୍ସାଇଡ, ୨ କିଗ୍ରା ସଲଫର ଡାଇଅକ୍ସାଇଡ ଏବଂ ୩ କିଗ୍ରା ଭାସମାନ ସୂକ୍ଷ୍ମ କଣିକା(ଏସ.ପି.ଏମ.) ନିର୍ଗତ ହୋଇଥାଏ। ମୌସୁମୀ ବାୟୁ ଅପସରି ଯିବା ବେଳକୁ ତଥା ଶୀତର ଆଗମନରେ ଭାରତର ପାଣିପାଗ ଅବସ୍ଥା ଯଥା ତାପମାତ୍ରା ଓ ଚାପ, ଆପେକ୍ଷିକ ଆର୍ଦ୍ରତା, ପବନର ନିମ୍ନ ବେଗ, ପବନ ପ୍ରବାହର ଦିଗ ଇତ୍ୟାଦି କ୍ଷେତ ନିଆଁରୁ ନିର୍ଗତ ଧୂଆଁ ଧୂଳିକୁ ଅଧିକ ସମୟ ଧରି ରଖିବାରେ ସହାୟକ ହୋଇଥାନ୍ତି; ଯେଉଁଥିପାଇଁ ଅକ୍ଟୋବର–ନଭେମ୍ବର ମାସରେ ଦିଲ୍ଲୀର ପ୍ରଦୂଷଣ ମାତ୍ରାଧିକ ବଢ଼ିଯାଇଥାଏ। ଏହି ସମୟରେ ବାୟୁ ପ୍ରଦୂଷଣ ଯେ କେବଳ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରିଥାଏ, ତା' ନୁହେଁ ବରଂ ଏହାର ପ୍ରତିକୂଳ ପ୍ରଭାବ ପର୍ଯ୍ୟଟନ କ୍ଷେତ୍ର ଓ ଅର୍ଥନୈତିକ ସ୍ଥିତି ଉପରେ ପଡ଼ିଥାଏ। ଏକ ସର୍ଭେ ଅନୁଯାୟୀ ବିଗତ ବର୍ଷଗୁଡ଼ିକରେ ବାୟୁ ପ୍ରଦୂଷଣ ପାଇଁ ଦିଲ୍ଲୀକୁ ପର୍ଯ୍ୟଟକଙ୍କ ଆଗମନରେ ୨୫ରୁ ୩୫ ପ୍ରତିଶତ ପର୍ଯ୍ୟନ୍ତ କମ ରହୁଛି। ଘନ କୁହୁଡ଼ି ଓ ସ୍ମଗ ପାଇଁ ଦୃଶ୍ୟମାନତା କମ୍ ରହୁଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହିତ ସେହି ଅବଧି ତକ ଦୁର୍ଘଟଣାପ୍ରବଣ ରହୁଛି।

ଏତେ ସବୁ ପରିବେଶୀୟ କୁପ୍ରଭାବ ସତ୍ତ୍ୱେ ଅଣପାରମ୍ପରିକ କୃଷିରେ ଯାନ୍ତ୍ରିକ ବ୍ୟବହାର ଅପରିହାର୍ଯ୍ୟ ହୋଇପଡ଼ିଛି। ଏହାଦ୍ୱାରା ଯେଉଁ କୁଢ଼କୁଢ଼ ଧାନ ନଡ଼ା କୁଟା ଉତ୍ପନ୍ନ ହେଉଛି ତା'ର ଠିକ ପରିଚାଳନା ପାଇଁ କୃଷକଙ୍କୁ ନୂଆ ନୂଆ ପଦ୍ଧତି ସହିତ ପରିଚିତ କରାଇବା ସହ ଆର୍ଥିକ ପ୍ରୋତ୍ସାହନ ଦିଆଯିବା ନିହାତି ଜରୁରୀ। ଯଦିଓ ଜମିରେ ଯନ୍ତ୍ରୀକୃତ ଅମଳ ଦ୍ୱାରା ଜଳୁଥିବା ନଡ଼ା ପରିଚାଳନା ପାଇଁ କେତେ ଗୁଡ଼ିଏ ଭଲ ଉପାଅ ଅଛି, ତା'ର ସୁଫଳ କିନ୍ତୁ କୃଷକ ଉଠାଇ ପାରୁନାହାନ୍ତି। ଷ୍ଟ୍ର ବେଲର ବା ପାଳ ଗଣ୍ଠିଲି କରୁଥିବା ଯନ୍ତ୍ର ଏ ଦିଗରେ ଅତ୍ୟନ୍ତ ଉପାଦେୟ, ଯେଉଁଥିରେ ଘଣ୍ଟାକୁ ୧୨–୧୫ କୁଇଣ୍ଟାଲ ନଡ଼ା ବୋଡ଼ିଆ କରି ଉଠାଇ ନେଇହେବ। ଷ୍ଟ୍ର ଚୋପର କମ୍ ସ୍ପ୍ରେଡର ବା ନଡ଼ା ଗୁଣ୍ଡ କରି ବିଲରେ ବିଛେଇ ପାରୁଥିବା ଯନ୍ତ୍ର, ଯାହାର ବ୍ୟବହାର ଦ୍ୱାରା ପରବର୍ତ୍ତୀ ଫସଲ ଲଗାଇବାରେ କୌଣସି ଅସୁବିଧା ହୋଇ ନ ଥାଏ। ଭାରତୀୟ କୃଷି ଗବେଷଣା କେନ୍ଦ୍ର ଦ୍ୱାରା ବିକଶିତ କରାଯାଇଥିବା 'ପୁଷା' ନାମକ ଗୋଟେ ତରଳ ଔଷଧ, ଯେଉଁଥିରେ ନଡ଼ାକୁ ଶୀଘ୍ର ବିଘଟନ କରି ତାକୁ ଖତରେ ପରିଣତ କରାଯାଇଥାଏ। ବିନା ଧୂଆଁରେ ନଡ଼ାକୁ ପୋଡ଼ି ଜମି ସଫା କରିବା ପାଇଁ ଆବଦ୍ଧିତ ଜ୍ୱଳନ ଯନ୍ତ୍ର କିଲନ୍‌ର ବ୍ୟବହାର ମଧ୍ୟ ବିଶେଷ ଫଳପ୍ରଦ ହୋଇଥାଏ। ତେବେ କଥା ଉଠୁଛି ଏସବୁ ବୈକଳ୍ପିକ ବ୍ୟବସ୍ଥାର ବ୍ୟବହାରିକ ପ୍ରସାର ହୋଇପାରୁନାହିଁ କାହିଁକି। ଏହାର ଏକମାତ୍ର ତଥା ମୂଳକାରଣ ହେଉଛି ଜମିକୁ ନଡ଼ାମୁକ୍ତ କରିବା ପାଇଁ ଖର୍ଚ୍ଚ ବହନରେ ନାରାଜ କୃଷକ, ଯଦିଓ ଏହି ଖର୍ଚ୍ଚ ନଡ଼ାକୁ ଶିଳ୍ପଜାତ ପଦାର୍ଥ ପାଇଁ କଞ୍ଚାମାଲ ରୂପେ ବ୍ୟବହାର ଦ୍ୱାରା ଉଠାଯାଇପାରିବ। ଯେମିତି କି ଗୋରୁଙ୍କ ପାଇଁ ବିଛଣା, ଗୋଖାଦ୍ୟ, ପ୍ୟାକିଂ ପଦାର୍ଥ, ବାୟୋଗ୍ୟାସ ଜାଳେଣି, କାଗଜ ଶିଳ୍ପ, ପଟିଲିଶିଳ୍ପ, ଛତୁଚାଷ, ବାୟୋଥର୍ମାଲ ବିଦ୍ୟୁତ୍ କେନ୍ଦ୍ର ଇତ୍ୟାଦିରେ ନଡ଼ାର ପ୍ରଚୁର ବ୍ୟବହାର କରାଯାଇପାରିବ। ଜିଆଖତ ଓ ଅନ୍ୟାନ୍ୟ କମ୍ପୋଷ୍ଟ ପାଇଁ ଧାନନଡ଼ାକୁ ବହୁଳ ରୂପେ ବ୍ୟବହାର କରାଯାଇପାରିବ। ଫଳତଃ ଅମଳ ପରବର୍ତ୍ତୀ ଆବର୍ଜନାକୁ ଉପାର୍ଜନକାରୀ ପଦାର୍ଥ ରୂପେ ଉପଯୋଗ କରିପାରିଲେ ନଡ଼ାରେ ନିଆଁ ଲଗାଇ ନଷ୍ଟ କରିବାର ଅଭ୍ୟାସଗତ କାର୍ଯ୍ୟରୁ ବିରତ ମିଳିବା ସହିତ ପରିବେଶ ସ୍ୱଚ୍ଛ ନିର୍ମଳ ରହିପାରିବ।

ବିଭାଗୀୟ ମୁଖ୍ୟ, ଭୂତତ୍ତ୍ୱ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର



# ହ୍ୱାଟ୍ସଆପରେ ସକାଳ

ଡ. କୁଳାଙ୍ଗାର

ଯଦି ଆପଣଙ୍କର ସ୍ମାର୍ଟଫୋନଟିଏ ଅଛି ଆଉ ତାହା ଇଣ୍ଟରନେଟ ସଂଯୁକ୍ତ ତେବେ ଆପଣଙ୍କର ପ୍ରତିଟି ସକାଳ ଏବେ ଶୁଭ ସକାଳ। ଆପଣ ଯେତେ ଟେନ୍ସନରେ ଥାଆନ୍ତୁ, ଯେତେ ବିପଦରେ ପଡିଥାଆନ୍ତୁ ପଛକେ, ସଚେତ ଥାଆନ୍ତୁ କି ଅଚେତ, ସକାଳୁ ସକାଳୁ ଶୁଭକାମନାଯୁକ୍ତ ରଙ୍ଗିନ ଚିତ୍ର, ଗୀତ ଓ ଦୃଶ୍ୟଶ୍ରାବ୍ୟ ବାର୍ତ୍ତାମାନ ଆପଣଙ୍କର ମୋବାଇଲ ଫୋନରେ ଧସେଇ ପଶିବେ।

ଏବର ଜୀବନ ଶୈଳୀରେ ଯିଏ ଯେତେବେଳେ ଉଠିଲା, ତାଆର ସେତେବେଳେ ସକାଳ ହେଲା। ତେବେ ଅନେକେ ତ ଏବେ ରାତିସାରା ମୋବାଇଲ ଦୁନିଆରେ ବିଚରଣ କରି ଭୋରବେଳା ଅର୍ଥାତ ସକାଳ ପାଇଲେ ଶୁଅନ୍ତି, ଅତଏବ ଶୋଇଲା ପୂର୍ବରୁ ଶୁଭ ସକାଳର ବାର୍ତ୍ତାଗୁଡିକ ପଠେଇ ଦିଅନ୍ତି। ପୁଣି ମୋବାଇଲ ସେବା ପ୍ରଦାନକାରୀ କମ୍ପାନୀ ଗୁଡିକ ପ୍ରତିଦିନ ପ୍ରଦାନ କରୁଥିବା ଡାଟାର ବାଲାନ୍ସ ରାତି ବାରଟା ପୂର୍ବରୁ ଖତମ ହୋଇ ଯାଉଥିବାରୁ ଅନେକେ ବଳକା ଡାଟାକୁ ନଷ୍ଟ ନ କରି ତାଆର ସକାରାତ୍ମକ ଉପଯୋଗ ନିମନ୍ତେ ରାତି ଏଗାରଟାରୁ ବାରଟା ଭିତରେ ପଠେଇ ଦିଅନ୍ତି। ସକାଳୁ ସକାଳୁ ଫୁଲଚୋରି, ମନଚୋରି ଅବା ଶରୀରଚୋରି ଅର୍ଥାତ୍ ଯୋଗ କରିବା ପାଇଁ ଅନେକ ଶୀଘ୍ର ଶଯ୍ୟାତ୍ୟାଗ କରିଥାଆନ୍ତି। ଅତଏବ ଯଦି ଆପଣ ନିଜର ଫୋନ୍‌ଟିକୁ ଇଣ୍ଟରନେଟ ବିଯୁକ୍ତ ନ କରି ରାତିସାରା ଖୋଲା ରଖିଛନ୍ତି, ତେବେ ରାତିସାରା ଆପଣ ଆଖିଖୋଲା ରଖିବାକୁ ବାଧ୍ୟ। କାରଣ ରାତିସାରା ଶୁଭସକାଳର କାମନା ମାନେ ପହଞ୍ଚି ଆପଣଙ୍କୁ ଆକ୍ରାମାକ୍ରା କରୁଥିବେ। ଆଉ ଯଦି ଆପଣ ଭୁକ୍ତଭୋଗୀ ହୋଇଥିବେ ଅବା ଆଗୁଆ ସତର୍କ ହୋଇଥିବେ କିମ୍ବା ଆପଣଙ୍କର ସ୍ମାର୍ଟ ଦରଜାକୁ କିଳି ଦେଇଥିବେ ତେବେ ଦରଜା ଖୋଲିବା ମାତ୍ରେ ଧମାଧମ୍ ଶୁଭକାମନାମାନେ ସମବେତ ହେବେ।

ରାତିରେ ନାନା ଅଶୌଚ କାର୍ଯ୍ୟରେ ବ୍ୟବହୃତ ସ୍ମାର୍ଟଫୋନରେ ସକାଳୁ ସକାଳୁ ଏତେ ଦେବଦେବୀ ବିରାଜମାନ କରୁଛନ୍ତି ଯେ ନିଜେ ନିତ୍ୟକର୍ମ କରିବା ପୂର୍ବରୁ ମୋବାଇଲ ଫୋନଟାକୁ ସକାଳୁ ସକାଳୁ ଗାଧୁଆ ପାଧୁଆ କରିଦେବା ପାଇଁ ଇଚ୍ଛା ହେଉଛି। ସମସ୍ତେ କେବଳ ଦେବଦେବୀଙ୍କୁ ପଠାନ୍ତି ନାହିଁ। କେହି କେହି ସ୍ୱଦେହରେ ନିଜେ ଆସିଥାଆନ୍ତି, ଅର୍ଥାତ୍ ନିଜର ସବୁଠାରୁ ଉତ୍ତମ ଫଟୋଟିକୁ ପଠାଇ ଥାଆନ୍ତି। ଆହୁରି ବହୁଲୋକ ଫୁଲ ଏବଂ ଫୁଲ ବଗିଚା ଆଦି ପଠାଇ ଦେଇ ଥାଆନ୍ତି। ଏମନ୍ତ ଫୁଲ ଶୁଭକାମନା ପ୍ରେରକ ମଧ୍ୟରେ ଥାଆନ୍ତି ଉଭୟ ପୁରୁଷ ଓ ନାରୀ। ନାରୀଙ୍କ ମଧ୍ୟରେ ଥାଆନ୍ତି ଉଭୟ ବୃଦ୍ଧା ଓ ଯୁବତୀ। ଅବଶ୍ୟ ଆଜିକାଲିର ପରିପାଟୀ ଓ ଚିତ୍ରୋତ୍ତୋଳନ ବ୍ୟବସ୍ଥାରେ କିଏ ବୃଦ୍ଧା କିଏ ଯୁବତୀ ବୋଲି ମନରେ ସର୍ବଦା ସନ୍ଦେହ ସୃଷ୍ଟି ହୁଏ। ତେବେ ଏ ଫୁଲ ଓ ଫୁଲ ପ୍ରେରିକାଙ୍କର ମେସେଜକୁ ଦେଖି ସନ୍ଦେହରେ ଜର୍ଜରିତ ହୁଅନ୍ତି ଆମ୍ଭ ଧର୍ମପତ୍ନୀ। ଆମର ସିନା ସହରବାସର ଦୀର୍ଘଦିନର ଅଭିଜ୍ଞତା ରହିଛି କିନ୍ତୁ ଘରଣୀ ଆମର ଓଲଟା। ସିଏ ଅଧିକ ଦିନ ଗ୍ରାମବାସୀ ରହି ନଗଦାନଗଦି ସହରକୁ ଆସିଛନ୍ତି। ଶୋଇବା ଶେଜରେ ସିଏ ମୋ ମୋବାଇଲରେ ଜନୈକ ଯୁବତୀ ପଠେଇଥିବା ଲାଲ୍‌ଗୋଲାପ ପୁଷ୍ପ ଯୁକ୍ତ ସୁପ୍ରଭାତ ବାର୍ତ୍ତାକୁ ଦେଖି ଭାବପ୍ରବଣତା, ଉତ୍ତେଜନା ଓ ସନ୍ଦେହର ମିଶ୍ରଣଯୁକ୍ତ ଚକ୍ଷୁ ନେଇ ମୋତେ ଚାହିଁଲେ?

ମୁଁ ତାଙ୍କର ଚକ୍ଷୁର ଭାଷା ବୁଝି ନ ପାରନ୍ତେ, ମୁଖକୁ ବ୍ୟବହାର କରିବାକୁ ବାଧ୍ୟ ହୋଇ ମୋବାଇଲ ପରଦା ଦେଖେଇ ପଚାରିଲେ– ସିଏ କିଏ? ମୁଁ ଟିକେ ଭଲକରି ଦେଖନ୍ତେ ପତ୍ନୀ ପଚାରିଲେ– ତମେ କ'ଣ ତାକୁ ଭଲପାଅ? କହିଲି– ନା ମ... ମୁଁ ତ ଯାକୁ ଚିହ୍ନେନା। ପତ୍ନୀ ପଚାରିଲେ– ତା' ହେଲେ ସିଏ ତମ ନମ୍ବର କୋଉଠୁ ପାଇଲା? ଅନ୍ୟର ମଙ୍ଗଳ କାମନା ନ କରି ସକାଳୁ ସକାଳୁ କାହିଁକି ତମର ମଙ୍ଗଳ କାମନା କରିଲା? ସିଏ ତମର କିଏ ଯେ, ସକାଳୁ ସକାଳୁ ତମକୁ ମେସେଜ ପଠେଇ ବସିଲା?? କାହିଁକି ଫୁଲ ଚିତ୍ର ପଠାଇଲା? ଗଛ, ପତ୍ର, ପକ୍ଷୀ କି ଅନ୍ୟ ଫୁଲର ଚିତ୍ର ତ ପଠାଇ ପାରିଥାଆନ୍ତା! ଯଦି ବି ଗୋଲାପ ପଠେଇଲା ତେବେ ଲାଲ୍ ରଙ୍ଗର କାହିଁକି ପଠାଇଲା? ଏତେ ସବୁ ପ୍ରଶ୍ନକୁ ଆମ୍ଭର ସଂକ୍ଷିପ୍ତ ଢିଲା ଉତ୍ତର ପତ୍ନୀଙ୍କୁ ସନ୍ତୁଷ୍ଟ କରିପାରିଲା ନାହିଁ। ପତ୍ନୀଦେବୀ ଏଥର ସନ୍ଦେହ ମୋଚନ ପାଇଁ ସେହି ନମ୍ବରରେ କଲ୍ କଲେ। ସେପଟୁ ଗୋଟିଏ ମଧୁର ସ୍ୱର ଭାସି ଆସିଲା – ଗୁଡ୍ ମର୍ନିଂ ସାର୍!

ପତ୍ନୀଙ୍କର ପାଞ୍ଚମିନିଟ୍‌ର ଜେରା ପରେ ଜଣାପଡିଲା କି ଆମ୍ଭେ କାର୍ଯ୍ୟରତ କାର୍ଯ୍ୟାଳୟରେ ଖାଲିଥିବା ସହାୟକ ପଦବୀ ପାଇଁ ଉକ୍ତ ଯୁବତୀ ଦରଖାସ୍ତ କରିଛନ୍ତି। ଚୟନ ବ୍ୟବସ୍ଥାରେ ଆମ୍ଭକୁ ପ୍ରଭାବିତ କରି ଅନୁକମ୍ପା ହାସଲ କରିବା ପାଇଁ କୌଣସି ପ୍ରକାରେ ମୋବାଇଲ ନମ୍ବରଟି ସଂଗ୍ରହ କରି ସୁପ୍ରଭାତ କାମନା ପ୍ରେରଣ ଆରମ୍ଭ କରିଛନ୍ତି।

ଏହା ହେଉଛି ସାମୟିକ ଶୁଭ ସକାଳ ସେବା। ଯାହାର ଯାହା ପାଖରେ କିଛି କାମ ଥାଏ, ସିଏ ସେହି କାମଟି ହେବା ପର୍ଯ୍ୟନ୍ତ ତାକୁ ଏପରି ପଠାଉଥାଏ। ବିଫଳତା ପରେ ଏଥିରୁ ମୁକ୍ତି ମିଳେ। ସଫଳତା ପରେ କିଛି ଦିନ ଜାରି ରହିବାର ସମ୍ଭାବନା ଥାଏ। ଯେଉଁମାନେ ଦୀର୍ଘକାଳୀନ ସ୍ୱାର୍ଥ–ସମ୍ପର୍କରେ ଥାଆନ୍ତି ସେମାନେ ନିଜର ଉପସ୍ଥିତି ଜାହିର୍ କରିବା ପାଇଁ ନିୟମିତ ସକାଳୁଆ ସୁମନାସ ପଠାନ୍ତି। ଉଦ୍ଦେଶ୍ୟ ; ମୁଁ ଟିକେ ନଜରରେ ଥାଏ! ଅନେକ ଅବସରପ୍ରାପ୍ତ ସମୟ ସାରିବା ପାଇଁ ଏଥିରେ ନିବେଶ କରିଥାଆନ୍ତି। ଆଉ କିଛି କିଛି ତ କରିବାକୁ ନାହିଁ ତେଣୁ ଏହାକୁ କର୍ମ କରିଥାଆନ୍ତି।

ମୂଲ୍ୟହୀନ ଉପହାରରେ ଯଦି ଆପଣଙ୍କ ଘରଭର୍ତ୍ତି ହୋଇଯାଏ, ବସାଉଠା କରିବାକୁ ସ୍ଥାନ ମିଳେନା। ସେ ଅବସ୍ଥାଟି ଯାହା, ବିଶେଷ ଦିବସଗୁଡିକରେ ସ୍ମାର୍ଟଫୋନର ଅବସ୍ଥା ସେୟା। ନୂଆବର୍ଷ, ସ୍ୱାଧୀନତା, ଦୀପାବଳି, ହୋଲି ଆଦି ସମୟରେ ଏକାଧିକ ଦିନ ମାତ୍ରାଧିକ ଭାର ବହନ କରି ବିଚରା ମୋବାଇଲ ଅଚଳପ୍ରାୟ ହୁଏ। ଆପଣ ଯଥେଷ୍ଟ ବାର୍ତ୍ତା ପାଉଥିବେ କିନ୍ତୁ ପଠେଇଲା ବେଳକୁ ତାହା ଏମନ୍ତ ଗତିରେ ଯାଉଥିବ କି, ଲାଗିବ ନିଜେ ଯାଇ ଏହାଠୁଁ ଚଞ୍ଚଳ ତା' ଘର କହି ଆସିବି!

ଶୁଭବର୍ଷ, ଶୁଭପର୍ବ, ଶୁଭବାର, ଶୁଭ ଦିବସ! ଏମିତି ନାନା ଅବ୍ୟୟ ସହିତ ଯୋଡା ହୋଇ ମଧ୍ୟ ସୁମନାସ ଆସିଥାଏ। ଧରାଯାଉ ଆଜି ବାଟଓଷା, ତେବେ ହାପି ବାଟଓଷା। ଯେଉଁଦିନ କିଛିନାଇଁ ତେବେ ହାପି ଅମୁକବାର!

ଆଉ କିଛି ବଦାନ୍ୟ ବ୍ୟକ୍ତି ଅଛନ୍ତି, ସିଏ କେବଳ ସୁପ୍ରଭାତ ପଠାନ୍ତି ନାହିଁ, ତା' ସହିତ ଏହି ଚମତ୍କାର ଲେଖାଟି ପଢନ୍ତୁ, ଏହି ମଧୁର ଗୀତଟି ଶୁଣନ୍ତୁ ଅବା ଏହି ଧମାକାଦାର୍ ଭିଡିଓଟି ଦେଖନ୍ତୁ କହି ଜବରଦସ୍ତ ପଠେଇ ଦିଅନ୍ତି। ଅବସ୍ଥା ଏପରି, ଯଦି ଆପଣ ସବୁଗୁଡିକୁ ସକାଳେ ପଢି, ଶୁଣି, ଦେଖିବେ, ତେବେ ସନ୍ଧ୍ୟାସୁଦ୍ଧା ଶେଷ କରି ପାରନ୍ତି।

ଆପଣ ଏପରି ଶୁଭ ସକାଳ କାମନା ପଠାଉଥାଆନ୍ତୁ କିମ୍ବା ପାଉଥାଆନ୍ତୁ, ମୁଁ ଜାଣେ ଉପରୋକ୍ତ ବର୍ଣ୍ଣନା ସହିତ ଆପଣ ଏକମତ ହେବେ। ଯେବେଠାରୁ ଅଯଥା ହ୍ୱାଟ୍ସଆପ୍‌ରେ ସକାଳୁଆ ସୁମନାସ ପଠେଇବା ବନ୍ଦ ହୋଇଯିବ ତେବେ ଯାଇ ସକାଳଟା ଶୁଭସକାଳ ହେବ!

ନରସିଂହପୁର, କଟକ
ମୋ– ୮୮୯୫୮୨୫୮୬୩

## ଏଇ ଭାରତରେ

ମରୁଭୂମି ମଝିରେ ୫୦ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରା ସହ ଝାଞ୍ଜିରେ ପିଲାମାନେ ପଢ଼ିବେ, ଏ କଥା ଶୁଣିଲେ ବିଶ୍ୱାସ କରିହେଉନି। କିନ୍ତୁ ଏହା ସତ। ଏଭଳି ଏକ ସ୍କୁଲ୍ ନିର୍ମାଣ କରାଯାଇଛି ରାଜସ୍ଥାନର ଥର୍ ମରୁଅଞ୍ଚଳରେ। ଆମେରିକାର ଏକ ବେସରକାରୀ ସଂସ୍ଥା ସିଟାର ପ୍ରତିଷ୍ଠାତା ମାଇକେଲ ଡଉବେଙ୍କ ସହଯୋଗ ଓ ଆମେରିକୀୟ ସ୍ଥପତି ଡାଏନା କେଲ୍ଲୋଗଙ୍କ ଡିଜାଇନକୁ ଆଧାର କରି ଏହି ସ୍କୁଲଟି ଗଢ଼ାଯାଇଛି। ପ୍ରଶାସନିକ ସହାୟତାରେ ଜୈସାଲ୍‌ମେର୍‌ର ସାମ୍ ଡୁନ୍ ନିକଟସ୍ଥ କନୋଇ ଗାଁରେ ଝିଅମାନଙ୍କୁ ଶିକ୍ଷା ଦେବା ଲକ୍ଷ୍ୟରେ ଏହା କରାଯାଇଛି। ସ୍କୁଲର ନାମ ରଖାଯାଇଛି ରାଜକୁମାରୀ ରତ୍ନବତୀ ଗର୍ଲ୍ସ ହାଇସ୍କୁଲ। ୟେଲୋ ସ୍ୟାଣ୍ଡ୍ ଷ୍ଟୋନରେ ଏହା ନିର୍ମାଣ କରାଯାଇଛି, ଯେଉଁଠାରେ ଏୟାର କଣ୍ଡିଶନର ଆବଶ୍ୟକ ପଡୁନାହିଁ। ସ୍କୁଲ ବାହାର ଓ ଭିତର କାନ୍ଥଗୁଡ଼ିକୁ ଲାଇମ୍ ପ୍ଲାଷ୍ଟର କରାଯାଇଛି। ସ୍କୁଲ୍ ଅଗଣାରେ ୩.୫ ଲକ୍ଷ ଲିଟର ପାଣି ସଂରକ୍ଷିତ କରି ରଖାଯିବାର ବ୍ୟବସ୍ଥା କରାଯାଇଛି। ୨୦୧୮ ଅକ୍ଟୋବରରେ ଏହି ସ୍କୁଲ ନିର୍ମାଣ ଆରମ୍ଭ କରାଯାଇଥିଲା। ସ୍ଥାନୀୟ ଠିକାଦାର ଓ କାରିଗରମାନଙ୍କର ସ୍କୁଲ ନିର୍ମାଣ କରିବାରେ ମୁଖ୍ୟ ଭୂମିକା ରହିଛି। ବାହାରେ ଅସହ୍ୟ ତାପମାତ୍ରା ରହିଲେ ବି ଏହି ସ୍କୁଲ୍ ମଧ୍ୟରେ ପିଲାମାନେ ପଢିବା ସହ ଖେଳିପାରିବେ। ସ୍କୁଲ୍ ମଧ୍ୟରେ ଥିବା ଜ୍ଞାନ ସେଣ୍ଟରରେ ପ୍ରଥମରୁ ଦଶମ ଯାଏ ୪୦୦ ଝିଅ ପଢ଼ିବାର ବ୍ୟବସ୍ଥା କରାଯାଇଛି। ଜୈସାଲ୍‌ମେରରେ ମହିଳା ସ୍ୱାକ୍ଷରତା ହାର ବହୁତ କମ୍ ଏବଂ ଅନେକ ଝିଅ ମଧ୍ୟ ଅଧାରୁ ପାଠ ଛାଡନ୍ତି। ଏଣୁ ଏହି ସ୍କୁଲ ଏଠାରେ ଝିଅମାନଙ୍କୁ ଶିକ୍ଷା ଦେବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି କହିଛନ୍ତି ଡାଏନା। କୋଭିଡ୍–୧୯ ସଂକ୍ରମଣ ଯୋଗୁ ୨୦୨୦ରେ ଏହି ସ୍କୁଲ୍ ଖୋଲିବା ସମ୍ଭବ ହୋଇ ନ ଥିଲା। ୨୦୨୧ରେ ଏହା ଖୋଲିବା ଲାଗି ଯୋଜନା ରଖାଯାଇଛି।

## ଚିରନ୍ତନୀ

ଆମ୍ର ବନ ବିଛାଏ ଛାୟା
ତାହାରି ତଳେ ଆସି
ନିଦାଘ ତାପ କରଇ ଦୂର
ସୁଦୂର ପରବାସୀ। –(କୁହୁ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## କେହି ପ୍ରତିବାଦ କରୁନାହାନ୍ତି

ମହାଶୟ,

ଆମ୍ଭେମାନେ ବର୍ତ୍ତମାନ ନିଜ ଘରେ ତଥା ପ୍ରତ୍ୟେକ ଭୋଜିରେ ବିଷଯୁକ୍ତ 'ପନିର' ଖାଉଛେ। ଜାଣିବାର ଉପାୟ ନାହିଁ। ଲୋକେ ଖାଇ ଖାଇ ଅଭ୍ୟସ୍ତ ହୋଇଗଲେଣି। ଦେହ ଦୂଷିତ ହୋଇ ଗଲାଣି। ଲୋକେ କେହି ପ୍ରତିବାଦ କରୁନାହାନ୍ତି। ସେହିପରି ମୁଁ ଗତକାଲି ଗୋଟିଏ ଗ୍ରସେରି ଦୋକାନରୁ ୨ଟି କମ୍ପାନୀର ଦୁଇଟି ପକେଟ ଜିନିଷ ଆଣିଲି। ଉଭୟ ପକେଟରେ MRP ପଡୁଛି ମାତ୍ର ରେଟ୍ ଲେଖାଯାଇନାହିଁ। ଦୋକାନୀ କହୁଛନ୍ତି ଦୈନନ୍ଦିନ ରେଟ ବଢୁଛି କମ୍ପାନୀ କେଉଁ ରେଟ୍ ବସାଇବ। ମୁଁ କହିଲି ୧୦ ଦିନ ତଳେ ଟ.୧୧୫ ଥିଲା। ଆଜି ଆପଣ ଟ.୧୨୫ ନେଉଛନ୍ତି। ଆମ୍ଭେ ହୋଲସେଲର ପାଖରୁ ପେଟି ଆଣୁଛୁ ଆମର ଦୋଷ କ'ଣ? ଖାଉଟି ତ ଦରବୃଦ୍ଧିରେ ଅଭ୍ୟସ୍ତ ହୋଇଗଲେଣି। ଯଦିଓ ବାଧୁଛି କେହି ପ୍ରତିବାଦ କରୁନାହାନ୍ତି।

–କୃପାସିନ୍ଧୁ ସିଂହ, ମଧୁବନ,
ବାରିପଦା, ମୟୂରଭଞ୍ଜ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବଳାତ୍କାରୀ ଅଭିଯୁକ୍ତ ବାପା ଗିରଫ

ସେମିଲିଗୁଡା,୧୮।୧(ସ୍ୱ.ପ୍ର.): ଦୀର୍ଘ ୩ବର୍ଷ ଧରି ନିଜ ନାବାଳିକା ଝିଅକୁ ମଦ ପିଆଇ ବଳାତ୍କାର କରୁଥିଲେ ବାପା। ଏବେ ତାଙ୍କ କଳଙ୍କିତ କାର୍ଯ୍ୟକଳାପ ଲୋକଲୋଚନକୁ ଆସିଛି। କୋରାପୁଟ ଜିଲା ସେମିଲିଗୁଡା ବାସିନ୍ଦା ଏହି ବ୍ୟକ୍ତି ଯେତେବେଳେ ବି ଧରାପଡୁଥିଲେ ଝିଅକୁ ଦୋଷ ଦେଇ ଖସି ଯାଉଥିଲେ। ଏ ସମ୍ପର୍କରେ ନାବାଳିକା ଝିଅ ନିଜ ମା' ଏବଂ ଦାଦା ଖୁଡୀଙ୍କୁ ଜଣାଇଥିଲେ। ବାପା ଝିଅକୁ ଦୋଷ ଦେଇ ସେ ଅପକର୍ମ କରୁଥିବା କହି ବିଭିନ୍ନ ସମୟରେ ମାଡ଼ ମାରୁଥିଲେ। ନିଜ କୁକର୍ମକୁ ଘୋଡାଇବା ପାଇଁ ଝିଅକୁ ନିର୍ଯାତନା ଦେଉଥିଲେ। ଅନ୍ୟ ଲୋକଙ୍କ ସହ ତା'ର ସମ୍ପର୍କ ଥିବା କହୁଥିଲେ। ଏହିପରି ଦୀର୍ଘ ଦିନ ଧରି ଝିଅକୁ ନିର୍ଯାତନା ଦେଇ ଶେଷରେ ଅଞ୍ଚଳର ଜଣେ ନିରୀହ ଗରିବ ପିଲାସହ ତା'ର ବିବାହ କରି ଦେଇଥିଲେ। ବଡ଼ଝିଅର ବିବାହ ପରେ ସାନଝିଅ ଉପରେ ଲୋଲୁପ ଦୃଷ୍ଟି ପକାଇଥିଲେ ବାପା । ଫଳରସରେ ମଦ ମିଶାଇ ସାନଝିଅକୁ ପିଆଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିଥିଲେ। ଏଥିରେ ସାନଝିଅ ରାଜି ନ ହେବାରୁ ଲୁହା ରଡ଼ରେ ତାଙ୍କୁ ମାଡ଼ ମାରିଥିଲେ। ସାନଝିଅ ବାପାଙ୍କ ଏପରି କୁକର୍ମକୁ ବିରୋଧ କରିବା ସହ ବଡଭଉଣୀଙ୍କୁ ଏ ବିଷୟରେ କହିଥିଲେ। ଦୁଇ ଭଉଣୀ ଆଲୋଚନା କରି ଉଭୟେ ମିଶି ସୋମବାର ଅପରାହ୍ନରେ ସେମିଲିଗୁଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ୫/୨୧ରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ବାପାଙ୍କୁ ଗିରଫ କରିଛି। ସମସ୍ତ ଡାକ୍ତରୀ ପରୀକ୍ଷା ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ସେମିଲିଗୁଡା ଜେଏମଏଫସି କୋର୍ଟରେ ୧୬୪ ଧାରାରେ ବୟାନ ରେକର୍ଡ କରାଯାଇଛି ।

### ମନ୍ଦିର ଦାନବାକ୍ସ ତାଲା ଭାଙ୍ଗି ଚୋରି

ବାଲିଅନ୍ତା,୧୮।୧(ଡି.ଏନ୍.ଏ.): ବାଲିଅନ୍ତା ବ୍ଲକ ଭୁବନପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଉତ୍ତରମୁଖୀଙ୍କ ମନ୍ଦିରରୁ ରବିବାର ବିଳମ୍ବିତ ରାତିରେ ଚୋରି ହୋଇଛି। କେତେଜଣ ଦୁର୍ବୃତ୍ତ ମନ୍ଦିରର ଦାନବାକ୍ସ ତାଲା ଭାଙ୍ଗି ଟଙ୍କା ଓ ଏକ ମୋଟର ପମ୍ପ ଚୋରି କରି ନେଇଛନ୍ତି। ସୋମବାର ସକାଳୁ ପୂଜାରୀ ମନ୍ଦିରକୁ ପୂଜା ପାଇଁ ଆସିଥିବା ବେଳେ ଚୋରି ହୋଇଥିବା ଜାଣି ବାଲିଅନ୍ତା ଥାନାରେ ଅଭିଯୋଗ କରିଛନ୍ତି। ମନ୍ଦିରରୁ ବାରମ୍ବାର ଦାନବାକ୍ସ ଭାଙ୍ଗି ଚୋରି ହେଉଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

# ଚାଷୀଙ୍କୁ ନେଇ ବିଜେଡି-ଭାଜପା ଟଣାଓଟରା

- କୁମ୍ଭୀରକାନ୍ଦଣା ବନ୍ଦ କରୁ ଭାଜପା: ବିଜେଡି
- ୬୦୪୦ କୋଟି ସବ୍‌ସିଡି ଅର୍ଥ ତୁରନ୍ତ ନ ଦେଲେ ଆନ୍ଦୋଳନକୁ ଓହ୍ଲାଇବ ବିଜେଡି
- ମିଲରଙ୍କ ପାଇଁ ଓକିଲାତି କରୁଛି ବିଜେଡି : ଭାଜପା
- ସମସ୍ତ ଜିଲାରେ ମଣ୍ଡି ନ ଖୋଲିଲେ ରାଜ୍ୟବ୍ୟାପୀ ବିକ୍ଷୋଭ

ଭୁବନେଶ୍ୱର,୧୮।୧(ବ୍ୟୁରୋ)

ଚାଷୀ ଓ ଚାଷକୁ ନେଇ ବିଜେଡି ଓ ଭାଜପା ମଧ୍ୟରେ ଟଣା ଓଟରା ଲାଗିଛି। କେନ୍ଦ୍ର ସରକାର ଚାଉଳ ସଂଗ୍ରହ ନୀତିରେ ପରିବର୍ତ୍ତନ କରିବା ସହିତ ଧାନ ସଂଗ୍ରହ ବାବଦରେ ଓଡ଼ିଶାକୁ ଦେବାକୁ ଥିବା ୬୦୪୦ କୋଟି ଟଙ୍କାର ସବ୍‌ସିଡି ଅର୍ଥ ତୁରନ୍ତ ପ୍ରଦାନ କରିବାକୁ ରାଜ୍ୟ ଭାଜପା ନେତାମାନେ କେନ୍ଦ୍ର ସରକାରଙ୍କ ଉପରେ ଚାପ ପକାନ୍ତୁ ବୋଲି ସୋମବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବିଜେଡି ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ବିଧାୟକ ରୋହିତ ପୂଜାରୀ ଏବଂ ରାଜେନ୍ଦ୍ର ଢୋଲକିଆ ଏହି ଦାବି କରିଛନ୍ତି।

କୋଭିଡ୍ ମହାମାରୀ ସମୟରେ ଓଡ଼ିଶାର ଚାଷୀମାନେ ୨୦୨୦-୨୧ରେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ନୀତି ଓ କାର୍ଯ୍ୟ ଏବେ ଓଡ଼ିଶା ଚାଷୀଙ୍କ ପାଇଁ କାଳ ହୋଇଛି। ନିକଟରେ କେନ୍ଦ୍ର ସରକାର ୨୦୨୦-୨୧ ରବି ଋତୁରେ ମୂଳ ଆକଳନର ୫୦ ପ୍ରତିଶତ ଉଷୁନା ଚାଉଳ ଉଠାଇବା ସହିତ ବଳକା ଚାଉଳ ନେବେନି ବୋଲି କହିଛନ୍ତି। କେନ୍ଦ୍ର ସରକାରଙ୍କ ଏହି ଚାଷୀ ବିରୋଧୀ ନୀତି ରାଜ୍ୟର ରାଷୀଙ୍କୁ ଗୁରୁତର ଭାବେ ପ୍ରଭାବିତ କରିଛି। ୨୦୨୦-୨୧ ଖରିଫ୍ ଋତୁରେ ୩୫.୪୯ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ ହୋଇଥିବା ବେଳେ ଆହୁରି ୩୦ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ ହେବ। ମୋଟ ୬୫ ଲକ୍ଷ ମେଟ୍ରିକ ଟନ୍ ଓ ରବି ଋତୁରେ ୧୭ ଲକ୍ଷ ମେଟ୍ରିକ ଟନ୍‌କୁ ମିଶାଇ ମୋଟ ୮୨ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ ହେବ। ସେଥିରୁ ପ୍ରାୟ ୫୫ ଲକ୍ଷ ମେଟ୍ରିକ ଟନ୍ ଉଷୁନା ଚାଉଳ ମିଳିବ। ସେଥିରୁ ୨୪ ଲକ୍ଷ ମେଟ୍ରିକ ଟନ୍ ଓଡ଼ିଶାରେ ବ୍ୟବହୃତ ହେବ। ଏଫ୍‌ସିଆଇ ୧୦ ଲକ୍ଷ ମେଟ୍ରିକ ଟନ୍ ସଂଗ୍ରହ କରିବ। ଅବଶିଷ୍ଟ ପ୍ରାୟ ୨୧ ଲକ୍ଷ ଟନ୍ ଚାଉଳ ଯାହାର ମୂଲ୍ୟ ପାଖାପାଖି ୭୩୫୦ କୋଟି ଟଙ୍କା ହେବ, ଏହାକୁ କେନ୍ଦ୍ର ସରକାର ଉଠାଇବାକୁ ରାଜି ହେଉନାହାନ୍ତି । କେନ୍ଦ୍ର ସରକାର ଓଡ଼ିଶାର ଚାଷୀ ବିରୋଧୀ ନୀତି ପ୍ରତ୍ୟାହାର କରିବା ସହ ସମସ୍ତ ଚାଉଳ ଉଠାଇବାକୁ ବିଜେଡି ନେତାମାନେ ଦାବି କରିଛନ୍ତି। ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ଋଣ କରି ରାଜ୍ୟରୁ ଧାନ ସଂଗ୍ରହ କରୁଛି। ବର୍ତ୍ତମାନ ସୁଦ୍ଧା ଚାଷୀଙ୍କୁ ୬୫୫୦ କୋଟି ଟଙ୍କା ପ୍ରଦାନ କରାଯାଇ ସାରିଲାଣି। କେନ୍ଦ୍ର ସରକାର ତ୍ରୈମାସିକର ପ୍ରଥମ ମାସରେ ସବ୍‌ସିଡି ବାବଦରେ ଓଡ଼ିଶାକୁ ୬୦୪୦ କୋଟି ଟଙ୍କା ଦେବାକୁ ବାକି ରହିଛି। ତୁରନ୍ତ ଉକ୍ତ ଅର୍ଥ ପ୍ରଦାନ କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ନଚେତ ଓଡ଼ିଶାର ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବେ। ବିଜେଡି ଚାଷୀଙ୍କ ସପକ୍ଷରେ ଛିଡା ହେବ ବୋଲି ଦଳୀୟ ନେତାମାନେ ଚେତାବନୀ ଦେଇଛନ୍ତି।

ସେହିପରି ଭାଜପା ମଧ୍ୟ ବିଜେଡି ଅଭିଯୋଗର ପାଲଟା ଯବାବ ଦେଇଛି। ଭାଜପା ରାଜ୍ୟ କାର୍ଯ୍ୟାଳୟ ଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତିଯେ ବିଜେଡିର ୩ ଜଣ ବିଧାୟକ ଚାଷୀଙ୍କ ସମସ୍ୟାକୁ ନେଇ କେନ୍ଦ୍ର ସରକାରଙ୍କୁ ଆକ୍ଷେପ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ବିଜେଡି ବିଧାୟକମାନେ ଠିକ୍ ତଥ୍ୟ ନ ଜାଣି କେବଳ ରାଜ୍ୟବାସୀଙ୍କୁ ମିଥ୍ୟା କହି ଭ୍ରମିତ କରିଛନ୍ତି। ଶାସକ ବିଜେଡି ଚାଷୀଙ୍କୁ ଶୋଷଣ କରି ମିଲରମାନଙ୍କ ପାଇଁ ଓକିଲାତି କରୁଛି ବୋଲି ସେ ଅଭିଯୋଗ କରିଛନ୍ତି। କେନ୍ଦ୍ର ସରକାର ଧାନର ଏମ୍ଏସପି ୧୮୬୮ଟଙ୍କା ଦେଉଥିବା ବେଳେ ମଣ୍ଡିରେ ୩କେଜିରୁ ୮କେଜି ପର୍ଯ୍ୟନ୍ତ କଟ୍‌ନି ଛଟ୍‌ନି ହେଉଥିବାରୁ ଚାଷୀ ପ୍ରକୃତ ମୂଲ୍ୟ ପାଇପାରୁନାହିଁ। ମଣ୍ଡି ଭିତ୍ତିଭୂମି ପାଇଁ କେନ୍ଦ୍ର ସରକାର ଅର୍ଥର ବ୍ୟବସ୍ଥା କରିଥିବା ସ୍ଥଳେ ଅଦ୍ୟାବଧି ଓଡିଶାରେ ମଣ୍ଡି ଭିତ୍ତିଭୂମି ସୁଧୁରି ନାହିଁ। ଧାନ ଅଖା ପାଇଁ କେନ୍ଦ୍ର ଟଙ୍କା ଦେଉଥିଲେ ମଧ୍ୟ ଚାଷୀଙ୍କୁ ଅଖାର ଟଙ୍କା ଦିଆଯାଉନାହିଁ। ଏ ବର୍ଷ ଧାନକିଣା ପାଇଁ କେନ୍ଦ୍ର ସରକାର ୧୮ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଦେଇଥିଲେ ମଧ୍ୟ ଓଡିଶାରେ ଅଦ୍ୟାବଧି ଅର୍ଦ୍ଧାଧିକ ଜିଲାରେ ଧାନମଣ୍ଡି ଖୋଲିନାହିଁ। ଡିସେମ୍ବର ୧ ତାରିଖରୁ ସମସ୍ତ ମଣ୍ଡି ଖୋଲିବା ନେଇ ରାଜ୍ୟ ସରକାର ଘୋଷଣା କରିଥିଲେ। କିନ୍ତୁ ମଣ୍ଡି କେବେ ଖୋଲି ବନ୍ଦ ହୋଇଗଲା ଚାଷୀ ତାହା ଜାଣିପାରିଲେ ନାହିଁ। ଚାଷୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ତୁରନ୍ତ ରାଜ୍ୟ ସରକାର ସମସ୍ତ ଜିଲାରେ ମଣ୍ଡି ଖୋଲି ଧାନ କିଣନ୍ତୁ ନଚେତ୍ ଆଗାମୀ ଦିନରେ ରାଜ୍ୟବ୍ୟାପୀ ବିକ୍ଷୋଭ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ଅବସରରେ ରାଜ୍ୟ କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ସୁରଥ ବିଶ୍ୱାଳ ଉପସ୍ଥିତ ଥିଲେ।

# ଖୋଲିଲା ଘଟଗାଁ ତାରିଣୀ ପୀଠ

ଘଟଗାଁ/କେନ୍ଦୁଝର, ୧୮।୧(ଡି.ଏନ.ଏ./ସ୍ୱ.ପ୍ର.)



ଦୀର୍ଘ ୧୦ମାସ ପରେ ଘଟଗାଁ ମା'ତାରିଣୀ ପୀଠ ଖୋଲିଲା। ସେଥିପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ସୋମବାର ସକାଳେ ମା'ଙ୍କ ଠାରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ସାଧାରଣ ଦର୍ଶନ ପାଇଁ ଖୋଲାଯାଇଥିଲା। ପ୍ରଥମେ ସେବାୟତଙ୍କ ପରିବାର ସକାଳ ୮ଟାରୁ ୯ଟା ପର୍ଯ୍ୟନ୍ତ ଦର୍ଶନ କରିଥିଲେ। ତା'ପରେ ବିନା ଭୋଗ ସହ ମା'ଙ୍କ ଦର୍ଶନ ପାଇଁ ସର୍ବ ସାଧାରଣଙ୍କ ପାଇଁ ମନ୍ଦିର ଖୋଲାଯାଇଥିଲା। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁ ଲମ୍ବା ଧାଡ଼ିରେ ଦର୍ଶନ ପାଇଁ ଅପେକ୍ଷା କରିଥିଲେ। ଘଟଗାଁ ତହସିଲଦାର ଜନକ ନାୟକ, ବିଡିଓ ନାରାୟଣ ଚନ୍ଦ୍ର ସାହୁ, ଏସ୍‌ଡିପିଓ ରବୀନ୍ଦ୍ରନାଥ ମଲ୍ଲିକ ଉପସ୍ଥିତ ରହି ତଦାରଖ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ୨ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିବା ମନ୍ଦିର ଟ୍ରଷ୍ଟର ସଭାପତି ରାଜେନ୍ଦ୍ର ପଟ୍ଟନାୟକ କହିଛନ୍ତି।

# ପାଚେରି ଭାଙ୍ଗି ଧାନ ଖାଇଲେ ହାତୀ

ବାରଙ୍ଗ,୧୮।୧(ଡି.ଏନ୍.ଏ.)

ଚନ୍ଦକା ଜଙ୍ଗଲରୁ ଏକ ୬ ଟିକିଆ ହାତୀପଲ ବାହାରି ରବିବାର ବିଳମ୍ବିତ ରାତିରେ କୁଜିମହଲ ଗ୍ରାମରେ ପଶି ଉତ୍ପାତ କରିବା ସହ ବ୍ୟାପକ କ୍ଷୟକ୍ଷତି କରିଛନ୍ତି। ଏହି ଗ୍ରାମର ଚନ୍ଦ୍ରଶେଖର ପ୍ରଧାନଙ୍କ ସ୍କୁଲ ପାଖରେ ଥିବା ଧାନଖଳାରୁ ୫/୬ ବସ୍ତା ଅମଳ ଧାନ ଖାଇବା ସହ ଧାନ ନଷ୍ଟ କରିଛନ୍ତି। ସେହିଭଳି ଜଗା ସାହୁଙ୍କ ବାଇଗଣ ବାଡିରେ ଏହି ହାତୀପଲ ପଶି ପନିପରିବା ଖାଇବା ସହ ଦଳିମକଚିଛନ୍ତି। ସୁନୀଲ ପ୍ରଧାନଙ୍କ ପାଚେରି ଭାଙ୍ଗି ଆମ୍ବ, ପଣସ ଗଛ ଓ ପନିପରିବା ଖାଇବା ସହ କୃଷ୍ଣଚନ୍ଦ୍ର ବେହେରାଙ୍କ ବାଡ଼ିରେ ପଶି ପନିପରିବା ଖାଇ ନଷ୍ଟ କରିଛନ୍ତି। ଏହାକୁ ନେଇ ଜଙ୍ଗଲ ଉପକଣ୍ଠରେ ଥିବା ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏପରି କି ହାତୀପଲଙ୍କୁ ଘଉଡ଼ାଇବାକୁ ବନ ବିଭାଗ ଦୃଷ୍ଟି ଦେବା ସହ ନଷ୍ଟ ହୋଇଥିବା ଧାନର କ୍ଷତିପୂରଣ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ପିସିସି ସଭାପତିଙ୍କୁ ଆକ୍ରମଣ ଉଦ୍ୟମ ଘଟଣା

# ଡିଜିପିଙ୍କୁ କଂଗ୍ରେସର ସ୍ମାରକପତ୍ର

କଟକ ଅଫିସ, ୧୮।୧

ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଉପରେ ହୋଇଥିବା ଆକ୍ରମଣ ଉଦ୍ୟମ ଘଟଣାକୁ ପିସିସି ପକ୍ଷରୁ ନିନ୍ଦା କରାଯାଇଛି। କଂଗ୍ରେସର ଏକ ପ୍ରତିନିଧିମଣ୍ଡଳୀ ସୋମବାର ଡିଜିପି ଅଭୟଙ୍କୁ ଭେଟି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଏକ ସ୍ମାରକପତ୍ର ଦେଇଥିଲେ।

ରବିବାର ନିରଞ୍ଜନ କେନ୍ଦୁଝର ଅଭିମୁଖେ ଯାଉଥିବାବେଳେ କାଶୀପୁର ନିକଟରେ କେତେଜଣ ଦୁର୍ବୃତ୍ତ ଏକ ଗାଡିରେ ଆସି ତାଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ସେହି ସମୟରେ ନିରଞ୍ଜନଙ୍କୁ ପିଏସ୍ଓ ଓ ଡ୍ରାଇଭର ସୁରକ୍ଷା ଦେବାକୁ ଆଗେଇ ଆସିବାବେଳେ ଦୁର୍ବୃତ୍ତମାନେ ସେମାନଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ପିଏସ୍ଓ କେନ୍ଦୁଝର ଟାଉନ୍ ଥାନାରେ ଏତଲା ଦେଇଥିଲେ ମଧ୍ୟ ପୋଲିସ କେବଳ ଜଣଙ୍କୁ ଗିରଫ କରିଛି। ଅନ୍ୟପକ୍ଷରେ ଦୁର୍ବୃତ୍ତ ବ୍ୟବହାର କରିଥିବା



ରାଜ୍ୟ କଂଗ୍ରେସର ନେତୃବୃନ୍ଦ ଡିଜିପି ଅଭୟଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

ଗାଡ଼ିକୁ ପୋଲିସ ଜବତ କରିନାହିଁ। ଏହାକୁ ନେଇ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ରାଜ୍ୟ କଂଗ୍ରେସର ଏକ ନେତୃମଣ୍ଡଳୀ କଟକସ୍ଥିତ ପୋଲିସ ମୁଖ୍ୟାଳୟରେ ଡିଜିପିଙ୍କୁ ଭେଟି ତୁରନ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଦାବି କରିଥିଲେ। ନ ହେଲେ ରାଜ୍ୟର କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ ବୋଲି ସୂଚନା ସେମାନେ ଦେଇଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ବିଧାୟକ ତାରା ପ୍ରସାଦ ବାହିନୀପତି, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପିସିସି ମୁଖପାତ୍ର ନିଶିକାନ୍ତ ମିଶ୍ର, କଟକ ଜିଲା କଂଗ୍ରେସ ସଭାପତି ମାନସ ଚୌଧୁରୀ, ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା, ପ୍ରଦେଶ ଯୁବ କଂଗ୍ରେସ ସଭାପତି ସ୍ମୃତି ରଞ୍ଜନ ଲେଙ୍କା, ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଯୋଗଦେଇଥିଲେ।

# ମୁଖ୍ୟ ଅଭିଯୁକ୍ତ ଗିରଫ

କେନ୍ଦୁଝର,୧୮।୧(ଡି.ଏନ୍.ଏ./ସ୍ୱ.ପ୍ର.)

ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ରବିବାର ରାତିରେ ଆକ୍ରମଣ ଉଦ୍ୟମ ଘଟଣା ରାଜନୈତିକ ମୋଡ଼ ନେଇଛି। ଏହି ଘଟଣାରେ କେନ୍ଦୁଝର ସହରର ମାଧପୁର ସାହିର ସଞ୍ଜୟ ମହାନ୍ତିଙ୍କୁ ପୋଲିସ ଗିରଫ କରିଛି। ସେ ଭାଜପାର ଜଣେ ସକ୍ରିୟ ସଦସ୍ୟ ହୋଇଥିବାରୁ ନିରଞ୍ଜନ ଭାଜପାକୁ କଡ଼ା ସମାଲୋଚନା କରିଛନ୍ତି। ସଞ୍ଜୟଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଥିବାବେଳେ ଘଟଣାରେ ସମ୍ପୃକ୍ତ ଅନ୍ୟ ୪ଜଣଙ୍କୁ ପୋଲିସ ଖୋଜୁଛି। କେନ୍ଦୁଝରରେ ନିରଞ୍ଜନଙ୍କୁ ଏହି ଆକ୍ରମଣ ଉଦ୍ୟମ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଥିବାବେଳେ ଦଳମତ ନିର୍ବିଶେଷରେ ଏହାକୁ ସମାଲୋଚନା କରାଯାଇଛି।

ଉଲ୍ଲେଖଯୋଗ୍ୟ, ରବିବାର ରାତିରେ ପିସିସି ସଭାପତି ନିରଞ୍ଜନ ଏକ ଜିପ୍‌ରେ କେନ୍ଦୁଝର ସହରର କଲେଜ ରୋଡ୍‌ଠାରେ ଥିବା ତାଙ୍କ ଘରକୁ ଆସୁଥିଲେ। ତାଙ୍କ ସହ ସୁରକ୍ଷା କର୍ମୀ ରାକେଶ ସିଂ ଓ ଡ୍ରାଇଭର ଥିଲେ। ସହରର ଜଗନ୍ନାଥପୁର ଛକଠାରେ କେତେଜଣ ଯୁବକ ଏକ ବୋଲେରୋରେ ଆସି ତାଙ୍କ ଗାଡ଼ିକୁ ଅଟକାଇ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ସୁରକ୍ଷାକର୍ମୀଙ୍କୁ ଧକ୍କା ମାରିଥିଲେ। ନିରଞ୍ଜନଙ୍କୁ ଆକ୍ରମଣ କରାଯାଇ ନ ଥିଲେ ମଧ୍ୟ ଏହା ଏକ ଗଣ୍ଡଗୋଳ ପରିବେଶ ସୃଷ୍ଟି କରିଥିଲା। ଏହି ଘଟଣା ପ୍ରଚାରିତ ହେବା ପରେ ଜିଲା କଂଗ୍ରେସ କମିଟି ସଭାପତି ବିପ୍ଳବ ମିଶ୍ର, ପିସିସିର ପୂର୍ବତନ ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ନଗର କଂଗ୍ରେସ ସଭାପତି ବସନ୍ତ ଦାସ, ଜିଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀରଙ୍କ ସମେତ ବହୁ କଂଗ୍ରେସ କର୍ମୀ ଥାନା ଓ କଂଗ୍ରେସ ଅଫିସରେ ଏକତ୍ରିତ ହୋଇଥିଲେ। ବିଳମ୍ବିତ ରାତିରେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଟାୟାର ଜାଳି ବିକ୍ଷୋଭ ମଧ୍ୟ ପ୍ରଦର୍ଶନ କରାଯାଇଥିଲା।

# 'ଆକ୍ରମଣ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ'

ଭୁବନେଶ୍ୱର,୧୮।୧(ବ୍ୟୁରୋ): ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ରବିବାର ଭୁବନେଶ୍ୱର କେନ୍ଦୁଝର ଯିବା ବେଳେ ରାତି ୮ଟାରେ କେନ୍ଦୁଝର ଟାଉନସ୍ଥିତ କାଶିପୁର ନିକଟରେ ୪ରୁ ୫ଜଣ ଦୁର୍ବୃତ୍ତ ପିସିସି ତାଙ୍କ ଗାଡ଼ିକୁ ଓଭରଟେକ କରି ଆକ୍ରମଣ କରିବାକୁ ଉଦ୍ୟମ କଲେ। ସଭାପତିଙ୍କୁ ସୁରକ୍ଷା ଦେବାକୁ ଯାଇ ବ୍ୟକ୍ତିଗତ ସୁରକ୍ଷାକର୍ମୀ ଓ ଡ୍ରାଇଭର ଆଗକୁ ଆସିବାରୁ ଉକ୍ତ ୫ଜଣ ଦୁର୍ବୃତ୍ତ ତାଙ୍କୁ ଆକ୍ରମଣ କଲେ। ଯାହାକି ଅତି ନିନ୍ଦନୀୟ ଘଟଣା ବୋଲି ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି। ସୋମବାର ଏଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତିଯେ ସୁରକ୍ଷାକର୍ମୀ ଥାନାରେ ଏତଲା ଦେବାପରେ ପୋଲିସ ଟାଳଟୁଳ ନୀତି ଅବଲମ୍ବନ କରି ୫ଜଣ ପରିବର୍ତ୍ତେ ଜଣକୁ ଗିରଫ କରିଛି। କେନ୍ଦୁଝର ଭଜାପା ଯୁବ ମୋର୍ଚ୍ଚାର ଉପଦେଷ୍ଟା ବୋଲି ସେ ସ୍ୱୀକାର କରିଛନ୍ତି ବୋଲି ଜୟଦେବ କହିଛନ୍ତି।

# ଓଡ଼ିଶା ପାଇଲାଣି ୨୭୮୬ କୋଟି ଜିଏସ୍‌ଟି କ୍ଷତିପୂରଣ

ନୂଆଦିଲ୍ଲୀ,୧୮।୧

ରାଜ୍ୟଗୁଡ଼ିକୁ ଜିଏସ୍‌ଟି କ୍ଷତିପୂରଣର ୧୨ତମ କିସ୍ତି ଭାବେ କେନ୍ଦ୍ର ସରକାର ସୋମବାର ଆଉ ୬ ହଜାର କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏହି ବାବଦକୁ ଓଡ଼ିଶା ଏବେ ସୁଦ୍ଧା ୨୭୮୬.୫୩ କୋଟି ଟଙ୍କା ଲାଭ କରିଛି। ଅପରପକ୍ଷରେ ୨୮୫୮ କୋଟି ଟଙ୍କାର ଋଣ କରିବା ଲାଗି ଅର୍ଥ ମନ୍ତ୍ରଣାଳୟ ଏହି ରାଜ୍ୟକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ବର୍ତ୍ତମାନର ୬ ହଜାର କୋଟି ଟଙ୍କା ମଧ୍ୟରୁ ୨୩ ରାଜ୍ୟ ୫,୫୧୬.୬୦ କୋଟି ଟଙ୍କା ପାଇଛନ୍ତି। ସେହିଭଳି ଦିଲ୍ଲୀ, ଜମ୍ମୁକଶ୍ମୀର ଏବଂ ପୁଡୁଚେରୀକୁ ୪୮୩.୪୦ କୋଟି ଟଙ୍କା ମିଳିଛି। ଅରୁଣାଞ୍ଚଳ ପ୍ରଦେଶ, ମଣିପୁର, ମିଜୋରାମ, ନାଗାଲାଣ୍ଡ, ସିକିମ ଭଳି ୫ ରାଜ୍ୟ ରାଜସ୍ୱ କ୍ଷତି ସହିନାହାନ୍ତି। ଫଳରେ ଉକ୍ତ ରାଜ୍ୟଗୁଡ଼ିକୁ କ୍ଷତିପୂରଣ ଦିଆଯାଇନାହିଁ। ମୋଟ ୧୨ କିସ୍ତିରେ କେନ୍ଦ୍ର ୭୨ ହଜାର କୋଟି ଟଙ୍କା ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକୁ ପ୍ରଦାନ କରିସାରିଛି। ଏହା ପ୍ରଦାନ କରାଯିବାକୁ ଥିବା ମୋଟ କ୍ଷତିପୂରଣ ରାଶିର ପ୍ରାୟ ୬୫%। ଏହି ରାଶି ମଧ୍ୟରୁ ରାଜ୍ୟଗୁଡିକ ୬୫,୫୮୨.୯୬ କୋଟି ଟଙ୍କା ପାଇଥିବା ବେଳେ ୩ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକର ଭାଗରେ ୬,୪୧୭.୦୪ କୋଟି ଟଙ୍କା ପଡିଛି।

ସ୍ୱତନ୍ତ୍ର ଋଣ ୱିଣ୍ଡୋରୁ ସରକାର ୧.୧୦ ଲକ୍ଷ କୋଟି ଟଙ୍କା ଋଣ କରି ରାଜ୍ୟଗୁଡ଼ିକୁ ପ୍ରଦାନ କରୁଛନ୍ତି। ସେହିଭଳି ରାଜ୍ୟଗୁଡିକ ୧.୦୬ ଲକ୍ଷ କୋଟି ଟଙ୍କା ଋଣ ଉଠାଣ କରିପାରିବେ ବୋଲି କେନ୍ଦ୍ର ସରକାର ଅନୁମତି ପ୍ରଦାନ କରିଛନ୍ତି। ଜିଏସ୍‌ଟି କ୍ଷତିପୂରଣ ରାଶି ଭରଣା ଲାଗି ରାଜ୍ୟଗୁଡ଼ିକୁ କେନ୍ଦ୍ର ସରକାର ୨ଟି ବିକଳ୍ପ ଦେଇଥିଲେ। ରିଜର୍ଭ ବ୍ୟାଙ୍କ ୱିଣ୍ଡୋରୁ ୯୭ ହଜାର କୋଟି କିମ୍ବା ଖୋଲା ବଜାରରୁ ମୋଟ ୨.୩୫ ଲକ୍ଷ କୋଟି ଟଙ୍କାର ଋଣ ଉଠାଣ ନେଇ ରାଜ୍ୟଗୁଡିକୁ ବିକଳ୍ପ ଦିଆଯାଇଥିଲା। କ୍ଷତିପୂରଣ ରାଶିକୁ ନେଇ କେନ୍ଦ୍ର ରାଜ୍ୟ ମଧ୍ୟ ଟଣାଓଟରା ଲାଗି ରହିଥିଲା। ପ୍ରଥମ ବିକଳ୍ପ ରାଶିକୁ କେନ୍ଦ୍ର ସରକାର ୧ ଲକ୍ଷ କୋଟି ଟଙ୍କାରୁ ଉର୍ଦ୍ଧ୍ୱକୁ ବଢ଼ାଇଛନ୍ତି। ଅପରପକ୍ଷରେ ପ୍ରଥମ ବିକଳ୍ପକୁ ସବୁ ରାଜ୍ୟ ପସନ୍ଦ କରିଛନ୍ତି। ଏହି ବିକଳ୍ପ ନେଇଥିବା ସବୁ ରାଜ୍ୟ ଅତିରିକ୍ତ ୧.୦୬ ଲକ୍ଷ କୋଟି ଟଙ୍କା ଉଠାଣ କରିବାକୁ କେନ୍ଦ୍ର ସରକାର ଅନୁମତି ପ୍ରଦାନ କରିଛନ୍ତି।



କୃଷି ଆଇନକୁ ବିରୋଧ କରି ଭୁବନେଶ୍ୱର ସତ୍ୟନଗରଠାରେ ସୋମବାର ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ୱିମେନ୍ ଆସୋସିଏଶନ ପକ୍ଷରୁ କରାଯାଇଥିବା ବିକ୍ଷୋଭ।

# କୁହୁଡ଼ି ଯୋଗୁ ଓଲଟିଲା ପିକ୍‌ନିକ୍ ବସ୍

## ଜଣେ ମୃତ, ୨ ଗୁରୁତର

ପାରଳାଖେମୁଣ୍ଡି/ଆର.ଉଦୟଗିରି, ୧୮।୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା କେନ୍ଦୁପଡ଼ା ଫାଣ୍ଡି ଅନ୍ତର୍ଗତ ଡୁମ୍ବଲାପଦର ବୁଲାଣିଆ ଘାଟି ରାସ୍ତାରେ ସୋମବାର ସକାଳ ପ୍ରାୟ ୬ଟାରେ ଘନ କୁହୁଡ଼ି ଯୋଗୁ ଏକ ପିକ୍‌ନିକ୍ ବସ୍ ଓଲଟି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୨ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଭୁବନେଶ୍ୱରର ସୁନୀଲ କୁମାର ସାହୁ (୨୮)।

ପ୍ରକାଶ ଯେ, ପୁରୀଠାରୁ ୨୦ ଜଣ ପିକ୍‌ନିକ୍ କରିବା ପାଇଁ ଏକ (ଓଡି୧୩ ଏମ ୦୦୨୫) ମିନିବସ୍‌ରେ ରବିବାର କୋରାପୁଟର ଗୁପ୍ତେଶ୍ୱର ଯାଇଥିଲେ। ସେଠାରୁ ବସ୍‌ଟି ଫେରୁଥିବା ବେଳେ ଗଜପତି ଓ ରାୟଗଡ଼ା ଜିଲା ସୀମାନ୍ତବର୍ତ୍ତୀ ଡୁମୁଲାପଦର ଗ୍ରାମ ନିକଟସ୍ଥ ବୁଲାଣି ରାସ୍ତାରେ ଘନକୁହୁଡି ଯୋଗୁ ଓଲଟି



ଦୁର୍ଘଟଣାଗ୍ରସ୍ତ ପିକ୍‌ନିକ୍ ଗାଡ଼ି।

ପଡିଥିଲା। ଫଳରେ ଘଟଣାସ୍ଥଳରେ ସୁନୀଲଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ମୋହନା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ୧୨ଜଣ ଆହତଙ୍କୁ ଉଦ୍ଧାର କରି ମୋହନା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେମାନଙ୍କ ମଧ୍ୟରୁ ଭୁବନେଶ୍ୱରର ମା'ଜୁନି ପ୍ରଧାନ(୩୫) ଓ ଝିଅ ପାପାଲି(୮)ଙ୍କ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଅନ୍ୟମାନେ ପ୍ରାଥମିକ ଚିକିତ୍ସା ପରେ ନିଜ ନିଜ ଘରକୁ ଫେରିଥିବା ଜଣାପଡ଼ିଛି। ପୋଲିସ ମୃତଦେହ ଜବତ କରିବା ସହ ମୋହନା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଆଇଆଇସି ସୁଜିତ କୁମାର ନାୟକ ସୂଚନା ଦେଇଛନ୍ତି।

# ଜମି ଦେବା ନାଁରେ ଠକେଇ, ବିଲ୍ଡର ଗିରଫ

ବାଲିଅନ୍ତା,୧୮।୧(ଡି.ଏନ୍.ଏ.): ବାଲିଅନ୍ତା ବ୍ଲକ ଜଗନ୍ନାଥପୁର ମୌଜାରେ ଜମି ଦେବାକୁ କହି ୩୩ ଲକ୍ଷ ଟଙ୍କା ଠକେଇ କରିବା ଅଭିଯୋଗରେ ପୋଲିସ ଜଣେ ବିଲ୍ଡରଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ବାଲିଅନ୍ତା ଥାନା ଅଞ୍ଚଳର ସଂଗ୍ରାମ ଜେନା। ସୂଚନାଯୋଗ୍ୟ, ଭୁବନେଶ୍ୱର ଚନ୍ଦ୍ରଶେଖରପୁରରେ ରହୁଥିବା କଣ୍ଟିଲୋ ଅଞ୍ଚଳର ରମେଶ ଚନ୍ଦ୍ର ବେହେରା ଓ ତାଙ୍କ ଅନ୍ୟ ୨ ଭାଇଙ୍କଠାରୁ ଜମି ଦେବାକୁ କହି ୨୦୧୯ରେ ୩୩ ଲକ୍ଷ ଟଙ୍କା ନେଇଥିଲେ। କିନ୍ତୁ ଜମି ଦେବାରେ ବିଳମ୍ବ କରିବା ସହ ଦିନ ଗଡ଼ାଇ ଚାଲିଥିଲେ। ଶେଷରେ ରମେଶ ଓ ତାଙ୍କ ୨ ଭାଇ ଜମି ବାବଦରେ ଦେଇଥିବା ଟଙ୍କା ମାଗିଥିଲେ ମଧ୍ୟ ସଂଗ୍ରାମ ଫେରାଇ ନ ଥିଲେ। ଫଳରେ ଠକାମିର ଶିକାର ହୋଇଥିବା ଜାଣି ରମେଶ ବାଲିଅନ୍ତା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୧୭/୨୧) ରୁଜୁ କରି ତଦନ୍ତ କରୁଥିଲେ।

# ଧଳାଜହର କାରବାରରେ ନାବାଳକ

## ୨ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ

ଜଳେଶ୍ୱର,୧୮।୧(ଡି.ଏନ.ଏ.)

ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତ ବାଲେଶ୍ୱର ଜିଲାର ଜଳେଶ୍ୱର ଅଞ୍ଚଳ ବ୍ରାଉନ୍‌ସୁଗାର କାରବାରର ପେଣ୍ଠସ୍ଥଳୀ ପାଲଟିଛି। ବ୍ରାଉନସୁଗାର ବେପାରୀମାନେ ଏବେ ନାବାଳକଙ୍କୁ ମାଧ୍ୟମ କରି ନିଜର କାରବାର ଜାରି ରଖିଛନ୍ତି। ସୋମବାର ଜଣେ ନାବାଳକଙ୍କଠାରୁ ୨ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ ହେବା ପରେ ଏହା ସ୍ପଷ୍ଟ ହୋଇଛି।

ପୂର୍ବାହ୍ନରେ ଜଳେଶ୍ୱର ପୋଲିସ୍ ଝାଡ଼େଶ୍ୱରପୁର ବସ୍ତି ୧ନଂ. ୱାର୍ଡ଼ର ସେଖ ସକିଲଙ୍କ ଘର ଉପରେ ଚଢ଼ାଉ କରିଥିଲା। ତାଙ୍କ ୧୪ବର୍ଷର ନାବାଳକ



ଜଳେଶ୍ୱର ପୋଲିସ୍ ପକ୍ଷରୁ ଚଢ଼ାଉ।

ପୁଅ ଘର ବାହାରେ ଏକ ମଶିଣା ଉପରେ ବସି ପୁଡ଼ିଆମାନ ରଖି ବିକ୍ରି କରୁଥିବା ନଜରକୁ ଆସିଥିଲେ। ଏହି ସମୟରେ ସକିଲ ଖସିଯିବାକୁ ସକ୍ଷମ ହୋଇଥିଲେ। ପୋଲିସ ନାବାଳକଙ୍କଠାରୁ ୨୦ ଗ୍ରାମ୍ ଓଜନର ବ୍ରାଉନସୁଗାର ଜବତ କରିବା ସହ ତାଙ୍କୁ ଅଟକ ରଖିଛି। ଏହି ଚଢ଼ାଉରେ ଜଳେଶ୍ୱର ଅତିରିକ୍ତ ତହସିଲଦାର ଶାନ୍ତିରାମ ହେମ୍ବ୍ରମ, ଜଳେଶ୍ୱର ଥାନା ଆଇଆଇସି ମାନସ ଦେଓ, ଏଏସ୍‌ଆଇ ସତ୍ୟନାରାୟଣ ବଳ, ନରେନ୍ଦ୍ର ସେଠୀ ଓ ବହୁ ପୋଲିସ୍ କର୍ମଚାରୀ ସାମିଲ ଥିଲେ।

**ନର୍ସଙ୍କ ବ୍ୟବହାର ଅସହ୍ୟ ହେଉଛି, ଅଭିଯୋଗ ଆଣିଲା ଆଶା ସଂଘ**

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ନାହାନ୍ତି। ଜରୁରୀକାଳୀନ ପରିସ୍ଥିତିରେ ଗର୍ଭବତୀ ମା'ମାନଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥାଏ। ହେଲେ ସେଠାରେ ଆଶାମାନଙ୍କୁ ନର୍ସମାନେ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ଏ ନେଇ ଲୋଇସିଂହା ଆଶା ସଂଘର ପକ୍ଷରୁ ବିଧାୟକ ମୁକେଶ ମହାଲିଙ୍ଗଙ୍କ ନିକଟରେ ଅଭିଯୋଗ କରାଯାଇଛି। କୋଭିଡ ଟୀକାକରଣ କାର୍ଯ୍ୟର ଶୁଭାରମ୍ଭ ଅବସରରେ ବିଧାୟକ ଆସିଥିବା ବେଳେ ଆଶା ସଂଘର ସଦସ୍ୟ ସୌରୂପା ସୁନା, କୁସୁମ ମଞ୍ଜରୀ ଖମାରୀ, ମହେନ୍ଦ୍ରୀ ସାହୁ, ସ୍ୱପ୍ନାରାଣୀ ମିଶ୍ର ପ୍ରମୁଖ ସାକ୍ଷାତ୍ କରି ଏହି ଅଭିଯୋଗ କରିଛନ୍ତି।

# ଧାନ ଉଠୁନି, ରାସ୍ତା ରୋକିଲେ ଚାଷୀ

**ପଦ୍ମପୁର, ୧୮।୧ (ଡି.ଏନ.ଏ)**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡର ବିଭିନ୍ନ ମଣ୍ଡିରେ ମାସେରୁ ଊର୍ଦ୍ଧ୍ୱ ହେବ ଚାଷୀଙ୍କ ଧାନ ବିକ୍ରି ନ ହୋଇ ପଡିରହିଛି। ପ୍ରତିଦିନ ଚାଷୀ ଧାନ ବିକ୍ରି କରିବା ଆଶାରେ ମଣ୍ଡିକୁ ଯାଉଛନ୍ତି। ମାତ୍ର ସେମାନଙ୍କ ଧାନ ବିକ୍ରି ହୋଇ ପାରୁନାହିଁ। ଏହାର ପ୍ରତିବାଦରେ ସୋମବାର ଚାଷୀମାନେ ପଦ୍ମପୁର-ସୋହେଲା ରାସ୍ତାକୁ ଅବରୋଧ କରିଥିଲେ। ଚାଷୀମାନେ ପ୍ରଥମେ ପଦ୍ମପୁର ଏଆର୍‌ସିଏସ୍ ବିଭୂତି ଭୂଷଣ ପୁରୋହିତଙ୍କ ସହ ଆଲୋଚନା କରିଥିଲେ। ଆଲୋଚନାରେ ସନ୍ତୁଷ୍ଟ ନ ହେବାରୁ ଆର୍‌ଏମ୍‌ସି ସମ୍ପାଦକଙ୍କ ଅଫିସକୁ ଯାଇ ସମସ୍ୟା ଅବଗତ କରିଥିଲେ। ମାତ୍ର କୌଣସି ସନ୍ତୋଷଜନକ ଉତ୍ତର ନ ମିଳିବାରୁ ପଦ୍ମପୁର, ଜମଲା, କନସିଂହା, ବରିକେଲ ପ୍ୟାକ୍ସ ଅଧୀନ ଚାଷୀମାନେ ସୋମବାର ଦିନ ପ୍ରାୟ ସାଢ଼େ ୧୧ଟାରେ ପଦ୍ମପୁର ଆମ୍ବେଦକର ଛକଠାରେ ଧାନ ପକାଇ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ପଦ୍ମପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲା। ମଧ୍ୟାହ୍ନରେ ପଦ୍ମପୁର ଉପଜିଲାପାଳ ତନ୍ମୟ ଦରୱାନ ଘଟଣାସ୍ଥଳକୁ ଯାଇଥିଲେ ମଧ୍ୟ ଗାଡିରୁ ନ ଓହ୍ଲାଇ ବିନା ଆଲୋଚନାରେ ଫେରି ଯାଇଥିଲେ। ରାତି ୮ଟାରେ ପୁଣି ଉପଜିଲାପାଳ ଦରୱାନ ଓ ଏଆରସିଏସ୍ ପୁରୋହିତ ଆନ୍ଦୋଳନରତ ଚାଷୀଙ୍କ ସହିତ ଆଲୋଚନା କରି ୩ ଦିନ ମଧ୍ୟରେ ଧାନ ଉଠିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ହଟିଥିଲା। ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ ଓ ପ୍ରଦୀପ ପୁରୋହିତ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ।



ପଦ୍ମପୁରରେ ଚାଷୀମାନେ ଧାନ ଗଦା କରି ରାସ୍ତା ଅବରୋଧ କରିଛନ୍ତି ।

- ମଣ୍ଡିରେ ପଡିଛି ୧୪.୮୩ ଲକ୍ଷ ବସ୍ତା ଧାନ
- ୧୦ ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କ ଟୋକନ ଲାପ୍ସ

ସୂଚନାଯୋଗ୍ୟ, ପଦ୍ମପୁର ଉପଖଣ୍ଡର ମୋଟ ୭୦ଟି ମଣ୍ଡିରେ ସୋମବାର ସୁଦ୍ଧା ୧୪ ଲକ୍ଷ ୮୩ ହଜାର ୫୭୩ ପ୍ୟାକେଟ ଧାନ ଖୋଲା ଆକାଶ ତଳେ ପଡି ରହିଛି। କେବଳ ପଦ୍ମପୁର ମାର୍କେଟ ୟାର୍ଡରେ ମୋଟ ୧ଲକ୍ଷ ୧୧ହଜାର ୯୬୨ ପ୍ୟାକେଟ ଧାନ ରହିଛି । ଧାନ ସଂଗ୍ରହ ପ୍ରକ୍ରିୟାରେ ବିଳମ୍ବ ଓ ଟୋକନ ଥିଲେ ମଧ୍ୟ ଧାନ ଉଠି ପାରୁ ନ ଥିବାରୁ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କ ଟୋକନ ଲାପ୍‌ସ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି । ରବିବାର ସୁଦ୍ଧା ପଦ୍ମପୁର ଉପଖଣ୍ଡର ବିଭିନ୍ନ ମଣ୍ଡିରୁ ୪୮ ଲକ୍ଷ ୮୫ ହଜାର ୪୮୧ ପ୍ୟାକେଟ ଧାନ ବିକ୍ରି ହୋଇଥିବା ବେଳେ ଆହୁରି ୪୧ ହଜାର ୧୫୬ ଜଣ ଚାଷୀଙ୍କ ୧୪ ଲକ୍ଷ ୮୩ ହଜାର ୫୭୩ ପ୍ୟାକେଟ ଧାନ ପଡିରହିଛି। ଟ୍ୟାଗ୍ ନ ଥିବାରୁ ଧାନ ଉଠାଇବା ନେଇ ପ୍ରଶାସନ ନିଜର ଅସହାୟତା ପ୍ରକାଶ କରୁଥିବା ବେଳେ ରାଜଧାନୀରେ ହିଁ ରିମୋଟ୍ ରହିଛି ବୋଲି ଚାଷୀମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି । ଯଦି ଚାଷୀଙ୍କ ଧାନ ସରକାର କିଣିବାର ବ୍ୟବସ୍ଥା ନ କରିବେ ତେବେ ବିଷ ପିଇ ଆତ୍ମହତ୍ୟା କରିବୁ ବୋଲି ଜୟହିନ୍ଦ କୃଷକ ସଙ୍ଗଠନର ଲିଙ୍ଗରାଜ ଗଡତିଆ ଚେତାବନୀ ଦେଇଛନ୍ତି। ସେହିପରି ପ୍ରଶାସନକୁ ୧ ମାସ ହେଲା ଧାନ ବିକ୍ରି ପାଇଁ ଜଣାଇଥିଲେ ମଧ୍ୟ କେବଳ ଫମ୍ପା ପ୍ରତିଶ୍ରୁତି ମିଳିଛି ବୋଲି ପୁରେନା ଗ୍ରାମର ଚାଷୀ ଦେବରାଜ ସାହୁ ଅଭିଯୋଗ କରିଛନ୍ତି।

## ଆସୁନାହାନ୍ତି ମିଲର୍ସ, ପଡ଼ିରହିଛି ଧାନ

**ଜହ୍ନାପଙ୍କ, ୧୮।୧ (ଡି.ଏନ.ଏ)**

ବୌଦ୍ଧ ବ୍ଲକ ତେଲିବନ୍ଧ ମଣ୍ଡିରେ ଟୋକନ ସମସ୍ୟା ଲାଗି ରହିଛି। କଟନୀ ଛଟନୀ ପାଇଁ ଧାନ ବିକ୍ରି ହୋଇ ନ ପାରିବାରୁ ମଣ୍ଡିରେ ଧାନ ପଡିରହିଛି। ଫଳରେ ଚାଷୀ ଶୀତ କାକରରେ ଧାନ ଜଗିଛନ୍ତି। ମିଲର୍ସ ଆସୁ ନ ଥିବାରୁ ଗତ ୧୫ ତାରିଖରୁ ଟୋକନ ପାଇଥିବା ଚାଷୀଙ୍କ ଧାନ ଉଠିପାରୁନାହିଁ।

ବୌଦ୍ଧ କେନ୍ଦ୍ର ସମବାୟ ବ୍ୟାଙ୍କ ତେଲିବନ୍ଧ ଶାଖା ପକ୍ଷରୁ ତେଲିବନ୍ଧ ପଞ୍ଚାୟତରେ ଗୋଟିଏ ପ୍ୟାକ୍ସ ରହିଛି। କମ୍ ଟାର୍ଗେଟ ଓ ମିଲର୍ସ ଆସୁ ନ ଥିବାରୁ ମଣ୍ଡିରୁ ଧାନ ଉଠିପାରୁନାହିଁ। ୫ଟି ମିଲର୍ସ ଧାନ ଉଠାଇବା ପାଇଁ ଚୁକ୍ତିନାମା କରିଥିଲେ ମଧ୍ୟ ଠିକ୍ ସମୟରେ ଗାଡି ପଠାଉ ନ ଥିବାରୁ ଆବଶ୍ୟକ ଧାନ ଉଠି ପାରୁନାହିଁ। ତେଲିବନ୍ଧ ମଣ୍ଡିରେ

**ଶୀତ କାକରରେ ଜଗିଛନ୍ତି ଚାଷୀ**

୧୨୪୯ ଜଣ ଚାଷୀଙ୍କ ପଞ୍ଜୀକରଣ ହୋଇଥିବା ବେଳେ ୫୦୦ ଚାଷୀ ଟୋକନ ପାଇଛନ୍ତି। ଏଥିମଧ୍ୟରୁ ୪୦୦ ଚାଷୀଙ୍କ ୨୨ ହଜାର କୁଇଣ୍ଟାଲ ଧାନ ତେଲିବନ୍ଧ ପ୍ୟାକ୍ସ କିଣିଥିବା ବେଳେ ପ୍ରାୟ ୨୦ ଜଣ ଚାଷୀଙ୍କ ୧୦୦ ବସ୍ତା ଧାନ ପଡିରହିଛି। ମିଲର୍ସ ଓ ସରକାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ରହିଥିବାରୁ ଏଫଏକ୍ୟୁ ଧାନ ଥିଲେ ମଧ୍ୟ ଜୋରଜବରଦସ୍ତ ୩ରୁ ୪ କେଜି କଟାଯାଉଥିବା ଚାଷୀମାନେ କହୁଛନ୍ତି। ତେଲିବନ୍ଧ ପ୍ୟାକ୍ସରେ ଟାର୍ଗେଟ ବଢ଼ିବା ସହିତ ଅଧିକ ମିଲର୍ସଙ୍କୁ ସାମିଲ କରି ଧାନ ବିକ୍ରି କରତବାକୁ ଦାବି ହେଉଛି। ଏ ଦିଗରେ ପଦକ୍ଷେପ ଗ୍ରହଣ ନ କଲେ ଆନ୍ଦୋଳନ କରାଯିବ ବୋଲି କୃଷକ ମୋର୍ଚ୍ଚା ବ୍ଲକ ସଭାପତି ନବୀନ ପ୍ରଧାନ ଚେତାବନୀ ଦେଇଛନ୍ତି।



ଚାଷୀମାନେ ମଣ୍ଡିରେ ଧାନକୁ ଜଗିରହିଛନ୍ତି ।

## ଧାନ ଉଠାଣ ଦାବି, ଜିଲାପାଳଙ୍କୁ ଫେରାଦ



ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀବୃନ୍ଦ ।

**ବରଗଡ଼ ଅଫିସ୍,୧୮।୧**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଭେଙ୍ଗରାଜପୁର ମଣ୍ଡି ଉପରେ ନିର୍ଭରଶୀଳ ଚାଷୀଙ୍କ ଧାନ ଉଠାଣ ହେଉନାହିଁ। ଏଭଳି ଅଭିଯୋଗ ନେଇ ଅଞ୍ଚଳର ଚାଷୀମାନେ ସୋମବାର ବରଗଡ଼ ଜଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଫେରାଦ ହୋଇଥିଲେ। ସେମାନେ ଜିଲାପାଳ ପ୍ରଧାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ଧାନ ଉଠାଣ ଦିଗରେ ବିହିତ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଭେଙ୍ଗରାଜପୁର ମଣ୍ଡିରେ ପ୍ରାୟ ୩୨ହଜାର ପ୍ୟାକେଟ୍ ଧାନ ପଡ଼ି ରହିଛି । ମିଲର୍ସଙ୍କୁ ଧାନ ଉଠାଣର ଟ୍ୟାଗ୍ ମିଳିନାହିଁ। ଫଳରେ ସେମାନେ ଧାନ ଉଠାଣ ପାଇଁ ମଣ୍ଡିକୁ ଆସୁ ନାହାନ୍ତି। ଅନ୍ୟପଟେ ଚାଷୀଙ୍କୁ ମିଳିଥିବା ଟୋକନ ଅବଧି ସରି ଯାଇଛି। ଫଳରେ ମିଲର୍ସମାନଙ୍କୁ ଟ୍ୟାଗ୍ ପ୍ରଦାନ କରିବା ସହିତ ଧାନ ଉଠାଣ ଦିଗରେ ପଦକ୍ଷେପ ଦେବାକୁ ହୁତାସନ ପଣ୍ଡା, ଯୋଗେଶ୍ୱର ସାହୁ, ଭୀଷ୍ମଦେବ ସାହୁ ପ୍ରମୁଖ ଚାଷୀ ଦାବି କରିଛନ୍ତି ।

## ସଂକ୍ଷେପରେ

### ଡୁଙ୍ଗୁରିପାଲି ସିଏଚ୍‌ସି: ୧୭୮ ଜଣ ଟିକା ନେଲେ

**ଡୁଙ୍ଗୁରିପାଲି, ୧୮।୧ (ଡି.ଏନ.ଏ):** ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ମକରଧ୍ୱଜ ସାହୁ କୋଭିଡ ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ବିଡିଓ ଆନନ୍ଦ ଚନ୍ଦ୍ର ମିଶ୍ର, ସିଡିପିଓ ଜୟନ୍ତୀ ଗଡତ୍ୟା, ଗୋଷ୍ଠୀ ସ୍ୱାସ୍ଥ୍ୟ ଚିକିତ୍ସାଧିକାରୀ ପାର୍ଥପ୍ରତିମା ପଣ୍ଡା, ବିପିଏମ ରାକେଶ ମହାପାତ୍ର, ଜନସ୍ୱାସ୍ଥ୍ୟ ଅଧିକାରୀ ଶେଷଦେବ ଥନାପତି, ଡା. ସଞ୍ଜୟ କୁମାର ପଧାନ, ବଦ୍ରିନାରାୟଣ ପାଣ୍ଡିଆ, ଡା. ଶାନ୍ତନୁ ମେହେର ଉପସ୍ଥିତ ଥିଲେ। ପ୍ରଥମେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପଣ୍ଡା ଓ ଅଙ୍ଗନୱାଡି କର୍ମୀ ବ୍ଲକ ସଭାନେତ୍ରୀ ପୁଷ୍ପାଞ୍ଜଳି ଦାଶଙ୍କୁ ଟିକା ପ୍ରଦାନ କରାଯାଇଥିଲା। ପ୍ରଥମ ଦିନରେ ୧୭୮ଜଣଙ୍କୁ ଟିକା ଦିଆଯାଇଛି ।

### ଟିକା ନେଲେ ୧ଶହ କୋଭିଡ ଯୋଦ୍ଧା

**ଲୋଇସିଂହା,୧୮।୧(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୋଭିଡ ୧୯ ଟିକାକରଣର ଶୁଭାରମ୍ଭ ହୋଇଛି। ବିଧାୟକ ମୁକେଶ ମହାଲିଙ୍ଗ ଟୀକାକରଣ କାର୍ଯ୍ୟକୁ ଉଦ୍‌ଘାଟନ କରିଥିଲେ । ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରୀ ପ୍ରତିମା ସୋରେନ ପ୍ରଥମ ଟିକା ନେଇଥିଲେ। ପ୍ରଥମଦିନରେ ୧ଶହ କୋଭିଡ ଯୋଦ୍ଧା ଟିକା ନେଇଥିବା ପିଏଚଓ ରମେଶ ସାହୁ କହିଛନ୍ତି।

### ଟିକାନେଲେ କୋଭିଡ ଯୋଦ୍ଧା

**ବେଲପଡା, ୧୭।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ବେଲପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର କୋରୋନା ଟୀକାଦାନର ଶୁଭାରମ୍ଭ ହୋଇଛି । ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡାକ୍ତର ରବୀନ୍ଦ୍ର ମେହେର ପ୍ରଥମେ ଟକା ନେଇଥିଲେ। ପରେ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ ଆଶାକର୍ମୀମାନେ ଟୀକା ନେଇଥିଲେ ।

### ୬୭ଜଣ ନେଲେ କରୋନା ଟିକା

**ସଇଁତଲା, ୧୮।୧ (ଡ଼ି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର ସ୍ୱାସ୍ଥ୍ୟକର୍ମୀମାନଙ୍କୁ କରୋନା ଟିକା ଦିଆଯାଇଛି। ବ୍ଲକ ଅଞ୍ଚଳର ଡାକ୍ତର, ଷ୍ଟାଫ ନର୍ସ, ଆଟେଣ୍ଡାଟ, ସଫେଇ କର୍ମଚାରୀ ଓ ଆଶା କର୍ମୀଙ୍କୁ ମିଶାଇ ସର୍ବମୋଟ ୬୭ ଜଣଙ୍କୁ ଟିକା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଇଁତଲା ବିଡିଓ ଦେବାଶିଷ ସାମଲ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଡ଼ା. ସମରେନ୍ଦ୍ର ମହାପାତ୍ର, ଡ଼. ସୌମ୍ୟ ରଞ୍ଜନ ନାଏକ, ଡ଼ା. ନମିତା ବିଶି, ଡ଼ା. ବି. ଜ୍ୟୋତିରାଜ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଷ୍ଟାଫନର୍ସ ଶୃତିକନି ନାଗଙ୍କୁ ପ୍ରଥମେ ଟୀକା ଦିଆଯାଇଥିଲା ।

### ଦେଓଗାଁରେ କୋଭିଡ ଟିକାକରଣ ଶୁଭାରମ୍ଭ

**ଦେଓଗାଁ,୧୮।୧(ଡି.ଏନ.ଏ.):** ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର ଟିକାକରଣ କରାଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା.ସୁରେନ୍ଦ୍ର କୁମାର ପାରକିଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିପିଏମ କୁମୁଦ ରଞ୍ଜନ ନାୟକ ଟିକାର ବିବରଣୀ ପ୍ରଦାନ କରିଥିଲେ । ପ୍ରଥମ ଦିବସରେ ୮୦ଜଣଙ୍କୁ ଟିକା ଲଗାଯାଇଥିବା ବିଭାଗ ତରଫରୁ ସୂଚନା ମିଳିଛି । ପଥମ ଟିକା ନେଇଥିବା ସ୍ୱାସ୍ଥ୍ୟ କର୍ମଚାରୀ ହେଉଛନ୍ତି ସୁଶୀଲ କୁମାର ମିଶ୍ର । କାର୍ଯ୍ୟକ୍ରମ ଶୁଭାରମ୍ଭ ସମୟରେ ଡା.ଗୀତାଞ୍ଜଳି ସାହୁ, ଡା.ଅଙ୍କିତ ମହାନ୍ତି, ପିଏଚଇଓ ଲକ୍ଷ୍ମଣ ମେହେର, ବିଡିଏମ ବିପ୍ଳବ ମିଶ୍ର ତଥା କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ। ବିଭିନ୍ନ ଦାବିକୁ ନେଇ ଆନ୍ଦୋଳନରେ ରହିଥିବା ୨୫ଜଣ ସ୍ୱାସ୍ଥ୍ୟକର୍ମୀ କଳାବ୍ୟାଜ ପରିଧାନ କରି କାର୍ଯ୍ୟରେ ଯୋଗ ଦେବା ସହ ଟିକା ନେବାକୁ ମନା କରିଦେଇଥିଲେ ।

### କଳାବ୍ୟାଜ ପିନ୍ଧି କାମ କଲେ ସ୍ୱାସ୍ଥ୍ୟକର୍ମୀ

**ଖପ୍ରାଖୋଲ, ୧୮।୧(ଡି.ଏନ.ଏ.):** ଖପ୍ରାଖୋଲରେ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ପ୍ରଥମେ ଟୀକା ଦିଆଯାଇଥିଲା । ଡା. ସୁରଜ ଦୀପଙ୍କ ସହ ଅନ୍ୟ ୬୦ଜଣ ଟୀକା ନେଇଥିଲେ। ତେବେ ବିଭିନ୍ନ ବର୍ଗର ପୁରୁଷ ଏବଂ ମହିଳା ସ୍ୱାସ୍ଥ୍ୟକର୍ମୀ କଳା ବ୍ୟାଜ୍ ପିନ୍ଧି ଟିକା ନେବାକୁ ମନା କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରାଜ୍ୟ ସରକାରଙ୍କ ଟାଳଟୁଳ ନୀତିକୁ ବିରୋଧ କରିବା ସହ ଗ୍ରେଡେସନ୍ ଓ ପଦୋନ୍ନତି ଦାବି କରିଥିଲେ। ବିନୟ କୁମାର ପଣ୍ଡା, ନାରାୟଣ ପଧାନୀ, ଦୁର୍ଯୋଧନ ସାହୁ ସ୍ୱାସ୍ଥ୍ୟକର୍ମୀ ଓ ସୁପରଭାଇଜର ଉପସ୍ଥିତ ଥିଲେ ।

## ଶୁଳିଆ ଯାତ୍ରା ଆଜି: କମିଟି କର୍ମକର୍ତ୍ତାଙ୍କ ସହ ଆଲୋଚନା କଲା ପ୍ରଶାସନ



ଶୁଳିଆ ଯାତ୍ରାସ୍ଥଳରେ ପ୍ରଶାସନିକ ଅଧିକାରୀମାନେ କମିଟି ସଦସ୍ୟଙ୍କ ସହ ଆଲୋଚନା କରୁଛନ୍ତି ।

**ଦେଓଗାଁ,୧୮।୧( ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁଲୁତାପଡା ଖଇରଗୁରା, କୁମୁରିଆସ୍ଥିତ ବଡଖଳା ଓ ସାନଖଳାରେ ପ୍ରସିଦ୍ଧ ଶୁଳିଆ ଯାତ୍ରାର ଦିନକପୂର୍ବରୁ ସୋମବାର ଜିଲା ପ୍ରଶାସନର ଅଧିକାରୀମାନେ ପୂଜକ ଓ ପରିଚାଳନା କମିଟି ସହ ଚୂଡାନ୍ତ ଆଲୋଚନା କରିଛନ୍ତି। ଯାତ୍ରାସ୍ଥଳରେ ହୋଇଥିବା ବୈଠକରେ ଉପଜିଲାପାଳ ସୁଧାକର ନାୟକ, ବିଡିଓ ରୁଦ୍ର ପ୍ରସାଦ ସୁନା, ତହସିଲଦାର ନାରାୟଣ ସାହୁ, ତୁଷୁରା ତହସିଲଦାର ଚନ୍ଦ୍ରମଣି ନାଗ, ତୁଷୁରା ଥାନାଧିକାରୀ ଯଶୋବନ୍ତ ପ୍ରଧାନୀ ପରିଚାଳନା କମିଟି ସଭାପତି ମୟ ପ୍ରଧାନୀ, ଅନନ୍ତ ଚୌହାନ, ପରମେଶ୍ୱର ରାଉତ, ରାଜେନ୍ଦ୍ର ପାଣି, ହିମାଂଶୁ ଗଡତ୍ୟା, ଶଶୀଭୂଷଣ ଗଡତ୍ୟା, ବିଶ୍ୱଜିତ ପାତ୍ର, ବିଧାୟକ ପ୍ରତିନିଧି କାନ୍ତେଶ୍ୱର ପଧାନ ପ୍ରମୁଖଙ୍କ ସହ ଯାତ୍ରା ପରିଚାଳନାକୁ ନେଇ ଆଲୋଚନା କରିଥିଲେ। ପୂଜାସ୍ଥଳ ନିକଟରେ କୌଣସି ଦୋକାନ ବଜାର ବସିବ ନାହିଁ। କେବଳ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯିବ। ଶ୍ରଦ୍ଧାଳୁ ଭକ୍ତମାନେ ଧାଡିବାନ୍ଧି ଦର୍ଶନ କରିବେ। ସାମାଜିକ ଦୂରତ୍ୱ ପାଳନ ସହ ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କରାଯାଇଥିବା ସୂଚନା ଦିଆଯାଇଥିଲା ।

## ଉପନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ

**ଦେଓଗାଁ,୧୮।୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉଡାର ପଞ୍ଚାୟତରେ ସମିତି ସଭ୍ୟ ଉପନିର୍ବାଚନ ପାଇଁ ସୋମବାର ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ସମ୍ପନ୍ନ ହୋଇଛି। ଗ୍ରାମପଞ୍ଚାୟତ ଅଧିକାରୀ ପୁଷ୍ପାଞ୍ଜଳୀ ନାଏକଙ୍କ ତତ୍ତ୍ୱାବଧାନ ତଥା ନିର୍ବାଚନ ଅଧିକାରୀ ବିଡିଓ ରୁଦ୍ର ପ୍ରସାଦ ସୁନାଙ୍କ ଉପସ୍ଥିତିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଡାର ଗ୍ରାମର ଟିକେଚନ୍ଦ୍ର ସାହୁ ଏକମାତ୍ର ପାର୍ଥୀଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏଣୁ ଏହି ପଦବୀ ପାଇଁ ଆଉ ଫେବୃୟାରୀ ୧୧ତାରିଖରେ ଉପନିର୍ବାଚନ ଲଢ଼େଇ ହେବାର ସମ୍ଭାବନା ନାହିଁ ବୋଲି ବ୍ଲକ ଅଫିସ ସୂତ୍ରରୁ ପ୍ରକାଶ। ସୂଚନାଯୋଗ୍ୟ ଯେ, ଏହି ପଞ୍ଚାୟତର ସମିତି ସଭ୍ୟ ସୁରେଶ କୁମାର ମେହେରଙ୍କ ପରଲୋକ ପରେ ଏହି ପଦବୀ ଖାଲି ପଡିଥିଲା ।

## ବିଡିଓଙ୍କୁ ଫେରାଦ ହେଲେ ଗ୍ରାମବାସୀ

**ଗୁଡ଼ଭେଲା,୧୮।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁଷୁରା ଏନଏଏସି ଅଧୀନ ଧାନଘରା ଗ୍ରାମରେ ଗୁଡଭେଲା ବ୍ଲକ ପ୍ରଶାସନ ପକ୍ଷରୁ ନିର୍ମିତ କମ୍ୟୁନିଟି ହଲକୁ ଚିହ୍ନଟ କରିବା ପାଇଁ ସୋମବାର ଗୁଡଭେଲା ବିଡିଓଙ୍କୁ ଗ୍ରାମବାସୀ ଦାବିପତ୍ର ପ୍ରଦାନ କରିଛନ୍ତି। ୨୦୧୦ରୁ ୨୦୧୪ ମଧ୍ୟରେ ବଲାଙ୍ଗୀର ଏମ୍‌ପିଙ୍କ ଫଣ୍ଡରୁ ୫ ଲକ୍ଷ ଓ ପଶ୍ଚିମ ଓଡିଶା ବିକାଶ ପରିଷଦ ଅନୁଦାନରୁ କମ୍ୟୁନିଟି ହଲ ନିର୍ମାଣ ହୋଇଥିବା ଜଣାପଡିବା ପରେ ଗ୍ରାମବାସୀ ଏହି ପଦକ୍ଷେପ ନେଇଛନ୍ତି। ଅଭିଯୋଗର ତଦନ୍ତ ହେବ ବୋଲି ବିଡିଓ ସୂର୍ଯ୍ୟ କୁମାର ନାୟକ କହିଛନ୍ତି। ପୂର୍ବତନ କାଉନସିଲର ସୁରେନ୍ଦ୍ର ରଣା, ଆକାଶ କୁଦେଇ, ପ୍ରେମାନନ୍ଦ ସାହୁ, ଅଜିତ କୁମାର ଗହିର, ସତ୍ୟ ରଣା, ବିଶ୍ୱାମିତ୍ର ରଣା ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।

## ଲଳିତ ନାୟକଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଦେଲେ ଜନସାଧାରଣ

**ବଲାଙ୍ଗୀର ଅଫିସ,୧୮।୧**

ବିଶିଷ୍ଟ ଶ୍ରମିକନେତା ଲଳିତ କୁମାର ନାୟକଙ୍କ ମରଶରୀର ବଲାଙ୍ଗୀର ପହଞ୍ଚିବା ପରେ ତାଙ୍କ ରୁଗୁଡିପଡା ବାସଭବନକୁ ନିଆଯାଇଥିଲା। ସେଠାରୁ ଦୁର୍ଗାମଣ୍ଡପ ସମ୍ମୁଖରେ ସର୍ବସାଧାରଣ ଦର୍ଶନ ନିମନ୍ତେ ତିଆରି ମଞ୍ଚକୁ ଅଣାଯାଇଥିଲା। ବିଧାୟକ ନରସିଂହ ମିଶ୍ର, ଜିଲାପାଳ ରଞ୍ଜଳ ରାଣା, ଏସପି ନିତିନ୍ କୁଶଳକର, ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓ, ପ୍ରଫେସର ମଧୁସୂଦନ ପତି, ଡା ଲକ୍ଷ୍ମୀକାନ୍ତ ମହାପାତ୍ର, କଣ୍ଟାମାଳ ବିଧାୟକ ମହୀଧର ରଣା, ଜୟଦେବ ପାଣିଗ୍ରାହୀ, ବିକ୍ରମାନନ୍ଦ ବହିଦାର, ବିଷ୍ଣୁପ୍ରସାଦ କେଡିଆ, ସତ୍ୟସୁନ୍ଦର ଭଞ୍ଜ, ହରିନାରାୟଣ ପୂଜାରୀ, ଅରବିନ୍ଦ ଦାସ, ଅଚ୍ୟୁତାନନ୍ଦ ମେହେର, ଗୋପାଲଜୀ ପାଣିଗ୍ରାହୀ, ଭବାନୀ ଶଙ୍କର ଶତପଥୀ, ଅଜୟ ଦାସ, ଶ୍ରୀକର ମିଶ୍ର, ସୁନୀଲ ମହାନ୍ତି, ବିଭିନ୍ନ ସଙ୍ଗଠନର ସଦସ୍ୟ, ବାର ଆସୋସିଏସନ୍ କର୍ମକର୍ତ୍ତା ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବିଭିନ୍ନ ଜିଲାରୁ ଆସିଥିବା ଶ୍ରମିକ ସଙ୍ଗଠନ ପ୍ରତିନିଧିମାନେ ମଧ୍ୟ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ସେଠାରୁ ଏକ ସୁସଜ୍ଜିତ ଗାଡିରେ ତାଙ୍କ ମରଶରୀରକୁ ପ୍ରଥମେ ଶ୍ରମିକ ଭବନକୁ ନିଆଯାଇଥିଲା । ସେଠାରେ ଶ୍ରମିକମାନେ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଭାଗରିଥି ଛକରୁ ବିକ୍ରମ ଛକ, ଡେଲିମାର୍କେଟ, ସମଲେଶ୍ୱରୀ ମନ୍ଦିର, ପାଟଣେଶ୍ୱରୀ ମନ୍ଦିର ଛକ, ମହାଦେବ ମନ୍ଦିର ଛକ, ପାଟଣା ହୋଟେଲ ଛକ, ମେନ୍‌ମାର୍କେଟ ଦେଇ ବିଭୂତିପଡା ଶ୍ମଶାନକୁ ନେଇଥିଲେ। ଶବାଧାରାରେ ହଜାର ହଜାର ଲୋକ ପରିକ୍ରମା କରିଥିଲେ। ପୁତୁରା ବୁବୁନ୍ ମୁଖାଗ୍ନି ଦେଇଥିଲେ ।




ମରଶରୀରକୁ ସହର ପରିକ୍ରମା କରାଯାଉଛି ।

**ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ**

**ବଲାଙ୍ଗୀର ଅଫିସ,୧୮।୧**

ଲଳିତ ନାୟକଙ୍କ ଅସମୟ ବିୟୋଗରେ ବଲାଙ୍ଗୀର ସ୍ତବ୍ଧ ହୋଇଯାଇଛି ବୋଲି କହିଛନ୍ତି ବିଧାୟକ ନରସିଂହ ମିଶ୍ର। ପ୍ରଫେସର ମଧୁସୂଦନ ପତି ଦୁଃଖିଜନଙ୍କ ପ୍ରତି ସମବେଦନା ଏବଂ ସମାଜକୁ ଭଲ ପାଇବାର ନିଷ୍ଠା ସାଧାରଣ ବ୍ୟକ୍ତିକୁ କେତେ ସରଳ ଭାବେ ଉଚ୍ଚସ୍ତରକୁ ଘେନିଯାଏ ଲଳିତ ଥିଲେ ତାର ଉଦାହରଣ ବୋଲି କହିଛନ୍ତି। ରାଜ୍ୟ ସଭା ସଦସ୍ୟ ସୁବାସ ସିଂ ଲଳିତ ନାୟକ ପଶ୍ଚିମ ଓଡିଶାର ଅଦ୍ୱିତୀୟ ନେତା ଭାବେ ଯେଉଁ ସେବା ଯୋଗାଇ ଯାଇଛନ୍ତି ଏ ଜାତି ତାଙ୍କୁ ସବୁଦିନ ପାଇଁ ମନେ ରଖିବ ବୋଲି କହିଛନ୍ତି। କୋଶଳବାଦୀ ନେତା ପ୍ରମୋଦ ମିଶ୍ର କୋଶଳାଞ୍ଚଳ ଜଣେ ଦରଦୀ ମଣିଷଙ୍କୁ ହରାଇଲା ବୋଲି କହିଛନ୍ତି। ଆଡଭୋକେଟ୍ ଭବାନୀ ଶଙ୍କର ଶତପଥୀ ଲଳିତଙ୍କ ବିୟୋଗ ବଲାଙ୍ଗୀରର ସାମାଜିକ ନେତୃତ୍ୱରେ ଗଭୀର ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି କହିଛନ୍ତି।

## ସଚେତନ ହେଲେ ଦୁର୍ଘଟଣା ହ୍ରାସ ପାଇବ

**ସୋନପୁର,୧୮।୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାରେ ୩୨ ତମ ଜାତୀୟ ସଡକ ସୁରକ୍ଷା ମାସ ସୋମବାର ଉଦ୍‌ଘାଟିତ ହୋଇଯାଇଛି । ଜିଲାପାଳ ମୋନିଷା ବାନାର୍ଜୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜନସାଧାରଣ ଟ୍ରାଫିକ ନିୟମ ସମ୍ପର୍କରେ ସଚେତନ ହେଲେ ଦୁର୍ଘଟଣା ବହୁ ପରିମାଣରେ ହ୍ରାସ ପାଇବ ବୋଲି କହିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକ ଉପସ୍ଥିତ ଛାତ୍ରୀଛାତ୍ର, ଜନସାଧାରଣଙ୍କୁ ସଂଶୋଧିତ ମୋଟର ଯାନ ଆଇନ-୨୦୧୯ ଓ ଗାଡି ଚାଳନା ନିୟମ ସମ୍ପର୍କରେ ସଚେତନ କରାଇଥିଲେ। ଜିଲାରେ ସଡକ ଦୁର୍ଘଟଣା ହ୍ରାସ ପାଇଁ ମାସବ୍ୟାପୀ ଚାଲିବାକୁ ଥିବା ସଚେତନତା କାର୍ଯ୍ୟକ୍ରମ ସମ୍ପର୍କରେ ପଟ୍ଟନାୟକ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ ଯୋଗଦେଇ ରାସ୍ତାର ନିର୍ମାଣ ଶୈଳୀ ପାଇଁ ଦୁର୍ଘଟଣା ବୃଦ୍ଧି ପାଉଛି। ତେଣୁ ପାଶ୍ଚାତ୍ୟ ଦେଶ ଭଳି ରାସ୍ତା ନିର୍ମାଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ପିଡି ଡିଆରଡିଏ ଡୋଲାମଣି ପଟେଲ କହିଥିଲେ ଟ୍ରାଫିକ ନିୟମ ନ ମାନିବା, ମୋବାଇଲ ଫୋନ ବ୍ୟବହାର କରି ଗାଡି ଚଳାଇବା, ଦ୍ରୁତ ଗତିରେ ଗାଡି ଚାଳନା ଓ ନିଶା ସେବନ କରି ଡ୍ରାଇଭିଂ ପାଇଁ ଦୁର୍ଘଟଣା ବୃଦ୍ଧି ପାଉଛି। ତେଣୁ ସଚେତନତା ହିଁ ଏକମାତ୍ର ପ୍ରତିଷେଧକ। ସୋନପୁର ଉପଜିଲାପାଳ ନିହାର ରଞ୍ଜନ କହଁର ଅନ୍ୟତମ ଅତିଥିଭାବେ ଯୋଗଦେଇ ଏକ ଦୁର୍ଘଟଣାମୁକ୍ତ ସମାଜ ପାଇଁ ସମସ୍ତଙ୍କୁ ସଙ୍କଳ୍ପ ବଦ୍ଧ ହେବା ନମନ୍ତେ ଆହ୍ୱାନ ଦେଇଥିଲେ। ଅତିରିକ୍ତ ଏସ୍‌ପି ରମେଶ ଚନ୍ଦ୍ର ପାଣିଗ୍ରାହୀ ଦୁର୍ଘଟଣା ଓ ଏହାର ଭୟାବହତା ରୋକିବା ପାଇଁ ଶିକ୍ଷା, ସଚେତନତା, ଉପଯୁକ୍ତ ଡିଜାଇନ୍‌ର ସଡକ ନିର୍ମାଣ, ନିୟମର କଡାକଡି ଅନୁପାଳନ ଓ ଜରୁରୀକାଳୀନ ଚିକିତ୍ସା ସମ୍ପର୍କରେ ବୁଝାଇଥିଲେ। କୋସଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ ଏକ ସଚେତନତା ରାଲିକୁ ଜିଲାପାଳ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।




ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

**ଜାତୀୟ ସଡକ ସୁରକ୍ଷା ମାସ ଉଦ୍‌ଘାଟିତ**

# ଅନୈତିକ ସମ୍ପର୍କ ଲାଗି ବାଧ୍ୟ କରିବାରୁ ହତ୍ୟା

**ସୁନ୍ଦରଗଡ଼, ୧୮।୧ (ଡି.ଏନ୍.ଏ.) :** ସୁନ୍ଦରଗଡ଼ ଟାଉନ୍ ଥାନା ଅନ୍ତର୍ଗତ କିରେଇ ଗ୍ରାମପଞ୍ଚାୟତର ଗାଁ ସାଥୀ ରମେଶ ସିଂ ହତ୍ୟା ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ଏହି ହତ୍ୟାକାଣ୍ଡରେ ମୁଖ୍ୟ ଅଭିଯୁକ୍ତ ଭବାନୀପୁରର ମାଧବୀଲତା ସିଂଦେଓ (୪୭) ଓ ତାଙ୍କ ଜ୍ୱାଇଁ ଭଜ ଓରାମ (୩୯)ଙ୍କୁ ପୋଲିସ ଗିରଫ କରି ସୋମବାର ସନ୍ଧ୍ୟାରେ କୋର୍ଟଚାଲାଣ କରିଛି। ଅନୈତିକ ସମ୍ପର୍କ ଲାଗି ବାଧ୍ୟ କରିବା ହିଁ ହତ୍ୟାର ମୁଖ୍ୟ କାରଣ ବୋଲି ସୁନ୍ଦରଗଡ଼ ଏସ୍‌ପି ସାଗରିକା ନାଥ ସୂଚନା ଦେଇଛନ୍ତି।

ସୂଚନା ମୁତାବକ କିରେଇ ଗ୍ରାମପଞ୍ଚାୟତରେ ଗାଁ ସାଥୀ ରୂପେ କାର୍ଯ୍ୟ କରୁଥିବା ଭବାନୀପୁର ଗ୍ରାମର ରମେଶ ସିଂ (୩୨) ଗତ ୧୩ ତାରିଖରେ ନିଖୋଜ ଥିବା ନେଇ ପରିବାର ଲୋକେ ୧୪ ତାରିଖ ସନ୍ଧ୍ୟାରେ ଟାଉନ୍ ଥାନାରେ ରିପୋର୍ଟ କରିଥିଲେ। ଏହା ପରେ ଟାଉନଥାନା ପୋଲିସ ପ୍ରଥମେ ଏକ ନିଖୋଜ ମାମଲା ରୁଜୁ କରିଥିଲା। ହେଲେ ଗତ ୧୫ ତାରିଖ ରାତିରେ ସହର ଉପକଣ୍ଠ ପୁରୁଣା ଟୋଲଗେଟ୍ ନିକଟ ଏକ ଧାନବିଲରୁ ପୋଲିସ ଏକ କଟାହାତ ଜବତ କରିଥିଲା। ୧୬ ତାରିଖ ସକାଳେ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ପୋଲିସ ଭବାନୀପୁର ଶୀତଳଭଣ୍ଡାର ନିକଟ ପୋଖରୀରୁ ଏକ କଟାମୁଣ୍ଡ, କଟାହାତ ଓ ଗଣ୍ଡି ଜବତ କରିଥିଲା। ନିଖୋଜ ଗାଁ ସାଥୀ ରମେଶ ସିଂଙ୍କୁ ଖଣ୍ଡ ଖଣ୍ଡ କରି ହତ୍ୟା କରାଯାଇଥିବା ଜଣାପଡିବା ପରେ ପୋଲିସ ଟାଉନ୍ ଥାନାରେ ଏକ ହତ୍ୟା ମାମଲା (ନଂ. ୨୦।୨୦୨୧) ରୁଜୁ କରିଥିଲା। ଟାଉନ୍ ଥାନା ଆଇଆଇସି ବିଶ୍ୱ ପ୍ରଧାନଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଏହି ମାମଲାର ତନାଘନା ତଦନ୍ତ ଆରମ୍ଭ କରିଥିଲା।



କୋର୍ଟ ଚାଲାଣ ପୂର୍ବରୁ ସୁନ୍ଦରଗଡ଼ ପୋଲିସ ସହିତ ଦୁଇ ଅଭିଯୁକ୍ତ।

ତେଜରାତି ଦୋକାନ ଦେଇଥିବା ମାଧବୀଲତା ଓ ତାଙ୍କ ଜ୍ୱାଇଁ ଭଜଙ୍କ ସମେତ ୪/୫ଜଣଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା କରିଥିଲା। ମାଧବୀଙ୍କ ସହିତ ମୃତ ଗାଁ ସାଥୀ ରମେଶ ଅନୈତିକ ସମ୍ପର୍କ ସ୍ଥାପନ ଲାଗି ଉଦ୍ୟମ କରି ଆସୁଥିଲେ। ବିଭିନ୍ନ ସମୟରେ ରମେଶ ନିଶାଗ୍ରସ୍ତ ଅବସ୍ଥାରେ ଆସି ସମ୍ପର୍କ ସ୍ଥାପନ ପାଇଁ ବାଧ୍ୟ କରୁଥିଲେ। ଏନେଇ ମାଧବୀଙ୍କୁ

**ଗାଁ ସାଥୀ ହତ୍ୟା ଘଟଣାର ପର୍ଦ୍ଦାଫାଶ**
**ଶାଶୁ, ଜ୍ୱାଇଁ ଗିରଫ**

ହଇରାଣ କରିଆସୁଥିଲେ। ଗତ ୧୩ ତାରିଖ ରାତି ପ୍ରାୟ ୮ଟା ବେଳେ ରମେଶ ମଦ୍ୟପାନ କରି ମାଧବୀଙ୍କ ଘରେ ପହଞ୍ଚି ତାଙ୍କ ସହିତ ସମ୍ପର୍କ ସ୍ଥାପନ ପାଇଁ ବାଧ୍ୟ କରିଥିଲେ। ମାଧବୀଲତା ଉତ୍‌କ୍ଷିପ୍ତ ହୋଇ ଏକ କଟୁରି ସାହାଯ୍ୟରେ ଆକ୍ରମଣ କରି ବେକ, ୨ହାତ, ୨ଗୋଡ଼ ଓ ଶରୀରକୁ ଖଣ୍ଡଖଣ୍ଡ କରି ହାଣି ହତ୍ୟା କରିଥିଲେ। ଏହା ପରେ ରାତିରେ ଜ୍ୱାଇଁ ଭଜ ଓରାମଙ୍କ ସହ ମିଶି ରମେଶଙ୍କ କଟା ଅଙ୍ଗପ୍ରତ୍ୟଙ୍ଗ ସବୁ ଧାନ ବିଲ ଓ ପୋଖରୀରେ ଫୋପାଡି ଘଟଣାକୁ ଲୁଚାଇବାକୁ ଉଦ୍ୟମ କରିଥିଲେ।

## ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ: ୪ଲକ୍ଷ ଲୁଟ

**ଝରିଗାଁ, ୧୮।୧(ସ୍ୱ.ପ୍ର.):** ଖଣ୍ଡାରେ ଆକ୍ରମଣକରି ଜଣେ ବ୍ୟବସାୟୀଙ୍କଠାରୁ ଦୁର୍ବୃତ୍ତମାନେ ୪ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ନବରଙ୍ଗପୁର ଡାକ୍ତରଖାନା ଓ ପରେ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି। ନବରଙ୍ଗପୁର ଜିଲା ଝରିଗାଁ ଥାନା ଅଧୀନ ଚକଲାପଦର ଘାଟିରେ ସୋମବାର ଏହି ଘଟଣା ଘଟିଛି। ସୂଚନା ଅନୁଯାୟୀ, ଝରିଗାଁ ବ୍ଲକ ଚଟା ଗ୍ରାମର ରାଜେନ୍ଦ୍ର ଯାଦବ ନାମକ ଜଣେ ବ୍ୟବସାୟୀ ଚକଲାପଦର ପଞ୍ଚାୟତ ଅଧୀନ କଂଗ୍ରା ସାପ୍ତାହିକ ବଜାରକୁ ସୋମବାର ପୂର୍ବାହ୍ନ ୧୧ଟାରେ ଯାଉଥିବାବେଳେ ଚକଲାପଦର ଘାଟିରେ ତିନି ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇ ଆକ୍ରମଣ କରିଥିଲେ। ଏଥିରେ ରାଜେନ୍ଦ୍ରଙ୍କ ଡାହାଣ ହାତରେ ଗଭୀର କ୍ଷତ ଲାଗିଛି। ଏହାପରେ ରାଜେନ୍ଦ୍ରଙ୍କ ପାଖରେ ଥିବା ଟଙ୍କା ବ୍ୟାଗ୍‌କୁ ଦୁର୍ବୃତ୍ତମାନେ ଛଡାଇ ନେଇଥିଲେ। ଉକ୍ତ ବ୍ୟାଗ୍‌ରେ ୪ ଲକ୍ଷ ଟଙ୍କା ଥିବା ରାଜେନ୍ଦ୍ର କହିଛନ୍ତି। ଉକ୍ତ ଅଞ୍ଚଳରେ କାର୍ଯ୍ୟରତ ଜଣେ ଗ୍ରାମରକ୍ଷୀ ଏ ସମ୍ପର୍କରେ ଥାନାରେ ଜଣାଇବା ପରେ ଥାନାଧିକାରୀ ଉମେଶ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସାନ ପୁଅ ସୁନିଲ୍ ଏ ନେଇ ଝରିଗାଁ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ୬/୨୧ରେ ମାମଲା ରୁଜୁକରି ତଦନ୍ତ ଚଳାଇଛି।

## ୨୦ରେ ସ୍ୱତନ୍ତ୍ର ପେନ୍‌ସନ ଓ ଭବିଷ୍ୟନିଧି ପାଣ୍ଠି ଅଭିଯୋଗ ଶୁଣାଣି

**ଭୁବନେଶ୍ୱର, ୧୮।୧(ବ୍ୟୁରୋ):** ପ୍ରଧାନ ମହାଲେଖାକାର କାର୍ଯ୍ୟାଳୟ ପକ୍ଷରୁ ଓଡ଼ିଶା ସରକାରଙ୍କ ଅବସରପ୍ରାପ୍ତ କର୍ମଚାରୀଙ୍କ ପାଇଁ ପେନ୍‌ସନ ଓ ଭବିଷ୍ୟନିଧି ପାଣ୍ଠି ସମ୍ବନ୍ଧୀୟ ସ୍ୱତନ୍ତ୍ର ଶୁଣାଣି ଆସନ୍ତା ୨୦ ତାରିଖରେ ଏଜି ସମ୍ମିଳନୀ କକ୍ଷରେ ପୂର୍ବାହ୍ନ ୧୧ରୁ ଆରମ୍ଭ ହେବ। ପ୍ରଧାନ ମହାଲେଖାକାର ବିଭୁଦତ୍ତ ବସନ୍ତିଆ ଉପସ୍ଥିତ ରହି ଅଭିଯୋଗ ଶୁଣିବା ସହ ତତ୍କାଳ ଆଦେଶପତ୍ର ପ୍ରଦାନ କରିବେ। ଯେଉଁମାନଙ୍କର ଅବସରକାଳୀନ ପ୍ରାପ୍ୟ ଏଜି ଅଫିସ୍‌ରେ ପହଞ୍ଚିଛି ସେମାନେ ଏହାର ସୁବିଧା ନେବାକୁ ମହାଲେଖାକାର କାର୍ଯ୍ୟାଳୟ ପକ୍ଷରୁ ଅନୁରୋଧ କରାଯାଇଛି।

## ଫକୀର ମୋହନ ବିଶ୍ୱବିଦ୍ୟାଳୟର ୩ କାର୍ଯ୍ୟ ବାତିଲ

### ସିପିଡବ୍ଲ୍ୟୁଡି ବଦଳରେ ଓପିଏଚ୍‌ଡବ୍ଲ୍ୟୁସି କରିବାକୁ ଚିଠି

**ଭୁବନେଶ୍ୱର, ୧୮।୧(ବ୍ୟୁରୋ):** ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟର ୩ କାର୍ଯ୍ୟକୁ ବାତିଲ କରିଛି ଉଚ୍ଚଶିକ୍ଷା ବିଭାଗ। କନ୍‌ଭେନ୍‌ଶନ ହଲ୍‌ର କାମ, ଏକାଡେମିକ୍ ବିଲ୍ଡିଂ ନିର୍ମାଣ ଓ ନୂଆପାଢ଼ୀ କ୍ୟାମ୍ପସରେ ଏକାଡେମିକ୍ ବିଲ୍ଡିଂ ନିର୍ମାଣ କାର୍ଯ୍ୟର ଅଗ୍ରଗତି ଆଖିଦୃଶିଆ ହୋଇ ନ ଥିବାରୁ ଉଚ୍ଚ ଶିକ୍ଷାମନ୍ତ୍ରୀ ଅରୁଣ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ଏପରି ପଦକ୍ଷେପ ନିଆଯାଇଛି। ଏସବୁ କାର୍ଯ୍ୟ ସିପିଡବ୍ଲ୍ୟୁଡି ଦ୍ୱାରା କରାଯାଉଥିଲା। ସନ୍ତୋଷଜନକ କାର୍ଯ୍ୟ ହେଉ ନ ଥିବାରୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସମୀକ୍ଷା ବୈଠକରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ କାର୍ଯ୍ୟ ବାତିଲ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୋମବାର ଫକୀର ମୋହନ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାରଙ୍କୁ ଚିଠି ଲେଖି ଜଣାଇଦିଆଯାଇଛି। ଏଥିସହିତ ସିପିଡବ୍ଲ୍ୟୁଡି ପରିବର୍ତ୍ତେ ଓଡ଼ିଶା ଷ୍ଟେଟ୍ ପୋଲିସ ହାଉସିଂ ଆଣ୍ଡ୍ ୱେଲ୍‌ଫେୟାର କର୍ପୋରେଶନ (ଓପିଏଚ୍‌ଡବ୍ଲ୍ୟୁସି) ଜରିଆରେ ଏହି ତିନୋଟି କାର୍ଯ୍ୟକୁ ଆଗେଇନେବାକୁ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, କନ୍‌ଭେନ୍‌ଶନ ହଲ୍‌ର କାମ ପାଇଁ ୧୭,୩୪,୩୫,୪୧୪ ଟଙ୍କା ମଞ୍ଜୁର ହୋଇଥିବାବେଳେ ୨୦୧୭-୧୮ ଓ ୨୦୧୮-୧୯ ଆର୍ଥିକ ବର୍ଷରେ ୩,୨୫,୦୦,୦୦୦ ଟଙ୍କା ଦିଆସରିଛି। ସେହିପରି ଏକାଡେମିକ୍ ବିଲ୍ଡିଂ ନିର୍ମାଣ ପାଇଁ ୨୩,୫୫,୧୭,୦୮୦ ଟଙ୍କା ମଞ୍ଜୁର ହୋଇବେଳେ ୫,୦୦,୦୦,୦୦୦ ଟଙ୍କା ଓ ନୂଆପାଢ଼ୀ କ୍ୟାମ୍ପସରେ ଏକାଡେମିକ୍ ବିଲ୍ଡିଂ ନିର୍ମାଣ ପାଇଁ ୧୨,୨୨,୪୧,୩୯୬ ଟଙ୍କା ମଞ୍ଜୁର ହୋଇଥିବାବେଳେ ୨,୫୦,୦୦,୦୦୦ ଟଙ୍କା ଦିଆସରିଛି।


**NATIONAL COMPETITIVE BIDDING THROUGH e-Procurement**
**Tel. No.06752222092, e-mail id-eerwpuri@gmail.com**
**No:- 591 (Online- 17) /Date.13.01.2021.**

**No. O-910:-** The Executive Engineer, Rural Works Division, Puri on behalf of Government of Odisha invites percentage rate tenders through e-procurement for 5 Nos. of work for the year 2020-21 in the district of Puri.

1. Total No. of works: 5 Nos.
2. Tender cost of packages: Amount varies from Rs.10.58 lakhs to 43.84 lakhs.
3. Class of contractor: As per DTCN.
4. Period of completion: As per DTCN.
5. Period of availability of tenders on-line/ Date & time of bidding on-line/ last date of seeking clarification/ Date of opening of tender papers.

| Procurement Officer | Bid identification No. | Availability of tender on-line for bidding | | Last date & time of seeking tender clarification | Date, time & venue of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Puri. | Online- 17 | 19.01.2021 at 11.00 A.M. | 29.01.2021 up to 3.00 P.M | 28.01.2021 up to 1.00 P.M | 01.02.2021 at 11.00 A.M. Office of the E.E., R.W. Division, Puri. |

6. Other details can be seen in the bidding documents, which is available in website "**https://tendersodisha.gov.in**".

OIPR-25065/11/0020/2021 — Sd./- Executive Engineer, R.W. Division, Puri

No. CAD-1085:-
idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
**OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANPATH, BHUBANESWAR-751022**
Tender Call Notice No. IDCO/H.O./P&C/EST-E-1486/01/2019-738, Dated: 12.01.2021
**NOTICE INVITING THE REQUEST FOR PROPOSAL THROUGH e-Procurement PORTAL OF GOVT. OF ODISHA**

1. Name of the Work : Rate Fixation for Supply of Office furniture for O-HUB at Incubation Centre, IT/ITES SEZ, Infocity, Bhubaneswar.
2. Other details :

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Bid Id No.- PC-EST/ E-61/2020-21 | 22.01.2021 at 17.00 hrs. | 06.02.2021 up to 17.00 hrs. |

Further details can be seen from the e-Procurement Portal **www.tendersodisha.gov.in** and Corrigendum if any will not be published in newspapers and can only be seen in the e-procurement portal **www.tendersodisha.gov.in** and **www.idco.in**.
OIPR-14003/11/0108/2021 — Sd./- Chief General Manager (P&C)

No. CAD-1083:-
idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
**OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, BHUBANESWAR-751022, ODISHA**
RFP Call Notice No. IDCO/H.O./P&C//E-1469/04/2021-791, Dated: 13.01.2021
**NOTICE INVITING REQUEST FOR PROPOSAL UNDER NATIONAL COMPETITIVE BIDDING THROUGH e-Procurement**

1. Name of the Work :- "Rate Fixation for Supply, Installation, Testing and Commissioning of 11 Nos. MRL type 1.75 m/s speed 15/20 Passenger Elevator with ACVVVF drive and using group belt technology including the cost of 10 years comprehensive maintenance for IT Incubation Center in the Infocity IT/ITES SEZ, Bhubaneswar and at various places."
2. Other details

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO Towers, Bhubaneswar-751022 | Bid ID No.- PC-EST-E-62/2020-21 | 12.00 hours of dt.20.01.2021 | 17.00 hours of dt.05.02.2021 |

Further details can be seen from the e-Procurement Portal **www.tendersodisha.gov.in**. Corrigendum or addendum if any will not be published in newspapers and can only be seen in the e-procurement portal **www.tenderodisha.gov.in** as well as IDCO website **www.idco.in**.
OIPR-14003/11/0106/2021 — Sd./- Chief General Manager (P&C), I/C, IDCO, Bhubaneswar

**ଜଳେଶ୍ୱର ପୌର କାର୍ଯ୍ୟାଳୟ, ଜଳେଶ୍ୱର**
**Office of the Jaleswar Municipality, Jaleswar**
Dist.- Balasore, Odisha-756032
Ph.(06781) 222407, E mail: jaleswarmunicipality@gmail.com
No.180 — Date: 18.01.2021
**ବିଜ୍ଞାପନ**

ଏତଦ୍ଦ୍ୱାରା ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି କି, ଜଳେଶ୍ୱର ପୌର ପରିଷଦ, ଜଳେଶ୍ୱର, ବାଲେଶ୍ୱର ଅଧୀନସ୍ଥ ସୈରାତଗୁଡିକ ଯଥା- କଟୁପୋଖରୀ, ଶାନ୍ତିଆ, ୱାର୍ଡ ନମ୍ବର-୦୯ ଆସନ୍ତା ତା୦୧।୦୨।୨୦୨୧ରିଖଠାରୁ ତା୩୧।୦୧।୨୦୨୪ରିଖ ମୋଟ ୦୩ ବର୍ଷ ପର୍ଯ୍ୟନ୍ତ, ଷ୍ଟେସନ ବଜାରର ପ୍ରତ୍ୟେକ ଦିନ ମାର୍କେଟଟିକୁ ତା୦୧।୦୨।୨୦୨୧ରିଖଠାରୁ ତା୩୧।୦୧।୨୦୨୨ରିଖ ମୋଟ ୦୧ ବର୍ଷ ପର୍ଯ୍ୟନ୍ତ ଓ ପୌର ପରିଷଦ ଅଧୀନସ୍ଥ ଥିବା ସମସ୍ତ ହୋର୍ଡିଂ ଏବଂ ବ୍ୟାନରଗୁଡିକ ତା୦୧।୦୨।୨୦୨୧ରିଖଠାରୁ ତା୩୧।୦୧।୨୦୨୪ରିଖ ମୋଟ ୦୩ ବର୍ଷ ପର୍ଯ୍ୟନ୍ତ ସର୍ତ୍ତମୂଳକ ଭାବରେ ନିଲାମ ଦେବା ନିମନ୍ତେ ଆସନ୍ତା ତା୨୮।୦୧।୨୦୨୧ରିଖ ଦିବା ଘ.୧୧.୩୦ ମିନିଟ ସମୟରେ ନିଲାମ ଦରଖାସ୍ତକାରୀଙ୍କ ଉପସ୍ଥିତିରେ ସର୍ବୋଚ୍ଚ ନିଲାମ ଦରଖାସ୍ତକାରୀ ବ୍ୟକ୍ତିଙ୍କ ଚୟନ କରାଯିବ।
ନିଲାମ ହେବାକୁ ଥିବା ସୈରାତଗୁଡିକର ସମ୍ପୂର୍ଣ୍ଣ ବିବରଣୀ

| କ୍ରମିକ ସଂଖ୍ୟା | ସୈରାତ ନାମ | ପୌର ପରିଷଦ ଦ୍ୱାରା ନିର୍ଦ୍ଧାରିତ ନିଲାମ ମୂଲ୍ୟ | ଅମାନତ ରାଶି ଓ ଦାଖଲ ତାରିଖ | ନିଲାମର ଧାର୍ଯ୍ୟ ସମୟ ସୀମା | ନିଲାମ ତାରିଖ ଓ ସମୟ |
|---|---|---|---|---|---|
| ୦୧ | କଟୁପୋଖରୀ, ଶାନ୍ତିଆ, ୱାର୍ଡ ନମ୍ବର-୦୯ | ଟ୧୦,୦୪,୦୩୩/-ଙ୍କା | ଟ୧,୦୦,୦୦୦/-ଙ୍କା (୨୦।୦୧।୨୦୨୧ରୁ ୨୭।୦୧।୨୦୨୧) | ୦୩ ବର୍ଷ (୦୧।୦୨।୨୦୨୧ ରୁ ୩୧।୦୧।୨୦୨୪) | ୨୮।୦୧।୨୦୨୧ ଦିବା ଘ.୧୧.୩୦ମିନିଟ |
| ୦୨ | ପୌର ପରିଷଦ ଅଧୀନସ୍ଥ ସମସ୍ତ ହୋର୍ଡିଂ ଏବଂ ବ୍ୟାନର | ଟ୯୬,୬୦୦/-ଙ୍କା | ଟ୧୦,୦୦୦/-ଙ୍କା (୨୦।୦୧।୨୦୨୧ରୁ ୨୭।୦୧।୨୦୨୧) | ୦୩ ବର୍ଷ (୦୧।୦୨।୨୦୨୧ ରୁ ୩୧।୦୧।୨୦୨୪) | ୨୮।୦୧।୨୦୨୧ ଦିବା ଦିବା ୧୨ ଘଟିକା |
| ୦୩ | ଷ୍ଟେସନ ବଜାରର ପ୍ରତ୍ୟେକ ଦିନ ମାର୍କେଟ, ୱାର୍ଡ ନମ୍ବର-୦୨ | ଟ୧୭,୩୭୧/-ଙ୍କା | ଟ୨,୦୦୦/-ଙ୍କା (୨୦।୦୧।୨୦୨୧ରୁ ୨୭।୦୧।୨୦୨୧) | ୦୧ ବର୍ଷ (୦୧।୦୨।୨୦୨୧ ରୁ ୩୧।୦୧।୨୦୨୨) | ୨୮।୦୧।୨୦୨୧ ଦିବା ଘ.୧୨.୩୦ ମିନିଟ |

ବିଶ୍ୱ ମହାମାରୀ କରୋନା ପାଇଁ ଉକ୍ତ ନିଲାମଟି ଦରଖାସ୍ତ ଆକାରରେ ଗ୍ରହଣ କରାଯିବ। ଉକ୍ତ ନିଲାମରେ ଭାଗନେବାକୁ ଇଚ୍ଛୁକ ବ୍ୟକ୍ତିମାନେ ଚଳିତ ଜାନୁୟାରୀ ମାସ ତା୨୦।୦୧।୨୦୨୧ରିଖ ଦିବା ୧୧ ଘଟିକା ସମୟଠାରୁ (ଛୁଟିଦିନ ବ୍ୟତୀତ) ନିଲାମ ପ୍ରକାଶନ ଦରଖାସ୍ତକୁ ପୌର କାର୍ଯ୍ୟାଳୟରୁ ସଂଗ୍ରହ କରିବା ସହିତ ଉକ୍ତ ଦରଖାସ୍ତଟିକୁ ତା୨୭।୦୧।୨୦୨୧ରିଖ ଅପରାହ୍ନ ୦୩ ଘଟିକା ସୁଦ୍ଧା ସିଲ୍ ବନ୍ଦ ଲଫାପାରେ ରଖି ପୌର ପରିଷଦର ନିଲାମ ପ୍ରକାଶନ ବାକ୍ସରେ ପକାଇବା ପାଇଁ ଅନୁରୋଧ। ସବିଶେଷ ବିବରଣୀ ପାଇଁ ଜଳେଶ୍ୱର ପୌର ପରିଷଦରେ ଯୋଗାଯୋଗ କରନ୍ତୁ।

ସ୍ୱା./- କାର୍ଯ୍ୟ ନିର୍ବାହୀ ଅଧିକାରୀ
ପୌରପାଳିକା, ଜଳେଶ୍ୱର, ବାଲେଶ୍ୱର

**JAJPUR MUNICIPALITY, JAJPUR**
**QUOTATION CALL NOTICE**
No.134 — Date 18.1.21

The Executive Officer, Jajpur Municipality invites sealed quotation from CAG empanelled Chartered Accountant Firms for preparation of Accounts & Audit of Jajpur Municipality from 2013-14 to 2019-20.

The quotation paper containing general bid information including terms & conditions for execution of works will be available on payment of Rs.600.00/- (Rupees Six hundred) towards paper cost from 19.01.2021 to 1.00 P.M. of 29.01.2021 in the working days & hours respectively in Municipal Office, Jajpur which will be opened on the same day at 3.00 P.M. in presence of the quotationers or their authorized representatives. The date of opening shall not be deferred in the absence of either the quotationers or their authorized representatives. The quotationers are to pay EMD @ 1% of the quoted price in shape of Demand Draft/N.S.C./T.D./B.G. etc. drawn in favour the Executive Officer, Jajpur Municipality payable at Jajpur. The authority reserves the right to reject or cancel the Notice without assigning any reason thereof.

Sd./- Executive Officer
Jajpur Municipality

**OFFICE OF THE PANCHAYAT SAMITI, PATNA**
At/Po-Patna,Dist.-Keonjhar,Pin-758030(ODISHA)
E Mail-ori-patna @nic.in
No. 134 / Dt.18.01.2021
**TENDER CALL NOTICE NO.-03/pat/2020-21**

The Block Development Officer, Patna invites sealed percentage rate bid tender on behalf of Governor of Odisha from registered and eligible Civil Contractors of the state P.W.D(R&B)/Water Resources/Rural Works/M.I/C.P.W.D for 12 (Twelve) Nos. Construction of AWC building at different place as mentioned in tender call notice No.-3/pat/2020-21 as a tender value Rs.11,06,788.00 (Rupees Eleven lakhs six thousand seven hundred eighty eight only)each AWC under OMBADC eventually to be drawn up in the P.W.D P1 form in conformity with the detailed Tender Call Notice. The tender papers (including Tender Call Notice, Approved Tender Schedule & DTCN) will be available in the official website http://www.kendujhar.nic.in from Dt. 19.01.2021 to 02.02.2021 up to 1.00 PM and can be downloaded from the website. The last date for receipt of Tender Paper is upto 5.30 PM of 02.02.2021 through Registered Post / Speed Post only.

The Authority reserves the right to reject any/all tenders without assigning any reason thereof.

Sd./- Block Development Officer
Patna

**ODISHA POLICE, OISF, HEADQUARTERS**
**PLOT NO.139(P), KESHARI NAGAR, UNIT-V**
**BHUBANESWAR**
**ବିଜ୍ଞାପନ** — No.D-145

**କନଷ୍ଟେବଲ ନମ୍ବର- ହାବିଲଦାର ଅଭିମନ୍ୟୁ ନାୟକ**
**ପିତା- ଶ୍ରୀ ଅନାଦି ଚରଣ ନାୟକ**
**ଗ୍ରାମ- ବିଡାବନ୍ଧ, ପୋ. - ଇନ୍ଦିପୁର**
**ଭାୟା- ଗଦାଶିଳା, ଥାନା- ସଦର**
**ଜିଲ୍ଲା- ଢେଙ୍କାନାଳ**

ଏତଦ୍ୱାରା ଆପଣଙ୍କୁ ଜଣାଇଦିଆଯାଉଛି ଯେ, ଆପଣ ଓଏମ୍‌ସି, କାଳିଆପାଣି, ଯାଜପୁରସ୍ଥିତ ଓ.ଆଇ.ଏସ୍.ଏଫ. ଶିବିରରୁ ତା୨୮।୦୯।୨୦୨୦ରିଖ ଅପରାହ୍ନଠାରୁ ତା୦୧।୧୦।୨୦୨୦ରିଖ ଅପରାହ୍ନ ପର୍ଯ୍ୟନ୍ତ ୦୩ ଦିନ ଆକସ୍ମିକ ଛୁଟିରେ ଯାଇଥିଲେ ଏବଂ ଆପଣଙ୍କର ତା୦୨।୧୦।୨୦୨୦ରିଖ ପୂର୍ବାହ୍ନରେ ନିଜ କାର୍ଯ୍ୟରେ ଯୋଗଦେବାର ଥିଲା, କିନ୍ତୁ ଆପଣ ଠିକ୍ ସମୟରେ ନିଜ କାର୍ଯ୍ୟରେ ଯୋଗ ନ ଦେଇ କର୍ତ୍ତବ୍ୟରୁ ଅନଧିକାର ଭାବରେ ଗରହାଜିର ରହିଅଛନ୍ତି। ଆପଣଙ୍କୁ ବାରମ୍ବାର ତଲବ ଦେବା ସତ୍ତ୍ୱେ, ଆପଣ ଏ ପର୍ଯ୍ୟନ୍ତ ନିଜ କାର୍ଯ୍ୟରେ ଯୋଗଦେଉ ନାହାନ୍ତି। ଆପଣଙ୍କ ଏତାଦୃଶ ଅନୁପସ୍ଥିତି ଯୋଗୁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେଉଅଛି ଏବଂ ଯେଉଁ କାର୍ଯ୍ୟ ନିମନ୍ତେ ଆପଣଙ୍କୁ ଓଡ଼ିଶା ଶିଳ୍ପ ସୁରକ୍ଷା ବଳରେ ନିଯୁକ୍ତି କରାଯାଇଥିଲା, ତାହାର ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ, ବରଂ ଏହା ଚାକିରି ସର୍ତ୍ତାବଳୀର ବିରୁଦ୍ଧାଚରଣ କରୁଅଛି।

ଏଣୁ ଉକ୍ତ ବିଜ୍ଞାପନ ମାଧ୍ୟମରେ ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଏହି ସମ୍ବାଦ ପ୍ରକାଶନର ୭ (ସାତ) ଦିନ ମଧ୍ୟରେ ଆପଣ ନିଜ କାର୍ଯ୍ୟରେ ଅର୍ଥାତ୍ କାଳିଆପାଣି, ଯାଜପୁରସ୍ଥିତ ଓ.ଆଇ.ଏସ୍.ଏଫ୍. ଶିବିରରେ ଯୋଗଦାନ କରିବେ। ଏଥିରେ ତ୍ରୁଟି କଲେ ଆପଣଙ୍କ ବିରୁଦ୍ଧରେ ଏକତରଫା ବିହିତ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./- ଦୁର୍ଗପତି
ଓ.ଶି.ସୁ.ବ., ଭୁବନେଶ୍ୱର, ଖୋର୍ଦ୍ଧା

**ODISHA POLICE, OISF, HEADQUARTERS**
**PLOT NO.139(P), KESHARI NAGAR, UNIT-V**
**BHUBANESWAR**
**ବିଜ୍ଞାପନ**

**କନଷ୍ଟେବଲ ନମ୍ବର- ୫୫୪ ସୁନୀଲ କୁମାର ବାସ୍କେ**
**ପିତା- ଶ୍ରୀ ସୁନ୍ଦର ବାସ୍କେ**
**ଗ୍ରାମ- ଛଞ୍ଚା, ପୋ.- ତକତପୁର**
**ଥାନା- ବାରିପଦା, ଜିଲ୍ଲା- ମୟୂରଭଞ୍ଜ**

ଏତଦ୍ୱାରା ଆପଣଙ୍କୁ ଜଣାଇଦିଆଯାଉଅଛି ଯେ, ଆପଣ ତା୦୨।୦୯।୨୦୨୦ରିଖ ଅପରାହ୍ନଠାରୁ ତା୦୨।୧୦।୨୦୨୦ରିଖ ଅପରାହ୍ନ ପର୍ଯ୍ୟନ୍ତ ୩୦ ଦିନ ଅର୍ଜିତ ଛୁଟିରେ ଯାଇଥିଲେ ଏବଂ ଆପଣଙ୍କର ତା୦୩।୧୦।୨୦୨୦ରିଖ ପୂର୍ବାହ୍ନରେ ନିଜ କାର୍ଯ୍ୟରେ ଯୋଗଦେବାର ଥିଲା। କିନ୍ତୁ ଆପଣ ଠିକ୍ ସମୟରେ ନିଜ କାର୍ଯ୍ୟରେ ଯୋଗ ନ ଦେଇ କର୍ତ୍ତବ୍ୟରୁ ଅନଧିକାର ଭାବରେ ଗରହାଜିର ରହିଅଛନ୍ତି। ଆପଣଙ୍କୁ ବାରମ୍ବାର ତଲବ ଦେବା ସତ୍ତ୍ୱେ, ଆପଣ ଏ ପର୍ଯ୍ୟନ୍ତ ନିଜ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ଆପଣଙ୍କ ଏତାଦୃଶ ଅନୁପସ୍ଥିତି ଯୋଗୁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେଉଅଛି ଏବଂ ଯେଉଁ କାର୍ଯ୍ୟ ନିମନ୍ତେ ଆପଣଙ୍କୁ ଓଡ଼ିଶା ଶିଳ୍ପ ସୁରକ୍ଷା ବଳରେ ନିଯୁକ୍ତି କରାଯାଇଥିଲା, ତାହାର ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ, ବରଂ ଏହା ଚାକିରି ସର୍ତ୍ତାବଳୀର ବିରୁଦ୍ଧାଚରଣ କରୁଅଛି।

ଏଣୁ ଉକ୍ତ ବିଜ୍ଞାପନ ମାଧ୍ୟମରେ ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଏହି ସମ୍ବାଦ ପ୍ରକାଶନର ୭ (ସାତ) ଦିନ ମଧ୍ୟରେ ଆପଣ ନିଜ କାର୍ଯ୍ୟରେ ଅର୍ଥାତ୍ ଭୁବନେଶ୍ୱର ସ୍ଥିତ ଓ.ଆଇ.ଏସ୍.ଏଫ. ମୁଖ୍ୟ କାର୍ଯ୍ୟାଳୟରେ ଯୋଗଦାନ କରିବେ। ଏଥିରେ ତ୍ରୁଟି କଲେ ଆପଣଙ୍କ ବିରୁଦ୍ଧରେ ଏକତରଫା ବିହିତ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./- ଦୁର୍ଗପତି
ଓ.ଶି.ସୁ.ବ., ଭୁବନେଶ୍ୱର, ଖୋର୍ଦ୍ଧା
OIPR-12029/11/0027/2021

See Career Appointment on every Wednesday & Saturday

**ROGI KALYAN SAMITI, DHH, PHULBANI/KANDHAMAL**
Advt. No. 741 — Dt: 18.01.2021
**TENDER CALL NOTICE**

**No. E-525:-** Sealed tenders are invited from the reputed eligible registered diet preparation and catering firm/agency to prepare and distribute diet in the District Head Quarter Hospital of the district of Kandhamal on annual contract basis. The details, Terms and conditions, guidelines etc including tender paper format can be downloaded from the district website **www.kandhamal.nic.in**. The tenders in the prescribed format along with all relevant documents for DHH, Kandhamal should reach the Office of the undersigned on Dt.10.02.2021, 3.00 P.M. through Regd. Post / Speed Post / Courier only. The envelope should be duly superscribed on top of envelope as "Tender for supply of Diet for DHH, Kandhamal for the year 2021-22". The tender will be opened on Dt.11.02.2021 at 3.00 P.M. The undersigned reserves the right to reject any or all the bids/Tenders without assigning any reason thereof.

Sd./- CDM & PHO cum District Mission Director,
OIPR-10015/11/0011/2021 — Kandhamal

ଶିକ୍ଷା ଅଧିକାର
ସମଗ୍ର ଶିକ୍ଷା
ସଭିଏଁ ପଢନ୍ତୁ, ସଭିଏଁ ବଢନ୍ତୁ
**SAMAGRA SHIKSHA {S.S.}, GANJAM, CHATRAPUR**
PH.-06811-260833(DPO)/262799(MIS),
e mail ID-dpcganjamssa.opepa@nic.in
Letter No.108/Plg./21 — Dated 18.1.2021
**ADVERTISEMENT**

Pursuant to Advertise No.-2510, dated- 13.10.2020 of DPO, Samagra Shiksha, Ganjam the applicants for the post of Accountant are hereby informed that the Final merit list selected candidates for the Performance Test and all other detailed information about the above said post are published in the district website www.ganjam.nic.in and OSEPA website osepa.odisha.gov.in. The selected candidates of post for the Performance Test are directed to attend as per the following schedule for the purpose without fail.

| Sl. No. | Name of the posts | Date & time for Performance test/skill test | Venue |
|---|---|---|---|
| 1 | Accountant | 01.02.2021 (11.00 A.M. onwards) | DPO, SSA, Ganjam |

By order of Collector-cum-Chairman
Sd./- District Project Coordinator
Samagra Shiksha, Ganjam

No. A-483 **Office of the Executive Engineer, Chikiti Irrigation Division, Berhampur, Ganjam**
e-mail address: eechidbam@gmail.com; Ph.: 0680-2281909
**e-Procurement Notice No.- EE-CHID-02/2020-21**

| | | | |
|---|---|---|---|
| 1. | Name of the Work | : | System Improvement Work |
| 2. | No. of Works | : | 01 No. (One) only |
| 3. | Estimated Cost | : | Rs.18.69 lakh |
| 4. | Period of Completion | : | 04 Calendar months |
| 5. | Date and time of availability of bid documents in the portal | : | From 21.01.2021, 10.00 A.M. to 30.01.2021,. 05.30 P.M. |
| 6. | Last date/time of receipt of bid documents in Portal | : | 30.01.2021, up-to 05.30 P.M. |
| 7. | Date and Place of Opening | : | On 01.02.2021 at 11.00 AM in the Office of the Executive Engineer, Chikiti Irrigation Division, Berhampur |
| 8. | Name and Address of the officer inviting tender | : | The Executive Engineer, Chikiti Irrigation Division, Berhampur |

Bidders are to participate in Online bidding only. Further details can be seen from the Govt. Website **www.tendersodissa.gov.in**. Any addendum/ corrigendum/ cancellation of the tender can be seen in the said website only.

Sd./- Executive Engineer,
OIPR-32115/11/0005/2021 — Chikiti Irrigation Division, Berhampur

**DIRECTORATE OF MINES, ODISHA**
**HEADS OF DEPARTMENT BUILDING**
**1ST FLOOR, BHUBANESWAR**
Email- itpmu@orissaminerals.gov.in; dirmines_odisha@rediffmail.com
**TENDER CALL NOTICE**

**No. G-10:-** The Director of Mines, Odisha, Bhubaneswar invites sealed tenders on behalf of the Govt. of Odisha, for purchase of Laboratory Items/Goods for the year 2020-21 from the reputed manufactureres or their authorized distributors/ C & F agents / dealers so as to reach the Director of Mines, Odisha, Heads of Department Building, 1st Floor, Unit-V, Bhubaneswar-751001 by Dt.03.02.2021 till at 5.00 P.M. The Tender will be opened on Dt.04.02.2021 at 11.30 A.M. for evaluation of Technical Bid & Financial Bid. The Tender paper consisting of terms and conditions & list of laboratory items/goods with specification can be obtained during the office hours of working days from the Diretorate of Mines, Odisha, Bhubaneswar on payment of Rs.1000.00 + Tax@12%(CGST@6%+SGST@6%) or say Rs.1120 (Rupees one thousand one hundred twenty) only (non-refundable) by cash in the Cash counter of Directorate of Mines, Odisha, Bhubaneswar or in shape of Bank Draft in favour of the Director of Mines, Odisha, Bhubaneswar payable in any Nationalised Bank / Scheduled Bank located at Bhubaneswar from Dt.20.01.2021 to Dt. 03.02.2021 till at 5.00 P.M. The Director of Mines, Odisha shall not take any responsibility for loss of tender Documents or any postal dislocation. The Director of Mines, Odisha reserves the right to cancel all the tender papers or a part without assigning any reason thereof. The Director of Mines also reserves the right to change the number of items enlisted to be procured for year 2020-21 and change the specifications of any items if so necessary.

OIPR-30004/11/0004/2021 — Sd./- DIRECTOR OF MINES, ODISHA



ବଲିଉଡ ଅଭିନେତା ତଥା ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରାଙ୍କ ଏକ୍ସ ବୟଫ୍ରେଣ୍ଡ ହରମନ ବାବେଜା ଖୁବ୍‌ଶୀଘ୍ର ବିବାହ କରିବାକୁ ଯାଉଛନ୍ତି। ହେଲ୍‌ଥ କୋଚ ଶଶା ରାମଚନ୍ଦାନୀଙ୍କ ସହ ମାର୍ଚ୍ଚ ୨୧ରେ ହାଇଦ୍ରାବାଦରେ ତାଙ୍କ ବିବାହ ଅନୁଷ୍ଠିତ ହେବ। କିଛି ଦିନ ପୂର୍ବରୁ ଚଣ୍ଡିଗଡ଼ରେ ହରମନ ଏବଂ ଶଶାଙ୍କ ଏକ ଫଟୋ ସାମ୍ନାକୁ ଆସିଥିଲା। ଦୀର୍ଘଦିନ ଧରି ହରମନ ଫିଲ୍ମଠାରୁ ଦୂରେଇ ଯାଇଛନ୍ତି। ହରମନ ତାଙ୍କ ଫିଲ୍ମ କ୍ୟାରିୟର ସମୟରେ ପ୍ରିୟଙ୍କା ଚୋପ୍ରାଙ୍କ ସହ ଥିବା ସମ୍ପର୍କକୁ ନେଇ ଚର୍ଚ୍ଚାରେ ଥିଲେ। ପ୍ରିୟଙ୍କା ଦୁଇ ବର୍ଷ ତଳେ ଆମେରିକୀୟ ଗାୟକ ନିକ ଜୋନାସଙ୍କୁ ବିବାହ କରିଥିବାବେଳେ ହରମନ ମଧ ତାଙ୍କ ଜୀବନରେ ଆଗକୁ ବଢ଼ିବା ପାଇଁ ନିଷ୍ପତ୍ତି ନେଇଛନ୍ତି।



## ରୁଫ୍‌ଟପିଂର ଅଜବ ନିଶା

# ଫଟୋ ପାଇଁ ଜୀବନକୁ ଖାତିର ନାହିଁ

**ନୂଆଦିଲ୍ଲୀ:** ଦୁନିଆରେ ଅନେକ ଲୋକ ନିଜର ଭିନ୍ନ ସଉକ ପାଇଁ ବଞ୍ଚନ୍ତି। ହେଲେ ରୁଷିଆର ଆଞ୍ଜେଲା ନିକୋଲାଉଙ୍କ ଅଜବ ସଉକ ଅନେକଙ୍କୁ ଚକିତ କରିବ। ଆଞ୍ଜେଲାଙ୍କ ସଉକ ଏବଂ ନିଶା ହେଲା 'ରୁଫ୍‌ଟପିଂ'। ଦୁନିଆର ବିଭିନ୍ନ ଉଚ୍ଚତମ ସ୍ଥାନରୁ ଫଟୋ ଉଠାଇବାକୁ 'ରୁଫ୍‌ଟପିଂ' କୁହାଯାଏ। ଆଞ୍ଜେଲା ଏଥିପାଇଁ ନିଜ ଜୀବନକୁ ବିପଦରେ ପକାଇବାକୁ ପଛାଇ ନ ଥାନ୍ତି। ତାଙ୍କର ଏଭଳି ଫଟୋ ନିଶା କମିବା ବଦଳରେ ଦିନକୁ ଦିନ ବଢ଼ିବାରେ ଲାଗିଛି। ଉକ୍ତ ଯୁବତୀଙ୍କ ଏଭଳି କାର୍ଯ୍ୟ ଦେଖି ସେଠାରେ ଥିବା ଲୋକଙ୍କ ଲୋମ ଟାଙ୍କୁରିଉଠେ। ଏମିତିକି ବିପଜ୍ଜନକ ଅବସ୍ଥାରେ ଦେଖି ଲୋକେ ଭୟରେ ପାଟି କରୁଥିଲେ ମଧ ଆଞ୍ଜେଲାଙ୍କୁ କୌଣସି ଫରକ ପଡ଼ି ନ ଥାଏ। ତେବେ ରୁଫ୍‌ଟପିଂ ଏବେ ଏକ ଟ୍ରେଣ୍ଡ ପାଲଟିଛି। ତେବେ ଉଚ୍ଚସ୍ଥାନକୁ ଗଲେ ମୁଣ୍ଡ ବୁଲାଉଥିବା ଲୋକଙ୍କ ପାଇଁ ଏହା ପ୍ରାଣଘାତୀ ହୋଇଥାଏ। ଆଞ୍ଜେଲା ଏକ ସର୍କସରେ କାମ କରୁଛନ୍ତି। ଏଭଳି ବିପଜ୍ଜନକ ଷ୍ଟଣ୍ଟ ଦେଖାଇବା ତାଙ୍କର ପସନ୍ଦ। ଏଭଳି ବିଭିନ୍ନ ଭୟାନକ ପୋଜ୍‌ରେ ଉଠାଇଥିବା ଫଟୋକୁ ସେ ବିଭିନ୍ନ ସମୟରେ ସୋସିଆଲ ମିଡିଆରେ ଶେୟାର କରିଥାନ୍ତି। ଏଥିରେ ତାଙ୍କୁ ଦୁନିଆର ବଡ଼ ବଡ଼ କୋଠା ଉପରୁ ଫଟୋ ଉଠାଇଥିବା ଦେଖିବାକୁ ମିଳେ। ଆଞ୍ଜେଲାଙ୍କ ବାପା ଛୋଟବେଳୁ ଏଭଳି କାମ ପାଇଁ ତାଙ୍କୁ ତାଲିମ ଦେଇଛନ୍ତି। ତେଣୁ ସେ ବିନା ଭୟରେ ଏସବୁ କରିବାରେ ସଫଳ ହେଉଛନ୍ତି। କିନ୍ତୁ ତାଲିମ ବିନା ଏଭଳି ଷ୍ଟଣ୍ଟ ଜୀବନ ନେଇପାରେ।

୮୦ତମ ଜନ୍ମଦିନ ଉପଲକ୍ଷେ ଶୁଭେଚ୍ଛା


ଅଲେଖ ଚରଣ ସାହୁ
ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ
ଶ୍ରୀଜଗନ୍ନାଥଙ୍କ କୃପାରୁ ସୁସ୍ଥ ଓ ନିରାମୟ ଜୀବନ ରହିଥାଉ।
-:ଶୁଭେଚ୍ଛା ସହ:-
ପତ୍ନୀ: ନୟନା, ପୁତ୍ର, ପୁତ୍ରବଧୂ, ପରିବାରବର୍ଗ ଓ ଶୁଭେଚ୍ଛୁ।
ଧ-୧୯୬୩୬

ତୃତୀୟ ଜନ୍ମଦିନ ଶୁଭେଚ୍ଛା


ଇପ୍ସିତା ସାହୁ (ପିହୁ)
ଶାସ୍ତ୍ରୀ ନଗର, ଭୁବନେଶ୍ୱର
ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ ଓ ତୋତେ ଦୀର୍ଘାୟୁ କରନ୍ତୁ।
-:ଶୁଭେଚ୍ଛା ସହ:-
ଜେଜେମା', ଜେଜେବାପା, ଅଜା, ଆଈ, ବାବା, ମାମା, ମାମୁ, ମାଈଁ, ବନ୍ଧୁ ଓ ପରିବାରବର୍ଗ।
ଧ-୧୯୬୩୮



## ୱିକେଣ୍ଡ୍‌ର ମଜା ଉଠାଇଲେ ହୀନା

**ମୁମ୍ବାଇ:** ବଲିଉଡ୍ ତଥା ଟେଲି ଅଭିନେତ୍ରୀ ହୀନା ଖାନ୍ ଏବେ ଭାରି ଚର୍ଚ୍ଚାରେ। ସିରିୟଲରୁ କ୍ୟାରିୟର ଆରମ୍ଭ କରି ବେଶ୍ ସଫଳ ହୋଇପାରିଛନ୍ତି। ହୀନାଙ୍କର ଫ୍ୟାନ୍ ଫଲୋଇଙ୍ଗ ମଧ ବହୁତ ଅଧିକ। ସୋସିଆଲ ମିଡିଆରେ କିଛି ନା କିଛି ଫଟୋ ଏବଂ ଭିଡିଓ ପୋଷ୍ଟ କରି ଫ୍ୟାନ୍‌ମାନଙ୍କ ସହିତ ଜଡ଼ିତ ରହିଥାନ୍ତି। ନିଜର ହଟ୍ ଏବଂ ଗ୍ଲାମର୍ସ ଲୁକ୍ ପାଇଁ ଫ୍ୟାନ୍‌ମାନେ ଦିୱାନା। କିଛି ଦିନ ପୂର୍ବରୁ ବୋଲ୍ଡ ଫଟୋଶୁଟ କରିଥିଲେ। ଏହାକୁ ପ୍ରଶଂସକମାନେ ଲାଇକ୍ କରିବା ସହିତ କମେଣ୍ଟ ମଧ କରିଥିଲେ। ହୀନା ଇନ୍‌ଷ୍ଟାରେ ଫଟୋ ଶେୟାର କରି ରବିବାର ବିନ୍ଦାସ୍‌ରେ କଟିଲା ବୋଲି ଜଣାଇଛନ୍ତି। ୱିକେଣ୍ଡ ମୋର ବିନ୍ଦାସ୍‌ରେ କଟିଲା ବୋଲି ଇନ୍‌ଷ୍ଟା ଷ୍ଟୋରୀରେ ଲେଖିଛନ୍ତି। ଏହାସହିତ ସେ ବହୁତ ସାରା ଫଟୋ ଶେୟାର କରିଛନ୍ତି। ଏକ ଫଟୋରେ ସେ ବାଲ୍‌କୋନୀରେ ବସି ଶାମ୍ପେନ୍ ପିଉଥିବା ନଜର୍ ଆସିଛନ୍ତି। ଏଥିରେ ହୀନା ଅରେଞ୍ଜ କଲର୍ ଶୋଲ୍ଡର ଶର୍ଟ ପିନ୍ଧିଥିବା ଦେଖିବାକୁ ମିଳିଛି। ଖୁବ୍ ସୁନ୍ଦର ଦେଖାଯାଉଛନ୍ତି। ଏହି ଫଟୋରେ ହୀନାଙ୍କ ଫ୍ୟାନ୍‌ମାନେ ଢେରସାରା କମେଣ୍ଟ ମଧ କରିଛନ୍ତି। ହୀନା ଫଟୋ ଯାକ ପୋଷ୍ଟ କରି କ୍ୟାପସନ୍‌ରେ ଲେଖିଛନ୍ତି, 'ଜୀବନକୁ ଉପଭୋଗ କରିବା ଦରକାର'। ମୁଁ ମୋ ଜୀବନକୁ ଏକଦମ୍ ଖୁସିରେ କାଟୁଛି। ସେ ଆଉ ମଧ କହିଛନ୍ତି, ଯେଉଁ କାମରେ ନିଜକୁ ଖୁସି ମିଳୁଛି ସେହି କାମ କରିବା ଦରକାର।

# ମରୁଭୂମିରେ ତୁଷାରପାତ

### ବାଲିରେ ବରଫ ଚାଦର

### ଦୃଶ୍ୟ ଉପଭୋଗ କରୁଛନ୍ତି ପର୍ଯ୍ୟଟକ

**ତାବୁକ:** ସାହାରା ମରୁଭୂମି ଏବଂ ସୌଦି ଆରବର ତାବୁକ ମରୁଭୂମିରେ ତୁଷାରପାତ ହୋଇଛି। ଫଳରେ ବାଲି ଉପରେ ଘନ ବରଫ ଚାଦର ଆଚ୍ଛାଦିତ ହୋଇପଡ଼ିଛି। ଆଫ୍ରିକାର ଆଲଜେରିଆସ୍ଥିତ ସାହାରା ମରୁଭୂମି ଅଞ୍ଚଳର ଏଇନ ସେଫ୍ରା ସହରର ରାଜରାସ୍ତା ବରଫରେ ଢାଙ୍କି ହୋଇ ଯାଇଛି। ଏହାର ଫଟୋଗ୍ରାଫର କରିମ ବୌଚେଟାଟା ଏହି ବିରଳ ଦୃଶ୍ୟକୁ ନିଜ କ୍ୟାମେରାରେ ଉତ୍ତୋଳନ କରିଛନ୍ତି। ସୌଦି ଆରବର ମରୁଭୂମିରେ ରାତିର ସର୍ବନିମ୍ନ ତାପମାତ୍ରା ମାଇନସ ୨ ଡିଗ୍ରୀ ସେଲସିୟସରେ ପହଞ୍ଚିଛି। ଏହି ଦୃଶ୍ୟକୁ ଦେଖିବା ପାଇଁ ପର୍ଯ୍ୟଟକମାନଙ୍କ ଭିଡ଼ ବଢ଼ିବାରେ ଲାଗିଛି। ସୋସିଆଲ ମିଡ଼ିଆରେ ଏହାର ଫଟୋ ଏବଂ



ଭିଡ଼ିଓ ଅପଲୋଡ କରାଯାଇଛି। ଏହା ଏବେ ଭାଇରାଲ ହେବାରେ ଲାଗିଛି। ସାହାରାର ଏଇନ ସେଫ୍ରା ସହର ସମୁଦ୍ର ପତ୍ତନଠାରୁ ୧୦୦୦ମିଟର ଉଚ୍ଚରେ ରହିଛି। ଏହା ଚାରିପଟେ ଆଟଲାସ ପର୍ବତ ଶ୍ରେଣୀ ରହିଛି। ମରୁଭୂମିରେ ତୁଷାରପାତ ଯୋଗୁ ୧୫ ହଜାର ବର୍ଷ ପରେ ପୁଣି ଏହି ଅଞ୍ଚଳ ଗଛଲତାରେ ପରିପୂର୍ଣ୍ଣ ହେବ ବୋଲି ଅନୁମାନ କରାଯାଉଛି। ପ୍ରତିବର୍ଷ ଜାନୁୟାରୀରେ ଏଠାରେ ତାପମାତ୍ରା ବର୍ଷର ଅନ୍ୟ ସମୟ ତୁଳନାରେ ଅପେକ୍ଷାକୃତ କମ ରହିଥାଏ। ତେବେ ଚଳିତ ବର୍ଷ ତାପମାତ୍ରା ଗତ ୫୦ ବର୍ଷ ମଧ୍ୟରେ ସର୍ବନିମ୍ନ ରହିଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

## ହାତୀ କରୁଛି ମାଲିସ

**ନୂଆଦିଲ୍ଲୀ:** ହାତୀ କରୁଛି ମାଲିସ। ଏକଥା ଶୁଣି ଅନେକେ ହୁଏତ ଆଶ୍ଚର୍ଯ୍ୟ ହୋଇପାରନ୍ତି। କିନ୍ତୁ ଏଭଳି ଏକ ଭିଜୁଆଲ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଆମିର ନାମକ ଜଣେ ଟୁଇଟର ବ୍ୟବହାରକାରୀ ଏଭଳି ଏକ ଭିଜୁଆଲ ସୋସିଆଲ ମିଡିଆରେ ଶେୟାର କରିଛନ୍ତି, ଯେଉଁଥିରେ ଏକ ହାତୀ ଜଣେ ମହିଳାଙ୍କର ମାଲିସ କରୁଛି। ମହିଳା ଜଣକ ବେଶ୍ ଆରାମରେ ଶୋଇ ରହିଛନ୍ତି ଏବଂ ହାତୀଟି ତା' ଶୁଣ୍ଢରେ ତେଲ ଆଣି ମାଲିସ କରୁଛି। ଭିଡିଓକୁ ସୋସିଆଲ ମିଡିଆରେ ଦେଖି ଲୋକେ ଖୁବ୍ ପ୍ରଶଂସା କରିଛନ୍ତି। ତେବେ ମସାଜ କରାଉଥିବା ମହିଳା ଜଣକ କିପରି ଭାବେ ନିଶ୍ଚିନ୍ତରେ ରହିଛନ୍ତି, ତାହା ଲୋକଙ୍କୁ ଆଶ୍ଚର୍ଯ୍ୟ କରିଛି। ଭିଡିଓକୁ ଲାଇକ୍ କରିବା ଲୋକଙ୍କ ସଂଖ୍ୟା ବଢିବାରେ ଲାଗିଛି।



BUSINESS

## ସଂକ୍ଷେପରେ

### ଆଦାନୀ ଗ୍ରୀନ୍‌ରେ ୨୦% ଅଂଶଧନ ହାସଲ କରିବ ଟୋଟାଲ

**ନୂଆଦିଲ୍ଲୀ,୧୮।୧:** ଫ୍ରାନ୍ସ ଭିତ୍ତିକ ଏନର୍ଜି କମ୍ପାନୀ ଟୋଟାଲ, ଆଦାନୀ ଗ୍ରୀନ୍ ଏନର୍ଜିରେ ୨୦% ଅଂଶଧନ ହାସଲ କରିବ। ଆଦାନୀ ଏଣ୍ଟରପ୍ରାଇଜେସ୍‌ର ଆଦାନୀ ଗ୍ରୀନ୍ ଏକ ଅଣପାରମ୍ପରିକ ଶକ୍ତି କମ୍ପାନୀ। ଟୋଟାଲ ସହ ଆଦାନୀର ଏହା ଦ୍ୱିତୀୟ ଚୁକ୍ତି। ୨୦୧୮ରେ ଟୋଟାଲ ଆଦାନୀ ଗ୍ୟାସ୍ ଲିମିଟେଡ୍‌ରେ ୩୭.୪% ଅଂଶଧନ ହାସଲ କରିଛି। ସେହିଭଳି ଧାମରା ଏଲ୍‌ଏନ୍‌ଜି ପ୍ରକଳ୍ପରେ ଟୋଟାଲ ୫୦% ଅଂଶଧନ ହାସଲ କରିଛି। ଏହି ଯୌଥ ଉଦ୍ୟୋଗ ରିଗ୍ୟାସିଫିକେଶନ ଟର୍ମିନାଲ ଉନ୍ନତୀକରଣ, ଧାମରା ଏଲ୍‌ଏନଜି ପ୍ରକଳ୍ପ, ୧୫୦୦ ସର୍ଭିସ ଷ୍ଟେଶନ ଲାଗି ରିଟେଲ ନେଟ୍‌ୱର୍କ ସ୍ଥାପନ ଦିଗରେ କାର୍ଯ୍ୟ କରୁଛି। ବର୍ତ୍ତମାନର ଚୁକ୍ତି ଅନୁସାରେ ଟୋଟାଲ ୨.୩୫ ଗିଗାୱାଟ ପୋର୍ଟଫୋଲିଓ ସୋଲାର ଆସେଟ ମଧ୍ୟରୁ ୫୦% ଅଂଶଧନ ଏବଂ ଆଦାନୀ ଗ୍ରୀନ୍‌ରେ ଗ୍ଲୋବାଲ ଇନ୍‌ଭେଷ୍ଟମେଣ୍ଟର ୨୦% ଅଂଶଧନ ହାସଲ କରିବା ନେଇ କମ୍ପାନୀ ପକ୍ଷରୁ ସ୍ପଷ୍ଟ କରାଯାଇଛି।

### ପ୍ଲେ ଷ୍ଟୋରରୁ ହାଇକ୍ ଆପ୍ ଉଭାନ

**ନୂଆଦିଲ୍ଲୀ,୧୮।୧:** ସଫ୍ଟବ୍ୟାଙ୍କ କର୍ପୋରେଶନ ଫଣ୍ଡିଂ ଲାଭ କରିଥିବା ଭାରତୀୟ ମେସେଜିଂ ଆପ୍ ହାଇକ୍ ବନ୍ଦ ହୋଇଯାଇଛି। ଏହି ଆପ୍ ବର୍ତ୍ତମାନ ଗୁଗଲ ଆପ୍ ଷ୍ଟୋରରୁ ଉଭାନ ହୋଇଯାଇଥିବା ଜଣାପଡିଛି। ଭାରତ ଭଳି ବିଶ୍ୱର ଦ୍ୱିତୀୟ ଜନବହୁଳ ବଜାରରେ ହ୍ୱାଟ୍ସଆପ୍‌କୁ ଟକ୍କର ଦେବା ଲାଗି ଏଭଳି ଏକ ଆପ୍‌କୁ ସଫ୍ଟବ୍ୟାଙ୍କ ସହାୟତା ଯୋଗାଉଥିଲା। ହେଲେ ଏହା ଏବେ ଆପ୍ ଷ୍ଟୋରରୁ କୁଆଡ଼େ ଉଭାନ ହୋଇଯାଇଥିବା ସୋମବାର ଏକ ଖବର ସାମ୍ନାକୁ ଆସିଛି। ୨୦୧୬ରେ ସ୍ଥାପନ ହୋଇଥିବା ଏହି ଷ୍ଟାର୍ଟଅପ୍‌ର ଭାଲ୍ୟୁ ପ୍ରାୟ ୧.୪ ବିଲିୟନ ଡଲାର ରହିଥିଲା। ବିଲିୟନେୟାର ପରିବାରର କେଭିନ୍ ଭାରତୀ ମିତ୍ତଲ ଏହାକୁ ସ୍ଥାପନ କରିଥିଲେ। ଏହାକୁ ବନ୍ଦ କରିବା ନେଇ ପୂର୍ବରୁ କମ୍ପାନୀ ଘୋଷଣା କରିଥିଲା। ହ୍ୱାଟ୍ସଆପ ସହ ଏହା ଟକ୍କର ଦେବାକୁ ସକ୍ଷମ ହେଲା ନାହିଁ ବୋଲି ବଜାର ବିଶେଷଜ୍ଞ କୁହନ୍ତି।

# ମହଙ୍ଗା ହେବ ଇଲେକ୍‌ଟ୍ରୋନିକ୍ସ ଆପ୍ଲାଏନ୍ସ

ନୂଆଦିଲ୍ଲୀ,୧୮।୧

ପ୍ରାୟ ୫୦ ସାମଗ୍ରୀ ଉପରେ କେନ୍ଦ୍ର ସରକାର ଆମଦାନୀ ଟିକସ ବଢ଼ାଇପାରନ୍ତି। ୫ରୁ ୧୦% ଟିକସ ବୃଦ୍ଧି ନେଇ ସରକାର ବର୍ତ୍ତମାନ ବିଚାର କରୁଛନ୍ତି। ସ୍ମାର୍ଟଫୋନ, ଇଲେକ୍‌ଟ୍ରୋନିକ୍ସ କମ୍ପୋନେଣ୍ଟ, ଆପ୍ଲାଏନ୍ସ ଭଳି ଅନ୍ୟ ସାମଗ୍ରୀ ଏହା ମଧ୍ୟରେ ସାମିଲ ରହିଛି। ବଜେଟରେ ଟିକସ ବଢ଼ାଇବା ପ୍ରସ୍ତାବ ରଖାଯିବ ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ ନାମ ଗୋପନ ରଖି ରଏଟର୍ସକୁ ଏହି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, କେନ୍ଦ୍ର ସରକାର ଘରୋଇ ବଜାରର ମାନୁଫାକଚରିଂକୁ ଉତ୍ସାହିତ କରିବା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଆତ୍ମନିର୍ଭର ଭାରତ ଯୋଜନାକୁ ଉତ୍ସାହିତ କରିବା ଲାଗି ସରକାର ଆମଦାନୀ ଟିକସରେ ଏଭଳି ବୃଦ୍ଧି କରିବେ ବୋଲି କୁହାଯାଉଛି। ବର୍ତ୍ତମାନ ସରକାରଙ୍କ



### ୫୦ ସାମଗ୍ରୀ ଉପରେ ବଢ଼ିପାରେ ଆମଦାନୀ ଟିକସ

ରାଜସ୍ୱ କ୍ଷତିଗ୍ରସ୍ତ ହୋଇ ରହିଛି। କରୋନା ଯୋଗୁ ବଜାର ଉପରେ ସଙ୍କଟ ସ୍ଥିତି ଲାଗି ରହିଛି। ଆମଦାନୀ ଟିକସ ବଢାଇବା ଦ୍ୱାରା ସରକାର ପ୍ରାୟ ୧୫ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ରାଜସ୍ୱ ସଂଗ୍ରହ କରିବା ଯୋଜନା ରଖିଥିବା ଜଣେ ଅଧିକାରୀ କହିଛନ୍ତି। ଏହି ୨ ଅଧିକାରୀ କହିଛନ୍ତି, ଟିକସ ବଢ଼ିଲେ ଇ-ଯାନ, ଫର୍ନିଚର ଭଳି ଅନ୍ୟ ସାମଗ୍ରୀ ଦର ବଢ଼ିବ। ଏହା ହେଲେ ସୁଇଡେନର ଫର୍ନିଚର ମେକର ଆଇକିଆ ଏବଂ ଆସନ୍ତା ବର୍ଷ ବଜାରକୁ ଆସିବାକୁ ଥିବା ୟୁଏସ୍‌ର ଇ-କାର୍ କମ୍ପାନୀ ଟେସ୍‌ଲା ପ୍ରଭାବିତ ହେବେ।

ଫର୍ନିଚର ଏବଂ ଇ-ଯାନ ଉପରେ କେତେ ପରିମାଣର ଟିକସ ବଢିବ ଅଧିକାରୀମାନେ ସ୍ପଷ୍ଟ ଭାବେ କିଛି କହି ନାହାନ୍ତି। ଭାରତରେ ଟିକସ ହାର ଉଚ୍ଚରେ ରହୁଥିବାରୁ ପୂର୍ବରୁ ଉଭୟ ଆଇକିଆ ଏବଂ ଟେସ୍‌ଲା ଅଧିକାରୀମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଏହାବାଦ ଫ୍ରିଜ୍ ଏବଂ ଏସି ଦାମ୍ ମଧ ବଢ଼ିବା ନେଇ ଶୁଣାଯାଉଛି। ଏ ସମ୍ପର୍କରେ ଇ-ମେଲ୍ ଯୋଗେ ଅର୍ଥ ମନ୍ତ୍ରଣାଳୟର ସ୍ପଷ୍ଟୀକରଣ ଲୋଡ଼ାଯାଇଥିବା ବେଳେ ଏହା ମିଳିପାରିନାହିଁ। ୨୦୨୧-୨୨ ଲାଗି ଫେବୃୟାରୀ ପହିଲାରେ ବଜେଟକୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଉପସ୍ଥାପନ କରିବେ। ସୂଚନାଯୋଗ୍ୟ, ଗତ ବର୍ଷ ମଧ ସରକାର ଫୁଟ୍‌ୱେର, ଫର୍ନିଚର, ଖେଳନା, ଇଲେକ୍ଟ୍ରିକାଲ ଏବଂ ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ ଉପରେ ପ୍ରାୟ ୨୦% ଆମଦାନୀ ଟିକସ ବଢ଼ାଇଥିଲେ।

# ୪୭୦ ପଏଣ୍ଟ ଖସିଲା ସେନ୍‌ସେକ୍ସ

ନୂଆଦିଲ୍ଲୀ,୧୮।୧

ଲଗାତର ଦ୍ୱିତୀୟ ସେସନ ଲାଗି ସୋମବାର ଭାରତୀୟ ପୁଞ୍ଜି ବଜାରରେ ହ୍ରାସ ଧାରା ପରିଲକ୍ଷିତ ହୋଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ)ର ସେନ୍‌ସେକ୍ସ ୪୫୦ରୁ ଉର୍ଦ୍ଧ୍ୱ ପଏଣ୍ଟ ଖସିଥିବା ନଜରକୁ ଆସିଛି। ରିଜର୍ଭ ବ୍ୟାଙ୍କ ସ୍ୟାଡୋ ବ୍ୟାଙ୍କଗୁଡିକ ଲାଗି ନିୟମ କଡ଼ାକଡ଼ି କରିବା ନେଇ ଖବର ଆସିବା ପରେ ପୁଞ୍ଜି ବଜାର ଉପରେ ଗଭୀର ପ୍ରଭାବ ପଡ଼ିଛି। ୩୦ ଶେୟାର ବିଶିଷ୍ଟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ୪୭୦ ପଏଣ୍ଟ(୦.୯୬%) ଖସିବା ଯୋଗୁ ୪୮,୫୬୬ ପଏଣ୍ଟ ସ୍ତରରେ କାରବାର ବନ୍ଦ ହୋଇଛି। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍‌ଏସ୍‌ଇ) ନିଫ୍ଟି ୧୫୨ ପଏଣ୍ଟ (୧.୦୬%)ନିମ୍ନରେ ରହି ୧୪,୨୮୧ ପଏଣ୍ଟ ସ୍ତରରେ ରହିଛି।



ସେନ୍‌ସେକ୍ସରେ କାରବାର କ୍ଷତି ସହିଥିବା କମ୍ପାନୀଗୁଡ଼ିକ ମଧ୍ୟରେ ଓଏନ୍‌ଜିସି, ସନ୍‌ଫାର୍ମା, ପାୱାର ଗ୍ରୀଡ୍, ବଜାଜ ଫାଇନାନ୍ସ, ଇଣ୍ଡସ୍ ଇଣ୍ଡ ବ୍ୟାଙ୍କ, ଡକ୍ଟର ରେଡି ରହିଛି। ଏମାନଙ୍କ ଶେୟାର ପ୍ରାୟ ୪.୫୯% ଖସିଛି। ଅପରପକ୍ଷରେ ରିଲାଏନ୍ସ, ଟାଇଟାନ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଏବଂ ଆଇଟିସିର ଶେୟାର କାରବାର ପ୍ରାୟ ୨.୩୭% ବୃଦ୍ଧି ପାଇଛି। ଏନ୍‌ଏସ୍‌ଇ ପ୍ଲାଟ୍‌ଫର୍ମରେ ନିଫ୍ଟି ମେଟାଲ, ଫାର୍ମା ଏବଂ ପିଏସ୍‌ୟୁ ବ୍ୟାଙ୍କ ଶେୟାର ପ୍ରାୟ ୪.୦୮% ଖସିଛି। ପୁଞ୍ଜିବଜାରରେ ବିଦେଶୀ ନିବେଶକମାନେ ସୋମବାର ୯୧୭.୦୬ କୋଟି ଟଙ୍କା ନିବେଶ କରିଛନ୍ତି।

# ଯାନ ମୂଲ୍ୟ ବଢ଼ାଇବ ମାରୁତି ସୁଜୁକି

ବାଙ୍ଗାଲୋର,୧୮।୧

ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ଏହାର କେତେକ ମଡେଲର ମୂଲ୍ୟ ବଢ଼ାଇବା ନେଇ କମ୍ପାନୀ ଯୋଜନା ରଖିଛି। ଇନ୍‌ପୁଟ ଖର୍ଚ୍ଚ ବଢ଼ିଥିବାରୁ କମ୍ପାନୀ ଏଭଳି ନିଷ୍ପତ୍ତି ନେଇଥିବା ସୋମବାର କହିଛି। ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡ୍ ଏହାର ପର୍ସନାଲ ଏବଂ କମର୍ସିଆଲ ବର୍ଗରେ ଯାନ ମୂଲ୍ୟ ଚଳିତ ମାସରୁ ୧.୯% ବୃଦ୍ଧି କରିବ ବୋଲି କହିସାରିଛି। ଏହା ପରେ ପରେ ମାରୁତି ମଧ ଯାନ ମୂଲ୍ୟ ବଢ଼ାଇବା ନେଇ ସ୍ପଷ୍ଟ କରିଛି। କମୋଡିଟି ଏବଂ ଇନ୍‌ପୁଟ ମୂଲ୍ୟ ବୃଦ୍ଧି ଯୋଗୁ କମ୍ପାନୀ ଏଭଳି ନିଷ୍ପତ୍ତି ଗ୍ରହଣ କରିଛି। ଯାନ ଚାହିଦା ଖସିବା ଏବଂ କରୋନା ଯୋଗୁ ବଜାର ପ୍ରଭାବିତ ହୋଇ ରହିଛି। ପାର୍ବଣ ସମୟରେ ଚାହିଦାରେ କିଛିଟା ପରିବର୍ତ୍ତନ ହେବା ଯୋଗୁ କମ୍ପାନୀ ସେମାନଙ୍କ ଅପରେଶନ ଆରମ୍ଭ କରିଥିଲା। ମାତ୍ର ଆଗାମୀ ଦିନରେ ବଜାରରେ ଅନିଶ୍ଚିତତା ରହିବା ନେଇ ମଧ ଆଶଙ୍କା କରାଯାଉଛି।




ସୋମବାରଠାରୁ ମାରୁତିର ଯାନଗୁଡ଼ିକ ପ୍ରାୟ ୩୪ ହଜାର ଟଙ୍କା ପର୍ଯ୍ୟନ୍ତ ମହଙ୍ଗା ହେବ। କେଉଁ ମଡେଲର ମୂଲ୍ୟ କେତେ ବଢ଼ିଛି ସେ ନେଇ କମ୍ପାନୀ ପକ୍ଷରୁ ସ୍ପଷ୍ଟ ସୂଚନା ମିଳିପାରିନାହିଁ। ଗତ ଜାନୁୟାରୀରେ ମାରୁତି ଏହାର ଯାନ ମୂଲ୍ୟ ପ୍ରାୟ ୪.୭% ବୃଦ୍ଧି କରିଥିଲା।

# ହ୍ୱାଟ୍ସଆପ୍‌ର ନୂଆ ନିୟମ ଇଚ୍ଛାଧୀନ

ନୂଆଦିଲ୍ଲୀ,୧୮।୧

ସୋସିଆଲ ମେସେଜିଂ ଆପ୍ ହ୍ୱାଟ୍ସଆପ୍‌ର ନୂଆ ପ୍ରିଭେସି ନିୟମ ଇଚ୍ଛାଧୀନ। ଏହାକୁ ଗ୍ରହଣ କରିବା ନ କରିବା ୟୁଜରଙ୍କ ଇଚ୍ଛା ଉପରେ ନିର୍ଭର କରୁଛି। ଯଦି ଜଣେ କମ୍ପାନୀର ନୂଆ ନିୟମରେ ରହିଥିବା ସର୍ତ୍ତକୁ ନ ଗ୍ରହଣ କରନ୍ତି ତେବେ ଏହି ପ୍ଲାଟ୍‌ଫର୍ମ ଛାଡ଼ି ନୂଆ ଆପ୍ ବ୍ୟବହାର କରିପାରିବେ ବୋଲି ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ସୋମବାର କହିଛନ୍ତି।

ହ୍ୱାଟ୍ସଆପ୍‌ର ନୂଆ ପ୍ରିଭେସି ପଲିସିକୁ ନେଇ ଜଣେ ଆଇନଜୀବୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଏହାର ଶୁଣାଣି କରି ଜଷ୍ଟିସ ସନ୍ଦୀପ ସଚ୍ଚଦେବା କହିଛନ୍ତି, ହ୍ୱାଟ୍ସଆପ୍ ଏକ ଘରୋଇ ଆପ୍। ଏଥିରେ ଜଣେ ଯୋଗଦେବେ କି ନାହିଁ ତାହା ସ୍ୱେଚ୍ଛାକୃତ। ଏହି ଆପ୍‌କୁ ବ୍ୟବହାର ନ କରି ଅନ୍ୟ ଆପ୍ଲିକେଶନକୁ ମଧ ଜଣେ ବ୍ୟବହାର କରିପାରିବେ। ଫେବୃୟାରୀରୁ ହ୍ୱାଟ୍ସଆପ୍ ଏହାର ନୂଆ ପ୍ରିଭେସି ପଲିସି ଲାଗୁ କରିବାର ଥିଲା। ମାତ୍ର ଏହାକୁ ନେଇ ୟୁଜରଙ୍କ ପକ୍ଷରୁ ବିରୋଧ କରାଯିବାରୁ ନୂଆ ନିୟମ ଲାଗୁ କରିବା ଅବଧିକୁ କମ୍ପାନୀ ମେ ମାସ ୧୫ ଯାଏ ବଢାଇଛି। କୋର୍ଟ ପୁଣି କହିଛନ୍ତି, ମୋବାଇଲ ଆପ୍ଲିକେଶନଗୁଡିକର ସର୍ତ୍ତକୁ ଯଦି ୟୁଜର



### ଗ୍ରହଣ ନ କଲେ ନୂଆ ଆପ୍ ବ୍ୟବହାର କରିପାରିବେ ୟୁଜର: ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ

ପଢନ୍ତି ତେବେ ଅନେକ ଆଶ୍ଚର୍ଯ୍ୟଜନକ ପ୍ରସଙ୍ଗ ସାମ୍ନାକୁ ଆସିବ। ସର୍ତ୍ତକୁ ୟୁଜର ସହଜରେ ଗ୍ରହଣ କରି ନେଉଛନ୍ତି। ଏପରିକି ଗୁଗଲ ମ୍ୟାପ୍ ୟୁଜରଙ୍କ ସବୁ ଡାଟା ସଂଗ୍ରହ କରୁଥିବା ବେଳେ ଏହାକୁ ଷ୍ଟୋର ମଧ କରୁଥିବା କୋର୍ଟ ପ୍ରକାଶ କରିଛନ୍ତି।

କେଉଁ ଡାଟା ପ୍ରଘଟ କଥା ଆବେଦନକାରୀ ଉଠାଇଛନ୍ତି ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି। କେନ୍ଦ୍ର ସରକାର ନ୍ୟାୟାଳୟଙ୍କ ସହ ଏହି ପ୍ରସଙ୍ଗରେ ସହମତ ହୋଇଛନ୍ତି। ପ୍ରସଙ୍ଗକୁ ଭଲ ଭାବେ ତର୍ଜମା କରାଯିବାର ଆବଶ୍ୟକତା ରହିଛି। ଫେସ୍‌ବୁକ ଏବଂ ହ୍ୱାଟ୍ସଆପ୍ ପକ୍ଷରୁ ବରିଷ୍ଠ ଓକିଲ କପିଲ ସିବଲ ଏବଂ ମୁକୁଲ ରୋହତାଗୀ ହାଜର ହୋଇ କୋର୍ଟଙ୍କୁ କହିଛନ୍ତି, ଏହା ଉପରେ ଅନେକ ଅଭିଯୋଗ ଉଠୁଛି ଯାହାର କି କୌଣସି ଭିତ୍ତି ନାହିଁ। ଏପରିକି ପରିବାର ଏବଂ ସାଙ୍ଗସାଥୀଙ୍କ ମଧ୍ୟରେ ହେଉଥିବା ଚାଟ୍ ଏନ୍‌କ୍ରିପଶନ ହୋଇ ରହୁଛି। ଏହାଦ୍ୱାରା ହ୍ୱାଟ୍ସଆପ ମଧ ଡାଟାକୁ ଷ୍ଟୋର କରି ରଖିବା କଷ୍ଟକର। ନୂଆ ନିୟମରେ ଏଥିରେ କୌଣସି ପରିବର୍ତ୍ତନ କରାଯାଇନାହିଁ।

# ଲେହେଙ୍ଗା ଫ୍ୟାଶନ

**ବର୍ତ୍ତମାନ ଯେକୌଣସି ପାର୍ଟି, ଫଙ୍କଶନ୍ ହେଉ ଅବା ପର୍ବପର୍ବାଣିରେ ଲେହେଙ୍ଗା ପାଲଟିଛି ଲାଟେଷ୍ଟ ଫ୍ୟାଶନ୍। ଯଦି ଆପଣ ବି ଏହାକୁ ବ୍ୟବହାର କରିବାକୁ ଚାହାନ୍ତି ତେବେ ନିଜ ବଡି ଶେପ୍ ଅନୁଯାୟୀ କେଉଁ ଭଳି ଲେହେଙ୍ଗା ବାଛିଲେ ଆକର୍ଷଣୀୟ ଲୁକ୍ ପାଇପାରିବେ ଜାଣିରଖନ୍ତୁ ଟିପ୍ସ...**

**ମର୍‌ମେଡ୍ ବା ଫିସ୍‌ଟେଲ୍ ଲେହେଙ୍ଗା:** ଅନ୍ୟ ଲେହେଙ୍ଗା ଡିଜାଇନ୍‌ଗୁଡିକ ତୁଳନାରେ ଏହାର ଡିଜାଇନ୍ ବେଶ୍ ଆକର୍ଷଣୀୟ। ଏହା ଅଣ୍ଟାରୁ ଆଣ୍ଠୁ ପର୍ଯ୍ୟନ୍ତ ଟାଇଟ୍ ହୋଇ ପାଦ ଆଡକୁ ମାଛ ଲାଞ୍ଜ ଭଳି ଅଧିକ ଘେର ହୋଇ ରହିଥାଏ ; ଯାହା କି କାହାଣୀରେ ବର୍ଣ୍ଣିତ ଜଳପରୀ ବା ମତ୍ସ୍ୟକନ୍ୟା ପରି ଲୁକ୍ ଦେଉଥିବାରୁ ଅନେକେ ଏହାକୁ ଖୁବ୍ ପସନ୍ଦ କରିଥାନ୍ତି। ଯଦି ଆପଣଙ୍କ ଫିଗର ଆୱାରଗ୍ଲାସ୍ କିମ୍ବା ରେକ୍ଟାଙ୍ଗୁଲାର ତେବେ ଏଭଳି ଲେହେଙ୍ଗା ଆପଣଙ୍କୁ ଖୁବ୍ ସୁନ୍ଦର ମାନିବ।

**ପ୍ୟାନେଲ୍ଡ ଲେହେଙ୍ଗା:** ଏଭଳି ଲେହେଙ୍ଗାରେ କେବେ କେବେ ଦୁଇ, ତିନି କିମ୍ବା ଅଧିକ ଲେୟାର କପଡା ଡିଜାଇନ୍ କରାଯାଇଥାଏ। ଏହାର ବେଶ୍ ଆକର୍ଷଣୀୟ ଡିଜାଇନ୍ ଆୱାର୍‌ଗ୍ଲାସ, ପେଟିଟ୍ ଏବଂ ପିଅର୍ ବଡି ଶେପ୍‌କୁ ଭଲ ଲାଗିଥାଏ। ତେଣୁ ଆପଣଙ୍କ ବଡି ଶେପ୍ ଏପରି ହୋଇଥିଲେ ଏହି ଲେହେଙ୍ଗା ବେଷ୍ଟ ଅପ୍ସନ।

**ଫ୍ଲେୟାର୍ ଲେହେଙ୍ଗା:** ଏହି ଲେହେଙ୍ଗାରେ ସାଧାରଣତଃ ଅଧିକ କୁଞ୍ଚ ଥିବାରୁ ଘେର ଖୁବ୍ ଭାରି ହୋଇଥାଏ। ଏହା ଦେଖିବାକୁ ବହୁତ ସୁନ୍ଦର ଲାଗିଥାଏ। ଆପଣଙ୍କ ଫିଗର ପିଅର୍, ଷ୍ଟ୍ରେଟ୍, ଆୱାରଗ୍ଲାସ୍, ଆପ୍‌ଲ ଏବଂ ଭି ଭଳି ଶେପ୍ ହୋଇଥିଲେ ଏଭଳି ଲେହେଙ୍ଗାରେ ଆଟ୍ରାକ୍ଟିଭ ଲୁକ୍‌ପାଇପାରିବେ।



**ଜ୍ୟାକେଟ୍ ୱିଥ୍ ଲେହେଙ୍ଗା:** ଏହା ବର୍ତ୍ତମାନ ଲାଟେଷ୍ଟ ଫ୍ୟାଶନ୍ ପାଲଟିଛି। ଏଭଳି ଲେହେଙ୍ଗାରେ ଚୋଲି ଉପରେ ଏକ କଣ୍ଟ୍ରାଷ୍ଟ କଲରର ଲଙ୍ଗ ଜ୍ୟାକେଟ୍ ରହୁଛି। ବିଶେଷ କରି ସାଇନିଂ ମ୍ୟାଟେରିଆଲ ଉପରେ ହେଭି ୱାର୍କ ଥିବା ଜ୍ୟାକେଟ୍‌ର ଡିମାଣ୍ଡ ବେଶି। ଯଦି ଆପଣଙ୍କ ବଡି ଶେପ୍ ଆୱାରଗ୍ଲାସ୍, ଆପ୍‌ଲ, ଇନ୍‌ଭର୍ଟେଡ ଟ୍ରାଇଏଙ୍ଗୁଲାର୍ କିମ୍ବା ଅଧିକ ଲମ୍ବା ତେବେ ଏଭଳି ଲେହେଙ୍ଗା ଆପଣଙ୍କୁ ଟ୍ରେଣ୍ଡି ଲୁକ୍ ଦେବ।



**ଟ୍ରେଲ୍ ଲେହେଙ୍ଗା:** ଯଦି ଆପଣଙ୍କ ଫିଗର ମୋଟା ବୋଲି କେଉଁ ଲେହେଙ୍ଗା ବାଛିବେ ଦ୍ୱନ୍ଦ୍ୱରେ ପଡୁଛନ୍ତି ତେବେ ଟ୍ରେଲ୍ ଲେହେଙ୍ଗା ଆପଣଙ୍କୁ ପରଫେକ୍ଟ ଲୁକ୍ ଦେବା ଲାଗି ସବୁଠୁ ଭଲ ଅପ୍ସନ। ଏଥିରେ ଟ୍ରେଲ୍ ପାଇଁ ସାଧାରଣ ଲେହେଙ୍ଗାରେ ଆବଶ୍ୟକ ହେଉଥିବା କପଡାଠାରୁ ଅଧିକ କପଡା ବ୍ୟବହାର କରାଯାଇଥାଏ।

# ପିଲାଙ୍କ ରାଗ







**ମଣିଷର ମାନସିକ ସ୍ଥିତି ବିଭିନ୍ନ ପରିସ୍ଥିତି ଏବଂ ପରିବେଶକୁ ନେଇ ପରିବର୍ତ୍ତନ ହୋଇଥାଏ। ହେଲେ ସାଧାରଣ କଥାରେ କ୍ରୋଧ ବା ରାଗିବା, ହିଂସା କରିବା, ଅଭିଭାବକଙ୍କ କଥା ନ ମାନିବା, ପ୍ରତିଶୋଧ ପରାୟଣ ହେବା ଅବା ଅନ୍ୟକୁ କ୍ଷତି ପହଞ୍ଚାଇବା କିମ୍ବା ରାଗରେ ନକାରାତ୍ମକ ଭାବନା ଆଣି ନିଜ ଉପରେ ଦାଉସାଧିବା ଆଦି କ୍ଷତିକାରକ ହୋଇପାରେ। ବର୍ତ୍ତମାନ ପିଲାଙ୍କଠାରେ ମଧ୍ୟ ଏଭଳି ଲକ୍ଷଣମାନ ଦେଖିବାକୁ ମିଳୁଛି। ଆଉ ଏଥିରୁ ସେମାନଙ୍କୁ ନିବୃତ୍ତ ରଖିବା ଲାଗି ଅଭିଭାବକମାନେ ବିଭିନ୍ନ ଦିଗ ପ୍ରତି ସଚେତନ ହେବା ଆବଶ୍ୟକ...**

ବର୍ତ୍ତମାନ ପିଲାମାନଙ୍କଠାରେ ମଧ୍ୟ କ୍ରୋଧ ଏବଂ ହିଂସା ଭାବନା ବଢୁଥିବା ଦେଖିବାକୁ ମିଳୁଛି ; ଯେଉଁଥିପାଇଁ ବିଭିନ୍ନ ଅସ୍ୱାଭାବିକ ଘଟଣାମାନ ବି ନଜରକୁ ଆସୁଛି। ତେବେ ଏହା ଲାଗି ପରିବର୍ତ୍ତିତ ଜୀବନଶୈଳୀ, ପାରିବାରିକ ସମସ୍ୟାର ପ୍ରଭାବ, ଇଲେକ୍ଟ୍ରୋନିକ୍ ଗ୍ୟାଜେଟ୍‌ର ବହୁଳ ବ୍ୟବହାର ହେଉ କିମ୍ବା ଅନ୍ୟାନ୍ୟ ବିଭିନ୍ନ କାରଣ ଦାୟୀ ହୋଇପାରେ। ହେଲେ ପିଲାଙ୍କଠାରେ ଏପରି ଲକ୍ଷଣ ଦେଖିବା ମାତ୍ରେ, ପରବର୍ତ୍ତୀ ସମୟରେ ଯେପରି କୌଣସି ବଡ଼ ସମସ୍ୟା ନ ଉପୁଜେ ସେଥିପାଇଁ ଯଥା ସମୟରେ ଏହାର କାରଣ ଖୋଜି ପିଲାଙ୍କୁ ଏଥିରୁ ନିବୃତ୍ତ ରଖିବା ଦିଗରେ ଅଭିଭାବକମାନେ ସଚେତନ ହେବା ଆବଶ୍ୟକ...

– ସର୍ବପ୍ରଥମେ ପିଲା ଯେତେବେଳେ ରାଗୁଛି କିମ୍ବା ଅଜବ ବ୍ୟବହାର କରୁଛି, ତାକୁ ଚିଡ଼ିବା ବା ଗାଳିଦେବାର ଭୁଲ୍ ଆଦୌ କରନ୍ତୁ ନାହିଁ। କାରଣ ଏହାଦ୍ୱାରା ପିଲାଙ୍କ ମାନସିକତା ସୁଧୁରିବା ପରିବର୍ତ୍ତେ ଆହୁରି ଖରାପ ହୋଇପାରେ। ତେଣୁ ପ୍ରଥମେ ସେ ରାଗିବାର କାରଣ ଜାଣିବାକୁ ଚେଷ୍ଟା କରନ୍ତୁ। ସାଙ୍ଗ ଭଳି ପାଖରେ ବସାଇ ସ୍ନେହରେ ପଚାରି ବୁଝନ୍ତୁ ଏବଂ ତା'ର ମନ ହାଲ୍‌କା କରିବା ଭଳି କଥା କୁହନ୍ତୁ। ଯଦି ଏଥିରେ ପିଲାର କୌଣସି ଭୁଲ୍ ଥାଏ ତେବେ ବିରକ୍ତ ନ ହୋଇ ନରମ ଭାବେ ଉଚିତ ପରାମର୍ଶ ଦିଅନ୍ତୁ।

– ରାଗ ସମୟରେ ବିଭିନ୍ନ ନକାରାତ୍ମକ ଚିନ୍ତା ମନକୁ ଆସିଥାଏ। ତେଣୁ ପିଲାମାନେ ଝଗଡ଼ା କରିବା, ବଡ଼ ପାଟିରେ ଚିଲେଇବା, କାନ୍ଦିବା, କଥା ନ ମାନିବା କିମ୍ବା ଭଙ୍ଗାରୁଜା ଆଦି କରିଥାନ୍ତି। ଏମିତିରେ ହଠାତ୍ ତାଙ୍କ ପ୍ରତି ଶକ୍ତ ନ ହୋଇ ପାଖରେ ବସାଇ ତାଙ୍କ କଥା ଶୁଣନ୍ତୁ। ଏହି ସମୟରେ ପୂର୍ବରୁ ଘଟିଥିବା କୌଣସି ଖୁସିର ମୁହୂର୍ତ୍ତକୁ ମନେପକାଇ ଦିଅନ୍ତୁ, ଦେଖିବେ ରାଗ ଆପଣା ଛାଏଁ କମିଯିବ। ତାଙ୍କ ମନରେ ସକାରାତ୍ମକ ଚିନ୍ତା ଆଣିବା ଲାଗି ଭଗବାନଙ୍କୁ ସ୍ମରଣ କରିବାକୁ ପରାମର୍ଶ ଦିଅନ୍ତୁ।

– ପିଲାଙ୍କ ମନରୁ କ୍ରୋଧ ଦୂରକରିବାର ଅନ୍ୟ ଏକ ଉପାୟ ହେଉଛି ସେମାନଙ୍କର ରୁଚି ଉପରେ ଧ୍ୟାନ କେନ୍ଦ୍ରିତ କରିବା। ଉଦାହରଣ ସ୍ୱରୂପ, ସେମାନେ ରାଗିବା ସମୟରେ ତାଙ୍କୁ ପାଖରେ ବସାଇ ଅଳ୍ପ ସମୟ ଇଣ୍ଟରନେଟ୍‌ରେ ମଜାଦାର ଭିଡ଼ିଓ ଦେଖାନ୍ତୁ, କୌଣସି ପ୍ରିୟ ବହି ପଢ଼ିବାକୁ ଦିଅନ୍ତୁ, ଟିଭି ଦେଖାନ୍ତୁ, ଗୀତ ଶୁଣାନ୍ତୁ, ଡ୍ରଇଂ କରାନ୍ତୁ, ଭଲ ଭଲ ଖାଦ୍ୟ ଦିଅନ୍ତୁ। ଦେଖିବେ ଏପରି କରିବା ଦ୍ୱାରା ପିଲାଙ୍କ ଧ୍ୟାନ ଏସବୁ କାର୍ଯ୍ୟରେ କେନ୍ଦ୍ରିତ ହୋଇ କ୍ରୋଧ ଦୂର ହୋଇଯିବ।

– କ୍ରୋଧ ଉପରେ ନିୟନ୍ତ୍ରଣ ଆଣିବା ଲାଗି ପିଲାଙ୍କୁ ବିଭିନ୍ନ ବ୍ୟାୟାମ ଏବଂ ଧ୍ୟାନ ଆଦି କରିବାକୁ ପରାମର୍ଶ ଦିଅନ୍ତୁ। ଏଥିପାଇଁ ଆପଣଙ୍କୁ ନିଜେ ମଧ୍ୟ ତାଙ୍କ ପାଖରେ ବସି ଏସବୁ କରିବାକୁ ହେବ। ଫଳରେ ମାନସିକ ଶାନ୍ତି ମିଳିବା ଦ୍ୱାରା ପିଲାଙ୍କ ରାଗ ଶାନ୍ତ ହୋଇଯିବ।

– ନିହାତି ରାଗିଥିବା ସମୟରେ ପିଲାଙ୍କୁ ଏଣୁ ତେଣୁ ପ୍ରଶ୍ନ ନ କରି କିଛି ସମୟ ଏକା ନିରୋଳାରେ ବସିବାକୁ ଦିଅନ୍ତୁ। ରାଗ ଥଣ୍ଡା ହେବା ପରେ କାରଣ ପଚାରି ବୁଝନ୍ତୁ। ପିଲାର କିଛି ଆବଶ୍ୟକତା ଥିଲେ ପୂରଣ କରିବାକୁ ଚେଷ୍ଟା କରନ୍ତୁ। ହେଲେ ପିଲାଙ୍କ ଅଯଥା ଜିଦ୍ କିମ୍ବା ଅନାବଶ୍ୟକ ଜିନିଷର ଡିମାଣ୍ଡ ପୂରଣ କରିବା ଦ୍ୱାରା ବି ପିଲାଙ୍କୁ ଜିଦ୍‌ଖୋର ସ୍ୱଭାବର କରିଦିଏ, ତେଣୁ ଏଥିପ୍ରତି ମଧ୍ୟ ଧ୍ୟାନ ଦିଅନ୍ତୁ।

– ଅଭିଭାବକ ପିଲାଙ୍କୁ ରାଗିଥିବା ବେଳେ ମାଡପିଟ୍, ଗାଳି ଗୁଲଜ କରୁଥିବା ବେଳେ ଆଉ କେତେକେ ଏପରି କଲେ ପିଲା ଅବସାଦରେ ଆସି ଯେପରି କିଛି ଭୁଲ୍ ନ କରିବସେ ସେଥିପାଇଁ ଡରନ୍ତି। ହେଲେ ବିଚାରକୁ ନେଲେ ଉଭୟ କ୍ଷେତ୍ରରେ ଅଭିଭାବକ ସମ୍ପୂର୍ଣ୍ଣ ଠିକ୍ ନୁହନ୍ତି। ତେଣୁ ଅଧିକ ଶକ୍ତ ହେବା କିମ୍ବା ଡରରେ ସମ୍ପୂର୍ଣ୍ଣ ଛାଡ଼ିଦେବା ପରିବର୍ତ୍ତେ ଆବଶ୍ୟକ ସ୍ଥଳେ ପିଲାଙ୍କ କ୍ରୋଧ ନିୟନ୍ତ୍ରଣ ଲାଗି ଆକଟ କରିବା ଅଭିଭାବକଙ୍କ କର୍ତ୍ତବ୍ୟ।

– ସର୍ବୋପରି ପିଲାଙ୍କୁ ଯଥେଷ୍ଟ ସମୟ ଦେବା ସହ ତାଙ୍କର ପ୍ରତ୍ୟେକ କାର୍ଯ୍ୟ କଳାପ ପ୍ରତି ଦୃଷ୍ଟି ଦେଲେ ତାଙ୍କ କ୍ରୋଧ ପାଇଁ କେଉଁ କାରଣ ଦାୟୀ ବୁଝିବା ସହ ଏହାକୁ ନିୟନ୍ତ୍ରଣ କରିବା ଅଭିଭାବକଙ୍କ ପାଇଁ ସହଜ ହୋଇଥାଏ।

–ପୌର୍ଣ୍ଣମାସୀ

## ଅଭିଭାବକ ସଚେତନ ହେବା ଆବଶ୍ୟକ



ପିଲାଙ୍କ ମାନସିକ ସନ୍ତୁଳନ ରଖିବା ଲାଗି ପାରିବାରିକ ପରିସ୍ଥିତି ମୁଖ୍ୟତଃ ଦାୟୀ। ହେଲେ କେତେକ କ୍ଷେତ୍ରରେ ପାରିବାରିକ ଝଗଡ଼ା, ପିଲାମାନଙ୍କୁ ମା'-ବାପାଙ୍କ ସ୍ନେହ ଏବଂ ସଂରକ୍ଷଣରେ ଅଭାବ, ଭେଦଭାବ, ଆର୍ଥିକ ଅଭାବ ଆଦି ସେମାନଙ୍କ ମନରେ କୁପ୍ରଭାବ ପକାଇଥାଏ, ଯାହା କି ସେମାନଙ୍କଠାରେ କ୍ରୋଧ ଏବଂ ହିଂସା ମନୋବୃତ୍ତି ସୃଷ୍ଟି କରିଥାଏ । ବୟସ ବଢ଼ିବା ସହ ହର୍‌ମୋନ ପରିବର୍ତ୍ତନ ଯୋଗୁ ମଧ୍ୟ କେତେକଙ୍କ ମନରେ ରାଗ, ଚିଡ଼ିଚିଡ଼ା କିମ୍ବା ବିରକ୍ତି ଭାବ ଦେଖାଦିଏ । ଏହାବ୍ୟତୀତ ପିଲା ଟିକେ ବଡ଼ ହୋଇଗଲେ ପାଠପଢ଼ାର ଚାପ, ଅସଫଳ କ୍ୟାରିୟର, ବନ୍ଧୁତା କିମ୍ବା ପ୍ରେମରେ ପ୍ରତାରଣା ବି ମନରେ ରାଗ, ଦ୍ୱେଷ ସୃଷ୍ଟି ପାଇଁ ଦାୟୀ । ବର୍ତ୍ତମାନ ବିଭିନ୍ନ ଇ-ଗ୍ୟାଜେଟ୍ ବ୍ୟବହାର ବିଶେଷ କରି ଅଧିକ ସମୟ ସୋସିଆଲ୍ ସାଇଟ୍ ବ୍ୟବହାର, ଅନ୍‌ଲାଇନ୍ ଗେମ୍ ଖେଳିବାରେ ପିଲାମାନେ ଅଧିକ ସମୟ ଅତିବାହିତ କରୁଛନ୍ତି। ଫଳରେ ସେମାନେ ପରିବାର, ସାଙ୍ଗସାଥୀ ଆଦିଙ୍କ ଠାରୁ ଦୂରେଇ ଯାଉଥିବା ବେଳେ କୌଣସି କାରଣରୁ ଏଭଳି ଗ୍ୟାଜେଟ୍ ସେମାନଙ୍କ ଠାରୁ ଦୂରେଇ ଦିଆଗଲେ କ୍ରୋଧ, ରାଗ ଭଳି ଲକ୍ଷଣ ଦେଖିବାକୁ ମିଳୁଛି। ତେବେ ରାଗିବା ଦ୍ୱାରା ଏହା ସେମାନଙ୍କ ମାନସିକ ସ୍ତରରେ ଗଭୀର ପ୍ରଭାବ ପକାଇଥାଏ । ଯେହେତୁ ମନ ଆଉ ଶରୀର ପରସ୍ପର ସହ ଜଡିତ ତେଣୁ ମାନସିକ ସ୍ତରରେ ପଡୁଥିବା ପ୍ରଭାବ ଶରୀରକୁ କ୍ଷତି ପହଞ୍ଚାଇବା ସହ ରୋଗ ପ୍ରତିରୋଧକ ଶକ୍ତି କମାଇଥାଏ । କ୍ରୋଧ ବା ରାଗର ବଶବର୍ତ୍ତୀ ହେବା ଦ୍ୱାରା ସେମାନେ ଭଙ୍ଗାରୁଜା, ମାରପିଟ୍, ଘର ଛାଡ଼ିବା ଭଳି ଅନେକ ଭୁଲ୍ କାର୍ଯ୍ୟ କରିବସନ୍ତି । କେତେକ କ୍ଷେତ୍ରରେ ଏହାର ନକାରାତ୍ମକ ପ୍ରଭାବ ସେମାନଙ୍କୁ ମାନସିକ ସ୍ତରରେ ଏତେ ଦୁର୍ବଳ କରିଦିଏ ଯେ, ସେମାନେ ଆତ୍ମହତ୍ୟା ଭଳି ଭୁଲ୍ କରିବାକୁ ମଧ୍ୟ ପଛାନ୍ତି ନାହିଁ । ତେଣୁ ଯଦି ପିଲାଙ୍କ ଠାରେ ଏଭଳି ରାଗ ବା କ୍ରୋଧ ଆସୁଛି ତେବେ ହଠାତ୍ ପ୍ରତିକ୍ରିୟା ପ୍ରକାଶ ନ କରି ତାଙ୍କୁ ପାଖରେ ବସାଇ ଏହାର କାରଣ ବୁଝିବା ସହ ସମାଧାନ ପାଇଁ ଚେଷ୍ଟା କରିବା ଆବଶ୍ୟକ। ପିଲାମାନେ ସ୍ନେହ ଶ୍ରଦ୍ଧାର ଭାଷା ବୁଝନ୍ତି, ତେଣୁ ସେମାନଙ୍କ ଉତ୍ତମ ଭବିଷ୍ୟତ ପାଇଁ ତାଙ୍କୁ କିପରି ଖୁସିରେ ରଖିହେବ ସେଥିପାଇଁ ଅଭିଭାବକମାନଙ୍କୁ ସେଚେତନ ହେବା ଆବଶ୍ୟକ।

*–ଡ. ସଙ୍ଗୀତା ରଥ, ମନସ୍ତତ୍ତ୍ୱବିତ୍, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର*

## କ'ଣ କରନ୍ତି ଏମାନେ...

### ପିଲାଙ୍କ ମନ ବୁଝିବା ଏତେ ସହଜ ନୁହେଁ



**ସିଲାରାଣୀ ପାଣି**(ଶିକ୍ଷୟିତ୍ରୀ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଫୁଲନଖରା, କଟକ)- ପିଲାମାନେ କେବେ କେବେ ବହୁତ ଖୁସି ଥାନ୍ତି ତ ଆଉ କେବେ କେଉଁ କାରଣ ତାଙ୍କ ଠାରେ କ୍ରୋଧର ଭାବନା ସୃଷ୍ଟି କରେ ତାହା ବୁଝିବା କଷ୍ଟ। ନିଜ କଥା କହିବି, ମୋ ଝିଅ ବର୍ତ୍ତମାନ ଅଷ୍ଟମ ଶ୍ରେଣୀରେ ପଢୁଛି। ବେଳେବେଳେ ସେ ବି ରାଗେ ଆଉ ଜିଦ୍ କରେ। ହେଲେ ସେ ରାଗିଥିବା ସମୟରେ ମୁଁ ଆଦୌ ରାଗି ଗାଳି ଦିଏ ନାହିଁ। ବରଂ ତାକୁ ଶାନ୍ତ କରିବା ଲାଗି ସ୍ନେହ ଶ୍ରଦ୍ଧାରେ କଥା ହୋଇ ଧୀରେ ଧୀରେ ପ୍ରଥମେ ରାଗିବାର କାରଣ ପଚାରେ ଏବଂ ଏହାର ସମାଧାନ କରିବାକୁ ଚେଷ୍ଟା କରେ। ପିଲାଙ୍କ ସମସ୍ୟା କ'ଣ ବୁଝି ଠିକ୍ ସମୟରେ ଏହାର ସମାଧାନ କଲେ ପିଲାଙ୍କଠାରେ କ୍ରୋଧ ଭାବନା ସୃଷ୍ଟି ହୋଇ ନ ଥାଏ ବୋଲି ମୋର ବିଶ୍ୱାସ।

### ଉଦାହରଣ ଦେଇ ବୁଝାଏ



**ମାମାରାଣୀ ମହାପାତ୍ର** (ଗୃହିଣୀ, ଓଲ୍ଡଟାଉନ, ଭୁବନେଶ୍ୱର)- ମୋ ପୁଅ ମାତ୍ର ୪ ବର୍ଷର। ବେଳେବେଳେ କୌଣସି କାରଣକୁ ନେଇ ଏତେ ଛୋଟ ପିଲା ରାଗିବା ଏକ ସାଧାରଣ କଥା। ହେଲେ ଏହା ଯେପରି ତା'ର ଅଭ୍ୟାସରେ ପରିଣତ ନ ହୋଇଯାଉ ଏବଂ ଭବିଷ୍ୟତରେ ପ୍ରତିଟି ଛୋଟ ବଡ଼ ଆବଶ୍ୟକତା ପୂରଣକୁ ନେଇ ସେ ଜିଦ୍ କିମ୍ବା ରାଗରେ ଝଗଡ଼ା, ଭଙ୍ଗାରୁଜା ନ କରୁ ସେଥିପ୍ରତି ସଚେତନ ଥାଏ। ସେ ରାଗିବା ଆରମ୍ଭ କଲେ ପାଖରେ ବସାଇ ଅନ୍ୟ କୌଣସି କାର୍ଯ୍ୟରେ ଲଗାଇଦିଏ। ତା'ର ମନ ବଦଳିଯିବା ପରେ ରାଗିଲେ କ'ଣ ଅସୁବିଧା ହୁଏ ବିଭିନ୍ନ ଉଦାହରଣ ଦେଇ ବୁଝାଏ।

# ସ୍କିନ୍ ରହିବ ସ୍ପଟ୍‌ଲେସ୍



ସୌନ୍ଦର୍ଯ୍ୟ

**ମୁହଁ ଯେତେ ସୁନ୍ଦର ହୋଇ ଥାଉ ନା କାହିଁକି ସେଥିରେ ଦାଗ ଥିଲେ ତାହାର ଆକର୍ଷଣ କମିଯାଏ। ଆଉ ଏପରି ନ ହେବା ଲାଗି ଅନେକେ ବିଭିନ୍ନ ପ୍ରକାର ଉପାୟ ଆପଣାଇଥାନ୍ତି। ହେଲେ କେବେ କେବେ ବିଭିନ୍ନ ପାର୍ଶ୍ୱପ୍ରତିକ୍ରିୟା ଯୋଗୁ କମିବା ବଦଳରେ ସମସ୍ୟା ବଢିଯାଏ। ତେଣୁ ସ୍ପଟ୍‌ଲେସ୍ ସ୍କିନ୍ ପାଇବାକୁ ଚାହୁଁଥିଲେ କେତେକ ଘରୋଇ ଉପଚାର ଆପଣଙ୍କ ପାଇଁ ଲାଭଦାୟକ ହୋଇପାରିବ। ଜାଣି ରଖନ୍ତୁ ସେ ସମ୍ପର୍କରେ ...**

▶ବେଦାଗ ତ୍ୱଚା ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ସନ୍ତୁଳିତ ଆହାର। କାରଣ ଆପଣ ମୁହଁରେ ଯାହାବି ଲଗାନ୍ତୁ ନା କାହିଁକି ତେଲ ମସଲାଯୁକ୍ତ ଖାଦ୍ୟ ହେଉ ଅବା ଫାଷ୍ଟଫୁଡ଼, ଜଙ୍କଫୁଡ଼ ଆଦି ଖାଇବା ଦ୍ୱାରା ବ୍ରଣ ଦାଗ ଭଳି ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ତେଣୁ ଏସବୁ ଖାଦ୍ୟ ପରିବର୍ତ୍ତେ ତଟକା ପନିପରିବା, ଫଳ, ପ୍ରୋଟିନ ଯୁକ୍ତ ଖାଦ୍ୟ ଖାଆନ୍ତୁ ଏବଂ ପର୍ଯ୍ୟାପ୍ତ ପାଣି ପିଅନ୍ତୁ।

▶ଅନେକଙ୍କ ମନରେ ଧାରଣା ଥାଏ ଯେ, ବାରମ୍ବାର ଫେସ୍‌ୱାଶ୍ ଲଗାଇ ମୁହଁ ଧୋଇଲେ ଦାଗ ଛାଡ଼ିଯାଏ। ହେଲେ ଏପରି କରିବା ଦ୍ୱାରା ସ୍କିନ୍ ଡ୍ରାଏ ହୋଇଯାଏ, ବିଶେଷ କରି ଯେଉଁମାନଙ୍କର ଡ୍ରାଏ ସ୍କିନ୍ ସେମାନେ ଏପରି ଆଦୌ କରିବା ଠିକ୍ ନୁହେଁ। ଏପରି ତ୍ୱଚା ପାଇଁ ଏକ ଚାମଚ କ୍ଷୀରରେ ମହୁ ମିଶାଇ ଲଗାଇଲେ ଉପକାର ମିଳିବ। ସେହିପରି ବାଦାମକୁ ପାଉଡ଼ର କରି ସେଥିରେ ମହୁ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୫-୬ ମିନିଟ୍ ରଖିବା ପରେ ପାଣିରେ ଧୀରେ ଧୀରେ ଧୋଇଦିଅନ୍ତୁ। କିଛିଦିନ ଏପରି କରିବା ପରେ ଆପଣ ଫରକ ନିଜେ ଜାଣି ପାରିବେ।

▶୨ ଚାମଚ ଓଟ୍ ନେଇ ଏହାକୁ ଗୁଣ୍ଡ କରିଦିଅନ୍ତୁ। ସେଥିରେ ଅଳ୍ପ କ୍ଷୀର ମିଶାଇ ପ୍ୟାକ୍ ପ୍ରସ୍ତୁତ କରି ମୁହଁରେ ଲଗାନ୍ତୁ। ୧୦ ମିନିଟ୍ ପରେ ଥଣ୍ଡା ପାଣିରେ ଧୀରେ ଧୀରେ ଘଷି ଧୋଇ ଦିଅନ୍ତୁ। ମନେରଖନ୍ତୁ ମୁହଁକୁ ଆଦୌ ରଗଡ଼ନ୍ତୁ ନାହିଁ ନଚେତ୍ ଏହା ଡ୍ରାଏ ହୋଇଯିବ। କିଛି ଦିନ ଏହି ପ୍ୟାକ୍ ବ୍ୟବହାର କଲେ ଧୀରେ ଧୀରେ ଦାଗ ଦୂର ହୋଇଯିବ।

▶ଏକ ଚାମଚ ଶୁଖିଲା ଲିମ୍ବ ପତ୍ର ଗୁଣ୍ଡ, ଦୁଇ ଚାମଚ ଲେଖାଏ ଯଅ ଅଟା, ଚଣା ଅଟା ଏବଂ ମୁଲତାନୀ ମାଟି, ଅଧା ଚାମଚ ମହୁ, ଅଳ୍ପ ଲେମ୍ବୁ ରସ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ସପ୍ତାହକୁ ଦୁଇରୁ ତିନି ଥର ମୁହଁରେ ଲଗାଇଲେ ଦାଗ ସମସ୍ୟା ଦୂର ହୋଇଥାଏ।



ଖାଦ୍ୟ ରୁଚି

# ସେଓ କ୍ଷିରି

**ଆବଶ୍ୟକ ସାମଗ୍ରୀ:** ମଧ୍ୟମ ଆକାରର ଅଧା କିଲୋଗ୍ରାମ ସେଓ, କ୍ଷୀର ୧ ଲିଟର, ଚିନି ୧୦୦ ଗ୍ରାମ୍, ଛୋଟ ଛୋଟ କଟା ହୋଇଥିବା କାଜୁ ୨ ବଡ଼ ଚାମଚ, ୨ ଚାମଚ କିସ୍‌ମିସ୍, ପେସ୍ତା ଅଧା ଚାମଚ, ୪ଟି ଗୁଜୁରାତି ଗୁଣ୍ଡ, ବେକିଂ ସୋଡ଼ା ୧/୪ ଛୋଟ ଚାମଚ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ସେଓରୁ ଚୋପା ଛଡ଼ାଇ ମଞ୍ଜି ବାହାର କରିଦିଅନ୍ତୁ। ଏହାକୁ ଭଲ ଭାବେ କୋରି ଦିଅନ୍ତୁ। ଏକ ପାତ୍ରରେ ଚୁଲାରେ କ୍ଷୀର ଗରମ କରନ୍ତୁ। ଏହାକୁ ଭଲ ଭାବେ ଫୁଟି ଅଧା ହେବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ। ଏହା ପରେ ବେକିଂ ସୋଡ଼ା ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାପରେ କୋରା ଯାଇଥିବା ସେଓକୁ ସେଥିରେ ପକାଇ ଗୋଳନ୍ତୁ। ଏହା ଗାଢ ହୋଇଗଲେ ସେଥିରେ ଚିନି ଏବଂ କାଜୁ, କିସ୍‌ମିସ୍, ପେସ୍ତା ଆଦି ପକାଇ ଗୋଳାଇ ଦିଅନ୍ତୁ। ଶେଷରେ ଗୁଜୁରାତି ଗୁଣ୍ଡ ପକାଇ ଗୋଳାଇ ଦିଅନ୍ତୁ। ବର୍ତ୍ତମାନ ଚୁଲା ବନ୍ଦ କରିଦିଅନ୍ତୁ। ଥଣ୍ଡା ହେବା ପରେ ନିଜେ ଖାଇବା ସହ ଅନ୍ୟମାନଙ୍କୁ ଖୁଆଇବାର ଆନନ୍ଦ ନିଅନ୍ତୁ।



DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୨ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ଜାନୁୟାରୀ ୧୯/୨୦୨୧ Sambalpur, Tuesday, January 19/ 2021

# ସିରାଜ ୫, ଶାର୍ଦ୍ଦୁଳଙ୍କୁ ୪

**ବ୍ରିସବେନ୍, ୧୮।୧:** ସ୍ଥାନୀୟ ଗାବା ଗ୍ରାଉଣ୍ଡରେ ଚମତ୍କାର ବୋଲିଂ କରି କ୍ୟାରିୟରରେ ପ୍ରଥମ ଥର ପାଇଁ ୫ ଉଇକେଟ ସଫଳତା ପାଇଛନ୍ତି ଭାରତୀୟ ଯୁବ ବୋଲର ମହମ୍ମଦ ସିରାଜ। ପଛରେ ପଡ଼ି ନାହାନ୍ତି ଶାର୍ଦ୍ଦୁଳ ଠାକୁର। ସେ ୪ ଉଇକେଟ ଅକ୍ତିଆର କରିବାରୁ


ଶାର୍ଦ୍ଦୁଳ ଠାକୁର


ମହମ୍ମଦ ସିରାଜ

ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ ୨୯୪ ରନରେ ଶେଷ ହୋଇଛି। ଫଳରେ ଏଠାରେ ଚାଲିଥିବା ୪ର୍ଥ ତଥା ଅନ୍ତିମ କ୍ରିକେଟ ଟେଷ୍ଟରେ ଭାରତ ସମ୍ମୁଖରେ ୩୨୮ ରନ ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ସୋମବାର ବର୍ଷା ବାଧାପ୍ରାପ୍ତ ୪ର୍ଥ ଦିବସ ଖେଳ ଶେଷ ହେବା ବେଳକୁ ଭାରତ ଦ୍ୱିତୀୟ ଇନିଂସରେ କୌଣସି ଉଇକେଟ ନ ହରାଇ ୪ ରନ ସଂଗ୍ରହ କରିଛି। ଅର୍ଥାତ୍ ଶେଷ ଦିବସରେ ଭାରତକୁ ମ୍ୟାଚ ଜିତିବାକୁ ହେଲେ ୩୨୪ ରନ ଆବଶ୍ୟକ। ଅନ୍ୟପକ୍ଷରେ ୧୦ ଉଇକେଟ ନେଇ ପାରିଲେ ଅଷ୍ଟ୍ରେଲିଆ ସିରିଜ ବିଜୟୀ ହେବ। ମ୍ୟାଚ ଯଦି ଡ୍ର ରହେ ତେବେ ସିରିଜ ୧-୧ ସ୍ଥିତିରେ ରହିବ ଏବଂ ଭାରତ ବର୍ଡର ଗାଭାସ୍କର ଟ୍ରଫି ବଜାୟ ରଖିବ।

## ଯୁବ ବୋଲରଙ୍କ ଚମକ

ତୃତୀୟ ଦିବସର ଅସମାପ୍ତ ସ୍କୋର ୨୧/୦ରୁ ଖେଳ ଆରମ୍ଭ କରିଥିଲା ଅଷ୍ଟ୍ରେଲିଆ। ଅଭିଜ୍ଞ ବୋଲରଙ୍କ ଅନୁପସ୍ଥିତିରେ ଭାରତୀୟ ଯୁବ ବୋଲରମାନେ ପ୍ରାରମ୍ଭିକ ପର୍ଯ୍ୟାୟରେ ମହଙ୍ଗା ରହିଥିଲେ ହେଁ ପରେ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ। ଓପନିଂ ଯୋଡ଼ିରେ ୮୯ ରନ ଯୋଗକରି ବଡ଼ ସ୍କୋର ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ ଦୁଇ ଅଷ୍ଟ୍ରେଲୀୟ ଓପନର ମାର୍କସ ହାରିସ ଓ ଡେଭିଡ ୱାର୍ନର। ୨୫ତମ ଓଭରର ଶେଷ ବଲ୍‌ରେ ହାରିସଙ୍କୁ ଉଇକେଟ କିପର ରିଷଭ ପନ୍ତଙ୍କ ହାତରେ କ୍ୟାଚ କରାଇ ଭାରତକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ ଠାକୁର। ଏହାପରେ ବିପଜ୍ଜନକ ସାବ୍ୟସ୍ତ ହୋଇ ଆସୁଥିବା ୱାର୍ନରଙ୍କୁ ପ୍ୟାଭିଲିୟନ ପଠାଇଥିଲେ ପ୍ରତିଭାସମ୍ପନ୍ନ ସ୍ପିନର ୱାଶିଂଟନ ସୁନ୍ଦର। ହାରିସ ୩୮ ଓ ୱାର୍ନର ୪୮ ରନ କରିଥିଲେ। ଫର୍ମରେ ଥିବା ମାର୍ନସ ଲାବୁସେନ ଓ ନିର୍ଭରଯୋଗ୍ୟ ଷ୍ଟିଭ୍ ସ୍ମିଥ ଅଷ୍ଟ୍ରେଲିଆ ଇନିଂସକୁ ଆଗେଇ ନେବାକୁ ପ୍ରୟାସ କରିଥିଲେ। ବଡ଼ ଟାର୍ଗେଟରୁ ବର୍ଦ୍ଧିବାକୁ ହେଲେ ଏହି ଦୁଇ ବ୍ୟାଟ୍ସମ୍ୟାନଙ୍କୁ ଶୀଘ୍ର ଆଉଟ କରିବା ଅତି ଜରୁରୀ ଥିଲା। ତାହା କାମରେ କ ର ଦେଖାଇଥିଲେ ସିରାଜ। ସେ ବଡ଼ ପାର୍ଟନରଶିପ୍ ହେବାକୁ ଦେଇ ନ ଥିଲେ। ଚତୁରତାର ସହ ସେ ଲାବୁସେନଙ୍କୁ ଅତିରିକ୍ତ ବାଉନ୍ସର ପକାଇ ପ୍ରଥମ ସ୍ଲିପ୍‌ରେ ରୋହିତ ଶର୍ମାଙ୍କ ହାତରେ କ୍ୟାଚ କରାଇଥିଲେ। ଫଳରେ ପ୍ରଥମ ଇନିଂସରେ ଶତକ ହାସଲକାରୀ ଲାବୁସେନ ଏଥର ୨୫ ରନ କରି କ୍ରିଜ୍ ଛାଡ଼ିଥିଲେ। ମାଥ୍ୟୁ ୱାଡେଙ୍କୁ ସିରାଜ ଖାତା ଖୋଲିବାକୁ ଦେଇ ନ ଥିବାବେଳେ ପରେ ଅର୍ଦ୍ଧଶତକ ହାସଲକାରୀ ସ୍ମିଥ୍‌ଙ୍କୁ ମଧ୍ୟ ଶିକାର ବନାଇଥିଲେ। ରକ୍ଷଣାତ୍ମକ ରଣନୀତିରେ ଖେଳୁଥିବା ସ୍ମିଥ୍ ସିରାଜଙ୍କ ଏକ ବଲ୍‌କୁ ଖେଳିବାକୁ ବାଧ୍ୟ ହୋଇ ଗଲିରେ କାମଚଳା ଅଧିନାୟକ ଅଜିଙ୍କ୍ୟ ରାହାନେଙ୍କୁ କ୍ୟାଚ ଦେଇଥିଲେ। ସେ ୭୪ ବଲ୍‌ରୁ ୭ ଚୌକା ସହାୟତାରେ ୫୫ ରନ କରିଥିଲେ। କ୍ରିସ୍ ଗ୍ରୀନ୍ ଓ ଅଧିନାୟକ ଟିମ୍ ପେନ୍ କିଛି ସମୟ ଭ୍ରମଣକାରୀ ଦଳର ବୋଲରଙ୍କୁ ମୁକାବିଲା କରିଥିଲେ। ମାତ୍ର ଦୁହିଁଙ୍କୁ ଠାକୁର ଆଉଟ କରିବାରୁ ଅଷ୍ଟ୍ରେଲିଆ ବଡ଼ ସ୍କୋର କରିବା ଆଶା ଶେଷ ହୋଇ ଯାଇଥିଲା। ଗ୍ରୀନ୍ ୯୦ ବଲ୍‌ରୁ ୩୭ ଓ ପେନ୍ ୩୭ ବଲ୍‌ରୁ ୨୭ ରନ କରିଥିଲେ। ଏହାପରେ ବର୍ଷା ହେବାରୁ ଟା' ବିରତି କରି ଦିଆ ଯାଇଥିଲା। ବର୍ଷା ଛାଡ଼ିବା ପରେ ମିଚେଲ ଷ୍ଟାର୍କ ଓ ଜୋଶ୍ ହାଜେଲଉଡ୍‌ଙ୍କୁ ଆଉଟ କରି ସିରାଜ ୫ ଉଇକେଟ ପୂରଣ କରିଥିଲେ। ଚଳିତ ସିରିଜରେ ପ୍ରଥମ ଭାରତୀୟ ବୋଲର ଭାବେ ସେ ୫ ଉଇକେଟ ସଫଳତା ପାଇଥିଲେ। ନାଥାନ ଲିୟନଙ୍କ ଉଇକେଟ ନେଇଥିଲେ ଠାକୁର। ପ୍ୟାଟ୍ କୁମିନ୍ସ ୨୮ ରନରେ ଅପରାଜିତ ରହିଥିଲେ ହେଁ ଅଷ୍ଟ୍ରେଲିଆ ଇନିଂସ ୭୫.୫ ଓଭରରେ ୨୯୪ରେ ଶେଷ ହୋଇ ଯାଇଥିଲା।

### ଗାବାରେ ସର୍ବାଧିକ ଚେଜ୍ ୨୩୬

ଗାବା ଗ୍ରାଉଣ୍ଡରେ ସର୍ବାଧିକ ୨୩୬ ରନ ଚେଜ୍ ହୋଇପାରିଛି। ଏହା ପୁଣି ୭ ଦଶନ୍ଧି ପୂର୍ବରୁ। ଘରୋଇ ଅଷ୍ଟ୍ରେଲିଆ ଦଳ ଏଠାରେ ୧୯୮୮ ପରେ କୌଣସି ମ୍ୟାଚ ହାରିନାହିଁ। ତେଣୁ ଭାରତୀୟ ଦଳ ପାଇଁ ବିଜୟ ସହଜ ହେବ ନାହିଁ। ମ୍ୟାଚ ଡ୍ର ରଖିପାରିଲେ ମଧ୍ୟ ଯୁବ ଭାରତୀୟ ଦଳକୁ ପର୍ଯ୍ୟାପ୍ତ ପ୍ରଶଂସା ମିଳିବ।

- ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ ୨୯୪ରେ ସୀମିତ
- ଭାରତ ସମ୍ମୁଖରେ ୩୨୮ ରନ ବିଜୟ ଲକ୍ଷ୍ୟ
- ବର୍ଡର-ଗାଭାସ୍କର ଟ୍ରଫି ବଜାୟ ରଖିବା ସୁଯୋଗ

### ସ୍କୋର ବୋର୍ଡ

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୩୬୯।**
**ଭାରତ ପ୍ରଥମ ଇନିଂସ: ୩୩୬।**
**ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ**
ହାରିସ-କ-ପନ୍ତ-ବୋ-ଠାକୁର-୩୮
ୱାର୍ନର-ଏଲବିଡବ୍ଲ୍ୟୁ-ସୁନ୍ଦର-୪୮
ଲାବୁସେନ-କ-ରୋହିତ-ବୋ-ସିରାଜ-୨୫
ସ୍ମିଥ-କ-ରାହାନେ-ବୋ-ସିରାଜ-୫୫
ୱାଡେ-କ-ପନ୍ତ-ବୋ-ସିରାଜ-୦
ଗ୍ରୀନ-କ-ରୋହିତ-ବୋ-ଠାକୁର-୩୭
ପେନ୍-କ-ପନ୍ତ-ବୋ-ଠାକୁର-୨୭
କୁମିନ୍ସ-ନଟଆଉଟ-୨୮
ଷ୍ଟାର୍କ-କ-ସଇନୀ-ବୋ-ସିରାଜ-୧
ଲିୟନ-କ-ମୟଙ୍କ-ବୋ-ଠାକୁର-୧୩
ହାଜେଲଉଡ୍-କ-ଠାକୁର-ବୋ-ସିରାଜ-୯
ଅତିରିକ୍ତ-୧୩
ମୋଟ(ଅଲ୍‌ଆଉଟ, ୭୫.୫ ଓଭର) ୨୯୪।
ଉଇକେଟ ପତନ: ୧/୮୯, ୨/୯୧, ୩/୧୨୩, ୪/୧୨୩, ୫/୧୯୬, ୬/୨୨୭, ୭/୨୪୨, ୮/୨୪୭, ୯/୨୭୪।
ବୋଲିଂ(ଭାରତ)
ସିରାଜ ୧୯.୫-୫-୭୩-୫
ନଟରାଜନ ୧୪-୪-୪୧-୦
ସୁନ୍ଦର ୧୮-୧-୮୦-୧
ଠାକୁର ୧୯-୨-୬୧-୪
ସଇନୀ ୫-୧-୩୨-୦।
**ଭାରତ ଦ୍ୱିତୀୟ ଇନିଂସ:୪/୦**

# ଡୁଙ୍ଗ୍‌ଡୁଙ୍ଗ୍‌ଙ୍କ ହ୍ୟାଟ୍ରିକ୍: ଚିଲିକୁ ହରାଇଲା ଭାରତ

**ସାଣ୍ଟିଆଗୋ (ଚିଲି), ୧୮।୧ (ପି.ଟି.):** ଷ୍ଟ୍ରାଇକର ବିୟୁଟି ଡୁଙ୍ଗ୍‌ଡୁଙ୍ଗ୍‌ଙ୍କ ହ୍ୟାଟ୍ରିକ ଗୋଲ ସହାୟତାରେ ଭାରତର ଜୁନିୟର ମହିଳା ହକି ଦଳ ୫-୩ ଗୋଲରେ ଚିଲିକୁ ପରାସ୍ତ କରିଛି। ଏହି ବିଜୟ ଦ୍ୱାରା କୋଭିଡ୍ ଯୋଗୁ ପ୍ରାୟ ଏକ ବର୍ଷ ପାଖାପାଖି ଛୁଟିରେ ଥିବା ଭାରତ ପ୍ରତିଯୋଗିତାକୁ ସଫଳ ପ୍ରତ୍ୟାବର୍ତ୍ତନ କରିପାରିଛି। ଝାଡ଼ଖଣ୍ଡ ଷ୍ଟ୍ରାଇକର ଡୁଙ୍ଗ୍‌ଡୁଙ୍ଗ୍ ୨୯ତମ, ୩୮ତମ ଏବଂ ୫୨ତମ ମିନିଟ୍‌ରେ ଗୋଲ ସ୍କୋର କରିଥିବା ବେଳେ ଭାରତ ତରଫରୁ ଅନ୍ୟ ଦୁଇଟି ଗୋଲ ଲାଲରିଣ୍ଡିକି (୧୪ତମ) ଏବଂ ସଙ୍ଗୀତା କୁମାରୀ (୩୦ତମ ମିନିଟ) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏହି ହାଇସ୍କୋରିଂ ମ୍ୟାଚରେ ଚିଲି ତରଫରୁ ସିମୋନ୍ ଆଭେଲି (୧୦ମ), ପାଉଲା ସାଞ୍ଜ୍ (୨୫ତମ) ଓ ଫର୍ନାଣ୍ଡା ଆରିଟା (୪୯ତମ) ଗୋଟିଏ ଲେଖାଏ ଗୋଲ୍ ସ୍କୋର କରିଥିଲେ। ଭାରତ ମ୍ୟାଚର ଶେଷ ଦୁଇ କ୍ୱାର୍ଟରରେ ଖେଳକୁ ନିଜ ନିୟନ୍ତ୍ରଣରେ ରଖିଥିଲା। ଏଥିସହିତ ଆକ୍ରମଣାତ୍ମକ ଖେଳି ବିପକ୍ଷ ଦଳ ଉପରେ ଚାପ ସୃଷ୍ଟି କରିଥିଲା।


ବିୟୁଟି ଡୁଙ୍ଗ୍‌ଡୁଙ୍ଗ୍

## ଆର୍ଜେଣ୍ଟିନା ଜୁନିୟର ଦଳ ସହ ଡ୍ର ରଖିଲା ଭାରତ

**ବୁଏନସ୍‌ଏୟାର୍ସ, ୧୮।୧ (ପି.ଟି.):** ଶର୍ମିଳା ଦେବୀ ଓ ଦୀପ୍‌ଗ୍ରେସ୍ ଏକ୍କାଙ୍କ ଗୋଟିଏ ଲେଖାଏଁ ଗୋଲ ଦ୍ୱାରା ଭାରତୀୟ ମହିଳା ହକି ଦଳ ଆର୍ଜେଣ୍ଟିନାର ଜୁନିୟର ମହିଳା ହକି ଦଳ ସ ଏହାର ମ୍ୟାଚ୍ ୨-୨ରେ ଅମୀମାଂସିତ ଭାବେ ଶେଷ କରିଛି। ମ୍ୟାଚଟି ବେଶ୍ ସଂଘର୍ଷପୂର୍ଣ୍ଣ ଥିଲା। ଭାରତୀୟ ଷ୍ଟ୍ରାଇକର ଶର୍ମିଳା ୨୨ତମ ଏବଂ ଅଭିଜ୍ଞ ଏକ୍କା ୩୧ତମ ମିନିଟ୍‌ରେ ସେମାନଙ୍କ ଗୋଲ ସ୍କୋର କରିଥିଲେ। ତେବେ ଆର୍ଜେଣ୍ଟିନାର ପାଉଲା ସାଣ୍ଟାମାରିନା (୨୮ତମ) ଏବଂ ବ୍ରିସା ବ୍ରଗେସର (୪୮ତମ) ଗୋଟିଏ ଲେଖାଏଁ ଗୋଲ ଦେଇ ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ।

## ଚନ୍ଦ୍ରଶେଖରଙ୍କୁ ହୃଦ୍‌ଘାତ

**ବେଙ୍ଗାଲୁରୁ, ୧୮।୧ (ପି.ଟି.):** ହୃଦ୍‌ଘାତ ପରେ ପୂର୍ବତନ ଭାରତୀୟ କ୍ରିକେଟର ବି.ଏସ୍. ଚନ୍ଦ୍ରଶେଖର ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ପରିଲକ୍ଷିତ ହୋଇଛି। ସେ ଦୁଇ ଦିନ ପରେ



ହସ୍ପିଟାଲରୁ ଛାଡ଼ ପାଇବେ ବୋଲି ତାଙ୍କ ପରିବାର ସୂତ୍ରରୁ ଜଣାଯାଇଛି। ୭୫ ବର୍ଷୀୟ ଏହି ପୂର୍ବତନ ସ୍ପିନ କିମ୍ବଦନ୍ତୀ ତାଙ୍କ ୧୬ ବର୍ଷ କ୍ୟାରିୟରରେ ୫୮ ଟେଷ୍ଟ ମ୍ୟାଚରେ ୨୪୨ ଉଇକେଟ ଅକ୍ତିଆର କରିଛନ୍ତି। ବିଶେନ ସିଂ ବେଦୀ, ଇରାପଲ୍ଲୀ ପ୍ରସନ୍ନ, ଏସ୍. ଭେଙ୍କଟରାଘବନ ଏବଂ ଚନ୍ଦ୍ରଶେଖରଙ୍କୁ ନେଇ ୪ ଜଣିଆ ସ୍ପିନ କମ୍ବିନେଶନ ୧୯୬୦ ଓ ୭୦ ଦଶକରେ ଭାରତକୁ ଅନେକ ମ୍ୟାଚ ଜିତାଇଛନ୍ତି। ଉଲ୍ଲେଖନୀୟ କ୍ରିକେଟ କ୍ୟାରିୟର ପାଇଁ ଚନ୍ଦ୍ରଶେଖର ଅର୍ଜ୍ଜୁନ ପୁରସ୍କାର ଏବଂ ୧୯୭୨ରେ ପଦ୍ମଶ୍ରୀରେ ସମ୍ମାନିତ ହୋଇଥିଲେ।

## ରାକେଶଙ୍କୁ ଲୋନ୍‌ରେ ଆଣିଲା ଓଡ଼ିଶା ଏଫ୍‌ସି

**ଭୁବନେଶ୍ୱର, ୧୮।୧ (କ୍ରୀଡ଼ା ପ୍ରତିନିଧି):** ଚଳିତ ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ୍)ରେ ସଂଘର୍ଷ କରୁଥିବା ଓଡ଼ିଶା ଏଫ୍‌ସି ନର୍ଥଇଷ୍ଟ ୟୁନାଇଟେଡ ଡିଫେଣ୍ଡର ରାକେଶ ପ୍ରଧାନଙ୍କୁ ଲୋନ୍‌ରେ ଆଣିଛି। ପୂର୍ବରୁ ଶିଲଂ ଲାଜଂ ପକ୍ଷରୁ ଖେଳିବାର ଅଭିଜ୍ଞତା ରଖିଥିବା ରାକେଶଙ୍କ ସହିତ ଚଳିତ ସିଜନ ଶେଷ ପର୍ଯ୍ୟନ୍ତ ଚୁକ୍ତି କରିଛି


କୋଚ୍‌ଙ୍କ ସହ ରାକେଶ ପ୍ରଧାନ।

ଭୁବନେଶ୍ୱରଭିତ୍ତିକ ଏହି ଦଳ। ୨୦୧୭-୧୮ ସିଜନରେ ଶିଲଂ ଲାଜଂ ଦଳରେ ଖେଳି କ୍ୟାରିୟର ଆରମ୍ଭ କରିଥିବା ରାକେଶ ଆଇଏସ୍‌ଏଲ୍‌ର ୬ଷ୍ଠ ସଂସ୍କରଣରେ ନର୍ଥଇଷ୍ଟ ସହିତ ଚୁକ୍ତିବଦ୍ଧ ହୋଇ ୧୫ଟି ମ୍ୟାଚ ଖେଳିଥିଲେ। ଏବେ ସେ ଓଡ଼ିଶା ଏଫ୍‌ସି ପକ୍ଷରୁ ଖେଳିବେ। ରାକେଶଙ୍କୁ ସ୍ୱାଗତ କରିଛନ୍ତି କୋଚ୍ ଷ୍ଟୁଆର୍ଟ ବକ୍ସଟର। ସ୍ୱାଭାବିକ ଭାବେ ବାମ ପଟ (ଲେଫ୍ଟ ଫୁଟ୍)ରେ ଖେଳୁଥିବା ରାକେଶଙ୍କ ଅଭିଜ୍ଞତା ଓଡ଼ିଶା ଦଳ ପାଇଁ ବିଶେଷ ସହାୟକ ହେବ ବୋଲି ସେ ଆଶାପ୍ରକାଶ କରିଛନ୍ତି।

## ଶ୍ରୀଲଙ୍କାକୁ ହରାଇଲା ଇଂଲଣ୍ଡ

**ଗାଲେ, ୧୮।୧ (ଏପି):** ସପ୍ତମ ଉଇକେଟରେ ଜନି ବେୟାରଷ୍ଟୋ ଓ ଡାନିଏଲ୍ ଲରେନ୍ସଙ୍କ ମଧ୍ୟରେ ଅପରାଜିତ ୫୨ରନର ପାର୍ଟନରଶିପ୍ ଯୋଗୁ ଏଠାରେ ଚାଲିଥିବା ପ୍ରଥମ କ୍ରିକେଟ ଟେଷ୍ଟରେ ଇଂଲଣ୍ଡ ୭ ଉଇକେଟରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଏହି ମ୍ୟାଚରେ ଶ୍ରୀଲଙ୍କା ଦ୍ୱାରା ଧାର୍ଯ୍ୟ ୭୪ରନର ବିଜୟ ଲକ୍ଷ୍ୟକୁ ଦଳ ବିନା ଦ୍ୱିଧାରେ ହାସଲ କରିନେଇଥିଲା। ଇଂଲଣ୍ଡ ରବିବାର ଖେଳ ଶେଷ ସୁଦ୍ଧା ଏହାର ଦ୍ୱିତୀୟ ଇନିଂସରେ ୩ ଉଇକେଟ ହରାଇ ୩୮ ରନ କରିଥିଲା। ସୋମବାର ୫ମ ତଥା ଅନ୍ତିମ ଦିବସରେ ବିଜୟ ପାଇଁ ଭ୍ରମଣକାରୀ ଦଳ ଆଉ ମାତ୍ର ୩୬ ରନ ଆବଶ୍ୟକ କରୁଥିଲା। ପୂର୍ବଦିନରୁ ଅପରାଜିତ ରହିଥିବା ବେୟାରଷ୍ଟୋ ଓ ଲରେନ୍ସ ଦୃଢ଼ ବ୍ୟାଟିଂ କରି ଦଳର ସ୍କୋରକୁ ୭୬/୩ରେ ପହଞ୍ଚାଇ ବିଜୟୀ କରାଇଥିଲେ। ବେୟାରଷ୍ଟୋ ୬୫ ବଲ୍‌ରୁ ୩୫ ରନ କରି ଅପରାଜିତ ରହିଥିଲେ। ପ୍ରଥମ ଇନିଂସରେ ଅର୍ଦ୍ଧଶତକ ହାସଲ କରିଥିବା ଲରେନ୍ସ ୨୧ରନ କରି ନଟଆଉଟ ରହିଥିଲେ। ସକାଳେ ଖେଳ ଆରମ୍ଭରେ ଶ୍ରୀଲଙ୍କା ପାଇଁ ଏକ ବ୍ରେକ୍ ଥ୍ରୁର ସୁଯୋଗ ଥିଲା। ତୃତୀୟ ଓଭରରେ ଅଫ୍ ସ୍ପିନର ଦିଲରୁୱାନ ପେରେରାଙ୍କ ବଲ୍‌ରେ ହୁଏତ ବେୟାରଷ୍ଟୋ ଏଲ୍‌ବିଡବ୍ଲ୍ୟୁ ହୋଇପାରି ଥାନ୍ତେ,ହେଲେ କାମଚଳା ଅଧିନାୟକ ଦିନେଶ ଚାଣ୍ଡିମଲ ଟେଲିଭିଜନ ରେଫରାଲ ପାଇଁ ଅପିଲ କରି ନ ଥିଲେ।

**ସଂକ୍ଷିପ୍ତ ସ୍କୋର**
ଶ୍ରୀଲଙ୍କା ପ୍ରଥମ ଇନିଂସ: ୧୩୫।
ଇଂଲଣ୍ଡ ପ୍ରଥମ ଇନିଂସ: ୪୨୧
ଶ୍ରୀଲଙ୍କା ଦ୍ୱିତୀୟ ଇନିଂସ: ୩୫୯
**ଇଂଲଣ୍ଡ ଦ୍ୱିତୀୟ ଇନିଂସ:** ୭୬/୩ (ଜନି ବେୟାରଷ୍ଟୋ-୩୫*, ଡାନିଏଲ ଲରେନ୍ସ-୨୧*, ଲସିଥ୍ ଏମ୍ବୁଲଡେନିୟା-୨/୨୯)।

## ପଏଣ୍ଟ ଭାଗକଲେ ଚେନ୍ନାଇନ୍-ଇଷ୍ଟବେଙ୍ଗଲ

**ବାମ୍ବୋଲିମ୍, ୧୮।୧:** ଚେନ୍ନାଇନ୍ ଏଫ୍‌ସି ଓ ଇଷ୍ଟବେଙ୍ଗଲ ମଧ୍ୟରେ ସୋମବାର ଅନୁଷ୍ଠିତ ଇଣ୍ଡିଆନ ସୁପରଲିଗ୍ ମ୍ୟାଚ ଗୋଲଶୂନ୍ୟ ଡ୍ର ରହିଛି। ୩୧ତମ ମିନିଟରେ ଅଜୟ ଛେତ୍ରୀ ରେଡ୍‌କାର୍ଡ ପାଇବାରୁ ଇଷ୍ଟବେଙ୍ଗଲ ୧୦ ଜଣିଆ ହୋଇ ଯାଇଥିଲା। ମାତ୍ର ଚେନ୍ନାଇନ୍ ଏହାର ଫାଇଦା ନେଇପାରି ନ ଥିଲା।

## ରାଜ୍ୟ ଟେବୁଲ ଟେନିସରେ ୯ ଇଭେଣ୍ଟ

**ଭୁବନେଶ୍ୱର, ୧୮।୧(କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ଆନୁକୂଲ୍ୟରେ କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ୭୬ତମ ରାଜ୍ୟ ଟେବୁଲ ଟେନିସ ପ୍ରତିଯୋଗିତା ଚଳିତମାସ ୨୪ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ୨୭ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତାରେ ମୋଟ ୯ଟି ଇଭେଣ୍ଟ ଖେଳାଯିବ। ପ୍ରଦର୍ଶନ ଭିତ୍ତିରେ ଏଥିରୁ ଜାତୀୟ ପ୍ରତିଯୋଗିତା ପାଇଁ ଖେଳାଳି ଚୟନ ହେବ ବୋଲି ଆସୋସିଏଶନ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ପ୍ରକାଶ କରିଛନ୍ତି। ଚଳିତ ବର୍ଷ କେବଳ ସିଙ୍ଗଲ୍ସ ବିଭାଗରେ ପ୍ରତିଯୋଗିତା ହେବ।

## ଶୁଭ୍ରାଂଶୁଙ୍କ ଅର୍ଦ୍ଧଶତକ, ଓଡ଼ିଶାର ପ୍ରଥମ ବିଜୟ


ଓଡ଼ିଶା ଓ ଆସାମ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**ଭୁବନେଶ୍ୱର, ୧୮।୧(ସ୍ପୋର୍ଟ୍ସ ବ୍ୟୁରୋ)**

କୋଲ୍‌କାତାରେ ଚାଲିଥିବା ସୟଦ ମୁସ୍ତାକ ଅଲୀ ଟ୍ରଫି ଟି୨୦ ଟୁର୍ନାମେଣ୍ଟ ଏଲିଟ୍ ଗ୍ରୁପ୍ ବି'ର ସୋମବାର ଖେଳାଯାଇଥିବା ଏକ ମ୍ୟାଚରେ ଓଡ଼ିଶା ୪ ଉଇକେଟରେ ଆସାମକୁ ହରାଇ ଦେଇଛି। କ୍ରମାଗତ ୪ଟି ମ୍ୟାଚରେ ପରାଜୟ ପରେ ଦଳର ଏହା ହେଉଛି ପ୍ରଥମ ବିଜୟ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ଆସାମ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ବିନିମୟରେ ୧୪୮ ରନ କରିଥିଲା। ଦଳ ପକ୍ଷରୁ ଅଧିନାୟକ ରିୟାନ୍ ପରାଗ ସର୍ବାଧିକ ୪୨ ରନ (୨୬ ବଲ୍, ୩ ଚୌକା ଓ ୨ ଛକା) କରିଥିଲେ। ସେ ଗୋବିନ୍ଦ ପୋଦ୍ଦାରଙ୍କ ବଲ୍‌ରେ ସୁକେଶ ହୀରାଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଯାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜାକୁଦ୍ଦିନ ୩୨, ସାହିଲ ଜୈନ ୨୪ ଓ ପଲ୍ଲଭ କୁମାର ଦାସ ୨୧ ରନ କରିଥିଲେ। ଓଡ଼ିଶା ପକ୍ଷରୁ ଗୋବିନ୍ଦ ପୋଦ୍ଦାର ୨୮ରନ ବିନିମୟରେ ୨ଟି ଉଇକେଟ ଅକ୍ତିଆର କରିଥିବାବେଳେ ପପୁ ରାୟ ଓ ସର୍ବେଶ୍ୱର ମହାନ୍ତି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ପଦାର୍ପଣକାରୀ ବୋଲର ଆଶିଷ ରାୟଙ୍କୁ ଉଇକେଟ ସଫଳତା ମିଳି ନ ଥିଲା। ୧୪୯ ରନର ବିଜୟ ଲକ୍ଷ୍ୟକୁ ନେଇ ବ୍ୟାଟିଂ କରିଥିବା ଓଡ଼ିଶାର ଆରମ୍ଭ ଭଲ ନ ଥିଲା। ପ୍ରଥମ ଓଭରରେ ଦଳ ପଦାର୍ପଣକାରୀ ବ୍ୟାଟ୍ସମ୍ୟାନ ସୁକେଶ ହୀରାଙ୍କ ଉଇକେଟ ହରାଇଥିଲା। ସେ କୌଣସି ରନ ନ କରି ପ୍ରୀତମ ଦାସଙ୍କ ଦ୍ୱାରା ବୋଲ୍ଡ ହୋଇଯାଇଥିଲେ। କିନ୍ତୁ ପରେ ଓପନର ଗୌରଭ ଚୌଧୁରୀଙ୍କ ସହ ବ୍ୟାଟିଂରେ ଯୋଗ ଦେଇଥିବା ଶୁଭ୍ରାଂଶୁ ସେନାପତି କ୍ରିଜ୍‌ରେ ଅଧିକ ସମୟ ମହଜୁଦ ରହି ଦଳର ସ୍କୋରକୁ ଆଗେଇ ନେଇଥିଲେ। ସେ ଓଡ଼ିଶା ପକ୍ଷରୁ ସର୍ବାଧିକ ୬୪ ରନ ସଂଗ୍ରହ କରିଥିଲେ। ସେ ୪୮ ବଲ୍ ସାମ୍ନା କରି ୪ ଚୌକା ଓ ୩ ଛକା ଲଗାଇଥିଲେ। ଦଳର ସ୍କୋର ୧୨୧ ଥିବାବେଳେ ସେ ୬ଷ୍ଠ ବ୍ୟାଟ୍ସମ୍ୟାନ ଭାବେ ଆଉଟ ହୋଇଥିଲେ। ପ୍ରତୀକ ଦାସ ଓ ସୂର୍ଯ୍ୟକାନ୍ତ ପ୍ରଧାନ ଯଥାକ୍ରମେ ୨୦ ଓ ୧୩ ରନ କରି ଅପରାଜିତ ରହିଥିଲେ। ୭ମ ଉଇକେଟ ଭାଗୀଦାରିରେ ଏହି ଦୁଇ ଖେଳାଳି ଅପରାଜିତ ୨୭ ରନ ଯୋଗ କରିଥିଲେ। ଦଳ ୧୯ ଓଭରରେ ୬ଉଇକେଟ ବିନିମୟରେ ୧୫୪ରନ କରି ମ୍ୟାଚ ଜିତିନେଇଥିଲା।

### ସୟଦ ମୁସ୍ତାକ ଅଲୀ ଟି୨୦

**ସଂକ୍ଷିପ୍ତ ସ୍କୋର**
ଆସାମ ୨୦ ଓଭରରେ ୧୪୮/୫ (ରିୟାନ ପରାଗ-୪୨, ରାଜାକୁଦ୍ଦିନ-୩୨, ସାହିଲ ଜୈନ-୨୪, ଗୋବିନ୍ଦ ପୋଦ୍ଦାର-୨/୨୮, ପପୁ ରାୟ-୧/୨୦, ସର୍ବେଶ୍ୱର ମହାନ୍ତି-୧/୨୪)। ଓଡ଼ିଶା:୧୯ ଓଭରରେ ୧୫୪/୬ (ଶୁଭ୍ରାଂଶୁ ସେନାପତି-୬୪, ପ୍ରତୀକ ଦାସ-୨୦*, ପ୍ରୀତମ ଦାସ-୨/୧୯, ର୍ୟାନ ପରାଗ-୨/୨୪)।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ଏସ୍‌ପି ଅଫିସ ସମ୍ମୁଖରେ ବିକ୍ଷୋଭ

ବୌଦ୍ଧ,(ସ୍ୱ.ପ୍ର): ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଗାଡିକୁ ଆକ୍ରମଣ ପ୍ରତିବାଦରେ ସୋମବାର ବୌଦ୍ଧ ଜିଲା କଂଗ୍ରେସ କମିଟି ପକ୍ଷରୁ ଏସ୍‌ପି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାସହିତ ଜିଲା କଂଗ୍ରେସ ସଭାପତି ନବ କୁମାର ମିଶ୍ରଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀ ଓ ନେତାମାନେ ଏସ୍‌ପିଙ୍କ ଜରିଆରେ ଡିଜିପିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦଳର ନେତା ଓ କର୍ମୀମାନେ ଏକ ଶୋଭାଯାତ୍ରାରେ ଆସି ଏସ୍‌ପି ଅଫିସ ଆଗରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିରେ ବରିଷ୍ଠ ନେତା ସୁଧୀର କର୍ଣ୍ଣ, ଯୁବ କଂଗ୍ରେସ ସଭାପତି ମହେଶ୍ୱର ପ୍ରଧାନ, ଛାତ୍ର କଂଗ୍ରେସର ବିକ୍ରମ ପ୍ରଧାନ, ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜିଲା ସଭାପତି ସରୋଜ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ତିଳେଇବଣି ବ୍ଲକଠାରେ କୋଭିଡ୍-୧୯ ଟିକାକରଣ

ଦେବଗଡ,୧୮।୧ (ଡ଼ି.ଏନ୍.ଏ.): ଦେବଗଡ ଜିଲାରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ କୋଭିଡ୍-୧୯ ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱତନ୍ତ୍ର ଭାବେ ଖୋଲା ଯାଇଥିବା କୋଭିଡ -୧୯ ଭ୍ୟାକ୍ସିନେସନ ସେଲ ଠାରେ ଜିଲାପାଳ ସୁଧାଂଶୁ ମୋହନ ସାମଲ ଓ ଜିଲା ମୁଖ୍ୟଚିକିତ୍ସା ଅଧିକାରୀ ଡାକ୍ତର ମନୋଜ କୁମାର ଉପାଧ୍ୟାୟ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଫିତା କାଟି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସୋମବାର ତିଳେଇବଣି ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଡ଼ା.ଅର୍ପିତାଶାନ୍ତି ଲାକ୍ରା ଏବଂ ଡ଼ିପିଏମ୍ ଉମେଶ ଚନ୍ଦ୍ର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ପ୍ରଥମେ ଡ଼ା. ଅର୍ପିତା ଶାନ୍ତି ଲାକ୍ରା କୋଭିଡ୍-୧୯ ଟିକା ନେଇଥିଲେ। ପରେ ଜିତେନ୍ଦ୍ର କୁମାର ଦ୍ୱିବେଦୀ, ବିପିଏମ୍ ନିଶାକର ବେହେରା, ଆଶାକର୍ମୀ ଓ ଅଙ୍ଗନୱାଡ଼ି କର୍ମୀଙ୍କୁ ମିଶାଇ ମୋଟ ୮୫ ଜଣଙ୍କୁ କୋଭିଡ଼-୧୯ ଟିକା ଦିଆଯାଇଥିଲା। ଉକ୍ତ ଟିକାକରଣ କାର୍ଯ୍ୟକ୍ରମକୁ ବି.ଡ଼ି.ଏମ୍. ଦିପୁନ ସାହୁ ଓ ଘନଶ୍ୟାମ ସାହୁ ଓ ଦେବାଶିଷ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ସୂଚନା ଯୋଗ୍ୟ ଯେ ଜିଲା ମୁଖ୍ୟ ଡ଼ାକ୍ତରଖାନା ୧୨୯, ତିଳେଇବଣି ୮୫,ବାରକୋଟ ୭୯, ଛତାବର ୧୦୯ ଏପରି ମୋଟ ୪୦୨ ଜଣଙ୍କୁ ଟିକା ଦେଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### କାଲକାଠ ବାବା ଫୁଟବଲ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଦେବଗଡ,୧୮।୧ (ଡ଼ି.ଏନ୍.ଏ.): ବାରକୋଟ ବ୍ଲକ କାଲକାଠ ବାବା କ୍ଲବ ଆନୁକୂଲ୍ୟରେ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଫୁଟବଲ ମ୍ୟାଚରେ ୮ଟି ଟିମ୍ ଅଂଶଗ୍ରହଣ କରିଥିଲେ। ସୋମବାର ଉଦ୍‌ଯାପନୀ ଦିବସରେ ଫାଇନାଲ ମ୍ୟାଚ୍ ଦେବଗଡ଼ ସରତଳା ଓ କାଲକାଠ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିବାବେଳେ ସରତଳା ଟିମ୍ ୨-୦ ଗୋଲରେ କାଲକାଠ ଟିମ୍‌କୁ ପରାସ୍ତ କରି ଚାମ୍ପିୟନ୍ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥିଭାବେ ଭାଜପା ପୂର୍ବତନ ଜିଲା ସଭାପତି ଅରୁଣ କୁମାର ସାହୁ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ବିଜୟୀ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ପ୍ରତିନିଧି ଯୋଗେଶ ପ୍ରଧାନ, ବସାଲଇ ଗ୍ରାମ ସରପଞ୍ଚ ଦିଲୀପ ପଟ୍ଟନାୟକ, ସମିତି ସଭ୍ୟ ଭୁବନେଶ୍ୱର କୁମାର ପ୍ରଧାନ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରେଫରୀ ପ୍ରଦୀପ ସାହୁ ଓ ପୁରୁଷୋତ୍ତମ ସାହୁ ଖେଳ ପରିଚାଳନା କରିଥିଲେ। ଡ଼ମ୍ବରୁଧର ଠାକୁର ଧାରାବିବରଣୀ ପ୍ରଦାନ କରିଥିଲେ।

### ବୁକୁରାମୁଣ୍ଡା ଡାକ୍ତରଖାନାରେ କୋଭିଡ ଟିକାକରଣ

ପାଇକମାଲ, ୧୮।୧ (ଡି.ଏନ.ଏ) ପାଇକମାଲ ବ୍ଲକ ବୁକୁରାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର ସକାଳ ୧୦ଟାରେ ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୌମ୍ୟରଞ୍ଜନ ଦାଶ କୋଭିଡ ଟିକାକରଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଲାବୋରେଟୋରୀ ଟେକ୍ନିସିଆନ ପ୍ରଦୀପ କୁମାର ତ୍ରିପାଠୀ ପ୍ରଥମେ ଟିକା ନେଇଥିଲେ। ତେବେ ସମୁଦାୟ ୧୧୦ଜଣଙ୍କୁ କୋଭିସିଲ୍ଡ ଭ୍ୟାକ୍‌ସିନ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଭାରପ୍ରାପ୍ତ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ତୁଷ କୁମାର ଚନ୍ଦ୍ରକାର କହିଛନ୍ତି। ଡା. ସିଦ୍ଧାର୍ଥ ତ୍ରିପାଠୀ, ରାକେଶ କୁମାର ମହାପାତ୍ର, ସୌରଭ ଅଗ୍ରୱାଲ, ରେବତୀ ମୋହନ ଜେନା, ଡା. ରାଜୀବ ଲୋଚନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ସଡ଼କ ସୁରକ୍ଷା ମାସ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ତରବୋଡ/ନୂଆପଡା ଅଫିସ, ୧୮।୧ (ଡି.ଏନ.ଏ.): ନୂଆପଡା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଜିଲାପାଳ ସ୍ୱାଧୀନତା ସିଂ ପତାକା ଦେଖାଇ ଜାତୀୟ ସଡକ ସୁରକ୍ଷା ମାସର ଉଦଘାଟନ କରିଛନ୍ତି। ଏସ୍‌ପି ରାହୁଲ ଜୈନ, ଆଞ୍ଚଳିକ ପରିବହନ ଅଧିକାରୀ ମାନା ସିଂ, ଜୁନିୟର ଏମଭିଆଇ ବିଜୟ କୁମାର ବେହୁରିଆ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ସଚେତନତା ଗାଡି ବାହାରିଛି। ଆୟୋଜିତ ଜାତୀୟ ସଡକ ସୁରକ୍ଷା ମାସରେ ଆସିଷ୍ଟାଣ୍ଟ ପ୍ରୋଗ୍ରାମର ସନତ କୁମାର ଶତଙ୍ଗୀ, ସୁରେଶ କୁମାର ଚାଲାନ, ସଞ୍ଜୀବ ପଣ୍ଡା, ରାଜୁ ଧୁଲ, ପୁରୁଷୋତମ ପ୍ରସାଦ ପ୍ରମୁଖ ସହଯୋଗ କରିଥିଲେ।

# ଜଳ ବଣ୍ଟନ ନେଇ ତେଜୁଛି ବିବାଦ

ତରବୋଡ/ନୂଆପଡା ଅଫିସ, ୧୮।୧ (ଡି.ଏନ.ଏ.)



ଉପରମୁଣ୍ଡ ଚାଷୀମାନେ ଧାରଣାରେ ବସିଛନ୍ତି।

- ଉପରମୁଣ୍ଡ ଚାଷୀଙ୍କ ଧାରଣା
- ପୂର୍ବରୁ ରାସ୍ତାରୋକୋ କରିଥିଲେ ତଳମୁଣ୍ଡ ଚାଷୀ

ଅପର ଜୋଙ୍କ ଜଳସେଚନ ପ୍ରକଳ୍ପରେ ରବି ଋତୁରେ ଚାଷ ପାଇଁ ଜଳ ଆବଣ୍ଟନକୁ ନେଇ ତଳମୁଣ୍ଡ ଚାଷୀ ଓ ଉପରମୁଣ୍ଡ ଚାଷୀଙ୍କ ମଧ୍ୟରେ ବିବାଦ ତେଜୁଛି। ସୋମବାର ସଦର ବ୍ଲକ ଖୁଟମନ ଭେରା ପଞ୍ଚାୟତ ପତୋରା ଗାଁ ପାଣି ପଞ୍ଚାୟତ ନମ୍ବର ୧ର ସମସ୍ତ ଚାଷୀ ଏକତ୍ରି ହୋଇ ଗାଁ ବସ୍ତିରେ ୫ ଦଫା ଦାବି ନେଇ ଧାରଣାରେ ବସିଛନ୍ତି। ଧାରଣା ସମର୍ଥନରେ ଭେରା ଓ ପଞ୍ଚମପୁର ଗାଁର ଚାଷୀ ମଧ୍ୟ ଧାରଣାରେ ବସିଛନ୍ତି। ଉପରମୁଣ୍ଡ ଚାଷୀଙ୍କ ଦାବି ହେଲା ଜଳକର ଛାଡ, ଜଳସେଚିତ ଅଞ୍ଚଳକୁ ଅଣଜଳସେଚିତ କରାଯାଉ, ଗୋଟିଏ ବର୍ଷ ପାଣି ଦେଇ ଅନ୍ୟ ବର୍ଷ ପାଣି ବନ୍ଦ କରିବା ନୀତି ବନ୍ଦ କରିବା, ତଳମୁଣ୍ଡ ଉପରମୁଣ୍ଡ ସମସ୍ତଙ୍କୁ ପାଣି ଦିଆଯାଉ ଆଦି ପ୍ରମୁଖ ଦାବି ନେଇ ଗାଁର ସମସ୍ତ ଚାଷୀ ପରିବାର ସହିତ ଧାରଣାରେ ବସିଛନ୍ତି। ଅନ୍ୟପକ୍ଷେ ଡ୍ୟାମରୁ ପାଣି ଛାଡିବା ପାଇଁ ଜଳ ସେଚନ ବିଭାଗ ସହ ଜିଲା ପ୍ରଶାସନ ଅଧିକାରୀମାନେ ଧାରଣାସ୍ଥଳକୁ ଆସି ଦୀର୍ଘ ସମୟ ଧରି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ଧାରଣାସ୍ଥଳରେ ଜଳ ସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଗୌରାଙ୍ଗ ଚରଣ ସାହୁ, ଉପ ଜିଲାପାଳ ତରୁଣୀ ସେନ ନାଏକ, ନୂଆପଡା ତହସିଲଦାର ଦେବେନ୍ଦ୍ର ରାଉତ, ୨ଜଣ ଅତିରିକ୍ତ ତହସିଲଦାର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁନୀଲ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଏସଡିପିଓ ପ୍ରଶାନ୍ତ ପଟ୍ଟନାୟକ, ଧରମବନ୍ଧା ଆଇଆଇସି ଦିଲୀପ ଲେକ୍ରାଙ୍କ ସହ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଖବର ଲେଖିବା ପର୍ଯ୍ୟନ୍ତ ଧାରଣାରତ ଚାଷୀ ଓ ପ୍ରଶାସନ ମଧ୍ୟରେ କୌଣସି ସମାଧାନ ହୋଇନାହିଁ। ସୂଚନାଯୋଗ୍ୟ ଯେ, ତଳମୁଣ୍ଡ ଚାଷୀ ପାଣି ନ ମିଳିବାରୁ ଗତ ୧୫ ତରିଖରେ ୩୫୩ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ସେହିଦିନ ଜିଲା ପ୍ରଶାସନ ୧୮ ତାରିଖରେ ପାଣି ଛାଡିବା ପାଇଁ ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ବର୍ତ୍ତମାନ ଜିଲା ପ୍ରଶାସନ ପାଇଁ ମୁଣ୍ଡ ବ୍ୟାଥାର କାରଣ ହୋଇଛି।



ଉଦ୍‌ଯାପନୀ ଅବସରରେ ଜିଲାସ୍ତରୀୟ କ୍ଷୁଦ୍ର ପ୍ରଦର୍ଶନୀ।

## ଜିଲାସ୍ତରୀୟ କ୍ଷୁଦ୍ର ପ୍ରଦର୍ଶନୀ ଉଦ୍‌ଯାପିତ

ଦେବଗଡ଼,୧୮।୧(ଡ଼ି.ଏନ୍.ଏ.)

ଓରମାସ ଏବଂ ଜିଲା ପ୍ରଶାନର ମିଳିତ ଆନୁକୂଲ୍ୟରେ ଗତ ୨ ତାରିଖଠାରୁ ସ୍ଥାନୀୟ ଶନି ମନ୍ଦିର ନିକଟରେ ଆୟୋଜିତ ହେଉଥିବା ଜିଲାସ୍ତରୀୟ କ୍ଷୁଦ୍ର ପ୍ରଦର୍ଶନୀ ଗତ ୧୬ ତାରିଖ ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ଜିଲାର ବିଭିନ୍ନ ସ୍ଥାନରୁ ୧୫ଟି ସ୍ୱୟଂ ସହାୟକ ଗୋଷ୍ଠୀ ଓ ପ୍ରଡ୍ୟୁସର ଗ୍ରୁପ ଯୋଗଦେଇ ନିଜ ନିଜର ଉତ୍ପାଦିତ ଦ୍ରବ୍ୟଗୁଡ଼ିକର ବିକ୍ରିବଟା କରିଥିଲେ। ଏହି ଜିଲାସ୍ତରୀୟ କ୍ଷୁଦ୍ର ପ୍ରଦର୍ଶନୀରେ ସେମାନେ ବିଭିନ୍ନ ପ୍ରକାର ଆଚାର, ମସଲା, ପାଁପଡ, ବଡ଼ି, ଡାଲି ଜାତୀୟ ଦ୍ରବ୍ୟ, ବାଉଁଶ ତିଆରି ଜିନିଷ, ଅଗରବତୀ, ହାତ ତିଆରି ଝାଡୁ, ଜଙ୍ଗଲଯାତ ଦ୍ରବ୍ୟ ଯଥା ଅଂଳା, ହରିଡା, ବାହାଡା, ଝୁଣା, ମହୁ ଇତ୍ୟାଦି ଦ୍ରବ୍ୟଗୁଡିକର ବିକ୍ରିବଟା କରିଥିଲେ। ଏହା ବ୍ୟତୀତ କୋଭିଡ-୧୯ ସଚେତନତା ନିମନ୍ତେ ପ୍ରଦର୍ଶନୀରେ ମାସ୍କ, ସାନିଟାଇଜ ଏବଂ ହ୍ୟାଣ୍ଡ ୱାସ ବିକ୍ରିବଟା କରାଯାଇଥିଲା। ଏହି ଜିଲ୍ଲାସ୍ତରୀୟ କ୍ଷୁଦ୍ର ପ୍ରଦର୍ଶନୀରେ ୫,୨୯,୮୬୦ଟଙ୍କାର କାରବାର ହୋଇଥିବା ଓରମାସର ସି.ଇ.ଓ. ସୁବଳ ଜନାମଣି ଜଣାଇଛନ୍ତି। ସରକାରଙ୍କ ନିଷ୍ପତିକ୍ରମେ କରୋନା ମହାମାରୀ ସମୟରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ଆର୍ଥିକ ଅବସ୍ଥାରେ ସୁଧାର ଆଣିବା ଏହି ପ୍ରଦର୍ଶନୀର ଆୟୋଜନର ପ୍ରମୁଖ ଉଦ୍ଦେଶ୍ୟ ଥିଲା।

## କ୍ରିକେଟ୍ ଟୁର୍ନାମେଣ୍ଟ: ବଡ଼ପୂଝାରୀଗୁଡ଼ା ଚାମ୍ପିୟନ

କୋକସରା, ୧୮।୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ କୁସୁମଖୁଣ୍ଟି ଖେଳପଡିଆଠାରେ ମା’ ଆଦିଶକ୍ତି ନକ୍‌ଆଉଟ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ବାନେର ଓ ବଡପୁଝାରୀଗୁଡା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାନେର ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୬୫ ରନ ସଂଗ୍ରହ କରିଥିଲା। ବଡପୁଝାରୀଗୁଡା ଦଳ ୧୦ ଓଭରରେ ୬ ଉଇକେଟ ହରାଇ ୬୬ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ବାନେର ଦଳର ଚିତ୍ତା ମ୍ୟାନ୍ ଅଫ ଦି ସିରିଜ ଓ ଧିରେନ ମ୍ୟାନ ଅଫ୍ ଦି ମ୍ୟାଚ ଘୋଷିତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ମୌଷଧି ବାଗ, ମୋଟେର ସରପଞ୍ଚ ଇଂ. ସୁଶୀଲ କୁମାର ଶବର, ବିବେକ ଅଗ୍ରୱାଲ, ଘେନୁ ବେହେରା, ସୁଦର୍ଶନ ବେହେରା, ଡିଙ୍ଗର ବେହେରା, ମହେଶ୍ୱର କାଣ୍ଡ, ପଦ୍ମଲୋଚନ କାଣ୍ଡ, କୁଶଧର ବେହେରା, ରଘୁନାଥ ବେହେରା, ଲୁନା ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ବିଜୟୀ ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ହିରଣ୍ୟ ବେହେରା ଓ ଦୟା କର ଖେଳ ପରିଚାଳନା କରିଥିଲେ। ପପୁ ବେହେରା ସ୍କୋର ବୋର୍ଡ ଏବଂ ଧାରା ବିବରଣୀ ରାଜ କୁମାର ବାଗ ପ୍ରଦାନ କରିଥିଲେ। ଲିଙ୍ଗରାଜ ବେହେରା ଓ ଟିକିଶ୍ୱର ରାଉତି ମଞ୍ଚ ପରିଚାଳନା କରିଥିଲେ। ମା’ ଆଦିଶକ୍ତି କ୍ରିକେଟ ଟୁର୍ନାମେଣ୍ଟ କମିଟି ସଭାପତି ରିଙ୍କୁ ଦାସ, ସମ୍ପାଦକ ମଣ୍ଟୁ ବେହେରା, କୋଷାଧ୍ୟକ୍ଷ ରାଜେଶ ବେହେରା, ଅଷ୍ଟ କାଣ୍ଡ, ରୁପେଶ, ସୂର୍ଯ୍ୟ, ପିନ୍ଟୁ, ଦିନେଶ, ପ୍ରମୋଦ, ଅମର, ହିରୋ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ୨ ଲକ୍ଷ ୬୫ ହଜାର ଟଙ୍କାର ସାଇବର ଠକେଇ

ଭବାନୀପାଟଣା, ୧୮।୧ (ଡି.ଏନ.ଏ.)

ଦିନକୁ ଦିନ ସାଇବର ଠକମାନେ ବିଭିନ୍ନ ମନଲୋଭା କଥା କହି ଲୋକଙ୍କ ଆକାଉଣ୍ଟରୁ ଟଙ୍କା ଗାଏବ କରିବାରେ ସଫଳ ହେଉଛନ୍ତି। ଏଥିପାଇଁ ବିଭିନ୍ନ ବିଜ୍ଞାପନ ମାଧ୍ୟମରେ ଲୋକଙ୍କୁ ସତର୍କ କରାଯାଉଛି। କିନ୍ତୁ ଲୋକ ଠକ ହାବୁଡରେ ପଡି ଲୁଟର ଶିକାର ହେଉଛନ୍ତି। କଳାହାଣ୍ଡି ଜିଲା ଭବାନୀପାଟଣାରେ ଏଭଳି ୨ ଲକ୍ଷ ୬୫ ହଜାର ଟଙ୍କାର ସାଇବର ଠକେଇ ହୋଇଛି। ଭବାନୀପାଟଣା ଶର୍ମା କଲୋନୀର ଜଣେ ଅବସରପ୍ରାପ୍ତ ବରିଷ୍ଠ ନାଗରିକ ଗଙ୍ଗାଧର ସୁବୁଦ୍ଧି ଓ ତାଙ୍କ ସ୍ତ୍ରୀ ଏହି ଠକେଇର ଶିକାର ହୋଇଛନ୍ତି। ଏ ନେଇ କଳାହାଣ୍ଡି ଏସ୍‌ପିଙ୍କ ସାଇବର ସେଲକୁ ଗଙ୍ଗାଧର ଜଣାଇବା ସହ ଭବାନୀପାଟଣା ଟାଉନ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି। ଗତ ଶନିବାର ୧୨ଟାରେ ଜିଓ ଫୋନ କଷ୍ଟମର କେୟାରରୁ କହୁଛି କହି କିଛି ପ୍ରୋବ୍ଲେମ ଅଛି କି ପଚାରିଥିଲେ ଜଣେ ଅଜଣା ବ୍ୟକ୍ତି। ଏହା ସମାଧାନ କରିଦେବା କହି ବ୍ୟକ୍ତିଗତ ଠିକଣା ମାଗି ନେଇଥିଲେ। ଏହାପରେ ଆପଣଙ୍କୁ ନୂଆବର୍ଷ ପାଇଁ ମାଗଣା ଅଫର ଅଛି, ମୋବାଇଲ ଗିଫ୍ଟ ମିଳିବ ଏବଂ ୨୦ ହଜାର ଟଙ୍କା ମଧ୍ୟ କ୍ୟାସ ପ୍ରାଇଜ ପାଇବେ ବୋଲି କହିଥିଲେ। ଠକର ଇଷ୍ଟ୍ରକ୍‌ସନ୍ ଫଲୋ କରିଥିଲେ ଗଙ୍ଗାଧର। କିନ୍ତୁ ଠକ କିଛି ସମୟ ପରେ ଓଟିପି ନ ନେଇ ମଧ୍ୟ ଗଙ୍ଗାଧରଙ୍କ ଆକାଉଣ୍ଟରୁ ଗୁଗୁଲ ପେରେ ୨୦ ହଜାର ଲେଖାଏଁ ୫ ଥରରେ ୧ ଲକ୍ଷ ଟଙ୍କା ଓ ବ୍ୟାଙ୍କ ଆକାଉଣ୍ଟରୁ ୪୫ ହଜାର ନେଇ ଚାଲିଥିଲେ। ଏପରିକି ତାଙ୍କ ସ୍ତ୍ରୀଙ୍କ ଆକାଉଣ୍ଟରୁ ମଧ୍ୟ ୧ ଲକ୍ଷ ୨୦ ହଜାର ଟଙ୍କା ଠକ ନେଇ ଯାଇଛନ୍ତି। ଗଙ୍ଗାଧର ଓ ତାଙ୍କ ସ୍ତ୍ରୀଙ୍କ ଆକାଉଣ୍ଟରୁ ସମୁଦାୟ ୨ ଲକ୍ଷ ୬୫ ହଜାର ସାଇବର ଠକ ଫୋନରେ ପଡି ହରାଇଛନ୍ତି।

## | ପିକ୍‌ନିକ୍ ସ୍ପଟ୍ |

# ଗଦ୍‌ଗଦା ଜଳପ୍ରପାତ





ପାହାଡ଼ ପର୍ବତ ଘେରା ରାୟଗଡ଼ା ଜିଲାରେ ପ୍ରାକୃତିକ ସୌନ୍ଦର୍ଯ୍ୟ ତଥା ଝରଣା ଓ ଜଳପ୍ରପାତର ଅଭାବ ନାହିଁ। ହେଲେ ଏଥିମଧ୍ୟରୁ କେତୋଟି ଜିଲା ତଥା ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଥିବାବେଳେ ଆଉ କେତେକ ଦୃଷ୍ଟି ଆଢୁଆଳରେ ରହିଛି। ଜିଲାର ପ୍ରମୁଖ ଜଳପ୍ରପାତ ମଧ୍ୟରେ ବିଷମକଟକ ବ୍ଲକ୍ କୁର୍ଲି ପଞ୍ଚାୟତ ତଥା ନିୟମଗିରି ପର୍ବତାଞ୍ଚଳରେ ରହିଥିବା ଗଦ୍‌ଗଦା ଜଳପ୍ରପାତ ଅନ୍ୟତମ।

ମନଲୋଭା ପ୍ରାକୃତିକ ସୌନ୍ଦର୍ଯ୍ୟ ସହ ପ୍ରାୟ ୩୦ ରୁ ୪୦ ଫୁଟ ଉଚ୍ଚରୁ ଝରିଆସୁଥିବା ଝରଣା ଏବଂ ଶୈବପୀଠ ଏଠାକାର ପ୍ରମୁଖ ଆକର୍ଷଣ। ଏତଦ୍‌ବ୍ୟତୀତ ଆଦିମ ଜନଜାତି ଡଙ୍ଗରିଆଙ୍କ ଚାଲିଚଳଣି ଓ ନିୟମଗିରି ପର୍ବତର ସୌନ୍ଦର୍ଯ୍ୟ ଉପଭୋଗ କରିବା ସହ ଏହା ପରିସରରେ ପିକ୍‌ନିକ୍‌ର ମଜା ଉଠାଇବାକୁ ଏଠାରେ ଶୀତଋତୁରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ନିୟମଗିରି ପାହାଡ଼ର ସବୁଜିମାଭରା ଅଙ୍କାବଙ୍କା ରାସ୍ତାଦେଇ ଯିବାବେଳେ ଶୀତର ସ୍ପର୍ଶ ଏବଂ ରାସ୍ତା ପାର୍ଶ୍ୱରେ କଦଳୀ ବଗିଚା, କମଳା, ହଳଦୀ, ଅଦା ବଗିଚାର ଦୃଶ୍ୟ ମଧ୍ୟ ମନକୁ କମ୍ ଛୁଇଁ ନ ଥାଏ। ଚାଟିକଣା ତଥା ନିୟମଗିରି ପାଦଦେଶରେ ରହିଥିବା ଶୈବପୀଠକୁ ଇକୋ ଟୁରିଜମ୍ କରିବା ନିମନ୍ତେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଫଳକ ଲାଗିଥିଲା। କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ସୁବିଧା କରାଯାଇନାହିଁ। ସେହିପରି ୨୦୧୯-୨୦ ଆର୍ଥିକ ବର୍ଷରେ ବନ ବିଭାଗ ପକ୍ଷରୁ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଇକୋ ଟୁରିଜମ୍ ନିମନ୍ତେ ମଞ୍ଜୁର କରାଯାଇଥିଲା। କିନ୍ତୁ ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁ ତାହା ହୋଇପାରି ନ ଥିଲା। ଏବେ ବିଷମକଟକ ବ୍ଲକ୍ ପକ୍ଷରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପାଣ୍ଠିରୁ ୧୫ ଲକ୍ଷ ଟଙ୍କା ବ୍ୟୟରେ ଗଦ୍‌ଗଦା ଜଳପ୍ରପାତ ପରିସରର ଉନ୍ନତୀକରଣ କରାଯାଉଛି। ଏହି ଅଞ୍ଚଳର ବିକାଶ ହେଲେ ପର୍ଯ୍ୟଟକଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ମତପ୍ରକାଶ ପାଉଛି।

### କେମିତି ଯିବେ

ରାୟଗଡ଼ା ସହରରୁ ୪୦କି.ମି. ଦୂରତାରେ ରହିଛି ଚାଟିକଣା। ସେଠାରୁ ୨କି.ମି. ପରେ ପଡ଼େ ପ୍ରସିଦ୍ଧ ଶୈବପୀଠ। ସେଠାରୁ ନିୟମଗିରି ପର୍ବତ ଉପରକୁ ଆଉ ୨.୫ କି.ମି. ବାଟ ଗଲେ ରାସ୍ତା ପାର୍ଶ୍ୱରେ ପଡ଼େ ଗଦ୍‌ଗଦା ଜଳପ୍ରପାତ।

– ରିପୋର୍ଟ: ବିଭୂତି ଭୂଷଣ ନାୟକ, ବିଷମକଟକ, ରାୟଗଡ଼ା

## ବର୍ଦ୍ଧିତ ଟ୍ୟାକ୍ସ ପ୍ରତ୍ୟାହାର ଦାବିରେ ଧାରଣା



ବରଗଡ଼ ପୌର କାର୍ଯ୍ୟାଳୟ ଆଗରେ ଭାଜପା କର୍ମୀଙ୍କ ଧାରଣା।

ବରଗଡ଼ ଅଫିସ୍,୧୮।୧

ବରଗଡ଼ ପୌର ପରିଷଦର ପ୍ରସ୍ତାବିତ ବର୍ଦ୍ଧିତ ହୋଲ୍‌ଡ଼ିଂ ଟ୍ୟାକ୍ସକୁ ବିରୋଧ କରି ସୋମବାର ଭାଜପା ପକ୍ଷରୁ ସ୍ଥାନୀୟ ପୌର କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଥିଲା। ଏହାସହିତ ବର୍ଦ୍ଧିତ ହୋଲ୍‌ଡ଼ିଂ ଟ୍ୟାକ୍ସ ପ୍ରତ୍ୟାହାର କରିବା ଦାବି ନେଇ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ପୌର ନିର୍ବାହୀ ଅଧିକାରୀ ଡଃ ରାଜେଶ ସାହୁ ସ୍ମାରକପତ୍ର ଗ୍ରହଣ କରିଥିଲେ।

ପ୍ରକାଶ ଯେ, ବରଗଡ଼ ପୌର ପରିଷଦ ଅଞ୍ଚଳରେ ରହୁଥିବା ଅଧିକାଂଶ ଅଧିବାସୀ ନିମ୍ନ ତଥା ମଧ୍ୟମ ଶ୍ରେଣୀର ଅଟନ୍ତି। ବର୍ଦ୍ଧିତ ହୋଲ୍‌ଡ଼ିଂ ଟ୍ୟାକ୍ସ ପ୍ରଦାନ ସେମାନଙ୍କ ପକ୍ଷରେ ସମ୍ଭବ ନୁହେଁ। ପୌର ପରିଷଦର ବିଭିନ୍ନ ଅଞ୍ଚଳକୁ ମୌଳିକ ସୁବିଧା ସୁଯୋଗ ଅପହଞ୍ଚ ହୋଇପଡ଼ିଥିବା ବେଳେ ତାର ସମାଧାନ ବଦଳରେ ହୋଲ୍‌ଡ଼ିଂ ଟ୍ୟାକ୍ସ ବୃଦ୍ଧି କରିବା ସହରବାସୀଙ୍କ ପାଇଁ କଟା ଘା’ରେ ଚୂନ ଦେବା ଭଳି ହୋଇଛି। ଭାଜପା ଏଭଳି ଅଭିଯୋଗ ଆଣି ଏହାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଛି। ଦଳର ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ହୋଇଥିବା ଧାରଣାରେ ସାଧାରଣ ସମ୍ପାଦକ ରବି ନାରାୟଣ ଦାଶ, ପ୍ରୀତମ ସିଂ, ସୁବ୍ରତ ହୋତା, କୁଶ କୁମ୍ଭାର, ବିଜୟ ଦାସ, ଅବନୀକାନ୍ତ ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ।

## ସୁବର୍ଣ୍ଣପୁରରେ ଯୁବତୀଙ୍କୁ ଗଣବଳାତ୍କାର

ସୋନପୁର,୧୮।୧(ନି.ପ୍ର.)

### ସିସିଟିଭି ଫୁଟେଜ୍‌କୁ ନେଇ ପୋଲିସର ତନାଘନା

ସୁବର୍ଣ୍ଣପୁର ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର କ୍ୟାମ୍ପସ୍‌ରେ ଜଣେ ଯୁବତୀଙ୍କୁ ସୋମବାର ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ଗଣବଳାତ୍କାର କରାଯାଇଛି। ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରର ସିସିଟିଭି ଫୁଟେଜ୍‌ରୁ ପୋଲିସକୁ ବଳାତ୍କାରୀଙ୍କ ସମ୍ପର୍କରେ ସୁରାକ ମିଳିଛି। ପୋଲିସ ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ତଦନ୍ତ ଜାରି ରଖିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ପାରିନାହିଁ।

ପୀଡିତାଙ୍କ ଘର ବଲାଙ୍ଗୀରରେ। ସେ ତାଙ୍କ ମା’ଙ୍କ ସହିତ ସୋନପୁର ସହରକୁ ଆସି ଭଡା ଘରେ ରହୁଥିଲେ। ଯୁବତୀ ଓ ତାଙ୍କ ମା’ ଲୋକଙ୍କ ଘରେ କାମ ଧନ୍ଦା କରି ଚଳୁଥିଲେ। ପୀଡିତାଙ୍କ କହିବା ଅନୁଯାୟୀ, ପୂର୍ବାହ୍ନରେ ୨ଜଣ ଯୁବକ ତାଙ୍କ ଘରକୁ ଆସିଥିଲେ। ସର୍କିଟ୍ ହାଉସ୍ ନିକଟ ଅଫିସରେ ଭୋଜିଭାତ ହେଉଛି, ତେଣୁ ସଫେଇ କରିବାକୁ କହି ତାଙ୍କୁ ଡାକି ନେଇଥିଲେ। ଅବ୍ୟବହୃତ ହୋଇ ପଡିଥିବା ତାଲିମ କେନ୍ଦ୍ରର ପଛ ପଟ ଦେଇ ତାଙ୍କୁ ଭିତରକୁ ନେଇ ଯାଇଥିଲେ। ସେଠାରେ ଦୁହେଁ ବଳାତ୍କାର କରିଥିବା ପୀଡିତା ସୋନପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପୀଡିତାଙ୍କ ଡାକ୍ତରୀ ମାଇନା କରିଛି। ଏ ସମ୍ପର୍କରେ ଥାନାରେ ଏକ ମାମଲା ରୁଜୁ ହୋଇଛି। ସୂଚନା ପାଇ ଅତିରିକ୍ତ ଏସ୍‌ପି ରମେଶ ଚନ୍ଦ୍ର ପାଣିଗ୍ରାହୀ, ଉତ୍କଳ କେଶରୀ ଦାସ, ଡିଏସ୍‌ପି ଆନନ୍ଦ ବର୍ଦ୍ଧନ ଗୁରୁ, ହେମସାଗର ନନ୍ଦ ଓ ଆଇଆଇସି ପୁଷ୍ପେନ୍ଦୁ ସାଗର ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ସର୍କିଟ୍ ହାଉସ ନିକଟ ତାଲିମ କେନ୍ଦ୍ରକୁ ପ୍ରଥମ ଏଜୁକେଶନ ଫାଉଣ୍ଡେସନ ନାମକ ସଂସ୍ଥା ଭଡାରେ ନେଇ ବେକାର ଯୁବତୀ ଯୁବକଙ୍କୁ ପାଇପ୍ ମିସ୍ତ୍ରି ତାଲିମ ଦେଉଥିଲେ। କୋଭିଡ୍ ୧୯ ମହାମାରୀ ପାଇଁ ଗତ ୧୦ମାସ ଧରି ଏଠାରେ ତାଲିମ କାର୍ଯ୍ୟ ବନ୍ଦ ରହିଛି।

# ଧାନ ଉଠାଉନାହାନ୍ତି ମିଲର୍ସ

କେସିଙ୍ଗା, ୧୮।୧ (ଡି.ଏନ.ଏ.)

### ବାଲସି ମଣ୍ଡି

- ମଣ୍ଡିରେ ପଡ଼ିଛି ଶହ ଶହ କୁଇଣ୍ଟାଲ ଧାନ
- ପ୍ରଶାସନ ନିକଟରେ ଚାଷୀଙ୍କ ଅଭିଯୋଗ



ବାଲସି ମଣ୍ଡିରେ ୧୯ ଦିନ ହେଲା ଧାନ ପଡିଛି।

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧୀନ ବାଲସି ଧାନ ମଣ୍ଡିରେ ଗତ ନଭେମ୍ବର ୨୫ରୁ ଧାନ କିଣା ଆରମ୍ଭ ହୋଇଥିଲା। କିନ୍ତୁ ଗତ ଡିସେମ୍ବର ୩୧ରୁ ୩୯ଜଣ ଚାଷୀଙ୍କ ୧୭୦୦ କୁଇଣ୍ଟାଲ ଧାନ ମଣ୍ଡିରେ ପଡି ରହିଛି। ୧୯ ଦିନ ବିତିଯାଇଥିଲେ ମଧ୍ୟ ଧାନ ଉଠାଇବା ପାଇଁ ଉକ୍ତ ମଣ୍ଡିରେ ନିୟୋଜିତ ୨ ରାଇସ ମିଲର ଆସୁନାହାନ୍ତି। ଉକ୍ତ ୨ ମିଲରଙ୍କୁ ଜିଲା ଯୋଗାଣ ବିଭାଗ ଧାନ ଉଠାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଦୁଇଟି ମିଲ ଅରୁଆ ଚାଉଳ କରୁଥିବାରୁ କେବଳ ପୂଜା ଓ ସ୍ୱର୍ଣ୍ଣା ଧାନ ନେବାକୁ ଚାହୁଁଥିବା ବେଳେ ବାକି ଧାନ ନେବା ପାଇଁ ରାଜି ହେଉ ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଧାନ ନ ଉଠିବାରୁ ୧୯ ଦିନ ହେଲା ଶୀତରେ ୩୯ଜଣ ଚାଷୀ ଖୋଲା ପଡିଆରେ ଜଗି ରହିଛନ୍ତି। ଉକ୍ତ ମଣ୍ଡିରେ ୨୩ ହଜାର ୫୬୫ କୁଇଣ୍ଟାଲ ଧାନ ଚାଷୀଙ୍କଠାରୁ ଲିଫ୍ଟିଂ କରିବା ପାଇଁ ଟାର୍ଗେଟ ଦିଆଯାଇଥିଲା। ଆଜି ଯାଏ ୧୦ ହଜାର କୁଇଣ୍ଟାଲ ଧାନ ଲିଫ୍ଟିଂ କରିସାରିଥିବା ବେଳେ ଚାଷୀଙ୍କଠାରୁ କୁଇଣ୍ଟାଲ ପିଛା ୭ କେଜିରୁ ଊର୍ଦ୍ଧ୍ୱ ଧାନ କଟନୀ ପାଇଁ ମିଲର୍ସଙ୍କ ଏଜେଣ୍ଟ ଅଡି ବସୁଥିବା ଚାଷୀ ଅଭିଯୋଗ କରିଛନ୍ତି। ଏଥି ପୂର୍ବରୁ ୧୭ ଶତକଡା ମଧ୍ୟରେ ଆର୍ଦ୍ରତା ଥିବା ଧାନକୁ କୁଇଣ୍ଟାଲ ପିଛା ଅଧିକ ୫ରୁ ୭ କେଜି ଧାନ ଚାଷୀଙ୍କଠାରୁ ନେଇ ଲିଫ୍ଟିଂ କରୁଥିଲେ। ଧୀରେ ଧୀରେ ଟୋକନ ପାଇଥିବା ଚାଷୀଙ୍କ ଧାନ ମଣ୍ଡିରେ ଗଚ୍ଛିତ ହେବାରେ ଲାଗିଲା। ଶୀତ କାକର ଖାଇ ଚାଷୀ ଖୋଲା ଆକାଶ ତଳେ ପଡି ରହିଛନ୍ତି। ଏ ନେଇ ଚାଷୀମାନେ ପ୍ରଶାସନ ନିକଟରେ ଅଭିଯୋଗ କରିବାରୁ ଗତ ରବିବାର କେସିଙ୍ଗା ତହସିଲଦାର ଗଣ୍ଡାରାମ ଖମାରୀ, ଯୋଗାଣ ସହକାରୀ ନିରୀକ୍ଷଣ ପ୍ରଶାନ୍ତ କୁମାର ସ୍ୱାଇଁ, କେସିଙ୍ଗା କୃଷି ବିଭାଗ ସହକାରୀ ଅଧିକାରୀ ବିଶ୍ୱନାଥ ମହାପାତ୍ର ଉକ୍ତ ମଣ୍ଡିରେ ପହଞ୍ଚି ଆଲୋଚନା କରିଥିଲେ ଏବଂ ତୁରନ୍ତ ଏହାର ସମାଧାନ କରିବା ପାଇଁ ଚାଷୀଙ୍କୁ ପ୍ରତିଶ୍ରୁତି ଦେଇ ଚାଲିଗଲେ। ଚାଷୀକୁଳ ଶୋଷଣର ଶୀକାର ହେଉଥିବା ବେଳେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଯୋଗୁ ଚାଷୀମାନେ ହଇରାଣ ହେଉଛନ୍ତି। ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

## ନାଳରେ ପଡ଼ି ଯୁବକଙ୍କ ମୃତ୍ୟୁ

କୁଚିଣ୍ଡା,(ଡି.ଏନ.ଏ.): କୁଚିଣ୍ଡା ୯ନଂ. ୱାର୍ଡ ତେଲିକୁଣ୍ଡା ପୋଖରୀର ତାରିଣୀ ମନ୍ଦିର ପଛପଟରେ ଥିବା ନାଳରେ ପଡ଼ି ନାଗେଶ୍ୱର ପଡାର ଦେବାଶିଷ ସିତାରୀ (୨୫)ଙ୍କ ମୃତ୍ୟୁ ଘଟିଛି। ଦେବାଶିଷ ଟ୍ରାକ୍ଟର ଡ୍ରାଇଭର ଭାବେ କାମ କରନ୍ତି। ରବିବାର ରାତିରେ ସେ ଘରକୁ ଫେରି ନ ଥିଲେ। ଖୋଜାଖୋଜି ପରେ ପରିବାର ଲୋକେ ନାଳରେ ମୃତ ଅବସ୍ଥାରେ ପଡିଥିବା ଦେଖି କୁଚିଣ୍ଡା ପୋଲିସକୁ ଖବର ଦେଇଥିଲେ। ପୋଲିସ କୁଚିଣ୍ଡା ଡାକ୍ତରଖାନାରେ ମୃତଦେହ ବ୍ୟବଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ କୁଚିଣ୍ଡା ଥାନାରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଥିବା ପୋଲିସଠାରୁ ପ୍ରକାଶ।

**ସଂକ୍ଷେପରେ**

## ଟ୍ରଲର-ବୋଲେରୋ ଧକ୍କା: ଜଣେ ମୃତ, ୬ଆହତ

ସୁନ୍ଦରଗଡ଼, ୧୮।୧(ଡି.ଏନ୍.ଏ.): ସୁନ୍ଦରଗଡ ଏମ୍‌ସିଏଲ ରାସ୍ତାର ଟାଙ୍ଗରପାଲି ଛକ ଠାରେ ସୋମବାର ଏକ ଟ୍ରଲର ଓ ବୋଲେରୋ ମଧ୍ୟରେ ଧକ୍କା ହୋଇଛି। ଫଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୬ଜଣ ଆହତ ହୋଇଛନ୍ତି। ବୋଲେରୋରେ ଥିବା ମୃତ ବ୍ୟକ୍ତିଙ୍କ ନାମ ପ୍ରଭାକର ମହାପାତ୍ର (୫୦) ଓ ତାଙ୍କ ଘର କଟକ ଜିଲା ନରସିଂହପୁର କୋକେଲବା ଗ୍ରାମରେ। ସେଥିମଧ୍ୟରୁ ଟ୍ରଲର ଚାଳକଙ୍କୁ ଗୁରୁତର ଆହତ ଅବସ୍ଥାରେ ବୁର୍ଲା ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଛି। କଟକରୁ କୌଣସି କାମରେ ଗମ୍ଭାରୀଡିହି ଆସିଥିବା ୫ଜଣ ବ୍ୟକ୍ତି ଓଆର୧୬ଡି ୯୩୬୦ ନଂ ବୋଲେରୋ ଯୋଗେ ସୁନ୍ଦରଗଡ ବସଷ୍ଟାଣ୍ଡକୁ ଆସୁଥିବା ବେଳେ ରାସ୍ତାରେ ଅତିକ୍ରମ କରୁଥିବା ଓଡି ୧୬ଏ ୭୧୯୭ ନଂ. ବିଶିଷ୍ଟ ଟ୍ରଲର ସହିତ ସାଇଡରେ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ବୋଲେରୋରେ ଥିବା ଡ୍ରାଇଭର ସମେତ ୬ଜଣଙ୍କୁ ଓ ଟ୍ରଲର ଚାଳକଙ୍କୁ ଉଦ୍ଧାର କରି ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ବୋଲେରୋରେ ଥିବା ପ୍ରଭାକରଙ୍କ ମୃତ୍ୟୁ ଘଟିଥିଲା। ଏନେଇ ସଦର ଥାନା ପୋଲିସ ଏକ ମାମଲା ରୁଜୁକରି ତଦନ୍ତ କରୁଛି।

## ଜଙ୍ଗଲୀ ମାଂସ ଜବତ, ଜଣେ ଅଟକ

ପଡିଆବାହାଲ,୧୮।୧(ଡି.ଏନ.ଏ.): ପଡିଆବାହାଲ ବନ ବିଭାଗ ତରଫରୁ ସୋମବାର ପାଟ୍ରୋଲିଂ ବେଳେ ଜଣେ ବ୍ୟକ୍ତିଙ୍କଠାରୁ ୩କେଜି ବନ୍ୟଜନ୍ତୁ ମାଂସ ଜବତ କରାଯାଇ ତାଙ୍କୁ ଅଟକ ରଖାଯାଇଛି। ସେ ହେଲେ ବଡସାହିର ଗଣେଶ ବେହେରା। ଏ ନେଇ ପଡିଆବାହାଲ ରେଞ୍ଜ ପକ୍ଷରୁ ଏକ ମାମଲା (ନଂ.୧୦୩/୨୧) ରୁଜୁ ହୋଇଛି। ମଙ୍ଗଳବାର ଅଟକ ଗଣେଶଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ରେଞ୍ଜର ପ୍ରଭାକର ବେହେରା କହିଛନ୍ତି। ଅଟକ ବ୍ୟକ୍ତି ଜଣକ ବୟାନ ବଦଳାଉ ଥିବାରୁ ତଦନ୍ତ ପରେ ଠିକ୍ ଖବର ଜଣାପଡିବ ବୋଲି କହିଥିଲେ।

## ପିସିସି ସଭାପତିଙ୍କୁ ଆକ୍ରମଣ, ଜିଲା କଂଗ୍ରେସର ନିନ୍ଦା

ସମ୍ବଲପୁର, ୧୮।୧ (ବ୍ୟୁରୋ): ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ କେନ୍ଦୁଝର ସହର ନିକଟ କାମିପୁରଠାରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏହାକୁ ସମ୍ବଲପୁର ଜିଲା କଂଗ୍ରେସ କମିଟି ନିନ୍ଦା କରିଛି। ପୂର୍ବତନ ବିଧାୟକ ତଥା ଜିଲା କଂଗ୍ରେସ କମିଟି ସଭାପତି ଅଶ୍ୱିନୀ ଗୁରୁ ଏକ ପ୍ରେସ ବିବୃତିରେ କହିଛନ୍ତି ଯେ, ରାଜନୀତି ତଥା ଗଣତାନ୍ତ୍ରିକ ବ୍ୟବସ୍ଥାରେ ହିଂସାର ସ୍ଥାନ ନାହିଁ। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ଆବଶ୍ୟକ।

## ଶ୍ରମିକ ନେତାଙ୍କ ପରଲୋକରେ ଶୋକ

ସମ୍ବଲପୁର, ୧୮।୧ (ବ୍ୟୁରୋ): ଶ୍ରମିକ ନେତା ଲଳିତ ନାୟକଙ୍କ ବିୟୋଗରେ ପଶ୍ଚିମ ଓଡିଶାରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବିୟୋଗରେ ହିନ୍ଦ୍ ମଜଦୁର ସଭା ରାଜ୍ୟ କାର୍ଯ୍ୟକାରୀ ସଭାପତି ବିଜୟ କୁମାର ମହାନ୍ତି ଓ ଉପ ସାଧାରଣ ସମ୍ପାଦକ ଗୋକୁଳ ମେହେର ଶୋକ ପ୍ରକାଶ କରିଛନ୍ତି। ପଶ୍ଚିମ ଓଡିଶାରେ ଶ୍ରମିକମାନଙ୍କ ନ୍ୟାଯ୍ୟ ଦାବି ନେଇ ଲଳିତ ଜୀବନ ସାରା ସଂଗ୍ରାମ ଜାରି ରଖିଥିଲେ। ଶ୍ରମିକମାନେ ଜଣେ ମୁରବିଙ୍କୁ ହରାଇଛନ୍ତି ବୋଲି ସେମାନେ କହିଥିଲେ।

## ନିଆଁରେ ପୋଡି ହୋଇ ମହିଳା ଗୁରୁତର

ଲହୁଣୀପଡା, ୧୮।୧ (ଡି.ଏନ.ଏ): ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ତାଲବାହାଲି ପଞ୍ଚାୟତ ସାନନୁଆଗାଁ ଗ୍ରାମର ଲକ୍ଷ୍ମଣ ନାଏକଙ୍କ ସ୍ତ୍ରୀ ସରସ୍ୱତୀ ନାଏକ (୧୯) ନିଜ ବାପଘର ବରସୁଆଁକୁ ମକର ପର୍ବ ପାଳନ ପାଇଁ ଯାଇଥିଲେ। ସୋମବାର ସକାଳୁ ଅନ୍ୟମାନଙ୍କ ସହିତ ନିଆଁ ପୋଉଁ ହେଉଥିବା ବେଳେ ଅସାବଧାନତା ଯୋଗୁ ତାଙ୍କ ଦେହରେ ନିଆଁ ଲାଗିଯାଇଥିଲା। ଫଳରେ ଶରୀରର ବିଭିନ୍ନ ସ୍ଥାନ ପୋଡି ଯିବାରୁ ତାଙ୍କୁ ଚିକିତ୍ସା ପାଇଁ ବଣାଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ସରସ୍ୱତୀକୁ ଡାକ୍ତର ରାଉରକେଲା ସ୍ଥାନାନ୍ତର କରିଥିବା ଜଣାପଡ଼ିଛି।

# ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣା

ରେଢାଖୋଲ,୧୮।୧(ଡି.ଏନ.ଏ.)


ବନଖଣ୍ଡ କାର୍ଯ୍ୟାଳୟ ଆଗରେ ଧାରଣାରତ ମହିଳାପୁରୁଷ।

**ଲଣ୍ଡାକୋଟ ସଂରକ୍ଷିତ ଜଙ୍ଗଲରୁ ବସ୍ତି ଉଚ୍ଛେଦ ଦାବି**

ରେଢାଖୋଲ ବନଖଣ୍ଡର ଲଣ୍ଡାକୋଟ ସଂରକ୍ଷିତ ଜଙ୍ଗଲରେ ଗଢିଉଠିଥିବା ବସ୍ତି ଉଚ୍ଛେଦ ପାଇଁ ସ୍ଥାନୀୟ ଅଧିବାସୀ ଓ କିସିଣ୍ଡା ଆଞ୍ଚଳିକ ବନ ସୁରକ୍ଷା ସମିତି ଦାବି କରିଆସୁଛି। ହେଲେ ବନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଏହାକୁ ନେଇ ଗତ ୧୦ ତାରିଖରେ କିସିଣ୍ଡା ଆଞ୍ଚଳିକ ବନସୁରକ୍ଷା ସମିତି ଗିରିଶ୍ଚନ୍ଦ୍ରପୁର ରେଞ୍ଜ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲା। ସୋମବାର ପୁନର୍ବାର ସମିତି କର୍ମକର୍ତ୍ତାଙ୍କ ସହ ଅଞ୍ଚଳବାସୀ ଏକ ଶୋଭାଯାତ୍ରାରେ ଆସି ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ। ପରେ ସେମାନେ ଏ ନେଇ ଏକ ଦାବିପତ୍ର ଡିଏଫ୍‌ଓଙ୍କୁ ପ୍ରଦାନ କରିଥିଲେ।

ସେମାନେ ଦର୍ଶାଇଛନ୍ତି, ଲଣ୍ଡାକୋଟ ସଂରକ୍ଷିତ ଜଙ୍ଗଲରେ ଦୀର୍ଘ ପ୍ରାୟ ୧୦ବର୍ଷ ହେବ କ୍ରମାଗତ ଭାବେ ବାହାର ରାଜ୍ୟରୁ ଲୋକମାନେ ଆସି ହଜାର ହଜାର ଏକର ଅଞ୍ଚଳରୁ ମୂଲ୍ୟବାନ ଗଛକାଟି ବସତି ସ୍ଥାପନ କରିଛନ୍ତି। ଏପରି କି ଚାଷଜମି ମଧ୍ୟ ତିଆରି କରିଛନ୍ତି। ସେମାନେ ରଣପୁର, ଚିଠେଇଦର, ଗାଇଘାଟି, ଦଲଦଲି ଜଙ୍ଗଲକୁ ବେଆଇନ ଭାବେ କାଟି ବସତି ସ୍ଥାପନ କରିଛନ୍ତି। ଏହି ଅଞ୍ଚଳକୁ ଉଚ୍ଛେଦ କରାଯିବା ସହ ଉଜୁଡିଯାଇଥିବା ଜଙ୍ଗଲରେ ନୂତନ ବନୀକରଣ, ବନ୍ୟଜନ୍ତୁଙ୍କ ପାଇଁ ପାଣି ବ୍ୟବସ୍ଥା, ସଂରକ୍ଷିତ ଜଙ୍ଗଲରେ ଅନୁପ୍ରବେଶ ରୋକିବା ଆଦି ୫ ଦଫା ଦାବି ନେଇ ବନସୁରକ୍ଷା ସମିତି ପକ୍ଷରୁ ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ସହ ଘେରାଉ କରାଯାଇଥିଲା। ତେବେ ଉପଜିଲାପାଳ ପଦ୍ମନାଭ ବେହେରା, ଡିଏଫ୍‌ଓ ପ୍ରଦୀପ୍ତ କୁମାର ସାହୁ ଧାରଣାସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସଂରକ୍ଷିତ ଜଙ୍ଗଲରୁ ୨୧ ତାରିଖରୁ ବେଆଇନ ଦଖଲ ଉଚ୍ଛେଦ, ନିର୍ଦ୍ଦିଷ୍ଟ ସମୟରେ ବନୀକରଣ କରାଯିବା ସହ ୨ ମାସ ମଧ୍ୟରେ ଅନ୍ୟ କାର୍ଯ୍ୟ କରାଯିବ ବୋଲି ଡିଏଫ୍‌ଓ ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ ୧୮ ତାରିଖରେ ରେଢାଖୋଲଠାରେ ଜାତୀୟ ରାଜପଥ ଅବରୋଧ ସହ ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ଘେରାଉ ନିଷ୍ପତ୍ତି ହୋଇଥିଲା। ଡିଏଫ୍‌ଓ ଓ ଏସ୍‌ଡିପିଓ ରବିବାର କମିଟି କର୍ମକର୍ତ୍ତାଙ୍କ ସହ ଆଲୋଚନା ପରେ ରାସ୍ତା ଅବରୋଧକୁ ସ୍ଥଗିତ ରଖାଯାଇଥିଲା। ସୋମବାର ଘେରାଉ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି କିସିଣ୍ଡା, ରେଢାଖୋଲ ପୋଲିସ ବ୍ୟାପକ ବନ୍ଦୋବସ୍ତ କରିଥିଲା। ବିପିନ ପ୍ରଧାନଙ୍କ ନେତୃତ୍ୱରେ ଭକ୍ତବନ୍ଧୁ ପ୍ରଧାନ, ଗୌତମ ବିଶି, ଶଙ୍କର ନାୟକ, କ୍ଷେତ୍ରମୋହନ ବାଘ, କ୍ଷୀରୋଦ ନାଏକ, କ୍ଷମା ବେହେରା, ଅତୁଲ୍ୟ ପ୍ରସାଦ ରାଉଳ, ଶଶିଭୂଷଣ ପ୍ରଧାନ, ଆର୍ତ୍ତତ୍ରାଣ ଧଳ ପ୍ରମୁଖଙ୍କ ସମେତ ପ୍ରାୟ ୧ହଜାର ମହିଳାପୁରୁଷ ଧାରଣାରେ ବସିରହିଥିଲେ।

# ଜିଲାରେ ଅବିକ୍ରି ଧାନ ସଂଗ୍ରହ ହେବ

ସମ୍ବଲପୁର,୧୮।୧(ବ୍ୟୁରୋ)

**ମନ୍ତ୍ରୀଙ୍କ ସହ ଉପମୁଖ୍ୟ ସଚେତକଙ୍କ ଆଲୋଚନା**

ସମ୍ବଲପୁର ଜିଲାର ଚାଷୀଙ୍କ ସମସ୍ୟାକୁ ନେଇ ସୋମବାର ସନ୍ଧ୍ୟାରେ ସରକାରୀ ଉପମୁଖ୍ୟ ସଚେତକ ତଥା ରେଢାଖୋଲ ବିଧାୟକ ରୋହିତ ପୂଜାରୀ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ଭେଟି ଆଲୋଚନା କରିବା ସହ ଏହାର ସମାଧାନ ପାଇଁ ଅନୁରୋଧ କରିଛନ୍ତି। ଜିଲାର ସଦର ଉପଖଣ୍ଡ, ରେଢାଖୋଲ ଉପଖଣ୍ଡରେ ଧାନ ପଡିରହିଛି। ବିଶେଷ କରି କୁଚିଣ୍ଡା ଉପଖଣ୍ଡରେ ଅଧିକ ପରିମାଣରେ ଧାନ ରହିଛି। ପଞ୍ଜୀକରଣ କରି ଟୋକନ୍ ପାଇଥିବା ପ୍ରାୟ ୬ ହଜାର ଚାଷୀ ପ୍ରଭାବିତ ହୋଇଛନ୍ତି।

ପ୍ରଥମେ ଟୋକନ୍ ଥାଇ ମଧ୍ୟ ଟାର୍ଗେଟ ଅଭାବରୁ ଚାଷୀମାନେ ଧାନ ବିକ୍ରି କରିପାରି ନ ଥିଲେ। ପରବର୍ତ୍ତୀ ସମୟରେ କେତେକ ଚାଷୀଙ୍କ ଟୋକନ୍ ବାତିଲ ହୋଇଯାଇଥିଲା। ଏବେ କୁଚିଣ୍ଡା ଅଞ୍ଚଳର ବିଭିନ୍ନ ମଣ୍ଡିରେ କିଛି ଧାନ ପଡିରହିଛି। ଅନ୍ୟପଟେ ବନ୍ୟପ୍ରାଣୀ ଭୟ ଥିବାରୁ କେତେକ ଚାଷୀ ଅମଳ ଧାନ ଘରେ ରଖିଛନ୍ତି। ସରକାର ଟାର୍ଗେଟ ବଢାଇବା ସହ ପୁନଃ ଟୋକନ୍ ବ୍ୟବସ୍ଥା କରି ରହିଯାଇଥିବା ଧାନ ସଂଗ୍ରହ କରିବାକୁ ବିଧାୟକ ପୂଜାରୀ ଅନୁରୋଧ କରିଥିଲେ। ମନ୍ତ୍ରୀ ସ୍ୱାଇଁ ମଧ୍ୟ ଏ ନେଇ ଶୀଘ୍ର ପଦକ୍ଷେପ ଗ୍ରହଣ କରାଯାଇ ଧାନ ସଂଗ୍ରହ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ସୂଚନାଯୋଗ୍ୟ, ନଭେମ୍ବରୁ ୧୯ ତାରିଖଠାରୁ ଜିଲାରେ ଧାନ ସଂଗ୍ରହ ଆରମ୍ଭ ହୋଇଥିଲା। ଗତ ଖରିଫରେ ୨୯ ଲକ୍ଷ ୬୧ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିବା ବେଳେ ଚଳିତ ଖରିଫରେ ୪୭ ହଜାର ୨୮ ଚାଷୀଙ୍କଠାରୁ ପ୍ରାୟ ୩୨ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି।

# ଆଧାର ଲିଙ୍କ୍ ନ ଥିଲେ ଭତ୍ତା ବନ୍ଦ ନିଷ୍ପତ୍ତିକୁ ବିରୋଧ

ରାଉରକେଲା ଅଫିସ,୧୮।୧

ଓଡ଼ିଶା ସରକାର ଷଡଯନ୍ତ୍ର ମାଧ୍ୟମରେ ପ୍ରାୟ ୧୧ ଲକ୍ଷ ବିଧବା, ଭିନ୍ନକ୍ଷମ ଓ ବୃଦ୍ଧ ବୃଦ୍ଧାଙ୍କ ଭତ୍ତାକୁ ବନ୍ଦ କରିବାର ଯୋଜନା କରିଛନ୍ତି। ଯାହାକୁ ଆମ୍ ଆଦମୀ ପାର୍ଟି(ଆପ) ସ୍ୱତନ୍ତ୍ର ବିରୋଧ କରିଛି। ଦୁର୍ନୀତି ନିବାରଣ ଆଳରେ କରୋନା ପରି ମହାମାରୀ ସମୟରେ ସମସ୍ତ ପ୍ରକାର ଜୀବିକା ହରାଇ କେବଳ ଜାତୀୟ ସାମାଜିକ ସହାୟତା ଯୋଜନା ଓ ରାଜ୍ୟର ମଧୁବାବୁ ଭତ୍ତା ଯୋଜନା ଉପରେ ନିର୍ଭର କରି ଚଳୁଥିବା ବ୍ୟକ୍ତି ବିଶେଷଙ୍କୁ ବ୍ୟାଙ୍କ ଆକାଉଣ୍ଟରେ ଆଧାର ଲିଙ୍କ୍ ନ ଥିଲେ ଭତ୍ତା ବନ୍ଦ କରିବା ପାଇଁ ନବୀନ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହା ଓଡ଼ିଶାର ଅନାହାର ମୃତ୍ୟୁକୁ ବଢ଼ାଇବା ସହିତ ଗରୀବ ଲୋକଙ୍କ ସାହାରାକୁ ଛଡ଼ାଇ ନେବ ବୋଲି ଆପ ପକ୍ଷରୁ କୁହାଯାଇଛି। ଓଡିଶାରେ ଭତ୍ତା ପାଉଥିବା ପ୍ରାୟ ୪୪ ଲକ୍ଷ ଲୋକଙ୍କ ମଧ୍ୟରୁ ୨୫ ପ୍ରତିଶତ ଲୋକଙ୍କର ଆଧାର ବ୍ୟାଙ୍କ ସହିତ ଲିଙ୍କ୍ ହୋଇନାହିଁ। ଅତୀତରେ ଆଧାର ଲିଙ୍କ୍ ନ ଥିବା ହେତୁ ଯେଉଁ ସବୁ ଭତ୍ତା ବନ୍ଦ କରାଯାଇଥିଲା ଦିଲ୍ଲୀରେ ଆମ୍ ଆଦମୀ ପାର୍ଟି ସରକାର ବିନା ଆଧାର ଲିଙ୍କ୍‌ରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଭତ୍ତାଦେବା ପାଇଁ ନିର୍ଦ୍ଦେଶ ଦେଇଥିଲା। ରାଜ୍ୟ ସରକାର ଏହି ନିଷ୍ପତ୍ତିକୁ ଯଦି ଆଗାମୀ ଦିନରେ ପ୍ରତ୍ୟାହାର ନକରେ ଆମ୍ ଆଦମୀ ପାର୍ଟି ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି।

# ବିଜୟ ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚିତ

ଲହୁଣୀପଡା, ୧୮।୧ (ଡି.ଏନ.ଏ.)

**ଭାଇ ଓ ବାପା ଗିରଫ**

ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ହାତିକୁଚା ଗ୍ରାମ ପୋଖରୀ ହୁଡାରେ ଘଟିଥିବା ଯୁବକ ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିଛି ପୋଲିସ। ପୋଲିସ ହତ୍ୟା ଅଭିଯୁକ୍ତ ବାପପୁଅଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। କେ.ବଲାଙ୍ଗ ଥାନା ଅନ୍ତର୍ଗତ ହାତିକୁଚା ଗ୍ରାମ ପୋଖରୀ ହୁଡା ଜମି ନିକଟରୁ ଜଣେ ଯୁବକଙ୍କ କ୍ଷତବିକ୍ଷତ ମୃତଦେହ ପଡିଥିବା ୧୪ ତାରିଖ ସନ୍ଧ୍ୟାରେ ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଏ ସଂକ୍ରାନ୍ତରେ କେ.ବଲାଙ୍ଗ ଥାନାରେ ସୂଚନା ଦେବାରୁ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିବା ସହିତ ରାତି ହୋଇଯାଇଥିବାରୁ ଶବକୁ ଉଦ୍ଧାର କରି ନ ପାରି ତାପର ଦିନ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ପଚି ଦୁର୍ଗନ୍ଧ ହେଉଥିବା ବେଳେ ଉଭୟ ହାତ ଛିଣ୍ଡି ଯାଇଥିଲା। ଫଳରେ ଏହା ଏକ ହତ୍ୟାକାଣ୍ଡଜନିତ ମୃତ୍ୟୁ ବୋଲି ସ୍ପଷ୍ଟ ଜଣାପଡିଥିଲା। ମୃତ ଯୁବକ ବିଜୟ ମିଞ୍ଜ (୩୬)। ନିକଟସ୍ଥ ମହିଷଛାପଲ ଗ୍ରାମର ଜୋହାନ ମିଞ୍ଜର ପୁଅ ବୋଲି ଜଣାପଡିଥିଲା। ଗତ ୭ ତାରିଖ ରାତିରେ ବିଜୟ ମିଞ୍ଜ ପ୍ରବଳ ମାତ୍ରାରେ ମଦ୍ୟପାନ କରି ଘରେ ଗାଳିଗୁଲଜ କରିବାରୁ ବାପା ଜୋହାନ ମିଞ୍ଜ ବିରୋଧ କରିଥିଲେ। ଫଳରେ ବିଜୟ ମିଞ୍ଜ ମଦ ନିଶା ଓ ରାଗରେ ବାପା ଜୋହାନ ମିଞ୍ଜଙ୍କୁ ପ୍ରବଳ ମାଡ ମାରୁଥିବାରୁ ସହି ନ ପାରି ସାନପୁଅ ବିରସା (୩୧) ବାରଣ କରିଥିଲେ। ବିଜୟ ଗାଳିଗୁଲଜ କରିବା ସହିତ ତାକୁ ମଧ୍ୟ ନିସ୍ତୁକ ମାଡ ମାରିବାରୁ ବିରସା ଓ ଜୋହାନ ମିଶି ବିଜୟକୁ ମାଡ ମାରିଥିଲେ। ଫଳରେ ବିଜୟ ତଳେ ପଡିଯିବାରୁ ବାପା ଜୋହାନ ଏକ ବାଡିରେ ତା ମୁଣ୍ଡରେ ଶକ୍ତ ପ୍ରହାର କରିଥିବା ବେଳେ ବିରସା ତଣ୍ଟିକୁ ଚିପି ଦେଇ ଜୀବନରେ ମାରି ଦେଇଥିଲେ। ପରବର୍ତ୍ତି ସମୟରେ ନିକଟସ୍ଥ ଗ୍ରାମ ହାତିକୁଚା ପୋଖରୀ ହୁଡା ଜମିରେ ରାତାରାତି ପକାଇ ଦେଇ ଘରକୁ ପଳାଇ ଆସିଥିଲେ। ପ୍ରମାଣ ନଷ୍ଟ କରିବା ପାଇଁ ଘର ଭିତର ରକ୍ତ ଛିଟାକୁ ଗୋବର ପାଣିରେ ଲିପି ଦେଇଥିଲେ। ବିଜୟ ମଦ୍ୟପାନ କଲେ ବିଭିନ୍ନ ଲୋକଙ୍କ ସହିତ ଦାଦାଗିରି ଓ ମାରପିଟି କରୁଥିବାରୁ ତାକୁ କେହି ହତ୍ୟାକରି ଫୋପାଡି ଦେଇଛି ବୋଲି ପ୍ରମାଣିତ କରିବା ପାଇଁ ବାପ ପୁଅ ଜୋହାନ ଓ ବିରସା ଯୋଜନା କରିଥିଲେ ମଧ୍ୟ ଆଇନର ଲମ୍ବା ହାତରେ ଧରାପଡି ଯାଇଥିଲେ। ବିଜୟ ମିଞ୍ଜ ହତ୍ୟା ଅଭିଯୋଗରେ ବାପ ପୁଅଙ୍କୁ ଗିରଫ କରି ପୋଲିସ ସୋମବାର କୋର୍ଟ ଚାଲାଣ କରିଛି।

## ପୂର୍ବ ଶତ୍ରୁତାରୁ ବୃଦ୍ଧଙ୍କୁ ହତ୍ୟା

ଲହୁଣୀପଡା, ୧୮।୧ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଫୁଲଝର ପଞ୍ଚାୟତର ପଟାମୁଣ୍ଡ ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ବୃଦ୍ଧଙ୍କୁ ଭୁଜାଲିରେ ହାଣି ହତ୍ୟା କରାଯାଇଛି। ପରେ ବୃଦ୍ଧଙ୍କ ସ୍ତ୍ରୀକୁ ହତ୍ୟା କରିବା ପାଇଁ ଉଦ୍ୟମ କରାଯିବା ସହ ଘରେ ନିଆଁ ଲଗାଇ ପୋଡି ଦିଆଯାଇଛି। ଏହି ହତ୍ୟାକାଣ୍ଡ ରବିବାର ସନ୍ଧ୍ୟାରେ ଘଟିଛି। ପଟାମୁଣ୍ଡ ଗ୍ରାମର କାଳିଆ ଦେହୁରି (୬୫) ତାଙ୍କ ସ୍ତ୍ରୀ ସରସ୍ୱତୀଙ୍କ ସହିତ ନିକଟସ୍ଥ ଚାଷ ଜମିରେ ବେଉଷଣ କରୁଥିବା ବେଳେ ସେହି ଗ୍ରାମର ଠେଙ୍ଗୁରୁ ଗିରିଙ୍କ ପୁଅ ଟାଙ୍ଗୁରୁ (୨୩) ପହଞ୍ଚିଥିଲେ। ପୂର୍ବ ଶତ୍ରୁତାକୁ ଭୁଲିଯାଇ ଏବେ ଭଲ ଭାବରେ ମିଳିମିଶି ଚଳିବା ବୋଲି ମିଠା କଥା କହି କାଳିଆ ଦେହୁରୀ ନିକଟତର ହୋଇଥିଲେ। ଟାଙ୍ଗୁରୁ ଅନେକ ଥର ଏହିପରି ଭାବରେ କଥା କହି ଝଗଡା କରିବା କଥା କାଳିଆ କହିବାରୁ ସେ ହଠାତ ପଛପଟେ ଲୁଚେଇ ରଖିଥିବା ଭୁଜାଲି ବାହାର କରି କାଳିଆର ମୁଣ୍ଡକୁ ବାରମ୍ବାର ଆକ୍ରମଣ କରିଥିଲେ। କାଳିଆ ସେହି ସ୍ଥାନରେ ଟଳି ପଡିଥିଲେ। ତାଙ୍କ ସ୍ତ୍ରୀଙ୍କୁ ମଧ୍ୟ ହତ୍ୟା କରିବାକୁ ଗୋଡ଼ାଇ ଥିଲେ। ତାଙ୍କ ଘରକୁ ଯାଇ ଭଙ୍ଗାରୁଜା କରିବା ସହିତ ସମସ୍ତଙ୍କ ଉପସ୍ଥିତିରେ ଘରେ ନିଆଁ ଲଗାଇ ଦେଇଥିଲେ ମଧ୍ୟ ଲୋକମାନେ ବିରୋଧ କରିବାକୁ ସାହାସ କରି ନ ଥିଲେ। ଏ ସମ୍ପର୍କରେ ମହୁଲପଦା ଥାନାକୁ ସୂଚନା ଦେବାରୁ ପୋଲିସ ଫୋର୍ସ ନେଇ ସେଠାରେ ପହଞ୍ଚିଥିଲେ। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଅଭିଯୁକ୍ତ ଟାଙ୍ଗୁରୁ ଗିରିଙ୍କୁ ଗିରଫ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ ହୋଇଥିବା ଭୁଜାଲିକୁ ଜବତ କରି ପୋଲିସ ତଦନ୍ତ କରୁଛି।

# ପୁଅର ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ ଦାବି କଲେ ମା’

ରାଉରକେଲା ଅଫିସ,୧୮।୧

ପୁଅର ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରିବା ଦାବିରେ ମା’ ମନୋରମା ସାହୁ ରାଉରକେଲା ଏସ୍‌ପି ମୁକେଶ କୁମାର ଭାମୁଙ୍କୁ ଭେଟି ଗୁହାରି କରିଥିଲେ। ମନୋରମା ସାହୁ ଗଙ୍ଗାଧରପାଲୀ ଅଞ୍ଚଳରେ ପରିବାର ସହ ବାସ କରନ୍ତି। ସରୋଜ ବେହେରା ତାଙ୍କର ଏକମାତ୍ର ରୋଜଗାରକ୍ଷମ ପୁଅ। ସରୋଜ ଘରର ସମସ୍ତ ଦାୟିତ୍ୱ ବୁଝିବା ସାଙ୍ଗକୁ ସେ ସହରରେ ସୁନା ବ୍ୟବସାୟ କରନ୍ତି। ଗତ ଡିସେମ୍ବର ୧୮ ତାରିଖ ରାତି ସାଢ଼େ ୧୦ଟା ରେ ନିଜ ବାଇକ ଯୋଗେ ସରୋଜ ଏସ୍‌ଟିଆଇ ଓଭରବ୍ରିଜ ଦେଇ ଘରକୁ ଫେରୁଥିଲେ। ଏହି ସମୟରେ କିଛି ଦୁର୍ବୃତ୍ତ ତାଙ୍କୁ ପଛପଟୁ ଗୁଳିକରି ଫେରାର ହୋଇଯାଇଥିଲେ। ଗୁଳିଟି ସରୋଜଙ୍କ ମୁଣ୍ଡରେ ବାଜିବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବରପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ପରିବାର ପକ୍ଷରୁ ରଘୁନାଥପାଲି ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣା ଘଟିବାର ମାସେ ବିତିଯାଇଥିଲେ ମଧ୍ୟ ପୋଲିସ ଅପରାଧୀଙ୍କର କୌଣସି ଟେର ପାଇନଥିଲା। ଏଥିରେ ପରିବାର ଲୋକେ ନିରୁତ୍ସାହିତ ହୋଇ ଗତ ୧୬ ତାରିଖ ସନ୍ଧ୍ୟାରେ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୋଲିସ ଥାନାରେ ପରିବାର ଲୋକଙ୍କୁ ବୁଝାଇ ସୁଝାଇ ଫେରାଇ ଦେଇଥିଲେ। ଏଭଳି ପୋଲିସର ବାରମ୍ବାର ମିଥ୍ୟାପ୍ରତିଶ୍ରୁତିରେ ମା’ ମନୋରମା ସାହୁ ଉଦାସ ହୋଇ ସ୍ଥାନୀୟ ବସ୍ତିବାସିନ୍ଦାଙ୍କ ସହଯୋଗ ଲୋଡ଼ିଥିଲେ। ପରେ ବସ୍ତିବାସିନ୍ଦାଙ୍କ ସହାୟତାରେ ସୋମବାର ମନୋରମା ରାଉରକେଲା ଏସ୍‌ପିଙ୍କୁ ଭେଟି ପୁଅର ହତ୍ୟାକରୀଙ୍କୁ ତୁରନ୍ତ ଗିରଫ ଦାବି ସହ କିଛି ଆର୍ଥିକ ସହାୟତା ମାଗିଥିଲେ। ରାଉରକେଲା ଏସ୍‌ପି ଶ୍ରୀଭାମୁ ଏନେଇ ଉଚିତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ସହ ଘଟଣାର ଉଚ୍ଚ ତଦନ୍ତ ପାଇଁ ପରାମର୍ଶ ଦେଇଥିଲେ।

# ଫୁଟବଲ ଟୁର୍ନାମେଣ୍ଟ: ଧନକଉଡା ଏଫ୍‌ସି ଚାମ୍ପିୟନ

ସମ୍ବଲପୁର, ୧୮।୧ (ବ୍ୟୁରୋ)


ଅତିଥିଙ୍କ ସହ ଖେଳାଳିମାନେ।

ତାଲବ କପ୍ ଫୁଟବଲ ଟୁର୍ନାମେଣ୍ଟ-୨୦୨୧ରେ ଧନକଉଡା ଏଫ୍‌ସି ଚାମ୍ପିୟନ ଓ ରେଙ୍ଗାଲି ଆଦିବାସୀ କ୍ଲବ ରନର୍ସଅପ୍ ଟ୍ରଫି ହାସଲ କରିଛି। ସମ୍ବଲପୁର ଜିଲା ତାଲବ ଏଫ୍‌ସି ଓ ଜ୍ୟୋତି ଯୁବକ ସଂଘ ଆୟୋଜନରେ ଟୁର୍ନାମେଣ୍ଟ ହୋଇଥିଲା। ଏଥିରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଜାନୁୟାରୀ ୧୦ରୁ ୧୭ ତାରିଖ ପର୍ଯ୍ୟନ୍ତ ମ୍ୟାଚଗୁଡିକ ହୋଇଥିଲା। ଫାଇନାଲ ମ୍ୟାଚ ଧନକଉଡା ଓ ଆଦିବାସୀ କ୍ଲବ ମଧ୍ୟରେ ହୋଇଥିଲା। ଖେଳ ଅମୀମାଂସିତ ରହିବାରୁ ଟାଇବ୍ରେକର ପଦ୍ଧତିରେ ଧନକଉଡା ୪-୩ ଗୋଲରେ ବିଜୟୀ ହୋଇଥିଲା। ପି ଶ୍ରୀନିବାସ ରାଓ, ନିରଞ୍ଜନ ମହାକୁଡ, ଅନୀଲ ବାଗ, ପ୍ରଦୀପ ଦାଶ, ଶିବାନନ୍ଦ ଦାଶ ମ୍ୟାଚ ପରିଚାଳନା କରିଥିଲେ। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟଅତିଥି ଓ ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଭାଜପା ଜିଲା ସାଧାରଣ ସମ୍ପାଦକ ଅନୀଲ ବେହେରା, ବିଜେଡି ନେତା ମୋତିଲାଲ ତନ୍ତି, ଜିଲା କୃଷକ ସଂଗଠନ ସାଧାରଣ ସମ୍ପାଦକ ବ୍ୟୋମକେଶ ଠାକୁର ସମ୍ମାନିତଅତିଥି ଭାବେ ଯୋଗଦେଇଥିଲେ।

## ବେକରେ ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ରାଉରକେଲା ଅଫିସ,୧୭।୧

ରଘୁନାଥପାଲି ଥାନା ଅନ୍ତର୍ଗତ ରୁପଟୋଲା ବସ୍ତିରେ ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛି। ପାନପୋଷ ରୂପଟୋଲା ବସ୍ତିରେ ମୁକ୍ତିକାନ୍ତ ମଲ୍ଲିକ(୩୬) ପରିବାର ସହ ବାସ କରନ୍ତି। ସେ କିଛି ଦିନ ପୂର୍ବେ ଟେଣ୍ଟବ୍ୟବସାୟ କରି ନିଜର ଗୁଜୁରାଣ ମେଣ୍ଟାଉଥିଲେ। କରୋନା ଯୋଗୁ ତାଙ୍କ ବ୍ୟବସାୟରେ ବାଧାସୃଷ୍ଟି ହୋଇଥିଲା। ଫଳରେ ସେ ଆର୍ଥିକ ଅନାଟନରେ ଦିନ କାଟୁଥିଲେ। ରବିବାର ବିଳମ୍ବିତ ରାତିରେ ଘରେ ସମସ୍ତେ ଶୋଇପଡ଼ିଥିବା ସମୟରେ ଟେଣ୍ଟ ହାଉସ୍ ରଖିଥିବା ଘରେ ବେକରେ ରଶି ଲଗାଇ ଦେଇଥିଲେ। ସକାଳୁ ପରିବାର ଲୋକେ ଏହି ଦୃଶ୍ୟ ଦେଖି ରଘୁନାଥପାଲି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ତଦନ୍ତ ଚଳାଇଛି।

## ଗଡ଼ିଲା ସଡ଼କ ସୁରକ୍ଷା ସଚେତନତା ରଥ

ସମ୍ବଲପୁର,୧୮।୧(ବ୍ୟୁରୋ)

ଜିଲାପାଳଙ୍କ ଅଫିସ ପରିସରରେ ସୋମବାର ପ୍ରଶାସନ ପକ୍ଷରୁ ସବୁଜ ପତାକା ଦେଖାଇ ସଡ଼କ ସୁରକ୍ଷା ସପ୍ତାହ ଶୁଭାରମ୍ଭ ହୋଇଥିଲା। ଜିଲାପାଳ ଶୁଭମ୍ ସକ୍‌ସେନା, ଏସ୍‌ପି ବାତୁଲା ଗଙ୍ଗାଧର, ଡିଏଫ୍‌ଓ ଡ. ସଞ୍ଜିତ କୁମାର, ଡିଆର୍‌ଡିଏ ପିଡି ସୁକାନ୍ତ ତ୍ରିପାଠୀ, ଆର୍‌ଟିଓ ତ୍ରିଲୋଚନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶପଥ ଗ୍ରହଣ ପରେ ଜିଲା ପୋଲିସ ଓ ଜିଲା ପ୍ରଶାସନ ପକ୍ଷରୁ ଏହା ପାଳନ କରାଯାଇଥିଲା। ଏସ୍‌ପି ଅଫିସ ସମ୍ମୁଖରେ ଆୟୋଜିତ କାର୍ଯ୍ୟକ୍ରମରେ ଏସ୍‌ପି ଗଙ୍ଗାଧର ସବୁଜ ପତାକା ଦେଖାଇ ବାଇକ୍ ରାଲିର ଶୁଭାରମ୍ଭ କରିଥିଲେ। ଏହି ରାଲି ସମ୍ବଲପୁର ସହର ପରିକ୍ରମା କରିଥିଲା। ଏହା ସହ ପୋଲିସ ପକ୍ଷରୁ ଏକ ସଚେତନତା ରଥ ଗଡ଼ିଥିଲା। ସଡକ ସୁରକ୍ଷା ନେଇ ଏହି ରଥ ବିଭିନ୍ନ ସ୍ଥାନ ବୁଲି ଲୋକଙ୍କୁ ସଚେତନ କରିବ। ଏହା ଏକ ସପ୍ତାହ ଧରି ଚାଲିବ। ଜିଲାର ପ୍ରତ୍ୟେକ ଥାନା ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# କୃଷି ଆଇନକୁ ବିରୋଧ: ଚାଷୀ ସମାବେଶ ୨୩ରେ

ସମ୍ବଲପୁର,୧୮।୧(ବ୍ୟୁରୋ)


ଖବରଦାତା ସମ୍ମିଳନୀରେ ଉପସ୍ଥିତ ଚାଷୀ ନେତୃତ୍ୱ।

- ଗଣମାଧ୍ୟମକୁ ମାଧ୍ୟମ କରୁଛନ୍ତି ସରକାର
- ସୁପ୍ରିମକୋର୍ଟଙ୍କ କମିଟିକୁ ସମାଲୋଚନା
- ୨ ମାର୍କେଟ ବ୍ୟବସ୍ଥା କାହା ସ୍ୱାର୍ଥରେ

ସମଗ୍ର ଦେଶରେ କେନ୍ଦ୍ର ସରକାରଙ୍କ କଳା କୃଷି ଆଇନକୁ ବିରୋଧ କରାଯାଉଛି। ହେଲେ ଆନ୍ଦୋଳନ କରୁଥିବା ଚାଷୀମାନଙ୍କୁ ବିଭିନ୍ନ ଭାଷାରେ ଦେଶ ବିରୋଧୀ କହି କଟାକ୍ଷ କରାଯାଉଛି। ନିଜ ହକ୍ ପାଇଁ ଆନ୍ଦୋଳନ କରୁଥିବା ଚାଷୀ ଯଦି ଦେଶବିରୋଧୀ ତା’ହେଲେ ଦେଶର ସମସ୍ତ ଚାଷୀ କ’ଣ ଦେଶବିରୋଧୀ ? ଚାଷୀ ଆନ୍ଦୋଳନକୁ ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମର୍ଥନ କରିଆସୁଛି। ଜାନୁୟାରୀ ୨୩ ତାରିଖ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀରେ ଚାଷୀଙ୍କ ବିଶାଳ ସମାବେଶ ଅନୁଷ୍ଠିତ ହେବ। ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ପକ୍ଷରୁ ବରଗଡ଼ ଜିଲାରେ ଏହା କରାଯିବ ବୋଲି ସୋମବାର ସମ୍ବଲପୁର ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଗଠନ ଆବାହକ ଅଶୋକ ପ୍ରଧାନ ସୂଚନା ଦେଇଛନ୍ତି।

ସେ କହିଥିଲେ, ଏହି ଆଇନ ଦ୍ୱାରା ଚାଷୀଙ୍କ ସହ ଖାଉଟିମାନେ ମଧ୍ୟ ପ୍ରଭାବିତ ହେବେ। ଘରୋଇ କମ୍ପାନୀ କୃଷିଜାତ ଦ୍ରବ୍ୟର ଦରଦାମ ନିର୍ଦ୍ଧାରଣ କରିବେ। ପେଟ୍ରୋଲ, ଡିଜେଲ ଦରକୁ ଉଦାହରଣ ଭାବେ ନିଆଯାଇପାରେ ବୋଲି ସେ କହିଥିଲେ। ଅନ୍ୟତମ ଚାଷୀନେତା ସରୋଜ ମହାନ୍ତି କହିଥିଲେ, କେନ୍ଦ୍ର ସରକାର ଗଣମାଧ୍ୟମକୁ ମାଧ୍ୟମ କରି ଜନତାଙ୍କ ପାଖରେ ବିଭ୍ରାନ୍ତିକର ତଥ୍ୟ ରଖୁଛନ୍ତି। ଦେଶରେ ଗୋଟିଏ ମାର୍କେଟ ବ୍ୟବସ୍ଥା କହୁଛନ୍ତି, ହେଲେ ଗୋଟିଏ ଘରୋଇ ଓ ଗୋଟିଏ ସରକାରୀ କିଭଳି ରହିଲା। କୋଭିଡ୍ ଭଳି ମହାମାରୀ ସମୟରେ ଅଧ୍ୟାଦେଶ ଆଣି ଏହି ଆଇନ କରାଗଲା। ହେଲେ କୋଭିଡ୍‌କୁ ଆଳ କରି ଅଧିବେଶନ ସ୍ଥଗିତ ରଖାଗଲା। ବିରୋଧ ହେବାର ସମ୍ଭାବନା ନେଇ ଏଭଳି ନିଷ୍ପତ୍ତି ନିଆଯାଇଛି। ପୁନଶ୍ଚ ଅତି ଚତୁରତାର ସହ ସୁପ୍ରିମକୋର୍ଟକୁ ଢାଲ କରି ଏକ କମିଟି ଗଠନ କରାଯାଇଛି। ହେଲେ ଜଣେ ସଦସ୍ୟ ନିଜ ପକ୍ଷରୁ କମିଟିରୁ ତାଙ୍କୁ ବାଦ୍ ଦିଆଯାଉ ବୋଲି ଅନୁରୋଧ କରିସାରିଛନ୍ତି। ଅନ୍ୟ ସଦସ୍ୟମାନେ ପୂର୍ବରୁ କୃଷି ଆଇନ ସପକ୍ଷରେ ମତ ଦେଇଥିବା ନଜିର ରହିଛି। ତେଣୁ ସେମାନେ ଯାହା ନିଷ୍ପତ୍ତି ନେବେ ଚାଷୀ ଜାଣିସାରିଛନ୍ତି। ଉକ୍ତ କମିଟିକୁ ନେଇ ଚାଷୀ ଓ ଜନତା ସମାଲୋଚନା କରୁଛନ୍ତି। ରାଜ୍ୟ ସଭାରେ ମଧ୍ୟ ଏହାକୁ ବିରୋଧ କରାଯାଉଥିଲା। ଯଦି ସତ୍‌ସାହସ ଅଛି ତା’ହେଲେ ଏମ୍‌ଏସ୍‌ପି ପାଇଁ କଡା ଆଇନ ପ୍ରଣୟନ କରାଯାଉ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ମୁରାରୀ ପୁରୋହିତ, ଉପସଭାପତି ହରିଶଙ୍କର ପୁରୋହିତ, ଉମେଶ ମିଶ୍ର, ବ୍ୟୋମକେଶ ଠାକୁର, ଦେବେନ୍ଦ୍ର ମହାପାତ୍ର, ଶିବ ପ୍ରସାଦ ପ୍ରଧାନ, ଟିକେଶ୍ୱର ମିଶ୍ର, ସୁବାସ ବିଶ୍ୱାଳ, ସୁରେଶ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।